ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁଲାଇ ୨୮/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, July 28/2024 Page 16 ₹ 7.00
୫୦ଶ ଭାଗ ୨୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 244 ମୂଲ୍ୟ₹୭/-



## ଓଟିଟିରେ ‘ଖତ୍‌ରୋଁ କେ ଖିଲାଡି ୧୪’

ଶନିବାରଠାରୁ ଆରମ୍ଭ ହୋଇଥିବା ରୋହିତ ଶେଟ୍ଟୀଙ୍କ ରିଏଲିଟି ଶୋ ‘ଖତ୍‌ରୋଁ କେ ଖିଲାଡି ୧୪’ ଓଟିଟି ପ୍ଲାଟ୍‌ଫର୍ମ ଜିଓ ସିନେମା ପ୍ରିମିୟମରେ ଷ୍ଟ୍ରିମିଂ ହେଉଛି।

୦୨

୧୫

## ଫାଇନାଲରେ ମନୁ ଭାକର

ପ୍ୟାରିସ୍ ଅଲିମ୍ପିକ୍ସ ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ଶୁଟର ମନୁ ଭାକର।



# ନୀତୀଶ ଆସିଲେନି, ମମତା ଉଠିଗଲେ

**ମୋଦି ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ୨୦୧୫ ଜାନୁଆରୀ ୧ରେ ପୂର୍ବର ଯୋଜନା କମିଶନକୁ ଭାଙ୍ଗିଦେଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁସନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗ ନାମରେ ଏକ ସଂସ୍ଥା ଗଢ଼ିଲେ। କେନ୍ଦ୍ର ସହ ସମନ୍ୱୟ ରକ୍ଷାକରି ରାଜ୍ୟଗୁଡ଼ିକର ବିକାଶ ସାଧନ ଉଦ୍ଦେଶ୍ୟରେ ଗଠିତ ଏହି ଥିଙ୍କ୍‌ଟ୍ୟାଙ୍କର ଅଧ୍ୟକ୍ଷ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଷ୍ଟ୍ରପତି ଭବନର ସଂସ୍କୃତି କେନ୍ଦ୍ରରେ ଶନିବାର ନୀତି ଆୟୋଗର ନବମ ଗଭର୍ଣ୍ଣିଂ ବଡି କାଉନ୍‌ସିଲ ବୈଠକ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ବଜେଟ ୨୦୨୪-୨୫ରେ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକୁ ଅଣଦେଖାର ପ୍ରତିବାଦରେ ବିରୋଧୀ ଦଳଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଏହାକୁ ବର୍ଜନ କରିଥିଲେ। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକମାତ୍ର ବିରୋଧୀ ନେତ୍ରୀ ଭାବେ ବୈଠକରେ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। କିନ୍ତୁ ସେ ୫ ମିନିଟ୍ କହିବା ପରେ ତାଙ୍କ ମାଇକ୍‌କୁ ବନ୍ଦ କରିଦିଆଯାଇଥିଲା। ଫଳରେ ସେ ଅପମାନିତ ହୋଇ ବୈଠକ ଅଧାରୁ ଉଠି ଚାଲିଯାଇଥିଲେ। ଅନ୍ୟପକ୍ଷେ ବିହାରର ଶାସକ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଅଂଶୀଦାର ଦଳ ହୋଇ ମଧ୍ୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନୀତି ଆୟୋଗ ବୈଠକରେ ସାମିଲ ନ ହେବା ଅନେକ ପ୍ରଶ୍ନ ଛିଡ଼ା କରାଇଛି।**



ନୀତୀଶ କୁମାର



ମମତା ବାନାର୍ଜୀ

**ନୂଆଦିଲ୍ଲୀ, ୨୭।୭**

ନୀତି ଆୟୋଗର ନବମ ଗଭର୍ଣ୍ଣିଂ କାଉନସିଲ୍ ବୈଠକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ତେବେ କେନ୍ଦ୍ର ସରକାରଙ୍କ ୨୦୨୪-୨୫ ବର୍ଷର ବଜେଟରେ ଅଣଏନ୍‌ଡିଏ ରାଜ୍ୟଗୁଡ଼ିକୁ ଅବହେଳା କରାଯାଇଥିବାରୁ ଏହାର ପ୍ରତିବାଦରେ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ବୈଠକ ବର୍ଜନ କରିଛନ୍ତି। ବୈଠକରେ ଯୋଗଦେଇ ନ ଥିବା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ କଂଗ୍ରେସଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀଙ୍କ ସମେତ ଡିଏମ୍‌କେ ଶାସିତ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ଆମ ଆଦ୍‌ମୀ ପାର୍ଟି (ଆପ୍) ଶାସିତ ରାଜ୍ୟ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍। ସେହିପରି ଦିଲ୍ଲୀ ସରକାରର କୌଣସି ମନ୍ତ୍ରୀ ବୈଠକକୁ ଆସିନାହାନ୍ତି।

ସୂଚନାଯୋଗ୍ୟ, ଗତ ଲୋକ ସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିବାରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସମର୍ଥନରେ ସରକାର ଗଢ଼ିଛି। ତେଣୁ ଏଥର ବଜେଟରେ ଭାଜପା ଏହି ଦୁଇ ରାଜ୍ୟକୁ ସ୍ୱତନ୍ତ୍ର ସୁବିଧା ଅଜାଡ଼ି ଦେଇଥିବାବେଳେ ଅଣଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକ ପାଇଁ କୌଣସି ସୁବିଧା ନ ଥିବା ଦେଖାଯାଇଥିଲା। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପାଇଁ ସରକାର ଗଢ଼ିବା ସୁଯୋଗ ଦେବା ନିମନ୍ତେ ନୀତୀଶ କୁମାର ଓ ଚନ୍ଦ୍ରବାବୁ ନାଇଡୁ ସମର୍ଥନ ବଦଳରେ ନିଜ ନିଜ ରାଜ୍ୟ ପାଇଁ ସ୍ୱତନ୍ତ୍ର ପାହ୍ୟା ଆଶା କରିଥିଲେ। ସ୍ୱତନ୍ତ୍ର ପାହ୍ୟ ଦେବା ସମ୍ଭବ ନ ଥିବାରୁ କେନ୍ଦ୍ର ସରକାର ଉଭୟ ବିହାର ଓ ଆନ୍ଧ୍ର ପାଇଁ ବଜେଟରେ ଆର୍ଥିକ ପ୍ୟାକେଜ୍ ଘୋଷଣା କରିଥିଲେ। ସେଠାରେ ନୂଆ ଏୟାରପୋର୍ଟଠୁ ଆରମ୍ଭ କରି ମେଡିକାଲ କଲେଜ, ପର୍ଯ୍ୟଟନର ବିକାଶ, ଆନ୍ଧ୍ରର ଅମରାବତୀରେ ନୂଆ ରାଜଧାନୀ ନିର୍ମାଣ, ପୋଲାଭରମ ପ୍ରକଳ୍ପ ଆଦି ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ବ୍ୟବସ୍ଥା କରାଯାଇଛି। ବିହାରକୁ ବିଭିନ୍ନ ପ୍ରକଳ୍ପ ପାଇଁ ୨୬,୦୦୦ କୋଟି ଦିଆଯାଇଥିବାବେଳେ ଆନ୍ଧ୍ରକୁ ୧୫,୦୦୦ କୋଟି ଟଙ୍କା ଦିଆଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରି ବିହାର ଓ ଆନ୍ଧ୍ରରେ ଅନେକ ଉନ୍ନତିମୂଳକ ପ୍ରକଳ୍ପ ଘୋଷଣା କରିଛନ୍ତି। ଏହାବାଦ୍ ପୂର୍ବୋଦୟ ଯୋଜନାରେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ସାମିଲ କରାଯାଇଥିବାରୁ ଉକ୍ତ ରାଜ୍ୟଗୁଡ଼ିକ ଉପକୃତ ହୋଇପାରିବେ ବୋଲି କୁହାଯାଇଛି। କିନ୍ତୁ ବିରୋଧୀ ଦଳ ଶାସିତ ରାଜ୍ୟ ପାଇଁ ବଜେଟରେ କୌଣସି ସୁବିଧା କରାଯାଇ ନାହିଁ। ଏହାକୁ ନେଇ ବିରୋଧୀ ଏମ୍‌ପିମାନେ ☞ପୃଷ୍ଠା-୪

**ନୀତି ଆୟୋଗ ବୈଠକରେ ବିକଶିତ ଓଡ଼ିଶା ପାଇଁ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ**

ପୃଷ୍ଠା-୩







# ଦମ୍‌ରେ ଆଳୁ ନାହିଁ

**ରୋଷେଇ ଘରେ ସବୁ ପ୍ରକାର ବ୍ୟଞ୍ଜନ ପାଇଁ ଆଳୁ ଖୋଜା ପଡ଼ିଥାଏ। ଓଡ଼ିଶା ବଜାରରେ ଏହାର ଦର କିଛିଦିନ ହେଲା ଆକାଶଛୁଆଁ ହୋଇଛି। ରାଜ୍ୟ ସରକାର ଆଳୁ କେଜି ୩୨ ଟଙ୍କା ବୋଲି ଘୋଷଣା କରିଛନ୍ତି। କିନ୍ତୁ ଦର ଉପରେ ନିୟନ୍ତ୍ରଣ ନ ଥିବାରୁ କେଉଁଠି ୫୦ ତ ପୁଣି କେଉଁ ସ୍ଥାନରେ ୬୦ ଟଙ୍କାରେ ଆଳୁ ବିକ୍ରି ହେଉଛି। ଫଳରେ ଦହିବରା ଆଳୁଦମ୍‌ରୁ ମଧ୍ୟ ଆଳୁ ଉଭାନ ହୋଇଗଲାଣି। ବର୍ଦ୍ଧିତ ଦରକୁ ଦେଖି ଦହିବରା ଖାଉଥିବା ଲୋକେ ମଧ୍ୟ ବିକ୍ରେତାଙ୍କୁ ଆଳୁଦମ୍ ମାଗିବାକୁ କୁଣ୍ଠାବୋଧ କରୁଛନ୍ତି। ଏଭଳି ସ୍ଥିତିରେ ଅନ୍ୟ ରାଜ୍ୟଗୁଡ଼ିକରୁ ଓଡ଼ିଶାକୁ ଟ୍ରକ୍‌ରେ ଆଳୁ ପହଞ୍ଚିବାରେ ଲାଗିଛି ଏବଂ ଦର ସ୍ୱାଭାବିକ ହୋଇଗଲାଣି ବୋଲି କେତେକ ୱେବ୍ ପୋର୍ଟାଲ ଜରିଆରେ ବ୍ୟାପକ ପ୍ରଚାର କରାଯାଉଛି। କିନ୍ତୁ ପ୍ରକୃତ ସ୍ଥିତି କ’ଣ ତାହା ଖାଉଟି ଭଲ ଭାବେ ଜାଣିଛନ୍ତି।**



କଟକ ଦୋଳମୁଣ୍ଡାଇ ଛକ ଖାଦ୍ୟ ବଜାରରେ ମିଳୁଥିବା ଦହିବରାରେ ଆଳୁ ଦିଶୁନାହିଁ।

**ଆଳୁ ଦର କେଉଁଠି କେତେ (ଟଙ୍କାରେ)**

| | |
|---|---|
| କୋରାପୁଟ | ୫୦ରୁ ୬୦ |
| କେନ୍ଦୁଝର | ୫୦ |
| ନୟାଗଡ଼ | ୫୦ |
| ପୁରୀ | ୪୫ରୁ ୫୦ |
| କଟକ | ୪୦ |
| ସମ୍ବଲପୁର | ୪୦ |
| ଭଦ୍ରକ | ୩୪ |
| ବାରିପଦା | ୩୫ |
| ଢେଙ୍କାନାଳ | ୩୫ |

**କଟକ, ୨୭।୭ (କାର୍ତ୍ତିକ ସାହୁ)**

ଖାଉଟିଙ୍କୁ ଘାଇଲା କରିଛି ବର୍ଦ୍ଧିତ ଆଳୁ ଦର। ଓଡ଼ିଶା ବଜାରକୁ ପଶ୍ଚିମବଙ୍ଗ ଆଳୁ ପର୍ଯ୍ୟାପ୍ତ ଭାବେ ନ ଆସିବା କାରଣରୁ ପରିସ୍ଥିତି ସଙ୍ଗିନ ହୋଇଛି। ଗୃହିଣୀଙ୍କ ହାଣ୍ଡିଶାଳଠାରୁ ଆରମ୍ଭକରି ରାସ୍ତାକଡ଼ ବ୍ୟବସାୟୀଙ୍କ ଖାଦ୍ୟ ବେପାର ପ୍ରଭାବିତ ହୋଇଛି। ବିଶେଷକରି କଟକର ପ୍ରସିଦ୍ଧ ଦହିବରା-ଆଳୁଦମ୍‌ରୁ ଆଳୁ ଉଭାନ୍ ହୋଇଥିବା ପରିଲକ୍ଷିତ ହୋଇଛି। ଦହିବରା ସହ ମସଲାଦିଆ ଆଳୁଦମ୍‌ର ମଜା ଏବେ ମହଙ୍ଗା ହୋଇଛି। ଗୁପ୍‌ଚୁପ୍, ଚାର୍ଟ କାରବାରରେ ମଧ୍ୟ ତଦ୍ରୂପ ସ୍ଥିତି ଦେଖାଦେଇଛି। କଟକର ଦୋଳମୁଣ୍ଡାଇ ଛକ, ବାରବାଟୀ ଷ୍ଟାଡିୟମ ଛକ, କଲେଜ ଛକ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଗରାଖଙ୍କୁ ସନ୍ତୁଷ୍ଟ କରିବା ପାଇଁ ବ୍ୟବସାୟୀଙ୍କୁ ବେଶ୍ କସରତ କରିବାକୁ ପଡୁଛି।

ସନ୍ଧ୍ୟା ହେଲେ ଦୋଳମୁଣ୍ଡାଇର ଖାଦ୍ୟ ବଜାର ସରଗରମ ହୁଏ। ଦର ଯାହା ବି ହେଉ ଗରାଖ ଖାଇବାକୁ ପଛଘୁଞ୍ଚା ଦେବେନାହିଁ। ହେଲେ ଏବେ ଆଳୁ ଦର ପାଇଁ ଖାଦ୍ୟପ୍ରେମୀମାନେ ଟିକେ ନିରାଶ ହେଉଛନ୍ତି। ଅଧିକ ପଇସା ☞ପୃଷ୍ଠା-୪

# ଚାଇନାକୁ ପ୍ରଥମ ସ୍ୱର୍ଣ୍ଣ ପଦକ



ହ୍ୱାଙ୍ଗ ୟୁଟିଙ୍ଗ୍ ଓ ଶେଙ୍ଗ ଲିହାଓ

**ପ୍ୟାରିସ୍ ଅଲିମ୍ପିକ୍ସ**

**ପ୍ୟାରିସ୍, ୨୭।୭**

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ର ପଦକ ଇଭେଣ୍ଟ ଶନିବାର ଆରମ୍ଭ ହୋଇଛି। ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛି ଚାଇନା। ଚାଟେଉରକ୍ସଠାରେ ଅନୁଷ୍ଠିତ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଫାଇନାଲରେ ଦକ୍ଷିଣ କୋରିଆକୁ ୧୬-୧୨ ପଏଣ୍ଟରେ ପରାସ୍ତ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି ଚାଇନା ପ୍ରତିଯୋଗୀ। ଫାଇନାଲରେ ଚାଇନା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ହ୍ୱାଙ୍ଗ ୟୁଟିଙ୍ଗ୍ ଓ ଶେଙ୍ଗ ଲିହାଓ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସମର୍ଥକ ନିରାଶ**



# ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ



ନୀତି ଆୟୋଗ ବୈଠକରେ (ବାମରୁ) ରାଜନାଥ ସିଂ, ନରେନ୍ଦ୍ର ମୋଦି, ସୁମନ ବେରୀ ଓ ଅମିତ ଶାହା।

**ନୂଆଦିଲ୍ଲୀ, ୨୭।୭(ପି.ଟି.)**

ନୀତି ଆୟୋଗର ୯ମ ଗଭର୍ଣ୍ଣିଂ କାଉନସିଲ୍ ବୈଠକ ଶନିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ସ୍ତରରୁ ଶୂନ ଦାରିଦ୍ର୍ୟ ଲକ୍ଷ୍ୟ ହାସଲ ଲାଗି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। କେବଳ କାର୍ଯ୍ୟକ୍ରମ ସ୍ତରରେ ନୁହେଁ, ବ୍ୟକ୍ତିଗତ ଭାବେ ଦାରିଦ୍ର୍ୟର ମୁକାବିଲା କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ବିକଶିତ ଭାରତ ଲକ୍ଷ୍ୟ ହାସଲ ପୂର୍ବରୁ ଆମକୁ ଶୂନ ଦାରିଦ୍ର୍ୟ ଟାର୍ଗେଟ ପୂରଣ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ନୀତି ଆୟୋଗ ବୈଠକ

କେନ୍ଦ୍ର ବଜେଟରେ ଅଣଏନ୍‌ଡିଏ ଶାସିତ ରାଜ୍ୟ ପ୍ରତି ପାତରଅନ୍ତର ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନେ ବୈଠକରେ ଯୋଗଦେଇ ନ ଥିଲେ। କେରଳ, ତାମିଲନାଡୁ, କର୍ଣ୍ଣାଟକ, ତେଲଙ୍ଗାନା, ଦିଲ୍ଲୀ, ପଞ୍ଜାବ, ହିମାଚଳପ୍ରଦେଶ, ଝାଡ଼ଖଣ୍ଡ ଓ ପଣ୍ଡିଚେରୀରୁ କେହି ପ୍ରତିନିଧିତ୍ୱ କରି ନ ଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସ୍ଥାନରେ ୨ ଉପମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ ବୋଲି ନୀତି ଆୟୋଗ ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ୍ ଗଣମାଧ୍ୟମକୁ କହିଛନ୍ତି। ରାଷ୍ଟ୍ରପତି ଭବନ କଲ୍‌ଚରାଲ ସେଣ୍ଟରରେ ନୀତି ଆୟୋଗ ବୈଠକ ଅନୁଷ୍ଠିତ ହୋଇଥିଲା। ଭାଷଣ ମଝିରେ ମାଇକ୍ ବନ୍ଦ କରିଦିଆଗଲା ବୋଲି ଅଭିଯୋଗ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୈଠକ ଅଧାରୁ ଉଠି ଚାଲିଯାଇଥିଲେ। ବିରୋଧୀ ପକ୍ଷରୁ ମମତା ଏକମାତ୍ର ମୁଖ୍ୟମନ୍ତ୍ରୀ ଭାବେ ଯୋଗ ଦେଇଥିଲେ।

ବୈଠକରେ ଅଧ୍ୟକ୍ଷତା କରୁଥିବା ପ୍ରଧାନମନ୍ତ୍ରୀ ନିବେଶ ଅନୁକୂଳ ବାତାବରଣ ଯୋଗାଇଦେବା ନିମନ୍ତେ ରାଜ୍ୟଗୁଡ଼ିକୁ ପ୍ରୋତ୍ସାହିତ କରିଥିଲେ। ସେହିପରି ନିବେଶ ଅନୁକୂଳ ଚାର୍ଟର ପ୍ରସ୍ତୁତ ନିମନ୍ତେ ସେ ନୀତି ଆୟୋଗକୁ ନିର୍ଦ୍ଦେଶ ଦେଇଥିଲେ। ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ)ଆଣିବାରେ ରାଜ୍ୟଗୁଡ଼ିକ ପ୍ରତିଯୋଗିତା କରିବାକୁ ପ୍ରଧାନମନ୍ତ୍ରୀ ଚାହାନ୍ତି, ଯାହା ଦ୍ୱାରା ସବୁ ରାଜ୍ୟରେ ବିଦେଶୀ ପୁଞ୍ଜି ପହଞ୍ଚିପାରିବ ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ କହିଥିଲେ। କେବଳ ପ୍ରୋତ୍ସାହନ ନୁହେଁ, ନିବେଶ ଆକର୍ଷଣ ନିମନ୍ତେ ଆଇନ ଶୃଙ୍ଖଳା, ଭଲ ଶାସନ ଏବଂ ଭିତ୍ତିଭୂମି ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ସହଯୋଗ ଏବଂ ମିଳିତ ଉଦ୍ୟମ ଉପରେ ମୋଦି ଗୁରୁତ୍ୱାରୋପ କରିଥିଲେ।

### ନୀତି ଆୟୋଗ ମୋଦିଙ୍କ ଗୁଣଗାନ କରୁଛି: କଂଗ୍ରେସ

ନୀତି ଆୟୋଗ ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରତି ଯେଭଳି ଆଚରଣ ପ୍ରଦର୍ଶନ କରାଗଲା ତାହା ଗ୍ରହଣୀୟ ନୁହେଁ ବୋଲି କଂଗ୍ରେସ କହିଛି। ମମତା ବୈଠକରୁ ଉଠିଯିବା ପରେ ବିରୋଧୀ ଦଳ ନୀତି ଆୟୋଗକୁ କଡ଼ା ସମାଲୋଚନା କରିଛି। ମମତା ଭାଷଣ ଦେଉଥିବା ବେଳେ ତାଙ୍କ ମାଇକ୍‌କୁ ବନ୍ଦ କରିଦିଆଯିବା ଅନୈତିକ କାର୍ଯ୍ୟ। ନୀତି ଆୟୋଗ ୧୦ ବର୍ଷ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗୁଣଗାନ କରିଆସୁଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। କେନ୍ଦ୍ର ବଜେଟରେ ଅଣଏନ୍‌ଡିଏ ରାଜ୍ୟଗୁଡ଼ିକ ପ୍ରତି ପାତରଅନ୍ତର କରାଯାଇଥିବା ଅଭିଯୋଗ କରି କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ନୀତି ଆୟୋଗ ବୈଠକରେ ଯୋଗଦେଇ ନ ଥିଲେ। ନୀତି ଆୟୋଗ ଗଠନ ହେବାଠାରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଜଡ଼ିତ ରହିଆସିଛି ଓ ଅଣଜୈବିକ ପ୍ରଧାନମନ୍ତ୍ରୀଙ୍କ ଗୁଣଗାନ କରୁଛି। ଏହାର କାର୍ଯ୍ୟରେ ସହଯୋଗଭିତ୍ତିକ ସଂଘବାଦର ଉଦ୍ଦେଶ୍ୟ ସାଧିତ ହୋଇ ନ ଥିବା କଂଗ୍ରେସ ନେତା କହିଛନ୍ତି।

## ସଂକ୍ଷେପରେ

### ଖାଇରେ ଖସିଲା କାର୍, ୫ ଶିଶୁ ସମେତ ୮ ମୃତ

**ଅନନ୍ତନାଗ, ୨୭।୭**

ଜମ୍ମୁ-କଶ୍ମୀର ଅନନ୍ତନାଗ ଜିଲା ଡକ୍ସମ୍ ଅଞ୍ଚଳର ସିମଥାନ୍-କୋକେରନାଗ ରାସ୍ତାରେ ଶନିବାର ଗୋଟିଏ କାର୍ ଖାଇ ମଧ୍ୟରେ ଖସିପଡ଼ିବାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ଉକ୍ତ କାର୍‌ରେ ଥିବା ଯାତ୍ରୀମାନେ କିସ୍ତୱାଡ଼ ଜିଲାର ମଣ୍ଡୱା ଅଞ୍ଚଳକୁ ଯାଉଥିବାବେଳେ ଚାଳକ ଦ୍ରୁତଗତିରେ ଗାଡ଼ି ଚଳାଉଥିବାରୁ ନିୟନ୍ତ୍ରଣ ହରାଇଥିଲେ, ଫଳରେ କାର୍‌ଟି ଖାଇ ମଧ୍ୟରେ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ କିସ୍ତୱାଡ଼ ଜିଲାର ଗୋଟିଏ ପରିବାରର ୮ ଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୫ ଶିଶୁ ଓ ୨ ମହିଳା ଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି।

### ଅଗଷ୍ଟରେ ୟୁକ୍ରେନ୍ ଗସ୍ତ କରିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୭।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାସରେ ୟୁକ୍ରେନ୍ ଗସ୍ତ କରିବେ। ୟୁକ୍ରେନ-ରୁଷିଆ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ମୋଦିଙ୍କର ପ୍ରଥମ ୟୁକ୍ରେନ୍ ଗସ୍ତ ହେବ। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଅଗଷ୍ଟ ତୃତୀୟ ସପ୍ତାହରେ ମୋଦି ୟୁକ୍ରେନ ଯିବେ। ଗତ ମାସରେ ଇଟାଲିରେ ଅନୁଷ୍ଠିତ ହୋଇଥିବା ଜି-୭ ସମ୍ମିଳନୀରେ ମୋଦି ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ପରସ୍ପରକୁ ଭେଟିଥିଲେ। କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିବାରୁ ଜେଲେନସ୍କି ଫୋନ୍ ଯୋଗେ ମୋଦିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଚଳିତ ମାସ ପ୍ରାରମ୍ଭରେ ମୋଦିଙ୍କ ରୁଷ୍ ଗସ୍ତ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନାକୁ ଜେଲେନ୍‌ସ୍କି ସମାଲୋଚନା କରିଥିଲେ। ରିପୋର୍ଟ ଅନୁଯାୟୀ, ମୋଦିଙ୍କ ୟୁକ୍ରେନ୍ ଗସ୍ତକୁ ନେଇ ୨ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ସରିଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୟୁକ୍ରେନ ପ୍ରତିପକ୍ଷ ଦିମିତ୍ରୋ କୁଲେବାଙ୍କ ସହ ଆଲୋଚନା କରିଛନ୍ତି। ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା(ଏନ୍‌ଏସ୍‌ଏ) ଅଜିତ ଡୋଭାଲ ୟୁକ୍ରେନ୍ ଏନ୍‌ଏସ୍‌ଏ ଆଣ୍ଡ୍ରି ୟର୍ମକଙ୍କ ସହ ଆଲୋଚନା କରିଛନ୍ତି।

### ବନ୍ୟାପ୍ରବଣ ଅଞ୍ଚଳରେ ଟେଲିମେଟ୍ରି ସିଷ୍ଟମ ଲଗାଇବାରେ ବିଳମ୍ବ

**ସଂସଦୀୟ କମିଟି ରିପୋର୍ଟ**

**ନୂଆଦିଲ୍ଲୀ, ୨୭।୭**

ବନ୍ୟା ପୂର୍ବାନୁମାନ ଏବଂ ଉପଯୁକ୍ତ ସମୟରେ ତଥ୍ୟ ସଂଗ୍ରହ ଲାଗି ଟେଲିମେଟ୍ରି ସିଷ୍ଟମ ଜରୁରୀ ହୋଇଥିବାବେଳେ କେତେକ ଅତ୍ୟନ୍ତ ବନ୍ୟାପ୍ରବଣ ଅଞ୍ଚଳରେ ଏହା ଲଗାଇବାରେ ଅହେତୁକ ବିଳମ୍ବ ହୋଇଥିବା ସଂସଦୀୟ କମିଟି ରିପୋର୍ଟରୁ ଜଣାପଡ଼ିଛି। ବନ୍ୟା ନିୟନ୍ତ୍ରଣ ଏବଂ ପୂର୍ବାନୁମାନ ପାଇଁ ଥିବା ଯୋଜନାର ପର୍ଫମାନ୍ସ ଅଡିଟ୍ ରିପୋର୍ଟ କମିଟି ଶୁକ୍ରବାର ଲୋକ ସଭାରେ ଉପସ୍ଥାପନ କରିଥିଲା। ଠିକ୍ ସମୟରେ ପ୍ରଭାବୀ ଢଙ୍ଗରେ ବନ୍ୟା ପରିଚାଳନା ପାଇଁ ଜରୁରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି କମିଟି କହିଛି।

## ହାରିସ୍ ଜିତିଲେ କଠୋରପନ୍ଥୀ ଉଦାରବାଦୀ ରାଷ୍ଟ୍ରପତି ହେବେ: ଟ୍ରମ୍ପ୍

**ୱାଶିଂଟନ, ୨୭।୭**



କମଲା ହାରିସ୍



ଡୋନାଲ୍ଡ ଟ୍ରମ୍ପ୍

କମଲା ହାରିସ୍ ଯଦି ନିର୍ବାଚନ ଜିତନ୍ତି, ତେବେ ସେ ଆମେରିକା ଇତିହାସରେ ଅତ୍ୟନ୍ତ କଠୋରପନ୍ଥୀ ଉଦାରବାଦୀ ରାଷ୍ଟ୍ରପତି ହେବେ ବୋଲି ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରାର୍ଥୀତ୍ୱ ଦୌଡ଼ରୁ ଓହରିଯିବା ପରେ ଉପରାଷ୍ଟ୍ରପତି ହାରିସ୍ ଡେମୋକ୍ରାଟିକ୍ ପାର୍ଟିରୁ ନୂଆ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ହାରିସ୍ ପ୍ରବାସୀ ଏବଂ ଗର୍ଭପାତ ପ୍ରସଙ୍ଗରେ ଉଦାର ବୋଲି ଟ୍ରମ୍ପ୍ କହିବା ସହ ତାଙ୍କ ପ୍ରତି ଅପମାନଜନକ ଶବ୍ଦ ପ୍ରୟୋଗ କରିଛନ୍ତି। ହଜାର ହଜାର ବିଦେଶୀ ବେଆଇନ ଭାବେ ସୀମା ଅତିକ୍ରମ କରି ଆମେରିକାରେ ପ୍ରବେଶ କରୁଥିବାବେଳେ ସେମାନଙ୍କୁ ରୋକିବାରେ ହାରିସ୍ ବିଫଳ ହୋଇଛନ୍ତି। ତେଣୁ ସେ ଆମେରିକା ଇତିହାସରେ ସବୁଠୁ ଅନୁପଯୁକ୍ତ, ଅଣଲୋକପ୍ରିୟ ଏବଂ ଅତ୍ୟନ୍ତ କଠୋରପନ୍ଥୀ ଉପରାଷ୍ଟ୍ରପତି। ସେ ଶତାଧିକ କଠୋରପନ୍ଥୀ ବିଚାରପତିଙ୍କୁ ନିଯୁକ୍ତି ଦେଇ ଆମେରିକାରେ ବଳପୂର୍ବକ ସାନ୍‌ଫ୍ରାନ୍ସିସ୍କୋ ଉଦାରବାଦ ମୂଲ୍ୟବୋଧ ଲାଗୁ କରିଥିବା ଟ୍ରମ୍ପ୍ ଅଭିଯୋଗ କରିଛନ୍ତି। ଏକ ରାଲିରେ ଧର୍ମୀୟ ସମର୍ଥନ ହାସଲ କରିବା ଲାଗି ଟ୍ରମ୍ପ୍ ହାରିସ୍‌ଙ୍କୁ ଇହୁଦୀ ବିରୋଧୀ କହିଛନ୍ତି। ହାରିସ୍ ଜଣେ ଇହୁଦୀଙ୍କୁ ବିବାହ କରିଥିବା ଟ୍ରମ୍ପ୍ ଅଭିଯୋଗ କରିଛନ୍ତି।

## ପୋଲିସ, ଆଦିବାସୀ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ: ୧୫ ଆହତ

**ନୂଆଦିଲ୍ଲୀ, ୨୭।୭**

ଝାଡ଼ଖଣ୍ଡର ପାକୁର ଜିଲାରେ ପୋଲିସ ଏବଂ ଆଦିବାସୀ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ଘଟି ୬ ପୋଲିସ କର୍ମଚାରୀଙ୍କ ସମେତ ୧୫ ଜଣ ଆହତ ହୋଇଛନ୍ତି। ଏକ ଅପହରଣ ମାମଲାର ତଦନ୍ତ ପାଇଁ ପୋଲିସ ଟିମ୍ ଶୁକ୍ରବାର ରାତିରେ କେକେଏମ୍ କଲେଜ କ୍ୟାମ୍ପସ୍‌ରେ ପହଞ୍ଚିଥିଲା। ଗୋଟିଏ ଗୋଷ୍ଠୀ ଛାତ୍ର ବିରୋଧ କରିଥିଲେ। ଏହାକୁ ନେଇ ବଚସାରୁ ସଂଘର୍ଷ ହୋଇଥିଲା। ଅନ୍ୟପକ୍ଷରେ ଜିଲାର ମହେଶପୁର ଅଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକୁ ବିରୋଧ କରି ଆଦିବାସୀ ଛାତ୍ରମାନେ ଶନିବାର ବିକ୍ଷୋଭ କରିବାକୁ ଥିବାବେଳେ ପୋଲିସ କ୍ୟାମ୍ପସ୍‌ରେ ପ୍ରବେଶ କରି ସେମାନଙ୍କୁ ନିର୍ଘୃମ ପିଟିଥିଲା ବୋଲି ଭାଜପା କହିଛି। ଏହି ଘଟଣାରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ଦାବି କରିଛି।

## କୁପ୍‌ୱାଡ଼ାରେ ବ୍ୟାଟ୍ ଆକ୍ରମଣକୁ ପଣ୍ଡକଲା ସେନା: ଜଣେ ଯବାନ ମୃତ, ୪ ଆହତ

**ନୂଆଦିଲ୍ଲୀ/ଶ୍ରୀନଗର, ୨୭।୭(ପି.ଟି.)**

ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲା ଅନ୍ତର୍ଗତ କାମାକାରୀ ସେକ୍ଟରରେ ଶନିବାର ପାକିସ୍ତାନର ସୀମାନ୍ତ କାର୍ଯ୍ୟାନୁଷ୍ଠାନ ଟିମ୍ (ବ୍ୟାଟ୍)ର ଆକ୍ରମଣକୁ ଭାରତୀୟ ସେନା ପଣ୍ଡ କରିଦେଇଛି। ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ବେଳେ ଜଣେ ଯବାନଙ୍କ ମୃତ୍ୟୁ ଘଟିବା ସହ କ୍ୟାପ୍ଟେନଙ୍କ ସମେତ ୪ ଯବାନ ଆହତ ହୋଇଛନ୍ତି। ସେହିପରି ଏନ୍‌କାଉଣ୍ଟରରେ ଜଣେ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ ହୋଇଥିବାବେଳେ ଅନ୍ୟ ୨ ଜଣ ପାକ୍ ଅଧିକୃତ କଶ୍ମୀରକୁ ପଳାଇଛନ୍ତି। ପାକିସ୍ତାନର ବର୍ଡର ଆକ୍ସନ ଟିମ୍ ହେଉଛି ପାକ୍ ସେନା ଏବଂ ଆତଙ୍କବାଦୀଙ୍କ ମିଳିତ ସ୍ୱତନ୍ତ୍ର ବାହିନୀ। ସେମାନେ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ କାମାକାରୀ ସେକ୍ଟରରେ ଆକ୍ରମଣ ଉଦ୍ୟମ କରୁଥିବାବେଳେ ସେଠାରେ ସଜାଗ ଥିବା ଭାରତୀୟ ଯବାନମାନେ ଏହାକୁ ପଣ୍ଡ କରିଦେଇଛନ୍ତି।

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ବଢୁଥିବାରୁ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଚିନ୍ତାବ୍ୟକ୍ତ କରିଛନ୍ତି। ଆତଙ୍କବାଦ ବିରୋଧରେ କଠୋର ତଥା ନିର୍ଣ୍ଣାୟକ ପଦକ୍ଷେପ ନେବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଶନିବାର ପାକିସ୍ତାନର ସୀମାନ୍ତ କାର୍ଯ୍ୟାନୁଷ୍ଠାନ ଟିମ୍ ଏବଂ ଭାରତୀୟ ସେନା ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ଯବାନଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ଆହତ ହେବା ଦୁଃଖଦାୟକ। କେନ୍ଦ୍ରରେ ନୂଆ ସରକାର ଗଢ଼ାଯିବା ପରେ ୪୯ ଦିନ ମଧ୍ୟରେ କଶ୍ମୀରରେ ୧୪ ଥର ଆତଙ୍କବାଦୀ ଆକ୍ରମଣ ଘଟି ୧୫ ଯବାନଙ୍କ ଜୀବନ ଗଲାଣି, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ପ୍ରିୟଙ୍କା ଏକ୍ସ’ରେ ଲେଖିଛନ୍ତି।

## ବୋଲ୍‌ବମ୍ ଯାତ୍ରା: ମସ୍‌ଜିଦ ଢଙ୍କାଯିବା ନେଇ ବିବାଦ

**ଡେରାଡୁନ୍, ୨୭।୭**

ବୋଲ୍‌ବମ୍ ଯାତ୍ରା ପୂର୍ବରୁ ଉତ୍ତରାଖଣ୍ଡରେ କାଉଡ଼ିଆମାନଙ୍କ ରାସ୍ତା ପାର୍ଶ୍ୱରେ ରହିଥିବା କେତେକ ମସ୍‌ଜିଦ ଏବଂ ମଜାରକୁ କପଡ଼ା ଦ୍ୱାରା ଢାଙ୍କିଦିଆଯିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। କାଉଡ଼ିଆମାନଙ୍କ ମାର୍ଗରେ ଯେପରି ସମସ୍ୟା ନ ହେବ ସେଥିପାଇଁ ଶୁକ୍ରବାର ଧଳା ପରଦା ଦ୍ୱାରା ଜ୍ୱାଳାପୁର ଅଞ୍ଚଳର ୨ଟି ମସ୍‌ଜିଦ ଓ ଗୋଟିଏ ମଜାରକୁ ଢଙ୍କାଯାଇଥିଲା। ଏନେଇ ମସ୍‌ଜିଦର ମୌଲାନା ଏବଂ ମଜାରର ତତ୍ତ୍ୱାବଧାରକଙ୍କୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନ ଥିଲା। ବୋଲ୍‌ବମ ଯାତ୍ରା ବେଳେ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଏପରିକି ଅନେକେ କାଉଡ଼ିଆ ମଧ୍ୟ ଏଭଳି ପଦକ୍ଷେପ ଅନାବଶ୍ୟକ ବୋଲି କହିଥିଲେ। ତେବେ ପ୍ରତିକାର ପଦକ୍ଷେପ ସ୍ୱରୂପ ପରଦା ଢଙ୍କାଯାଇଥିବା ମନ୍ତ୍ରୀ ସତ୍‌ପାଲ ମହାରାଜ କହିଥିଲେ। ତେବେ ବିବାଦ ଜୋର୍ ଧରିବାରୁ ଜିଲା ପ୍ରଶାସନ ଉକ୍ତ ପରଦାଗୁଡ଼ିକୁ ହଟାଇଦେଇଛି। ସ୍ଥାନୀୟ ଜନସାଧାରଣଙ୍କ ସମେତ ରାଜନେତାମାନେ ପ୍ରଶାସନର ପରଦା ଢାଙ୍କିବା ପଦକ୍ଷେପକୁ ନିନ୍ଦା କରିଥିଲେ।

## ପର୍ନ ଭିଡିଓ ଦେଖି ଭଉଣୀଙ୍କୁ ବଳାତ୍କାର ପରେ ହତ୍ୟାକଲେ ନାବାଳକ

**ଭୋପାଳ, ୨୭।୭**

ମଧ୍ୟପ୍ରଦେଶର ରେୱାରେ ଜଣେ ନାବାଳକ ମୋବାଇଲ ଫୋନ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ପରେ ନିଜ ସାନଭଉଣୀକୁ ବଳାତ୍କାରକରି ହତ୍ୟା କରିଥିଲା। ଗତ ଏପ୍ରିଲ ୨୪ରେ ଉକ୍ତ ୯ ବର୍ଷର ବାଳିକାକୁ ବଳାତ୍କାର ପରେ ହତ୍ୟା କରାଯାଇଥିବାବେଳେ ନାବାଳକଙ୍କ ମାଆ ଓ ୨ ଭଉଣୀ ଏହାକୁ ଲୁଚାଇ ରଖିଥିଲେ ବୋଲି ପୋଲିସ କହିଛି। ପୋଲିସ ୫୦ ଜଣଙ୍କୁ ପଚରାଉଚରା କରିବା ପରେ ମୃତକଙ୍କ ୧୩ ବର୍ଷୀୟ ଭାଇ, ମାଆ ଓ ୨ ଭଉଣୀଙ୍କୁ ଅଟକ ରଖିଛି। ଖବରକୁ ଲୁଚାଇଥିବା ୨ ଭଉଣୀଙ୍କ ବୟସ ୧୭ ଓ ୧୮ ବର୍ଷ। ରେୱା ଏସ୍‌ପିଙ୍କ ସୂଚନା ଅନୁଯାୟୀ ଗତ ଏପ୍ରିଲ ୨୪ରେ ଜୱା ଥାନା ଅଧୀନରେ ଜଣେ ନାବାଳିକାଙ୍କୁ ତାଙ୍କ ନାବାଳକ ଭାଇ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରିଛନ୍ତି।

**ଘଟଣାକୁ ଲୁଚାଇଥିଲେ ମା’, ୨ ଭଉଣୀ**

ଘର ଅଗଣାରୁ ପୀଡ଼ିତାଙ୍କ ମୃତଦେହ ମିଳିଥିଲା। ପରିବାର ସଦସ୍ୟମାନଙ୍କୁ ଜେରା କରିବା ପରେ ଉକ୍ତ ରାତିରେ ପୀଡ଼ିତାଙ୍କ ସହ ତାଙ୍କର ୧୩ ବର୍ଷୀୟ ଭାଇ ଗୋଟିଏ କୋଠରିରେ ଶୋଇଥିବା ଜଣାପଡ଼ିଥିଲା। ନାବାଳିକା ଘଟଣା ସମ୍ପର୍କରେ ବାପାଙ୍କୁ କହିଦେବ ବୋଲି ଧମକ ଦେବାରୁ ନାବାଳକ ତା’ ତଣ୍ଟି ଚିପିଦେଇଥିଲେ। ପରେ ସେ ମାଆଙ୍କୁ ନିଦରୁ ଉଠାଇ ସବୁକଥା କହିଥିଲେ। ସେତେବେଳେ ପୀଡ଼ିତା ବଞ୍ଚିଥିବା ଜାଣି ସେ ପୁଣିଥରେ ତଣ୍ଟିଚିପି ମାରିଦେଇଥିଲେ। ମାଆ ଓ ୨ ଭଉଣୀ ପ୍ରମାଣ ଲୁଚାଇବା ପାଇଁ ଉଦ୍ୟମ କରିଥିଲେ ବୋଲି ଏସ୍‌ପି କହିଛନ୍ତି।

## ପୃଥିବୀ ନିକଟରେ କ୍ଷୁଦ୍ରଗ୍ରହର ସନ୍ଧାନ

**ଲେହ, ୨୭।୭**



ଲଦାଖର ‘ଇଣ୍ଡିଆନ୍ ଆଷ୍ଟ୍ରୋନୋମିକାଲ ଅବ୍‌ଜରଭେଟୋରିଠାରେ’ରେ ଥିବା ପ୍ରଥମ ଭାରତୀୟ ରୋବୋଟିକ୍ ଦୂରବୀକ୍ଷଣ ଯନ୍ତ୍ର ‘ଗ୍ରୋଥ-ଇଣ୍ଡିଆ’ ପୃଥିବୀ ନିକଟରେ ଏକ ବିରାଟ କ୍ଷୁଦ୍ରଗ୍ରହର ସନ୍ଧାନ କରିଛି। ୧୧୬ ମିଟରର ଏକ ବିଲ୍ଡିଂ ଆକୃତିର କ୍ଷୁଦ୍ରଗ୍ରହ ପୃଥିବୀ ନିକଟରେ ଦ୍ରୁତବେଗରେ ଗତି କରୁଥିବା ନେଇ ‘ଗ୍ରୋଥ-ଇଣ୍ଡିଆ’ ଦୂରବିକ୍ଷଣ ଯନ୍ତ୍ର ଟ୍ରାକ୍ କରିଛି। ପୃଥିବୀଠାରୁ ଚନ୍ଦ୍ରର ହାରାହାରି ଦୂରତାଠାରୁ ୧୦ ଗୁଣା ଅଧିକ ଦୂରରେ ରହି ଉକ୍ତ କ୍ଷୁଦ୍ରଗ୍ରହ ଆକାଶରେ ଦ୍ରୁତବେଗରେ ଗତି କରୁଛି। ଆଇଆଇଟି ବମ୍ବେର ଷ୍ଟାର୍(ସ୍ପେସ୍ ଟେକ୍ନୋଲୋଜି ଆଣ୍ଡ୍ ଆଷ୍ଟ୍ରୋ ଫିଜିକ୍ସ ରିସର୍ଚ୍ଚ) ଲାବରେଟୋରିରେ କାର୍ଯ୍ୟରତ ଆଷ୍ଟ୍ରୋ ଫିଜିକ୍ସିଷ୍ଟ ବରୁଣ ଭାଲେରାଓ ଏନେଇ ସୂଚନା ଦେଇଛନ୍ତି। ‘ଗ୍ରୋଥ୍-ଇଣ୍ଡିଆ’ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ନିଆଯାଇଥିବା ଫଟୋକୁ ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ’ରେ ପୋଷ୍ଟ କରିଛନ୍ତି।

‘ଗ୍ରୋଥ୍-ଇଣ୍ଡିଆ’ ଭାରତର ପ୍ରଥମ ପୂର୍ଣ୍ଣକାଳୀନ ରୋବଟ୍ ଅପ୍ଟିକାଲ ରିସର୍ଚ୍ଚ ଟେଲିସ୍କୋପ ହୋଇଥିବାବେଳେ ଏହାକୁ ଆଇଆଇଏ(ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଷ୍ଟ୍ରୋ ଫିଜିକ୍ସ) ବେଙ୍ଗାଲୁରୁ ଏବଂ ଆଇଆଇଟି ବମ୍ବେର ମିଳିତ ସହଯୋଗରେ ପ୍ରସ୍ତୁତ କରାଯାଇଛି। ଏହି ଟେଲିସ୍କୋପର ପ୍ରାଥମିକ ଅନୁସନ୍ଧାନ ଫୋକସ୍ ଟାଇମ୍-ଡୋମେନ ଆଷ୍ଟ୍ରୋନୋମି ହୋଇଥିବାରୁ ଏହା ବ୍ରହ୍ମାଣ୍ଡରେ ବିଭିନ୍ନ ବିସ୍ଫୋରକ ପରିବହନକାରୀ ଓ ପରିବର୍ତ୍ତନଶୀଳ ଉତ୍ସଗୁଡ଼ିକର ଅଧ୍ୟୟନ କରିଥାଏ। ୦.୭ ମିଟରର ଚଉଡ଼ା ଏହି ଦୂରବୀକ୍ଷଣ ଯନ୍ତ୍ର ଲଦାଖର ହାନ୍‌ଲେସ୍ଥିତ ସମୁଦ୍ରପତ୍ତନଠାରୁ ୪,୫୦୦ ମିଟର ଉଚ୍ଚରେ ଇଣ୍ଡିଆନ୍ ଆଷ୍ଟ୍ରୋନୋମିକାଲ ଅବ୍‌ଜରଭେଟୋରିଠାରେ ଅବସ୍ଥିତ ରହିଛି।

**ଟ୍ରାକ୍ କରୁଛି ଭାରତର ପ୍ରଥମ ରୋବୋଟିକ୍ ‘ଗ୍ରୋଥ୍-ଇଣ୍ଡିଆ’ ଦୂରବୀକ୍ଷଣ ଯନ୍ତ୍ର**

## ମାତାପିତାଙ୍କ ସେବା କରିବା ପିଲାଙ୍କ କର୍ତ୍ତବ୍ୟ

**ଜାତୀୟ ମାତାପିତା ଦିବସ**



ମାତାପିତା ଏବଂ ପିଲାଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ସ୍ୱତନ୍ତ୍ର। ଏହି ସମ୍ପର୍କକୁ ଅଧିକ ସ୍ୱତନ୍ତ୍ର କରିବା ପାଇଁ ପ୍ରତିବର୍ଷ ଲୋକମାନେ ମାତାପିତା ଦିବସ ପାଳନ କରିଥାନ୍ତି। ମାତାପିତା ସେମାନଙ୍କ ପିଲାମାନଙ୍କୁ ଛୋଟରୁ ବଡ଼ ହେବା ପର୍ଯ୍ୟନ୍ତ ପ୍ରତିପୋଷଣ କରନ୍ତି, ପ୍ରତ୍ୟେକ କ୍ଷେତ୍ରରେ ନିଜ ପିଲାଙ୍କ ପାଖରେ ଠିଆ ହୁଅନ୍ତି। ସେମାନଙ୍କୁ ଏହା ହୃଦୟଙ୍ଗମ କରିବା ପାଇଁ ଏହି ଦିନ ପାଳନ କରାଯାଏ। ଜାତୀୟ ମାତାପିତା ଦିବସରେ ଆମେ ଆମର ମାତାପିତାଙ୍କ ଦ୍ୱାରା କରାଯାଇଥିବା ସମସ୍ତ ବଳିଦାନ ଏବଂ ଭଲ ପାଇବାକୁ ମନେ ରଖିଥାଉ। ଏହି ଦିନରେ ସେମାନଙ୍କୁ ଧନ୍ୟବାଦ ଦେଉଛୁ। ଯଦି ଆମେ ଏହି ଦିବସର ଇତିହାସ ବିଷୟରେ କହିବା ତେବେ ଏହା ୧୯୭୩ରେ ଆରମ୍ଭ ହୋଇଥିଲା। ଏହା ପ୍ରଥମେ ଦକ୍ଷିଣ କୋରିଆରେ ପାଳନ କରାଯାଇଥିଲା। କିନ୍ତୁ ଏହା ପରେ ୧୯୯୪ରେ ଆମେରିକାରେ ପାଳନ କରାଯାଇଥିଲା।

ଯେଉଁଦିନ ଆମେରିକାରେ ଜାତୀୟ ମାତାପିତା ଦିବସ ପାଳନ କରାଯାଇଥିଲା ସେହିଦିନ ଜୁଲାଇର ଚତୁର୍ଥ ରବିବାର ଥିଲା। ତେଣୁ ଅନେକ ଦେଶରେ ଜୁଲାଇର ଚତୁର୍ଥ ରବିବାରରେ ଜାତୀୟ ମାତାପିତା ଦିବସ ପାଳନ କରାଯାଏ। ଆମ ଦେଶରେ ମଧ୍ୟ ଜୁଲାଇ ୪ର୍ଥ ରବିବାର ଆଜିର ଦିନରେ ପାଳନ କରାଯାଉଛି।

ମାତାପିତାମାନେ ନିଜ ପିଲାମାନଙ୍କୁ ବହୁତ ଭଲ ପାଆନ୍ତି, କେବଳ ଏତିକି ନୁହେଁ, ସେମାନେ ନିଜ ପିଲାମାନଙ୍କ ପାଇଁ ବହୁତ ବଳିଦାନ ଦିଅନ୍ତି। ମାତାପିତାମାନେ ବହୁତ କଠିନ ପରିଶ୍ରମ କରନ୍ତି ଏବଂ ନିଜ ପିଲାମାନଙ୍କର ସ୍ୱପ୍ନକୁ ପୂରଣ କରିବାକୁ ଚେଷ୍ଟା କରନ୍ତି, ତେଣୁ ଏହି ଦିନ ପିଲାମାନଙ୍କର କର୍ତ୍ତବ୍ୟ ହେଉଛି ମାତାପିତାଙ୍କ ସେବା କରିବା। କେବଳ ଏହି ଗୋଟିଏ ଦିନ ନୁହେଁ, ପିଲାମାନେ ମାତାପିତା ବଞ୍ଚିଥିବା ଯାଏ ସେବା କରିବା ଉଚିତ୍। ତେବେ ଯାଇ ମାତାପିତାଙ୍କ ଜୀବନ ସାର୍ଥକ ହୋଇଥାଏ।

**ଫୁରସତ୍**

## ବନ୍ୟାପାଣିରେ ଭଲିବଲ୍ ଖେଳ



**କୋଝିକୋଡ଼:** କେରଳର କୋଝିକୋଡ଼ ଜିଲା କୁଚ୍ଚିକ୍‌ଦାବୁ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ବନ୍ୟାସ୍ଥିତି ଦେଖାଦେଇଛି। ଏଠାରେ ଥିବା ଏକ ଖେଳ ପଡ଼ିଆରେ କେତେଜଣ ଯୁବକ ବନ୍ୟାପାଣି ମଧ୍ୟରେ ଭଲିବଲ୍ ଖେଳୁଥିବା ନଜର ଆସିଛନ୍ତି। ସେସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଭିଡିଓକୁ ଦେଖିଲେ ଲାଗୁଛି ସତେ ଯେପରି ଏକ ନଦୀ ମଧ୍ୟରେ କେତେଜଣ ଯୁବକ ଭଲିବଲ୍ ଖେଳକୁ ଉପଭୋଗ କରୁଛନ୍ତି।

## ଓଟିଟିରେ ‘ଖତରୋଁ କେ ଖିଲାଡ଼ି ୧୪’



ରୋହିତ ଶେଟ୍ଟୀ

**ମୁମ୍ବାଇ:** ପ୍ରସିଦ୍ଧ ଫିଲ୍ମ ନିର୍ଦ୍ଦେଶକ ରୋହିତ ଶେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଷ୍ଟଣ୍ଟ୍ ଆଧାରିତ ରିଏଲିଟି ଶୋ ‘ଖତରୋଁ କେ ଖିଲାଡ଼ି ୧୪’ ଶନିବାରଠାରୁ ଆରମ୍ଭ ହେଇଛି। ପ୍ରଶଂସକମାନେ ଦୀର୍ଘ ଦିନ ଧରି ଏହି ଶୋ’ର ୧୪ତମ ସିଜନଙ୍କୁ ଅପେକ୍ଷା କରି ରହିଥିଲେ। ସୋସିଆଲ ମିଡିଆରେ ଏହି ରିଏଲିଟି ଶୋ’ର ନିର୍ମାତାଙ୍କ ପକ୍ଷରୁ ‘ଖତରୋଁ କେ ଖିଲାଡ଼ି ୧୪’ର ସବିଶେଷ ପ୍ରୋମୋ ଶେୟାର କରଯାଇଛି। ଶନିବାର ରାତି ୯.୩୦ରେ ଏହି ଶୋ’ କଲର୍ସ ଚ୍ୟାନେଲରେ ପ୍ରସାରିତ ହେବା ସହ ଓଟିଟି ପ୍ଲାଟଫର୍ମ ଜିଓ ସିନେମା ପ୍ରିମିୟମରେ ମଧ୍ୟ ଅନ୍‌ଲାଇନ୍ ଷ୍ଟ୍ରିମିଂ ହେବ ବୋଲି ଏହି ପ୍ରୋମୋରେ ସୂଚନା ଦିଆଯାଇଛି। ପ୍ରତ୍ୟେକ ଶନିବାର ଏବଂ ରବିବାର ରାତି ୯.୩୦ରେ ପ୍ରସାରିତ ହେବାକୁ ଥିବା ଏହି ଷ୍ଟଣ୍ଟ୍ ଆଧାରିତ ଶୋ’ର ଶୁଟିଂ ରୋମାନିଆରେ କରାଯାଇଛି। ଚଳିତ ସିଜନରେ ଅଭିଷେକ କୁମାର, ଅସୀମ ରିଆଜ୍, କୃଷ୍ଣା ଶ୍ରଫ୍, ଶିଳ୍ପା ଶିନ୍ଦେ, ଶାଲିନ୍ ଭନୋଟ୍, ନିମ୍ରିତ କୌର ଆହଲୁୱାଲିଆ, ସୁମୋନା ଚକ୍ରବର୍ତ୍ତୀ, ନିୟତି ଫତ୍‌ନାନି, କରନ୍‌ବୀର ମେହେରା ଏବଂ ଆଶିଷ ମେହରୋତ୍ରା ପ୍ରମୁଖ ଛୋଟ ପରଦାର ତାରକା ଏହି ଶୋ’ରେ ଭାଗ ନେଉଛନ୍ତି। ସେମାନଙ୍କୁ ବିଭିନ୍ନ ପ୍ରକାରର ବିପଜ୍ଜନକ ଷ୍ଟଣ୍ଟ୍ ପ୍ରଦର୍ଶନ କରୁଥିବାର ଦେଖିବା ନିମନ୍ତେ ପ୍ରଶଂସକମାନେ ଚାହିଁ ବସିଛନ୍ତି।




# ନୀତି ଆୟୋଗ ବୈଠକରେ ବିକଶିତ ଓଡ଼ିଶା ପାଇଁ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୭(ଅନିଲ ଦାସ)**

ଆସନ୍ତା ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ପାଇଁ ରାଜ୍ୟ ସରକାର କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ କେନ୍ଦ୍ର ସରକାରଙ୍କ ନିକଟରେ ବିଭିନ୍ନ ଦାବି କରିଛନ୍ତି। ଶିଳ୍ପ ପାର୍କ ଓ କରିଡର, ବିଦ୍ୟୁତ୍ ଗ୍ରୀଡ୍ ଓ ରେଳବାଇ ଭିତ୍ତିଭୂମି ପାଇଁ ପାଣି ଯୋଗାଣ ସହିତ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପକୁ ତୁରନ୍ତ କେନ୍ଦ୍ରୀୟ ମଞ୍ଜୁରୀ ଦେବାକୁ ଦାବି କରାଯାଇଛି।

ରାଜ୍ୟରେ ବନ୍ଦରଭିତ୍ତିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି। ଭଦ୍ରକ ଜିଲା ଧାମରା ଓ ଗଞ୍ଜାମ ଜିଲାର ଗୋପାଳପୁର ନିକଟରେ ଶିଳ୍ପାଞ୍ଚଳ ଗଠନ କରାଯିବ। ଗଞ୍ଜାମ ଜିଲାର ପ୍ରାୟ ୪ ହଜାର ୩ ଶହ ଏକର ଜମି ହସ୍ତାନ୍ତର ପାଇଁ ରାଜ୍ୟ ସରକାର


ମୋହନ ଚରଣ ମାଝୀ

କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏଥିସହ ବିପର୍ଯ୍ୟୟ ଓ ଭିତ୍ତିଭୂମି ପ୍ରକଳ୍ପକୁ ତୁରନ୍ତ କେନ୍ଦ୍ରୀୟ ମଞ୍ଜୁରୀ ଦେବା ଏବଂ ଆନ୍ତଃରାଜ୍ୟ ଅକ୍ଷୟ ଶକ୍ତି ପରିବହନ କରିଡର ପାଇଁ ପ୍ରସ୍ତାବ ଦିଆଯାଇଛି। ଟେଲିକମ୍, ଶକ୍ତି କ୍ଷେତ୍ରରେ ଭିତ୍ତିଭୂମି ପାଇଁ ମଧ୍ୟ ଦାବି କରିଛନ୍ତି। ବ୍ୟାଙ୍କ ନ ଥିବା ପଞ୍ଚାୟତରେ ବ୍ୟାଙ୍କ ଓ ଏଟିଏମ୍ ଖୋଲିବାକୁ ରାଜ୍ୟ ସରକାର କେନ୍ଦ୍ରକୁ ସହାୟତା ମାଗିଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ରେଳ ସଂଯୋଗ କମ୍ ରହିଛି। ରେଳ ସଂଯୋଗ ବଢ଼ାଇବା ସହ କାର୍ବନ ନିର୍ଗମନ କିପରି କମ୍ କରାଯାଇପାରିବ, ସେଥିପାଇଁ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି। ମୋଟ ୩୩ %ରୁ ଅଧିକ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ଓଡ଼ିଶାର ଅବଦାନ ପରିବେଶ ସୁରକ୍ଷା କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଏହା ଅନେକ ସମୟରେ ବିକାଶମୂଳକ ପ୍ରକଳ୍ପରେ ବାଧା ସୃଷ୍ଟି କରୁଛି, ଯାହା କି ସିଧାସଳଖ ରାଜ୍ୟର ଆର୍ଥିକ ପ୍ରଗତିରେ ପ୍ରତିବନ୍ଧକ ସାଜୁଛି। ଏହାର ସ୍ଥାୟୀ ସମାଧାନ ଏବଂ ପ୍ରତିକାର ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି।

ପିଏମ୍ ଜନଜାତି ଯୋଜନାରେ ଆଦିବାସୀଙ୍କ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାର ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟରେ ସେମିକଣ୍ଡକ୍ଟର ହବ୍ ପ୍ରତିଷ୍ଠା ପାଇଁ ବିଦେଶୀ ପୁଞ୍ଜି ନିବେଶ ଓ ଉନ୍ନତ ଜ୍ଞାନକୌଶଳ ଯୋଗାଇଦେବା ଏବଂ ଏରୋସ୍ପେସ ଓ ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାକୁ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ନିକଟରେ ଦାବି କରିଛନ୍ତି। ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ ଓ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିସହିତ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ୮୦୦ ସ୍କୁଲକୁ ପିଏମ୍ ଶ୍ରୀ ଯୋଜନାରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତି ଭବନ କଲଚରାଲ୍ ସେଣ୍ଟରରେ ନୀତି ଆୟୋଗର ଗଭର୍ଣ୍ଣିଂ କାଉନ୍ସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ମଧ୍ୟ ସାମିଲ ଥିଲେ।

# ସନ୍ତୋଷ ଗଙ୍ଗୱାର ଝାଡ଼ଖଣ୍ଡ ରାଜ୍ୟପାଳ

## ୬ ରାଜ୍ୟରେ ନୂଆ ନିଯୁକ୍ତି: ପଞ୍ଜାବ ଗଲେ କଟାରିଆ

**ନୂଆଦିଲ୍ଲୀ,୨୭।୭(ପି.ଟି.)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ରାତିରେ ୬ ରାଜ୍ୟ ପାଇଁ ନୂଆ ରାଜ୍ୟପାଳ ନିଯୁକ୍ତ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସନ୍ତୋଷ ଗଙ୍ଗୱାରଙ୍କୁ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସିକିମର ରାଜ୍ୟପାଳ ଥିବା ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ଆସାମ ରାଜ୍ୟପାଳ ନିଯୁକ୍ତ କରାଯାଇଥିବା ସହ ମଣିପୁରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗୁଲାବଚାନ୍ଦ କଟାରିଆଙ୍କୁ ବନୱରିଲାଲ ପୁରୋହିତଙ୍କ ସ୍ଥାନରେ ପଞ୍ଜାବ ରାଜ୍ୟପାଳ ନିଯୁକ୍ତ କରାଯାଇଛି। ପୁରୋହିତଙ୍କ ଇସ୍ତଫାକୁ ରାଷ୍ଟ୍ରପତି ଗ୍ରହଣ କରିନେଇଛନ୍ତି। ଝାଡ଼ଖଣ୍ଡ ରାଜ୍ୟପାଳ ଥିବା ସି.ପି. ରାଧାକ୍ରିଷ୍ଣନଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ନିଯୁକ୍ତ କରାଯାଇଛି। ସେହିପରି ହରିଭାଉ କିଷନରାଓ ବାଗ୍‌ଡେଙ୍କୁ ରାଜସ୍ଥାନ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଜିଷ୍ଣୁଦେବ ବର୍ମା ତେଲଙ୍ଗାନା ରାଜ୍ୟପାଳ ହୋଇଛନ୍ତି। ଓମ୍‌ପ୍ରକାଶ ମାଥୁରଙ୍କୁ ସିକିମ ରାଜ୍ୟପାଳ କରାଯାଇଛି। ସେହିପରି ରାମେନ ଡେକାଙ୍କୁ ଛତିଶଗଡ଼ ରାଜ୍ୟପାଳ ଏବଂ ସି.ଏଚ୍. ବିଜୟଶଙ୍କରଙ୍କୁ ମେଘାଳୟ ରାଜ୍ୟପାଳ କରାଯାଇଛି। କେ. କୈଲାସନାଥନଙ୍କୁ ପଣ୍ଡିଚେରୀ ଉପରାଜ୍ୟପାଳ ନିଯୁକ୍ତି କରାଯାଇଛି।


ସନ୍ତୋଷ ଗଙ୍ଗୱାର

# ୬ ମାଓବାଦୀ ଗିରଫ

**ମାଲକାନଗିରି,୨୭।୭(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ସୁକ୍‌ମା ଜିଲା ଜଗରଗୁଣ୍ଡା ଥାନା ଅନ୍ତର୍ଗତ ତିମ୍ମାପୁରମ୍ ଅଞ୍ଚଳରୁ ୪ ଏବଂ ବିଜାପୁର ଜିଲା ତେରମ୍ ଥାନା ଅଞ୍ଚଳରୁ ୨ ମାଓବାଦୀଙ୍କୁ ଶନିବାର ପୋଲିସ ଗିରଫ କରିଛି। ତିମ୍ମାପୁରମ୍ ଜଙ୍ଗଲରେ ସନ୍ଦିଗ୍ଧ ଲୋକଙ୍କୁ ଦେଖିବା ପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଡିଆରଜି, ସିଆରପିଏଫର ୧୫୦ ବାହିନୀ, ସିଆରପିଏଫର ୨୦୧ ବାହିନୀର ମିଳିତ ଦଳ ଜଙ୍ଗଲରୁ ୪ ଜଣଙ୍କୁ ଧରିବା ପରେ ସେମାନଙ୍କଠାରୁ ବିସ୍ଫୋରକ ସାମଗ୍ରୀ ଜବତ ପରେ ଗିରଫ କରିଥିଲେ। ଗିରଫ ମାଓବାଦୀମାନେ ହେଲେ ଡୋଡି ଦେବା, କରସା ମୋଟ୍ଟୁ, ମାଡ଼ବି ଯୋଗା ଓ ବେଞ୍ଜୀ ବାବୁ। ସେହିପରି ବିଜାପୁର ଜିଲା ତେରେମ ଥାନା ଅନ୍ତର୍ଗତ ପେଦାଗେଲେରୁ ଅଞ୍ଚଳରେ ୨୧୦ କୋବ୍ରାବାହିନୀ ତଲାସୀ ଅଭିଯାନ କରୁଥିବା ସମୟରେ ୨ ଜଣ ବ୍ୟକ୍ତି ଆଇଇଡି ଖଞ୍ଜିବା ପାଇଁ ଯୋଜନା କରିଥିବା ସମୟରେ ସୁରକ୍ଷାକର୍ମୀ ତାଙ୍କଠାରୁ ବିସ୍ଫୋରକ ସହ ସେମାନଙ୍କୁ ଗିରଫ କରିଥିଲେ। ଗିରଫ ଦ୍ୱୟ ହେଲେ ସୋଡି ମଙ୍ଗଡୁ, ମାଡକାମ ଲଚ୍ଛା। ଉପରୋକ୍ତ ୬ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।

ESTD 2003
**MITS SCHOOL OF BIOTECHNOLOGY**
Affiliated with Utkal University, Bhubaneswar

**ADMISSIONS OPEN FOR 2024-25**
B.Sc I.T.M. Biotechnology | M.Sc Biotechnology Microbiology | BCA | BBA

**SPOT ADMISSION AT YOUR TOWN**
Date: 28th July 2024 (Sunday) Time: 10:00 AM to 5:00 PM

| Town | Hotel | Contact Person | |
|---|---|---|---|
| Cuttack | Grand Residency | Subham Beura | 7008275106 |
| Kendrapada | Hotel Gourishankar | C. Swain | 7606945793 |
| Jagatsinghpur | Anjana Residency | B.D. Tripathy | 9040134987 |
| Nayagarh | Hotel Trinath | G.B. Nayak | 7978532312 |
| Anugul | Hotel Ashraya | R.S. Panda | 7978940626 |
| Dhenkanal | Hotel Surya | S. Parida | 7978529971 |
| Jajpur Town | Hotel Pankaj | S.R. Pradhan | 9439478602 |
| Bhadrak | Hotel City Residency | S.K. Nayak | 8270619465 |
| Balasore | Hotel Saikrishna | R.R. Mishra | 7978528311 |
| Baripada | Hotel Ambika | P.K. Pradhan | 7978475190 |
| Kendujhar | Hotel Shreekrishna Int. | R.P. Behera | 8847808772 |
| Rourkela | Hotel Aasthaa Palace | Chhabi Sethi | 9861293070 |
| Sambalpur | Hotel Narmada Res. | S.N. Patel | 7735266465 |
| Bargarh | Hotel Ganapathi | H.C. Panda | 9437030550 |

90% Placement
Top MNCs who have visited MITS in 2024
Deloitte. Capgemini TATA Cognizant Infosys wipro
Patia, Bhubaneswar 8599885998 msb.ac.in

# ରାଜପଥ ପାରହେଲେ ୪୦ ହାତୀ

**ଢେଙ୍କାନାଳ,୨୭।୭(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ରେଞ୍ଜ୍ ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ହଳଦିଆବାହାଳ ଠାରେ ଶନିବାର ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ୪୦ହାତୀ ରାଜପଥ କଡ଼ ଜଙ୍ଗଲରୁ ବାହାରି ରାସ୍ତା ପାରହୋଇ ବ୍ରାହ୍ମଣୀ ନଦୀକୂଳ ଅଭିମୁଖେ ଯାଇଥିଲେ। ହାତୀପଲ ମଧ୍ୟରେ ବହୁ ଛୁଆ ହାତୀ ଓ ଦନ୍ତାହାତୀ ରହିଥିବା ଦେଖାଯାଇଥିଲା। ହାତୀ ପାରହେବା ସମ୍ପର୍କରେ ଜାଣିବା ପରେ ବନବିଭାଗ କର୍ମଚାରୀମାନେ ରାଜପଥର ଉଭୟ ପାର୍ଶ୍ୱରେ ଆସୁଥିବା ଯାନବାହନକୁ ଅଟକାଇ ରଖିଥିଲେ। ଫଳରେ କିଛି ସମୟ ଧରି ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ହାତୀପଲ ଜାତୀୟ ରାଜପଥ ପାରହେବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏ ସଂକ୍ରାନ୍ତରେ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର କହିଛନ୍ତି, ଏହା ନିତିଦିନିଆ ଘଟଣା। ହଳଦିଆବାହାଳ ଠାରେ ଅଧିକାଂଶ ସମୟରେ ସକାଳେ ଓ ସନ୍ଧ୍ୟାରେ ହାତୀପଲ ରାଜପଥ ପାର ହେଉଛନ୍ତି। ହାତୀ ପଲଙ୍କ ଗତିବିଧି ଉପରେ ବନ କର୍ମଚାରୀ ସ୍ୱତନ୍ତ୍ର ନଜର ରଖିଛନ୍ତି। କେତେବେଳେ ହାତୀପଲ ପରଜଙ୍ଗ ଅଞ୍ଚଳରୁ ବ୍ରାହ୍ମଣୀ ନଦୀ ପାର ହୋଇ ଜାତୀୟ ରାଜପଥର ହଳଦିଆବାହାଳ ଅଞ୍ଚଳ ଜଙ୍ଗଲରେ ରହୁଥିବା ବେଳେ ସେଠାରୁ ପୁଣି ବ୍ରାହ୍ମଣୀ ନଦୀ ଆଡକୁ ଫେରୁଛନ୍ତି।


ହଳଦିଆବାହାଳ ଠାରେ ହାତୀପଲ ୫୫ନଂ. ଜାତୀୟ ରାଜପଥ ପାର ହେଉଛନ୍ତି।

# ଶିଳ୍ପ, ଖଣି ସଂସ୍ଥାରେ ୮,୦୬୦ କୋଟିର ଜଳକର ବାକି

**ଯାଜପୁର,୨୭।୭ (ହର୍ଷବର୍ଦ୍ଧନ ବେହେରା)**

ରାଜ୍ୟରେ ୨୦୨୦-୨୧ରୁ ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ୨୨୩ଟି ଶିଳ୍ପସଂସ୍ଥାରେ ୭୨୬୨.୪୨୪ କୋଟି ଟଙ୍କା ଏବଂ ୫୫ଟି ଖଣିସଂସ୍ଥା ଉପରେ ୭୯୭.୭୨ କୋଟି ଟଙ୍କା ଜଳକର ବକେୟା ପଡ଼ିଛି। ଚଳିତ ବିଧାନସଭାର ତାରକା ପ୍ରଶ୍ନ ସଂଖ୍ୟା ୨୬୨କୁ ଆଧାର କରି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି ଗତ ୨୫ ତାରିଖରେ ଦେଇଥିବା ଉତ୍ତର ଅନୁଯାୟୀ ୨୦୨୪ ମାର୍ଚ୍ଚ ସୁଦ୍ଧା ମାତ୍ର ୮୫୯.୦୨ କୋଟି ଟଙ୍କା ଆଦାୟ ହୋଇଛି ଏବଂ ମୋଟ ୮,୦୬୦ କୋଟିର ଜଳକର ବାକି ରହିଛି। ଜଳକର ବକେୟା ସମସ୍ୟାର ଏକକାଳୀନ ସମାଧାନ କରିବାକୁ ଯାଇ ରାଜ୍ୟ ସରକାର କେତେକ ଶିଳ୍ପସଂସ୍ଥାକୁ ଅନୁକମ୍ପା ପ୍ରଦର୍ଶନ କରି ଜଳକର ଛାଡ଼ କରିଥିଲେ। ୨୦୧୫ ନଭେମ୍ବରରେ ରାଜ୍ୟ ସରକାର ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ(ଇଡ୍‌କୋ)କୁ ୫୬ କୋଟି ୪ ଲକ୍ଷ ଟଙ୍କା ଜଳକର ଛାଡ଼ କରିଥିଲେ। ଏହାସତ୍ତ୍ୱେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପସଂସ୍ଥାଗୁଡିକୁ ଜଳଯୋଗାଣ କରୁଥିବା ଇଡ୍‌କୋ ପାଖରେ ଏବେବି ୬୨ କୋଟି ୪୫ ଲକ୍ଷ ୧୫ ହଜାର ଟଙ୍କା ଜଳକର ବାକି ପଡ଼ିଛି। ୨୦୨୦ ସେପ୍ଟେମ୍ବରରୁ ଜଳ ସମ୍ପଦ ବିଭାଗ ପକ୍ଷରୁ ବକେୟା ଜଳକର ଆଦାୟ ଉଦ୍ୟମ କରାଯାଉଥିଲେ ହେଁ ସଫଳତା ମିଳୁପାରୁନାହିଁ।

ରାଜ୍ୟର ବିଭିନ୍ନ ନଦୀନାଳରୁ ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ ମାଧ୍ୟମରେ ଅନେକ ହଜାର କ୍ୟୁସେକ ପାଣି ଶିଳ୍ପସଂସ୍ଥାଗୁଡ଼ିକୁ ବିକ୍ରି କରାଯାଉଛି। ଇଡ୍‌କୋ ଜଳ ସମ୍ପଦ ବିଭାଗ ସହିତ ଚୁକ୍ତି କରି ପ୍ରାୟ ୨୫ ବର୍ଷ ହେଲା ବ୍ରାହ୍ମଣୀରୁ ପାଣି ନେଇ କଳିଙ୍ଗନଗରର ଶିଳ୍ପସଂସ୍ଥାଗୁଡ଼ିକୁ ଯୋଗାଇବା ସହ ମାସିକ ଭାବେ ଜଳକର ଆଦାୟ କରୁଛି। କିନ୍ତୁ କେଉଁ ପରିସ୍ଥିତିରେ ସରକାରଙ୍କୁ ଜଳକର ଦେବାରେ ଇଡ୍‌କୋ ଏବଂ ଅନ୍ୟ ଶିଳ୍ପସଂସ୍ଥା ପଛଘୁଞ୍ଚା ଦେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସର୍ବୋଚ୍ଚ ଯନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ରାଜ୍ୟର ୪୦ରୁ ଊର୍ଦ୍ଧ୍ୱ ଶିଳ୍ପ ଓ ଖଣି ସଂସ୍ଥା ସର୍ବାଧିକ ପରିମାଣ ଜଳକର ବକେୟା ରଖିଛନ୍ତି। ସେଗୁଡ଼ିକ ମଧ୍ୟରେ ତାଳଚେର ବିଦ୍ୟାଳ ସ୍ପଞ୍ଜ ଆଇରନ ୧୧.୪୬ କୋଟି, ଟାଙ୍ଗପାଳ ଏନ୍‌ଟିପିସି ୧୩୮.୧୬ କୋଟି, ଯୋଡ଼ା ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ୧୯.୮୯ କୋଟି, ରାଠି ଷ୍ଟିଲ ଆଣ୍ଡ ପାୱାର ୭୮.୧୮ କୋଟି, ମାହେଶ୍ୱରୀ ଇସ୍ପାତ ଲିଃ ୧୩୦.୯୮ କୋଟି, ପାରାଦୀପ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିଃ ୬୬.୬୨ କୋଟି, ସମ୍ବଲପୁର ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ୨୬୯.୨୪ କୋଟି, ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ୍ ୨୧୧.୮୯ କୋଟି, ଏନ୍‌ଏଲ୍‌ସି ଇଣ୍ଡିଆ ଲିଃ ୧୦.୭୦ କୋଟି, ଟାଟା ଷ୍ଟିଲ ବିଏସ୍‌ଏଲ୍ ଲିଃ ୧୪୫.୯୧ କୋଟି, ଖୁଣ୍ଟୁଣି ବିଆର୍‌ଜି ଆଇରନ ଆଣ୍ଡ ଷ୍ଟିଲ ୩୨.୪୭ କୋଟି, ଢେଙ୍କାନାଳ ଉତ୍କଳ ଆଜବେଷ୍ଟସ ୧୧.୫୬ କୋଟି, କଳିଙ୍ଗନଗର ଟାଟା ଷ୍ଟିଲ ୫୦.୪୬ କୋଟି, ସୁନ୍ଦରଗଡ଼ ଆଧୁନିକ ମେଟାଲିକ୍ସ ୧୬୦.୨୪ କୋଟି, ଅନୁଗୋଳ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ୨୦୪.୭୭ କୋଟି, ଆସ୍କା କୋପରେଟିଭ ସୁଗର ଫ୍ୟାକ୍ଟ୍ରି ୩୭.୩୧ କୋଟି, ରାୟଗଡା ଜେ.କେ. କର୍ପୋରେଶନ ଲିଃ ୨୩୯.୦୮ କୋଟି, ଚୌଦ୍ୱାର ବଲ୍ଲାରପୁର ଇଣ୍ଡଷ୍ଟ୍ରିଜ୍ ୧୧୪୯.୦୯ କୋଟି, ଓଡ଼ିଶା ପାୱାର କନ୍‌ସୋର୍ଟିୟମ ୭୦୨.୫୪ କୋଟି, ଘଣ୍ଟିଖାଲ ଆରତି ଷ୍ଟିଲ ୨୩୫.୧୬ କୋଟି, ସମ୍ବଲପୁର ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲିଃ ୧୯୨.୪୮ କୋଟି, ବେଲପାହାଡ଼ ଟାଟା ରେଫ୍ରାକ୍ଟୋରିଜ ଲିଃ ୧୬୭.୮୨ କୋଟି, ସମ୍ବଲପୁର ବିରାଜ ଷ୍ଟିଲ ଆଣ୍ଡ ଏନର୍ଜି ୭୭.୫୯ କୋଟି, ଢେଙ୍କାନାଳ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ୨୮.୭୧ କୋଟି, ଜୟପୁର ସେବା ପେପର ମିଲ୍ ୨୧୯୮.୮୬ କୋଟି, ଓରିଏଣ୍ଟ ପେପର ମିଲ୍ ୨୧୧.୮୯ କୋଟି ଟଙ୍କା ଜଳକର ବକେୟା ରଖିଛନ୍ତି।

ଖଣି ସଂସ୍ଥାଗୁଡିକ ମଧ୍ୟରେ ତାଳଚେର ଲିଙ୍ଗରାଜ ଓସିପି ଏମ୍‌ସିଏଲ୍ ୧୩୬.୬୫ କୋଟି, ଭରତପୁର ଓସିପି ୭୮.୪୦ କୋଟି, ଭୁବନେଶ୍ୱରୀ ଓସିପି ୩୦.୦୧ କୋଟି, ଅନନ୍ତ ଓସିପି ୨୬.୫୭ କୋଟି, ଜଗନ୍ନାଥ କୋଲିଆରି ୩୨.୧୩ କୋଟି, ହିଙ୍ଗୁଳା ଓସିପି ୧୭.୨୮ କୋଟି, ବଳରାମପୁର ଓସିପି ୧୮.୪୬ କୋଟି, ତାଳଚେର କୋଲିଆରି ୨୧.୬୦ କୋଟି, ନନ୍ଦିରା କୋଲିଆରି ୩୭.୨୧ କୋଟି, ଓରିଏଣ୍ଟ ଓରିଅରି ୩୬.୦୫ କୋଟି, ଟିପିଏସଏଲ ଲିଃ ୨୭.୪୯ କୋଟି, ବନହରିପାଲ ଆଇଟିପିଏସ୍ ୨୮.୦୩ କୋଟି, ଯୋଡ଼ା ଟାଟା ଷ୍ଟିଲ୍ ମାଇନ୍ସ ଡିଭିଜନ ୨୨୩.୫୫ କୋଟି, ସୁନ୍ଦରଗଡ଼ ଏମସିଏଲ୍ ୧୪.୭୦ କୋଟି ଟଙ୍କା ଜଳକର ବକେୟା ରଖିଛନ୍ତି।



**ଆଜିର ମନ୍ତବ୍ୟ**
" ରାଷ୍ଟ୍ରର ହିତ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଅହଂକାର ତ୍ୟାଗକରି ନିୟନ୍ତ୍ରଣ ରେଖା ଉଭୟ ପାର୍ଶ୍ୱର ପ୍ରତିନିଧିମାନଙ୍କ ମଧ୍ୟରେ ବୈଠକର ଆୟୋଜନ କରନ୍ତୁ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାଙ୍କ ଶାସନ କାଳରେ ଅନୁରୂପ ପଦକ୍ଷେପ ନେଇଥିଲେ। **-ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସାଂସ୍କୃତିକ ଅନୁଷ୍ଠାନ 'ସ୍ୱାଗତିକା' ପକ୍ଷରୁ ୪୪ତମ ଜାତୀୟ ଶିଶୁ ମହୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୮ଟା।
- ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀ ଆନୁକୂଲ୍ୟରେ 'ଶ୍ରୀଜଗନ୍ନାଥ ଓ ଓଡ଼ିଆ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ଟେକ୍ନୋସ୍କାଇବ୍ ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଓଡ଼େଶା ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ଣ ୧୧ଟା।
- ଆଇକନିକ ସ୍ପୋର୍ଟ୍ସ ଆଇକନ ଆୱାର୍ଡ୍ସ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସ୍ୱସ୍ତି ଗ୍ରାଣ୍ଡ, ସମୟ: ପୂର୍ବାହ୍ଣ ୧୧ଟା।
- ଛାତ୍ର ଓ ଯୁବ ସଙ୍ଗଠନ(ଏମ୍ଏସ୍ୱାଇଏଫ୍) ର ଦଶମ ପ୍ରତିଷ୍ଠା ଦିବସ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ନେତାଜୀ ଭବନ, ୟୁନିଟ୍-୬, ସମୟ: ମଧ୍ୟାହ୍ନ ୧୨ଟା।
- ଦ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆଇସିସି ଜବ୍ ମେଳା-୨୦୨୪, ସ୍ଥାନ: ଗ୍ରାଣ୍ଡ ଲୁମ୍ବିନି କନଭେନଶନ, ଲୁମ୍ବିନି ବିହାର, ସମୟ: ଅପରାହ୍ଣ ୫ଟା ୧୫।

## ପୁରୀ
- ତାଳବଣିଆ ଉନ୍ନୟନ ପରିଷଦ ପକ୍ଷରୁ ତାଳଗଛ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ତାଳବଣିଆ ପଡ଼ିଆ, ସମୟ: ସକାଳ ୮ଟା।
- ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ପୁରୀ ମାରୁତି ନଗର କଲ୍ୟାଣ ମଣ୍ଡପ, ପୂର୍ବାହ୍ଣ ୧୦ଟା।
- ଶିକ୍ଷା ସପ୍ତାହର ଶେଷ ଦିବସ ପାଳନ, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ ଓ ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ଣ ୧୦ଟା।
- ପ୍ରଧାନମନ୍ତ୍ରୀଙ୍କ ମନ୍ କା ବାତ୍ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ରେଲୱେ ଷ୍ଟେଶନ ପରିସର, ସମୟ: ପୂର୍ବାହ୍ଣ ୧୦ଟା ୪୫।
- ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସମ୍ମିଳନୀ, ସ୍ଥାନ: ଖଡ଼ିପଦା ବାତ୍ୟା ଆଶ୍ରୟସ୍ଥଳୀ, ସମୟ: ପୂର୍ବାହ୍ଣ ୧୧ଟା।
- ଜନସାଧାରଣଙ୍କ ମୌଳିକ ସମସ୍ୟା ନେଇ ବୈଠକ, ସ୍ଥାନ: ନାରାୟଣ ମଣ୍ଡପ, ପୁରୀ ଅଠରନଳା, ପୂର୍ବାହ୍ଣ ୧୧ଟା ୩୦।
- ସାରସ୍ୱତ ବିଦ୍ୟା ମନ୍ଦିର ପକ୍ଷରୁ ଅଭିଭାବକଙ୍କ ବୈଠକ, ସ୍ଥାନ: ବିଦ୍ୟାଳୟ ପରିସର, ପୁରୀ, ସମୟ: ଅପରାହ୍ଣ ୪ଟା।

## କଟକ
- ପଞ୍ଚାୟତ ସମିତି ସାଧାରଣ ଅଧିବେଶନ, ସ୍ଥାନ: ତିଗିରିଆ ପଞ୍ଚାୟତ ସମିତି ସଦ୍ଭାବନା ଗୃହ, ସମୟ: ପୂର୍ବାହ୍ଣ ୧୦ଟା।
- ଗୁଞ୍ଜନ ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ଅଷ୍ଟମ ନବ ଗୁଞ୍ଜନ କାର୍ଯ୍ୟକ୍ରମ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ଦି ୟୁନିଭର୍ସରେ କେନ୍ଦ୍ର ବଜେଟ୍‌ରେ ସ୍ୱପ୍ନ ଓ ବାସ୍ତବତା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଅନୁଷ୍ଠାନ ସମ୍ମିଳନୀ କକ୍ଷ, ମୈତ୍ରୀସରଣୀ, ବକ୍ସିବଜାର, କଟକ,ସମୟ: ସନ୍ଧ୍ୟା ୬ଟା ୩୦।
- ରୋଟାରୀ କ୍ଲବ ଅଫ୍ କଟକ ଇଷ୍ଟର ୨୫ତମ ଅଧିଷ୍ଠାନ ଉତ୍ସବ, ସ୍ଥାନ: ହୋଟେଲ ଅଶୋକା, କଲେଜ ଛକ, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା
- ସଂସ୍କୃତି ସୁରକ୍ଷା ସମିତି, ପାଣ୍ଡବ ଜେନା ଫାଉଣ୍ଡେଶନ ପକ୍ଷରୁ ସପ୍ତଦଶ ମେଧାବୀ ଅଭିନନ୍ଦନ ଉତ୍ସବ-୨୦୨୪, ସ୍ଥାନ: ଅଗ୍ରୱାଲ ଧର୍ମଶାଳା ପରିସର, ଜଟଣୀ, ସମୟ: ସକାଳ ୯ଟା।

## ବାଲେଶ୍ୱର
- ପ୍ରେସ୍-ଇମ୍ପ୍ରେସ୍ ମିଡ଼ିଆ କ୍ଲବର ବାର୍ଷିକ ସମ୍ମିଳନୀ, 'ଶିଳ୍ପ ମାନ୍ୟତା ପରେ ସାମ୍ପ୍ରତିକ ଗଣମାଧ୍ୟମର ସ୍ଥିତି' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଭେନ୍ସା ପାରାଡାଇଜ୍ କଲ୍ୟାଣମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା ୩୦।

## ମୟୂରଭଞ୍ଜ
- ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ, ସ୍ଥାନ: ଏଏନ୍ଏମ୍ ଟ୍ରେନିଂ ସେଣ୍ଟର, ବାରିପଦା ଜିଲା ସ୍ୱାସ୍ଥ୍ୟ ମୁଖ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଭରତଚନ୍ଦ୍ରପୁର, ବଡ଼ସାହି, ସମୟ: ପୂର୍ବାହ୍ଣ ୧୦ଟା।
- ନୂତନ ତହସିଲ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ, ସ୍ଥାନ: ଚିତ୍ରଡ଼ା, ମୋରଡ଼ା, ସମୟ: ପୂର୍ବାହ୍ଣ ୧୧ଟା।
- ଉଦଳା ବରିଷ୍ଠ ନାଗରିକ ସଂଘର ବୈଠକ, ସ୍ଥାନ: ସନ୍ଧାନୀ ସଭାଗୃହ, ଉଦଳା, ସମୟ: ଅପରାହ୍ଣ ୩ଟା।

## ଭଦ୍ରକ
- ବିଜୟଶ୍ରୀ ରାଉତରାୟ ସ୍ମାରକୀ ମେଧାବୃତ୍ତି ସମ୍ମାନ ସମାରୋହ, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ଣ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଜଳେଶ୍ୱରପୁର, ଚାନ୍ଦବାଲି, ସମୟ: ପୂର୍ବାହ୍ଣ ୧୧ଟା।
- ବସ୍ ସିଣ୍ଡିକେଟ୍‌ର ବନ୍ଧୁମିଳନ, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ଣ ୧୧ଟା।
- ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ, ସ୍ଥାନ: ଓଡ଼ିଶା ବ୍ରିଗେଡ୍ ସ୍କୁଲ, ତିହିଡ଼ି, ସମୟ: ଅପରାହ୍ଣ ୪ଟା।

## କେନ୍ଦୁଝର
- ବୈଦ୍ୟନାଥ ମନ୍ଦିରରେ ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ଶଢା, ହାଟଡିହୀ, ସମୟ: ସକାଳ ୬ ଟା ଏବଂ ସନ୍ଧ୍ୟା ୭ ଟା।
- ଶ୍ରୀ ରବି ଗ୍ରହଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଜଳବାୟୁ ପରିବର୍ତ୍ତନ ପାଇଁ ଚାରାରୋପଣ, ସ୍ଥାନ: ସଦର ବ୍ଲକ ଡିମିରି ମୁଣ୍ଡା ଗ୍ରାମ, କେନ୍ଦୁଝର, ସମୟ: ପୂର୍ବାହ୍ଣ ୧୦ଟା।

## ବ୍ରହ୍ମପୁର
- ଶିଶୁ ସାହିତ୍ୟ ବିକାଶ ପରିଷଦର ସାହିତ୍ୟ ଆସର, ସ୍ଥାନ:ଉତ୍କଳ ଆଶ୍ରମ ପାଠାଗାର, ସମୟ:ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ଣ ୧୧ଟା।
- ରାମ ଚରିତ ମାନସ ଜ୍ଞାନ ଯଜ୍ଞ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ସନ୍ଧ୍ୟା ୬ ଟା ।

## କୋରାପୁଟ
- ଜିଲା ପ୍ରଶାସନ ପକ୍ଷରୁ କୌଶଳ ରଥ ପରିକ୍ରମା, ସ୍ଥାନ: କୋରାପୁଟ ସଦର ମହକୁମା, ସମୟ: ସକାଳ ୮ ଟା।

## ନବରଙ୍ଗପୁର
- ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଆହାର କେନ୍ଦ୍ର ପରିଦର୍ଶନ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା।
- ବନବିଭାଗ କର୍ମଚାରୀଙ୍କ ବୈଠକ, ସ୍ଥାନ : ସମ୍ବାଦିକ ଭବନ, ସମୟ : ପୂର୍ବାହ୍ଣ ୧୦ଟା।
- ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନ, ସମୟ : ପୂର୍ବାହ୍ଣ ୧୦ଟା।
- ସମ୍ବଲପୁରୀ ଦିନ ପାଇଁ ଚିତ୍ରାଙ୍କନ ଏବଂ ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ:ଭେଟନାରୀ ସଭାଗାର, ସମୟ: ପୂର୍ବାହ୍ଣ ୧୦ଟା।
- ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ , ସ୍ଥାନ: ତପସ୍ୱିନୀ ହଲ, ସମୟ : ପୂର୍ବାହ୍ଣ ୧୧ଟା।
- ସମ୍ବଲପୁରୀ ନନୀ ପ୍ରତିଯୋଗିତା , ସ୍ଥାନ : ତପସ୍ୱିନୀ ହଲ, ସମୟ : ମଧ୍ୟାହ୍ନ ୧୨ଟା।
- ହୀରାକୁଦ କ୍ରୀଡା ସଂଘ ଓ ସ୍ପୋର୍ଟିଂ ୟୁନିୟନ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ. ଷ୍ଟାଡିୟମ, ସମୟ : ଅପରାହ୍ଣ ୨ଟା୧୫।
- କଲମ ପରିବାର ପକ୍ଷରୁ ନୂଆଁଖାଇ ପର୍ବ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ବଲାଙ୍ଗୀର ଜିଲା ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍‌ର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ଣ ୫ଟା ।

## ସୁବର୍ଣ୍ଣପୁର
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ, ସ୍ଥାନ: ଲୁଡୁରପଙ୍କ ୟୁପି ସ୍କୁଲ,ବୀରମହାରାଜପୁର, ସମୟ: ପୂର୍ବାହ୍ଣ ୧୧ଟା।
- ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ, ସ୍ଥାନ: ଖଣ୍ଡହତା ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ଣ ୧୧ଟା।

## ବରଗଡ଼
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପପଙ୍ଗା ପାହାଡ଼, ଭେଡ଼େନ, ସମୟ: ସକାଳ ୮ଟା।
- ବରଗଡ଼ ବିକାଶ ମଞ୍ଚର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବରଗଡ଼, ସମୟ: ସକାଳ ୯ଟା।
- ଶିବ ପୁରାଣ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମନ୍ଦିର, ଗାଇସିଲେଟ୍, ସମୟ: ସକାଳ ୯ଟା।
- ସମ୍ପ୍ରଦାୟ ଯୋଗଦାନ ଦିବସ, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼। ସରକାରୀ ଉଚ୍ଚ ପ୍ରାଥମିକ ବୈତାଳୀ, ଝାରବନ୍ଧ। ଅମଠି ପ୍ରାଥମିକ ବିଦ୍ୟାଳୟ, ଝାରବନ୍ଧ। ଶାନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ, ଭଟଲି। ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ, ରୁଚିଦା, ଅମ୍ବାଭୋନା, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ନିଲେଶ୍ୱର, ବରଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଦି ଜୟ ଅଫ୍ ପ୍ୟାରେଣ୍ଟିଂ ପ୍ରୋଗ୍ରାମ, ସ୍ଥାନ: ଆନନ୍ଦ କଲ୍ୟାଣ ମଣ୍ଡପ, ଅତାବିରା, ସମୟ: ଅପରାହ୍ଣ ୪ଟା।
- ମହାରୁଦ୍ର ପୂଜା, ସ୍ଥାନ: ସ୍ୱୟଂସିଦ୍ଧା ଭବନ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ବିର୍ସାମୁଣ୍ଡା ସ୍କୁଲ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ: ସ୍ଥାନ: ଜଗଦା ପଡ଼ିଆ, ସମୟ: ସକାଳ ୯ଟା।
- ବୈଶାଖି ସାହତ୍ୟ ସଂସଦର ୩୪ତମ ବାର୍ଷିକ ଉତ୍ସବ: ସ୍ଥାନ: ଛେଣ୍ଡ ସ୍ଥିତ ଧାମରା ସଂଘ,ସମୟ: ପୂର୍ବାହ୍ଣ ୧୦ଟା ।
- ଶକ୍ତି କ୍ଲବର ବାର୍ଷିକ ବୈଠକ ଓ ନିର୍ବାଚନ, ସ୍ଥାନ: ଶକ୍ତିନଗର,ରାଉରକେଲା, ସମୟ : ପୂର୍ବାହ୍ଣ ୧୧ଟା।
- କୃଷ୍ଣକଥା ବିଷୟ ବସ୍ତୁ ଉପରେ ଆଲୋଚନା ସଭା ଉଦ୍‌ଯାପନ,ସ୍ଥନ: ଚିନ୍ମୟ ବିଦ୍ୟାଳୟ, ଛେଣ୍ଡ ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁରଡ, ସମୟ: ପୂର୍ବାହ୍ଣ ୧୦ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଭଏସ ଜିନିୟସ ସିଜନ ୧୧ ପାଇଁ ଅଡିସନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ପୂର୍ବାହ୍ଣ ୧୧ଟା।
- ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ, ସ୍ଥାନ: ଅପୂର୍ବ ଉଚ୍ଚ ବିଦ୍ୟାଳୟ, ସୁଗୁଡା, ସମୟ: ପୂର୍ବାହ୍ଣ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ପାଇଁ ଅଡିସନ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ବୟନିକା ସମ୍ମୁଖ, ସମୟ: ପୂର୍ବାହ୍ଣ ୧୦ଟା।
- ପବନ ଅଗ୍ରୱାଲ ମେମୋରିଆଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପନ ସମାରୋହ, ସ୍ଥାନ: ଭବାନୀପାଟଣା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ: ଅପରାହ୍ଣ ୫ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ବିଶ୍ୱ ହେପାଟାଇଟିସ ଦିବସ ପାଳନ, ସ୍ଥାନ: ଜିଲା ସ୍ୱାସ୍ଥ୍ୟ ସମିତି ନୂଆପଡ଼ା କନଫରେନ୍ସ ହଲ, ସମୟ: ପୂର୍ବାହ୍ଣ ୧୦ଟା।

## ବୌଦ୍ଧ
- ପୁରୁଣାକଟକ ଭୈରବୀ କ୍ଲବର ବାର୍ଷିକ ବୈଠକ, ସ୍ଥାନ: କ୍ଲବର ସଭାଗୃହ, ପୁରୁଣାକଟକ, ହରଭଙ୍ଗା, ସମୟ: ଅପରାହ୍ଣ ୫ଟା ।

## ଝାରସୁଗୁଡ଼ା
- ଏସ୍‌ୟୁଜେର ସ୍ୱତନ୍ତ୍ର ବୈଠକ, ସ୍ଥାନ: ଝାରସୁଗୁଡ଼ା ସହର ହୋଟେଲ ମେଫେୟାର, ସମୟ: ପୂର୍ବାହ୍ଣ ୧୧ଟା।
- ସ୍ୱଭାବ କବିଙ୍କ ଶ୍ରାଦ୍ଧ ଶତବାର୍ଷିକ ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ଅପରାହ୍ଣ ୫ଟା ୩୦।

## ଢେଙ୍କାନାଳ
- ୩୦ ଶଯ୍ୟା ବିଶିଷ୍ଟ ରୋଗୀ ସହାୟକ ବିଶ୍ରାମ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସର, ସମୟ: ସକାଳ ୯ଟା।
- ଇସ୍କନ ପକ୍ଷରୁ ହରେକୃଷ୍ଣ ଉତ୍ସବ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର
- ରାଜ୍ୟସ୍ତରୀୟ ସାମାଜିକ କର୍ମୀ ଓ ସାହିତ୍ୟିକ ସମାବେଶ, ସ୍ଥାନ: ଶିଶୁ ଅନନ୍ତ ଆଶ୍ରମ, ଅରିଲୋ, ତିର୍ତ୍ତୋଲ, ସମୟ: ପୂର୍ବାହ୍ଣ ୧୦ଟା।
- ବିଜେଡିର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ଣ ୧୧ଟା।

## ନୟାଗଡ଼
- ଶିକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସ, ସ୍ଥାନ: ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟ,ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା , ସମୟ:ସକାଳ ୮ଟା।
- ଶିକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସ, ସ୍ଥାନ: କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ନୋଡାଲ ବିଦ୍ୟାଳୟ । ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାଳୟ, ସମୟ: ସକାଳ ୮ଟା୩୦ ।
- ବନ ମହୋତ୍ସବ, ସ୍ଥାନ: ଦଶପଲ୍ଲା ବ୍ଲକର ଦୁଦୁକିପାଜ୍ଜ, ସମୟ:ଅପରାହ୍ଣ ୧ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ ଅବସରରେ ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ, ସ୍ଥାନ:ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ଣ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଶ୍ରୀଚନ୍ଦ୍ରଯୋଗ ପ୍ରଭାବରୁ ଅର୍ଥ, ସମ୍ମାନ ଓ ପ୍ରତିଷ୍ଠା ମଧ୍ୟରେ କାର୍ଯ୍ୟସିଦ୍ଧିଜନିତ ମନ ପ୍ରଫୁଲ୍ଲ ରହିବ। ଘର, ପରିବାର, ଯାନବାହନ, ଆନୁଷ୍ଠାନିକ କାମରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ପରୋକ୍ଷ ଶତ୍ରୁତା କାରଣରୁ ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ପ୍ରତ୍ୟୁଷ ଯାତ୍ରାରେ କାର୍ଯ୍ୟସିଦ୍ଧି ହେବ।

**ବୃଷ**
ରାଶ୍ୟାଧିପତିଙ୍କ ସହିତ ବୃହସ୍ପତିଙ୍କ ଶୁଭ ସଂଯୋଗ ହେତୁ ଆପଣଙ୍କର ସୁଚିନ୍ତିତ ଯୁକ୍ତିସଙ୍ଗତ ନିଷ୍ପତ୍ତି ପ୍ରତ୍ୟେକ ସ୍ତରରେ ଗ୍ରହଣୀୟ ହେବ। ସନ୍ତାନଙ୍କ କୃତିତ୍ୱ ସାଙ୍ଗକୁ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ ବନ୍ଧୁଙ୍କ ଅବଦାନ ହେତୁ ଦିନଟି ସ୍ମରଣୀୟ ରହିବ। କାମ ହାସଲ ସକାଶେ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି ସଫଳ ହେବେ।

**ମିଥୁନ**
ବୁଧ ଅଷ୍ଟମାଧିପତିଙ୍କ ଦୃଷ୍ଟିରେ ରହିଥିବାରୁ ଥଣ୍ଡା ଜ୍ୱରରେ ପୀଡ଼ିତ ହୋଇପାରନ୍ତି। ମୁଖ ଭାବରେ ରବି ଓ ଶୁକ୍ରଙ୍କ ପ୍ରଭାବରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଅବହେଳା କାରଣରୁ ଅଟକି ରହିଥିବା କାମ ସକାଶେ କୈଫିୟତ ଦେବାକୁ ପଡ଼ିପାରେ। ଭ୍ରମଣ, ରାଜନୀତି, ପ୍ରଶାସନ, ଲେଖାପଢ଼ା ଓ ପ୍ରେମପ୍ରଣୟ ପାଇଁ ଦିନଟି ବହୁତ ଭଲ।

**କର୍କଟ**
ଚନ୍ଦ୍ରଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ବନ୍ଧୁଙ୍କ ସହ ଆତ୍ମୀୟତା ଓ ଭ୍ରମଣ ସୁଖ ଲଭିବେ। ଦୀର୍ଘଦିନ ହେଲା ଯାହା ମନେ ମନେ ଭାବୁଛନ୍ତି, ତାହାହିଁ ପାଇବାରେ ଅସୁବିଧା ହେବ ନାହିଁ। କିନ୍ତୁ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କଲେ ଓଲଟା ଫଳ ପାଇବେ। ଛୋଟ କଥାରେ ବିରକ୍ତି ପ୍ରକାଶ କରିବାରୁ କ୍ଷାନ୍ତ ରହନ୍ତୁ।

**ସିଂହ**
ଦୁଃସ୍ଥାନସ୍ଥ ରାହୁଙ୍କ ଧନଭାବ ପ୍ରତି ଦୃଷ୍ଟିଜନିତ ଅର୍ଥହାନି ଓ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାଜନିତ ମନ ଅଶାନ୍ତ ରହିପାରେ। ପାରିବାରିକ ସମସ୍ୟା ସମାଧାନ ସକାଶେ ପଡ଼ୋଶୀଙ୍କୁ ନେହୁରା ହେବାକୁ ପଡ଼ିବ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି।

**କନ୍ୟା**
ଗୁରୁ ଓ ଶୁକ୍ରଙ୍କ ଶୁଭତ୍ୱ କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିଯିବ। ପ୍ରତିବେଶୀଙ୍କ କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ପରିବାର ସଦସ୍ୟମାନେ ଦୋଷାରୋପ କରିପାରନ୍ତି। ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ପିଲାଙ୍କ ଅସୌଜନ୍ୟ ଆଚରଣଜନିତ ବିଚଳିତ ବୋଧ କରିବେ।

**ତୁଳା**
କର୍ମାଧିପ କେନ୍ଦ୍ର ସ୍ଥାନରେ ରହିଥିବାରୁ ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି ନିର୍ବିଘ୍ନରେ ସମାପନ ହୋଇଯିବ। ପଦସ୍ଥ ବ୍ୟକ୍ତିଙ୍କ ଆଗମନରେ ତତ୍ପରତା ବୃଦ୍ଧି ପାଇପାରେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରକାଶନ, ପ୍ରକାଶନ, ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପ୍ରାପ୍ତି।

**ବିଛା**
ଶନିଙ୍କ କୁପ୍ରଭାବରୁ ଆଳସ୍ୟ ଓ ଅବହେଳାଜନିତ ନିର୍ଦ୍ଦିଷ୍ଟ ସମୟରେ କୌଣସି କାମ ସାରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ପ୍ରକଳ୍ପାରମ୍ଭ କ୍ଷେତ୍ରରେ ମନ ଖୁସି ରହିବ। ଭାବପ୍ରବଣବଶତଃ ଏଣୁତେଣୁ କହିବା ସମସ୍ୟାର କାରଣ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ବନ୍ଧୁଙ୍କ ପ୍ରେରଣାରେ ମନୋରଞ୍ଜନ କାର୍ଯ୍ୟରେ ରୁଚି ବଳିବ, କିନ୍ତୁ ଶାନ୍ତି କିମ୍ବା ସନ୍ତୋଷ ଆସିବ ନାହିଁ। ଏକ ଭିନ୍ନ ପରିସ୍ଥିତିରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ, ଯାହାକି ଆପଣଙ୍କ କାମକୁ ଆସିବ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ଷଷ୍ଠସ୍ଥ ଗୁରୁ ହେତୁ ସତର୍କତା ଅଭାବରୁ ଜିନିଷ ହଜିବାର ଆଶଙ୍କା ରହିଛି।

**ମକର**
ସପ୍ତମସ୍ଥ ଶୁକ୍ରଜନିତ ପ୍ରତ୍ୟୁଷ ଯାତ୍ରା, ବ୍ୟବସାୟ ପାଇଁ ଦିନଟି ଭଲ। ମାତ୍ର ରବିଙ୍କ ଉପସ୍ଥିତି କାରଣରୁ ବିବାଦର ସମ୍ମୁଖୀନ ହୋଇପାରନ୍ତି। ସବୁ ସମୟରେ ନିଜ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାମ ହାସଲ ହୋଇପାରିବ। କଳା, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ**
ଧନ ସ୍ଥାନରେ ରାହୁ ଥିବାରୁ ପରିବାରରେ ଖର୍ଚ୍ଚ ବୃଦ୍ଧି ଯୋଗୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ଓ କାମ ହାସଲ କରିପାରିବେ। କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ**
ଆଜି ଦ୍ୱିତୀୟସ୍ଥ ଚନ୍ଦ୍ର ହେତୁ କାମରେ ସଫଳତା,ବନ୍ଧୁ ମିଳନ, ଅର୍ଥଲାଭ ସହ ମନ ଖୁସି ରହିବ। ଦିନ ଭିତରେ ଯାହା କରିବା ପାଇଁ ଯାଉଛନ୍ତି ଓ ଯେମିତି ଭାବୁଛନ୍ତି ସେପରି କରନ୍ତୁ କିଛି ଅସୁବିଧା ହେବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ସ୍ମରଣୀୟ ରହିବ। ବଡ଼ ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ।

ଆଜି ଜୁଲାଇ ୨୮ ତାରିଖ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ, ବିଶ୍ୱ ହେପାଟାଇଟିସ୍ ଦିବସ, ଶ୍ରାବଣ କୃଷ୍ଣ ଅଷ୍ଟମୀ ରବିବାର, ରାଶିନକ୍ଷତ୍ର-ଦିବା ଘ.୧୧।୪୮ମି. ଗତେ ଦ୍ୱିଜା/ମେଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୫/୨୪ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୪୪ ଗତେ ଘ.୦୬।୨୧ ମଧ୍ୟେ ରାହୁକାଳ।

## ହୋମଗାର୍ଡଙ୍କ ଉପରକୁ ଗୁଳି

**କନ୍ଧମାଳ,୨୭।୭(ଆଦିତେଶ୍ୱର ମିଶ୍ର )**

ଶନିବାର ବୌଦ୍ଧ ଜିଲା ମନମୁଣ୍ଡା ଥାନାର ପଲଶାଗୋରାଠାରେ ହୋମଗାର୍ଡ ଅବିନାଶ କରଙ୍କ ଉପରକୁ ଗୁଳିମାଡ଼ ହୋଇଛି। ପ୍ରକାଶ ଯେ, ପଲଶାଗୋରା ପଞ୍ଚାୟତ ଅଫିସ ଆଗରେ ଅପରାହ୍ଣ ସମୟରେ ୨ ଜଣ ବ୍ୟକ୍ତିଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ଲାଗିଥିଲା। ଖବରପାଇ ମନମୁଣ୍ଡା ଥାନାର ହୋମଗାର୍ଡ କର ସମାଧାନ କରିବାକୁ ଯାଇଥିଲେ। ଏହି ସମୟରେ ଗୁଳିମାଡ଼ ହୋଇଥିଲା । ଗୁଳି ତାଙ୍କ ଜଂଘରେ ବାଜିଛି। ସୋନପୁର ଡାକ୍ତରଖାନାରେ ସେ ଚିକିତ୍ସାଧୀନ ଥିବା ବେଳେ ବିପଦମୁକ୍ତ ଥିବା ପୋଲିସ ସୂତ୍ରରୁ ପ୍ରକାଶ। କେଉଁ କାରଣରୁ କିଏ ଗୁଳି ମାରିଛି ଜଣାପଡିନାହିଁ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଅଚ୍ୟୁତ ସାମନ୍ତଙ୍କୁ ୫୮ତମ ସମ୍ମାନସୂଚକ ଡକ୍ଟରେଟ

**ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା)**

ଶିକ୍ଷାବିତ୍ ଡ. ଅଚ୍ୟୁତ ସାମନ୍ତଙ୍କୁ ଜାପାନର କୋୟାସାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ସାମନ୍ତଙ୍କର ୫୮ତମ ସମ୍ମାନସୂଚକ ଡକ୍ଟରେଟ। ପ୍ରଥମ ଭାରତୀୟ ଭାବେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନ୍‌ବିସ୍‌ଙ୍କୁ କୋୟାସାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଡ. ସାମନ୍ତ ହେଉଛନ୍ତି ଦ୍ୱିତୀୟ ଭାରତୀୟ। ମଙ୍ଗଳବାର ବିଶ୍ୱବିଦ୍ୟାଳୟର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓସାକା-କୋବେଠାରେ ଅବସ୍ଥାପିତ ଭାରତୀୟ କନ୍‌ସୁଲେଟ୍ ଜେନେରାଲ ନିଖିଳେଶ ଗିରି ଏବଂ କୋୟାସାନ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟ ସଭାପତି ସୋଏ ରୟୁସୋ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଜାପାନର ୧୦୦ ବର୍ଷରୁ ଅଧିକ ବର୍ଷର ଏହି ପୁରାତନ ବିଦ୍ୟାଳୟ ୧୯୨୬ରେ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିଲା।



## ପ୍ରଥମ ପୃଷ୍ଠାରୁ...

### ଚାଇନାକୁ ପ୍ରଥମ...

ଏହି ଯୋଡ଼ି ଫାଇନାଲରେ କୋରିଆର କେଉମ ଜିହ୍ୟୁନ ଓ ପର୍କ ହାଜୁନଙ୍କୁ ପରାସ୍ତ କରିଥିଲେ। କେଉମ ଓ ପର୍କ ପ୍ରଥମ ରାଉଣ୍ଡରେ ୨୦.୬-୨୦.୩ ପଏଣ୍ଟ ସ୍କୋର କରି ଅଗ୍ରଣୀ ହାସଲ କରିଥିଲେ। ମାତ୍ର ହ୍ୱାଙ୍ଗ ଓ ଶେଙ୍ଗ ପରବର୍ତ୍ତୀ ୩ ରାଉଣ୍ଡ ଜିତି ୬-୨ରେ ଅଗ୍ରଣୀ ନେଇଥିଲେ। ତେବେ କୋରିଆ ଶୁଟରମାନେ ସଫଳ ପ୍ରତ୍ୟାବର୍ତ୍ତନ କରିବାରୁ ସ୍କୋର ଏକଦା ୮-୧୪ ହୋଇଯାଇଥିଲା। ତେବେ ଚାଇନିଜ୍ ଯୋଡ଼ି ଧୈର୍ଯ୍ୟର ସହ ଶୁଟ୍ କରି ୧୬-୧୨ରେ ବିଜୟ ହାସଲ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ଚାଇନିଜ୍ ଯୋଡ଼ି ୟାଙ୍ଗ କ୍ୱାନ ଓ ୟାଙ୍ଗ ହାଓରାନ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେଣୁ ଅଲିମ୍ପିକ୍ସର ଏହି ଇଭେଣ୍ଟରେ ଚାଇନା ସ୍ୱର୍ଣ୍ଣ ପଦକ ବଜାୟ ରଖିବାରେ ସକ୍ଷମ ହୋଇଛି। ପ୍ୟାରିସ୍-୨୦୨୪ରେ ପ୍ରଥମ ପଦକ କିନ୍ତୁ ଜିତିଥିଲା କାଜାଖସ୍ତାନ। କାରଣ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଫାଇନାଲ ପୂର୍ବରୁ ଅନୁଷ୍ଠିତ ବ୍ରୋଞ୍ଜ ପଦକ ମୁକାବିଲାରେ କାଜାଖସ୍ତାନର ଆଲେକକ୍ସାଣ୍ଡ୍ରା ଲୀ ଓ ଇସ୍‌ଲାମ ସତପେଭ ଜର୍ମାନୀର ଆନା ଜାନସେନ ଓ ମାକ୍ସିମିଲିଆନ ଉଲବ୍ରିଚ୍‌ଙ୍କୁ ୧୭-୫ରେ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

### ନୀତୀଶ ଆସିଲେନି, ...

ପାର୍ଲାମେଣ୍ଟରେ ସରକାରଙ୍କୁ ଘେରିଥିବାବେଳେ ଅଣଏନ୍‌ଡିଏ ମୁଖ୍ୟମନ୍ତ୍ରୀମାନେ ନୀତି ଆୟୋଗ ବୈଠକରେ ଯୋଗ ଦେଇନାହାନ୍ତି। ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୈଠକରେ ଯୋଗଦେଇଥିଲେ ମଧ୍ୟ ଅନୈତିକ ଭାବେ ତାଙ୍କ ଭାଷଣ ଅଧାରୁ ମାଇକ୍ ବନ୍ଦ କରିଦିଆଯିବାରୁ ଏହାର ପ୍ରତିବାଦରେ ସେ କକ୍ଷତ୍ୟାଗ କରିଥିଲେ। ୫ ମିନିଟ କହିବା ପରେ ତାଙ୍କ ମାଇକ ବନ୍ଦ କରିଦିଆଗଲା ବୋଲି ମମତା ଅଭିଯୋଗ କରିଥିବାବେଳେ ସରକାର ଏହାକୁ ଖଣ୍ଡନ କରିଛନ୍ତି। ତାଙ୍କ ଭାଷଣ ଦେବା ସମୟ ଅତିକ୍ରମ କରିଥିଲା ବୋଲି ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି। ମମତାଙ୍କ ଅଭିଯୋଗ ହେଲା, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ନୀତି ଆୟୋଗ ବୈଠକରେ କହିବା ପାଇଁ ୨୦ ମିନିଟ ସମୟ ଦିଆଯାଇଥିବାବେଳେ ଆସାମ, ଗୋଆ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ୧୦ରୁ ୧୨ ମିନିଟ୍ ଲେଖାଏ ସମୟ ଦିଆଯାଇଥିଲା। ତେବେ ମାତ୍ର ୫ ମିନିଟ୍ ପରେ ତାଙ୍କ ମାଇକକୁ ବନ୍ଦ କରିଦିଆଗଲା ବୋଲି ମମତା ବାହାରେ ଖବରଦାତାମାନଙ୍କୁ କହିଛନ୍ତି। ବିରୋଧୀ ଦଳ ପକ୍ଷରୁ ସେ ଏକମାତ୍ର ମୁଖ୍ୟମନ୍ତ୍ରୀ ଭାବେ ନୀତି ଆୟୋଗ ବୈଠକରେ ସାମିଲ ହୋଇଥିଲେ। ସଂଘୀୟ ସହଯୋଗିତାର ବୃହତ୍ତର ସ୍ୱାର୍ଥକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସେ ବୈଠକରେ ଯୋଗଦେଇଥିବା କହିଥିଲେ। ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ପ୍ରତି କେନ୍ଦ୍ରର ଆଭିମୁଖ୍ୟକୁ ଦେଖି ସଂପୃକ୍ତ ମୁଖ୍ୟମନ୍ତ୍ରୀମାନେ ବୈଠକରେ ଯୋଗଦେଇ ନ ଥିବା ସିପିଆଇ ସାଧାରଣ ସମ୍ପାଦକ ଡି.ରାଜା କହିଛନ୍ତି।

ଅନ୍ୟପକ୍ଷେ ଏନ୍‌ଡିଏ ସହଯୋଗୀ ଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ ନୀତି ଆୟୋଗ ବୈଠକରେ ଯୋଗଦେଇ ନାହାନ୍ତି। ସେ ବୈଠକରେ ସାମିଲ ନ ହେବା ସମ୍ପର୍କରେ କୌଣସି କାରଣ ଦର୍ଶାଇ ନାହାନ୍ତି। ତେବେ ବୈଠକରେ ବିହାରରୁ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଏବଂ ବିଜୟ କୁମାର ସିହ୍ନା ସାମିଲ ହୋଇଥିଲେ। ପୂର୍ବରୁ ମଧ୍ୟ ନୀତୀଶ ନୀତି ଆୟୋଗ ବୈଠକରେ ଯୋଗ ନ ଦେଇ ଉପମୁଖ୍ୟମନ୍ତ୍ରୀଙ୍କୁ ପଠାଉଥିଲେ। ଏଥର କେନ୍ଦ୍ର ସରକାରର ସହଯୋଗୀ ହୋଇ ମଧ୍ୟ ନୀତୀଶ ବୈଠକକୁ ଯାଇନାହାନ୍ତି। ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପ୍ରତ୍ୟେକ ଭାରତୀୟଙ୍କ ଆଶା ଆକାଂକ୍ଷା ରହିଛି। ଏହି ଲକ୍ଷ୍ୟ ହାସଲ ଲାଗି ରାଜ୍ୟଗୁଡ଼ିକୁ ସକ୍ରିୟ ଭୂମିକା ନିଭାଇବାକୁ ପଡ଼ିବ ବୋଲି ମୋଦି କହିଥିଲେ।

### ଦମ୍‌ରେ ଆଳୁ ...

ଦେଲେ ବି ମନ ମୁତାବକ ଆଳୁଦମ୍ ମିଳିପାରୁନାହିଁ। ଠେଲାଗାଡ଼ିରେ ବେପାର କରୁଥିବା ବ୍ୟବସାୟୀ କୁଣ୍ଠିତ ହେଉଛନ୍ତି ଗ୍ରାହକର ଇଚ୍ଛା ପୂରଣ କରିବାକୁ। ଦୋଳମୁଣ୍ଡାଇରେ ଖାଦ୍ୟ ବ୍ୟବସାୟ କରୁଥିବା ଦୀପକ ପାତ୍ର କୁହନ୍ତି, ପୂର୍ବରୁ ଦହିବରା-ଆଳୁଦମ୍ ପ୍ଲେଟ୍ ୪୦ ଟଙ୍କା ନେଉଥିଲୁ। ମାତ୍ର ଆଳୁ ଦର ବଢ଼ିବା ଦିନଠାରୁ ପ୍ଲେଟ୍ ପିଛା ଦର ୧୦ ଟଙ୍କା ବଢ଼ାଇ ୫୦ ଟଙ୍କା କରିଛୁ। ଆଗରୁ ୪ ପିସ୍ ଆଳୁଦମ୍ ଦେଉଥିଲୁ। ମାତ୍ର ଏବେ ୨ରୁ ୩ ପିସ୍ ଆଳୁ ଦେଉଛୁ। ତଥାପି ଗ୍ରାହକ ଖାଇବା ପାଇଁ ଭିଡ଼ ଜମାଉଛନ୍ତି। ସେହିପରି ମଙ୍ଗଳାବାଗରେ ଆଳୁଦମ୍-ଦହିବରା ବ୍ୟବସାୟୀ ପ୍ରଶାନ୍ତ କୁମାର ଚୌଧୁରୀଙ୍କ କହିବାନୁସାରେ, ପ୍ରତି ୪ ଦିନରେ ଗୋଟିଏ ବସ୍ତା ଆଳୁ କିଣୁ। ପୂର୍ବରୁ ଆଳୁ ବସ୍ତା ୧୨୦୦ ଟଙ୍କାରେ କିଣୁଥିବା ବେଳେ ଏବେ ୧୯୦୦ ଟଙ୍କାରେ କିଣୁଛୁ। ଆମର ସବୁଦିନିଆ ଗରାଖଙ୍କଠାରୁ ଅଧିକ ଦାମ୍ ନେଇପାରୁ ନାହିଁ। ତେଣୁ ବାଧ୍ୟହୋଇ ଆଳୁ କମ୍ କରି ମଟର ପରିମାଣ ଅଧିକ କରିଛୁ। ପ୍ଲେଟ୍ ୩୦ ଟଙ୍କାରେ ଆଗରୁ ବିକୁଥିଲୁ ଏବେ ବି ସେତିକି ଦରରେ ବିକୁଛୁ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ମାଳିକ ଦୀପ୍ତିମୟୀଙ୍କ କହିବାନୁସାରେ, କଲେଜ ଆସିଲେ ଦହିବରା-ଆଳୁଦମ୍ ନ ଖାଇଲେ ମନ ବୁଝେନି। ହଷ୍ଟେଲରୁ ଜଳଖିଆ ନଖାଇ କଲେଜ ପାଖ ରାସ୍ତା ପାର୍ଶ୍ୱରେ ଥିବା ଷ୍ଟଲରୁ ସାଙ୍ଗମାନଙ୍କ ସହ ନିଶ୍ଚିତ ଭାବେ ଦହିବରା-ଆଳୁଦମ୍ ଖାଇଥାଏ। ହେଲେ ଏବେ ଦହିବରାରୁ ଆଳୁ କମିଯିବା କାରଣରୁ ଆଳୁ ଖାଇବାର ଇଚ୍ଛା ଟିକେ ବଢ଼ିଯାଇଛି।

## ଆଳୁ ସଙ୍କଟ: ମମତାଙ୍କ ସହ ଆଲୋଚନା କଲେ ମୋହନ

**ଭୁବନେଶ୍ୱର,୨୭।୭(ଅନିଲଦାସ)-**ଓଡ଼ିଶାରେ ଦେଖାଦେଇଥିବା ଆଳୁ ସଙ୍କଟର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହଯୋଗ ଲୋଡ଼ିଛନ୍ତି। ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଯୋଗାଣ ବାଧାପ୍ରାପ୍ତ ହେବାରୁ ଦରଦାମ୍ ଅହେତୁକ ବୃଦ୍ଧି ପାଇଛି। ଦରବୃଦ୍ଧି ଯୋଗୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଆମଦାନୀ ସ୍ୱାଭାବିକ ହୋଇଛି। ପଶ୍ଚିମବଙ୍ଗରୁ ଆଳୁ ଆସୁ ନ ଥିବାରୁ ଦର ବଢ଼ିଥିଲା। ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା ପରେ ଆଳୁ ଆସିବା ଆରମ୍ଭ ହୋଇଛି। ବଜାର ଦର ଧୀରେ ଧୀରେ ସ୍ୱାଭାବିକ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ୧୭ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ



ବାୟାପଡ଼ା ଘାଟି ତୁମ୍ବାପଦର ନିକଟରେ ଭୂସ୍ଖଳନ

କୋରୁକୋଣ୍ଡା, ୨୭।୭
(ଶିବଦତ୍ତ ସାହୁ)

ମାଲକାନଗିରି ଜିଲାରେ ଲଘୁଚାପଜନିତ ଲଗାଣବର୍ଷା ପ୍ରାୟ ୨ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଜାରି ରହିଛି। ଏଥିଯୋଗୁ ବହୁ ଅଞ୍ଚଳ ଜଳମଗ୍ନ ସହ ଯାତାୟାତ ବନ୍ଦ ରହିଥିବା ବେଳେ ଶନିବାର କୋରୁକୋଣ୍ଡା ବ୍ଲକ୍ ନାକାମାମୁଡି ପଞ୍ଚାୟତ ଅରଙ୍ଗିରୁ ବାୟାପଡା ଯିବା ରାସ୍ତା ତୁମ୍ବାପଦର ନିକଟରେ ଥିବା ପୋଲ ସମ୍ପୂର୍ଣ୍ଣ ଧୋଇହୋଇଯିବା ସହ ସେଠାରେ ଏକ ବଡ ଧରଣର ଭୂସ୍ଖଳନ ହୋଇଛି। ଫଳରେ ୧୭ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି।

ପ୍ରବଳ ବର୍ଷା ଯୋଗୁ ପାହାଡ଼ରୁ ପାଣି ଆସି ଘାଟି ରାସ୍ତାରୁ ମାଟି ଧୋଇ ନେଇଯାଇଛି। ଫଳରେ ଉକ୍ତ ରାସ୍ତାରେ ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଏଠାରେ ହୋଇଥିବା ଭୂସ୍ଖଳନ ଯୋଗୁ ବାୟାପଡା, ଦାମୋଦର ବେଡା, ସାନ ଦାମୋଦର ବେଡ଼ା, ଗନ୍ଧୀ,ଗଙ୍ଗାପଡ଼ା, ବାକୁଲି, ଖଜୁରିଗୁଡ଼ା,ଟିକରପଡା, ସୁରିପେଟା, ବାକଟାଗୁଡା, ଝୁଲାଗୁଡା, ଘିସିଙ୍ଗବେଡ଼ା, ବଡ଼ାଖିଆ ଗୁଡା, ଅମ୍ବିଲଗୁଡା, ସାନ ଅମ୍ବିଲିଗୁଡା, ଅଙ୍ଗୁରଗୁଡା ଓ ଶିମିଲିଗୁଡା ଆଦି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଭୂସ୍ଖଳନ ଯୋଗୁ ଉପରୋକ୍ତ ଗ୍ରାମଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀ କିମ୍ୱା ଆମ୍ବୁଲାନ୍ସ ପହଞ୍ଚିପାରୁନାହିଁ। ଶେଷରେ ଅଞ୍ଚଳବାସୀ ନିରୁପାୟ ହୋଇ ସେମାନଙ୍କର ପ୍ରଚେଷ୍ଟାରେ ତୁମ୍ବାପଦର ନିକଟରେ ଧୋଇହୋଇଯାଇଥିବା ପୋଲର ଦୁଇ ପାର୍ଶ୍ୱରେ କିଛି ମାଟି ପକାଇ ତା' ଉପରେ ଏକ ଅସ୍ଥାୟୀ କାଠ ପୋଲ ତିଆରି ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରିବାକୁ ବାଧ ହେଉଛନ୍ତି।

ସୂଚନାଯୋଗ୍ୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଜକୁ ପ୍ରାୟ ୫/୬ ବର୍ଷ ହେବ ଅରଙ୍ଗିରୁ ବାୟାପଡା ପର୍ଯ୍ୟନ୍ତ ଏକ ନୂତନ ରାସ୍ତା ତିଆରି ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ଶେଷ ହୋଇନାହିଁ। ଫଳରେ ବର୍ଷାଦିନ ହେଲେ ଏହି ରାସ୍ତା ଧୋଇହୋଇଯିବା ସହ ପୂର୍ବରୁ ଅନେକ ଥର ଭୂସ୍ଖଳନ ହୋଇଥିବା ଦେଖାଯାଉଛି। ଏହି ରାସ୍ତା ଦେଇ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ ନ କରିବାକୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଜିଲାରେ ପ୍ରବଳ ବର୍ଷା ଜାରି ରହିଛି। ବ୍ଲକ୍ ଓ ଜିଲା ପ୍ରଶାସନ ଉଦ୍ୟମକଲେ ମଧ୍ୟ ସେଠାରେ ପହଞ୍ଚିବା ସମ୍ଭବ ହୋଇପାରୁନାହିଁ।

କୋରୁକୋଣ୍ଡା ବିଡିଓ ସୁଜିତ ମିଶ୍ରଙ୍କୁ ପଚାରିବାରୁ ରାସ୍ତାକାମ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଉଛି। ବର୍ଷାଦିନେ ପାହାଡ଼ରୁ ପ୍ରବାହିତ ହେଉଥିବା ବର୍ଷାପାଣିକୁ ନିଷ୍କାସନ ପାଇଁ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ୱତନ୍ତ୍ର ଡ୍ରେନ୍ ବ୍ୟବସ୍ଥା କଲେ ଆଉ ରାସ୍ତା ଧୋଇହେବନାହିଁ। ବର୍ଷା କମିଲେ ଖୁବ୍ ଶୀଘ୍ର ସେଠାରେ ପହଞ୍ଚିହେବ। ବର୍ତ୍ତମାନ ଉକ୍ତ ଅଞ୍ଚଳକୁ ଯାତାୟାତ ପାଇଁ ନାକାମାମୁଡ଼ି ପଟୁ ରାସ୍ତା ରହିଛି ବୋଲି ବିଡିଓ ମିଶ୍ର କହିଛନ୍ତି।

## ବୁଡ଼ିଲା କାଙ୍ଗୁରୁକୋଣ୍ଡା ପୋଲ

କାଲିମେଲା, ୨୭।୭
(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲାରେ ଗତ ୧୦ ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବର୍ଷା ଯୋଗୁ ପୁଣି ଥରେ କାଙ୍ଗୁରୁକୋଣ୍ଡା ପୋଲ ଉପରେ ବର୍ଷାଜଳ ପ୍ରବାହିତ ହୋଇ ଜଳସ୍ତର ବୃଦ୍ଧି ପାଇଛି। ବର୍ଷାରେ ପୋଲ ବୁଡ଼ିଯାଇଛି। ଫଳରେ ମାଲକାନଗିରି–କାଲିମେଲା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସିଲେରୁ ଓ ସାବେରୀ ନଦୀର ଜଳସ୍ତର ମଧ୍ୟ ବଢ଼ିବାରେ ଲାଗିଛି। ଆନ୍ଧ୍ର ପ୍ରଦେଶର କାଲେରୁ ରାସ୍ତା ଓ ଛତିଶଗଡ଼କୁ ସଂଯୋଗ କରୁଥିବା ସାବେରୀ ନଦୀ ପୋଲର ଆପ୍ରୋଚ୍ ରାସ୍ତା ଧୋଇହୋଇଯାଇଥିଲା। ଏହା ମରାମତି ପରେ ଆନ୍ଧ୍ର ଓ ଛତିଶଗଡ଼କୁ ଯୋଗାଯୋଗ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ରାସ୍ତା ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ଦେଖିବାକୁ ମିଳିଛି। ସମସ୍ତ ଜିଲାସ୍ତରୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନକରି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଜିଲାରେ ଶନିବାର କାଲିମେଲା ଅଞ୍ଚଳରେ ଅଧିକ ବର୍ଷା ହୋଇଛି। କାଙ୍ଗୁରୁକୋଣ୍ଡା ରାସ୍ତା ଉପରେ ଥିବା ପୋଲ ଉପର ଦେଇ ୩ ଫୁଟ ପାଣି ପ୍ରବାହିତ ହେଉଛି। ଫଳରେ ଯାତ୍ରୀବାହୀ ଗାଡ଼ିମୋଟର ସହ ଟ୍ରକ୍ ଏବଂ ଅନ୍ୟ ଛୋଟ ବଡ ଗାଡି ପୋଲର ଉଭୟ ପାର୍ଶ୍ୱରେ ଅଟକି ରହିଛି। ଏଥିଯୋଗୁ ମାଲକାନଗିରି, କାଲିମେଲା ସମେତ ଆନ୍ଧ୍ର ଓ ତେଲଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ପୋଲ ଉପରେ ପାଣି ପ୍ରବାହିତ ହେଉଥିବାରୁ ପୋଲିସ କର୍ମଚାରୀ ମୁତୟନ ହୋଇ ସତର୍କତା ଅବଲମ୍ବନ କରିବା ଲାଗି ଲୋକଙ୍କୁ ପରାମର୍ଶ ଦେଉଛନ୍ତି।



୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଚାଷଜମି ବୁଡ଼ି ରହିଛି।

# ଗଳାବାଟ ଦେଇ ଓଡ଼ିଶାକୁ ଆସୁଛି ଆଳୁ

■ ଆଳୁ ପରିବହନ ସ୍ଥିତି ଅପରିବର୍ତ୍ତିତ
■ କେଜି ୩୫ ଟଙ୍କାରେ ବିକ୍ରି ନିର୍ଦ୍ଦେଶ

ଭୋଗରାଇ/ ଜଳେଶ୍ୱର, ୨୭।୭
(ପ୍ରଦୀପ ଦାସ/ରବିନାରାୟଣ ପାତ୍ର)

ଓଡ଼ିଶାକୁ ଆଳୁ ପରିବହନ ସ୍ଥିତି ଅପରିବର୍ତ୍ତିତ ରହିଛି। ଶୁକ୍ରବାର ଓଡ଼ିଶା ସୀମାନ୍ତ ଜାତୀୟ ରାଜପଥ ପଶ୍ଚିମବଙ୍ଗ ସୋନାକଣିଆ ଓ ଦାନ୍ତନରେ ପଶ୍ଚିମବଙ୍ଗ ପ୍ରଶାସନ ଓଡ଼ିଶାକୁ ଆସୁଥିବା ଶତାଧିକ ଆଳୁ ବୋଝେଇ ଟ୍ରକ ଫେରାଇ ନେଇଥିବା ବେଳେ ଶନିବାର ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ସୀମାନ୍ତରେ ଜଗିବସିଛନ୍ତି ପଶ୍ଚିମବଙ୍ଗ ପୋଲିସ ଓ ଟାସ୍କଫୋର୍ସ। ଏଭଳି ସ୍ଥିତିରେ ଓଡ଼ିଶା ଓ ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀମାନେ ଓଡ଼ିଶା ସୀମାନ୍ତକୁ ସଂଯୋଗ ଥିବା ଗଳାବାଟ ଦେଇ ଓଡ଼ିଶା ମଧ୍ୟକୁ କୌଶଳକ୍ରମେ ଆଳୁ ଗାଡି ପାର୍ କରୁଛନ୍ତି।ଗାଡି ପାରିବେଳେ ବିଭିନ୍ନ ସ୍ଥାନରେ ଦଲାଲମାନେ ମୋଟା ଅଙ୍କର ଅର୍ଥ ନେଇ ଗାଡ଼ି ଛାଡୁଥିବା ଶୁଣିବାକୁ ମିଳୁଛି। ପଶ୍ଚିମବଙ୍ଗରେ ଆଳୁ ବ୍ୟବସାୟୀଙ୍କ ଧର୍ମଘଟ ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ ୬ଦିନ ଧରି ଓଡିଶାକୁ ଆଳୁ ପରିବହନ ଠପ୍ ହୋଇଛି। ଲୁଚା ଛପାରେ ଆଳୁଗାଡି ବାଲେଶ୍ୱର ଜିଲାକୁ ଶନିବାର ଆସିଥିବାରୁ ଆଳୁର ବଜାରଦର କେଜି ପ୍ରତି ୫୦ଟଙ୍କାରୁ ୪୦ଟଙ୍କାକୁ ଖସିଛି। ହେଲେ ଓଡ଼ିଶାର ଅନ୍ୟ ଜିଲାରେ ଆଳୁର ଦାମ ଅପରିବର୍ତ୍ତିତ ରହିଥିବା ସୂଚନା ମିଳିଛି।

ଅପରପକ୍ଷରେ ବାଲେଶ୍ୱର ଜିଲା ଯୋଗାଣ ଅଧିକାରୀ ନିରୋଜ ରଞ୍ଜନ ଦାସଙ୍କ ସହିତ ଟାସ୍କଫୋର୍ସ ମିଳିତ ଭାବେ ଜିଲାର ବିଭିନ୍ନ ସ୍ଥାନରେ ସ୍ଥିତି ପରଖି ଆଳୁ ବ୍ୟବସାୟୀଙ୍କୁ ଭେଟିଛନ୍ତି। କେଜି ପ୍ରତି ଅତିବେଶିରେ ୩୫ ଟଙ୍କାରେ ଆଳୁ ବିକ୍ରି ନିମନ୍ତେ ସେ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଅଧିକ ମହଜୁଦ୍‌କାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ପଶ୍ଚିମବଙ୍ଗରେ ଆଳୁର ସ୍ୱାଭାବିକ ଦାମ ଓ ଆବଶ୍ୟକ ବଜାର ନିୟନ୍ତ୍ରଣ ନ ହେବା ଯାଏ ଭିନ୍ନ ରାଜ୍ୟକୁ ଆଳୁ ରପ୍ତାନୀ ସମ୍ଭବ ନୁହେଁ ବୋଲି ପଶ୍ଚିମବଙ୍ଗ ସରକାର କହିଛନ୍ତି। ପଶ୍ଚିମବଙ୍ଗ ସରକାର ଓଡିଶା ସମେତ ଝାଡ଼ଖଣ୍ଡ, ବିହାର, ତ୍ରିପୁରା ଓ ଆସାମ ରାଜ୍ୟକୁ ଆଳୁ ରପ୍ତାନୀ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଆଳୁର ସଙ୍କଟ ଦେଖାଦେଇଛି। ୫ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳର ନେତା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମନାଇବାରେ ଆଲୋଚନା ଜାରିରଖିଥିବାର ସୂଚନା ମିଳିଛି।

ଜଳେଶ୍ୱର ପ୍ରତିନିଧିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଜାମଶୋଳା ତନଖି ଫାଟକଠାରେ ପାରି ହେଉଥିବା ଆଳୁ ଟ୍ରକ୍‌ଠାରୁ ୩୦ହଜାର ଟଙ୍କା, ସୁନାକଣିଆଠାରେ ୩୫ହଜାର ଟଙ୍କା ନେଇ ପଶ୍ଚିମବଙ୍ଗ ପୋଲିସ କେତେକ ଗାଡିକୁ ଓଡ଼ିଶା ଛାଡିଛି। ଏଭଳି ପରିସ୍ଥିତିରେ ଜଳେଶ୍ୱରରେ ୫୦ଟଙ୍କାରେ ଆଳୁ ବିକ୍ରି ହେଉଛି। ଜଳେଶ୍ୱର ବଜାରରେ ଥିବା ଆଳୁ ଗୋଦାମ ଉପରେ ଶନିବାର ଯୋଗାଣ ବିଭାଗ ପକ୍ଷରୁ ଚଢାଉ ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ନିରୋଜ ରଞ୍ଜନ ଦାସ, ଜିଲା ସହକାରୀ ଯୋଗାଣ ଅଧିକାରୀ ହିମାଂଶୁ ସାହୁ ଓ ମାର୍କେଟିଂ ଇଣ୍ଟେଲିଜେନ୍ସ ବୁଦ୍ଧିରାମ ସୋରେନ, ଜଳେଶ୍ୱର ଯୋଗାଣ ନିରୀକ୍ଷକ ଅବନ୍ତିକା ସାହୁ ପ୍ରମୁଖ ଜଳେଶ୍ୱରର ୩ଟି ଗୋଦାମ ଉପରେ ଚଢାଉ କରିଥିଲେ। ଗୋଦାମରେ ଆଳୁ ଜମାଥିବାରୁ ଯୋଗାଣ ବିଭାଗ ପକ୍ଷରୁ ଖବରଦାତାମାନଙ୍କୁ ସୂଚନା ଦିଆଯାଇଛି। ରବିବାର ଜଳେଶ୍ୱରରେ ଚଢାଉ ଜୋରଦାର କରାଯିବ ବୋଲି ମୁଖ୍ୟ ଯୋଗାଣ ଅଧିକାରୀ କହିଛନ୍ତି। ଆଳୁର ମୂଲ୍ୟ ୩୫ ଟଙ୍କାରୁ ଅଧିକ ନ ହେବା ପାଇଁ ତାଗିଦ୍ କରିଛନ୍ତି।



ଗଳାବାଟ ଦେଇ ଆଳୁ ଟ୍ରକ ଭୋଗରାଇ ବଜାରରେ ପ୍ରବେଶ କରୁଛି।

## କୋରାପୁଟ: ବଢୁଛି ଜଳଭଣ୍ଡାର ଜଳସ୍ତର

୧୦ ଦିନରେ ଭାଙ୍ଗିଛି ୩୭୩ ଘର

କୋରାପୁଟ,୨୭।୭
(ଅମିତାଭ ବେହେରା)

କୋରାପୁଟ ଜିଲାରେ ଗତ ୧୦ ଦିନ ହେବ ପ୍ରବଳ ବର୍ଷା ଲାଗିରହିଛି। ଏଥିଯୋଗୁ ଜିଲାର କୋଲାବ, ମାଛକୁଣ୍ଡ, ତେଲେଙ୍ଗିର ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ସେହିପରି ଗତ ୧୦ ଦିନ ମଧ୍ୟରେ କୋରାପୁଟ ଜିଲାର ୧୪ଟି ତହସିଲ ଅଞ୍ଚଳରେ ୩୭୩ଟି ଘର ଭାଙ୍ଗିଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ଶୁକ୍ରବାର ସୁଦ୍ଧା ଜିଲାରେ ୨୭୮ଟି ଘର ଭାଙ୍ଗିଥିବାବେଳେ ଶନିବାର ପୁଣି ୯୫ଟି ଘର ଭାଙ୍ଗିଛି। ଏହି ବର୍ଷା ଯୋଗୁ ମାଛକୁଣ୍ଡର ଜଲାପୁଟ ଡ୍ୟାମ୍‌ର ବିପଦସଙ୍କୁଳ ଜଳସ୍ତର ୨୭୫୦ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୨୭୨୯.୫୫ ମିଟରରେ ପହଞ୍ଚିଛି। ସେହିପରି ମାଛକୁଣ୍ଡ ଡି.ଡ୍ୟାମ୍‌ର ବିପଦସଙ୍କୁଳ ଜଳସ୍ତର ୨୫୯୦ ଫୁଟ ରହିଥିବାବେଳେ ଏବେ ଏହା ୨୫୮୮ ଫୁଟ ରହିଛି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ମାଛକୁଣ୍ଡ ଡି.ଡ୍ୟାମ୍‌ର ୨ଟି ଗେଟ୍ ଖୋଲାଯାଇ ବର୍ଷା ଜଳ ନିଷ୍କାସନ କରାଯାଇଥିଲା। ସେହିପରି ଅପର କୋଲାବ ଜଳଭଣ୍ଡାରର ବିପଦସଙ୍କୁଳ ଜଳସ୍ତର ୯୩୫ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୮୫୨.୫୩ ମିଟର ରହିଛି। ତେଲେଙ୍ଗିର ଜଳାଭଣ୍ଡାରର ବିପଦସଙ୍କୁଳ ଜଳସ୍ତର ୬୩୩ ମିଟର ରହିଥିବାବେଳେ ଏବେ ଏହି ଜଳଭଣ୍ଡାରର ଜଳସ୍ତର ୬୨୬.୯୫ ମିଟରରେ ପହଞ୍ଚିଥିବା ଜଣାଯାଇଛି।




## ରାୟଗଡ଼ା, ମାଲକାନଗିରିରେ ଝାଡ଼ାବାନ୍ତି

### କାଶୀପୁରରେ ସପ୍ତାହେ ଭିତରେ ୨ ମୃତ

ରାୟଗଡ଼ା/ ମାଲକାନଗିରି, ୨୭।୭
(ଆଶିଷ ରଞ୍ଜନ ପଣ୍ଡା/ଦୁର୍ଯ୍ୟୋଧନ ପାତ୍ର)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଗୋରଖପୁର ପଞ୍ଚାୟତ ଲାମ୍ବେରୀ ଗ୍ରାମରେ ୨ ଜଣ ଝାଡ଼ାବାନ୍ତିରେ ପ୍ରାଣ ହରାଇଛନ୍ତି। ଗାଁରୁ ୧୦ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଗାଁର ଧନ ମାଝୀଙ୍କ ସ୍ତ୍ରୀ ତିଲେଇ (୫୦) ଏବଂ ବଳିଆ ମାଝିଙ୍କ ପୁଅ ଆନନ୍ଦ(୨୫)। ତିଲେଇଙ୍କର ୨୨ ତାରିଖରେ ଓ ଆନନ୍ଦଙ୍କର ଶନିବାର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତୁରନ୍ତ ଗାଁକୁ ଡାକ୍ତରୀ ଟିମ୍ ପଠାଇବାକୁ ଜିଲାପାଳ ମନୋଜ ସତ୍ୟବାନ ମହାଜନ ସିଡିଏମ୍‌ଓ ଡ.ଲାଲମୋହନ ରାଉତରାୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ଲୋକଙ୍କ ଚିକିତ୍ସା କରୁଛି।

ଗୋରଖପୁର ପୂର୍ବତନ ସମିତି ସଭ୍ୟ ଅନିଲ କୁମାର ନାଏକଙ୍କ କହିବାନୁସାରେ ଆନନ୍ଦଙ୍କର ଶୁକ୍ରବାର ଅଚାନକ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଡାକ୍ତରଖାନା ନେବା ପୂର୍ବରୁ ହିଁ ଶନିବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିଭଳି ତିଲେଇଙ୍କର ୨୦ ତାରିଖରେ ଝାଡ଼ାବାନ୍ତି ହୋଇଥିଲା। ଏହାର ୨ ଦିନ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗାଁରେ ଆହୁରି ୧୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଅନିଲ ସୂଚନା ଦେଇଛନ୍ତି। ଗୋରଖପୁରରୁ ୪ କି.ମି. ଦୂରରେ ରହିଥିବା ଏହି ଗ୍ରାମକୁ ପକ୍କାରାସ୍ତା ନାହିଁ। ଫଳରେ ଗାଁକୁ ଆମ୍ବୁଲାନ୍ସ ଆସିପାରୁନାହିଁ। ଉପଯୁକ୍ତ ସମୟରେ ସ୍ୱାସ୍ଥ୍ୟସେବା ମଧ୍ୟ ମିଳୁନାହିଁ। ତେଣୁ ଗମନାଗମନ ବ୍ୟବସ୍ଥା ସୁଧାରିବା ସହିତ ଲାମ୍ବେରୀ ଗାଁକୁ ସ୍ୱାସ୍ଥ୍ୟସେବା ନିୟମିତ କରିବା ପାଇଁ ଅନିଲ ଦାବି କରିଛନ୍ତି। ଏନେଇ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କୁ ପଚାରିବାରୁ ସିଡିଏମ୍‌ଓଙ୍କୁ ଲାମ୍ବେରୀ ଗାଁକୁ ସ୍ୱାସ୍ଥ୍ୟ ଟିମ୍ ପଠାଇବାକୁ କୁହାଯାଇଛି। ରବିବାର ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ମାଲକାନଗିରି ଜିଲାରେ ଲଗାଣ ବର୍ଷା ପ୍ରଭାବରେ ଝାଡାବାନ୍ତି ଦେଖା ଦେଇଛି। ବିଭିନ୍ନ ସ୍ଥାନରୁ ୫୦ରୁ ଊର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

ଜିଲାରେ ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବର୍ଷା ଯୋଗୁ ଜିଲାରେ ଝାଡ଼ାବାନ୍ତି ଦେଖାଦେଇଛି। ଗତ ସପ୍ତାହକ ମଧ୍ୟରେ ପ୍ରାୟ ୫୦ ରୋଗୀ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେଥିରୁ କେତେ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୫ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଝାଡାବାନ୍ତିର ଚିକିତ୍ସା ପାଇଁ ରହିଥିବା କକ୍ଷରେ ମାତ୍ର ୬ଟି ବେଡ୍ ଥିବା ବେଳେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ବେଡ୍ ବ୍ୟବସ୍ଥା କରି ଚିକିତ୍ସା ଯୋଗାଇ ଦିଆଯାଉଛି। ଏନେଇ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡା. ପ୍ରଫୁଲ୍ଲ ବେହେରାଙ୍କୁ ପଚାରିବାରୁ ଜିଲାର ବିଭିନ୍ନ ସ୍ଥାନରୁ ଝାଡାବାନ୍ତିରେ ଆକ୍ରାନ୍ତ ରୋଗୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଅନେକ ରୋଗୀ ସୁସ୍ଥ ହୋଇ ଘରକୁ ଫେରି ଗଲେଣି। ତେବେ ଚିକିତ୍ସାଳୟରେ ଆଉ କେତେ ଜଣ ରୋଗୀ ଅଛନ୍ତି। ସମସ୍ତଙ୍କୁ ଆବଶ୍ୟକ ଚିକିତ୍ସାସେବା ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି।

## ପାହାଡ଼ରୁ ମାଟି ଅତଡ଼ା ଧସି ଯାତାୟାତ ବନ୍ଦ

ସୁନାବେଡା,୨୭।୭(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କସନ୍ଦି ପଞ୍ଚାୟତର କାଲାଡି ପାହାଡରୁ ଶନିବାର ମାଟି ଅତଡା ଧସି ବାଲଡା–ଗୁଳୁବା ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଛି। ଅପରାହ୍ଣ ପ୍ରାୟ ୧ଟା ବେଳେ ସୁଲିଆ (ଘାଟିମୁଣ୍ଡି) ଡଙ୍ଗରରୁ ମାଟି ଅତଡ଼ା ଧସି ଆର୍‌ଡି ରାସ୍ତା ଉପରେ ପଡ଼ିବାରୁ ଖେମୁଣ୍ଡୁଗୁଡ଼ା ଓ ନନ୍ଦକା ପଞ୍ଚାୟତକୁ ଯାତାୟାତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଏ ସମ୍ପର୍କରେ ସୂଚନା ପାଇ ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ ଓ ବିଡିଓ ଦୁର୍ଗା ପ୍ରସାଦ ଦୋରା, ତିନି ପଞ୍ଚାୟତର ସରପଞ୍ଚ ଓ ପିଇଓ ଘଟଣା ସ୍ଥଳ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ସହ ରାସ୍ତାରେ ପଡିଥିବା ମାଟି ପଥର ହଟାଇବାକୁ ପଦକ୍ଷେପ ନେଇଛନ୍ତି। ଆର୍‌ଡି ବିଭାଗ ଯନ୍ତ୍ରୀ ଜୟନ୍ତ ସାହୁ ମାଟି ଅତଡ଼ା ଧସିଥିବା ପାହାଡ ପାଦଦେଶରେ ଜନବସତି ନ ଥିବା କହିଛନ୍ତି। ଫଳରେ କିଛି କ୍ଷୟକ୍ଷତି ହୋଇନାହିଁ। ବର୍ଷା ଲାଗି ରହିଥିବାରୁ ରାସ୍ତା ପାର ସମୟରେ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସତର୍କ କରାଯାଇଛି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍ ନଂ.: ୦୬୭୪-୨୫୩୭୯୦୦

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **ତା.୨୯.୦୮.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା /ଋଣଗ୍ରହୀତା/ ଜାମିନଦାର ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ/ ନାମ ଓ ଠିକଣା/ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଜଗତପୁର ଶାଖା, ଫୋନ୍ ନଂ.: ୯୦୭୮୬୭୫୦୫୯/** ୧) ମେସର୍ସ ମହାବୀର ଇଲେକ୍ଟ୍ରିକାଲ, ସ୍ୱତ୍ୱାଧିକାରୀ: ଶ୍ରୀ ତ୍ରିଲୋଚନ ସ୍ୱାଇଁ, ପିତା: ଶ୍ରୀ ଭାଗ୍ୟଧର ସ୍ୱାଇଁ, ସା: ଷ୍ଟେସନ ବଜାର, ଥାନା: ଜଗତପୁର, ଜିଲ୍ଲା: କଟକ - ୭୫୪୦୨୧, ଓଡ଼ିଶା, ୨) ଶ୍ରୀ ତ୍ରିଲୋଚନ ସ୍ୱାଇଁ, ପିତା: ଶ୍ରୀ ଭାଗ୍ୟଧର ସ୍ୱାଇଁ, ସା: ନଜରପୁର, ପୋ./ଥାନା: ଜଗତପୁର, ଜିଲ୍ଲା: କଟକ - ୭୫୪୦୨୧, ଓଡ଼ିଶା, ୩) ଶ୍ରୀମତୀ ସୁଲୋଚନା ସ୍ୱାଇଁ, ସ୍ୱାମୀ: ଶ୍ରୀ ଭାଗ୍ୟଧର ସ୍ୱାଇଁ, ସା: ନଙ୍କର, ରେଳ ଟ୍ରାକ୍ ନିକଟ, ପୋ./ଥାନା: ଜଗତପୁର, ଜିଲ୍ଲା: କଟକ, ପିନ୍ - ୭୫୪୦୨୧/ ବକେୟା ରାଶି: ଟ.୧୧,୩୯,୫୧୬.୯୫ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀମତୀ ସୁଲୋଚନା ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୭୭୨/୧୫୫୩, ପ୍ଲଟ୍ ନଂ.: ୨୦୦୪/୬୧୬୫, କ୍ଷେତ୍ର: ଏକର୦.୦୪୦ ଡିସିମିଲି କିମ୍ବା ୧୭୪୨.୪ ବର୍ଗଫୁଟ, ଗ୍ରାମ/ମୌଜା: ନିମପୁର, ଥାନା: ଜଗତପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍ - ୭୫୪୦୨୧ | ଟ.୧୪,୨୮,୦୦୦/- / ଟ.୧,୪୨,୮୦୦/- / ଟ.୧୪,୨୮୦/- | ଆକାଉଣ୍ଟ ନଂ.: ୧୭୭୬୨୧୯୮୦୦୫୦୦୦୦ IFSC Code: UBIN0917761 |
| ୨. | **ହାଟ ବଜାର ଜଗତସିଂହପୁର ଶାଖା, ଫୋନ୍ ନଂ.: ୭୮୭୩୩୦୧୩୩୩/** ୧) ଶ୍ରୀ ସନ୍ତୋଷ କୁମାର ଦାସ, ପିତା: ଶ୍ରୀ ହରି ଦାସ, ୨) ଶ୍ରୀମତୀ ଲିପିକା ଦାସ, ସ୍ୱାମୀ: ସନ୍ତୋଷ କୁମାର ଦାସ, ୩) ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦାସ, ସ୍ୱାମୀ: ହରେ କୃଷ୍ଣ ଦାସ, ସମସ୍ତଙ୍କ ଠିକଣା ସା: ରସଲପୁର, ପୋ.: ଓଡ଼ିଶୋ, ଥାନା: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା - ୭୫୪୧୦୩/ ବକେୟା ରାଶି: ଟ.୩,୦୩,୪୩୧.୦୦ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀମତୀ ଲକ୍ଷ୍ମୀ ପ୍ରିୟା ଦାସ, ସ୍ୱାମୀ: ହରେ କୃଷ୍ଣ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୪୯୬ ଏବଂ ୧୪୯୭, ଖାତା ନଂ.: ୯୪୫, ମୌଜା: ରସଲପୁର, ପୋ.: ଓଡ଼ିଶୋ, ଥାନା: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ପରିମିତ କ୍ଷେତ୍ର: ଏକର୦.୨୪୦ ଡିସିମିଲି | ଟ.୧୯,୩୨,୦୦୦/- / ଟ.୧,୯୩,୨୦୦/- / ଟ.୧୯,୩୨୦/- | ଆକାଉଣ୍ଟ ନଂ.: ୧୯୯୩୨୧୯୮୦୦୫୦୦୦୦ IFSC Code: UBIN0919934 |
| ୩. | **ମହାବୀର ବଜାର ଢେଙ୍କାନାଳ ଶାଖା, ଫୋନ୍ ନଂ.: ୮୦୧୮୮୦୮୧୮୨/** ୧) ମେସର୍ସ ସାସ୍ୱତ ପାୱାର କନ୍‌ଷ୍ଟ୍ରକ୍ସନ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମୌସୁମୀ କୁଅଁର, ସା: ପ୍ଲଟ୍ ନଂ.: ୩୦, ଶ୍ରୀ ରାମ ନଗର, ଶ୍ୟାମଚରଣପୁର, ପୋ./ଜିଲ୍ଲା: ଢେଙ୍କାନାଳ - ୭୫୯୦୦୧, ୨) ଶ୍ରୀମତୀ ମୌସୁମୀ କୁଅଁର, ସ୍ୱାମୀ: ରଘୁନାଥ କୁଅଁର, ୩) ଶ୍ରୀ ରଘୁନାଥ କୁଅଁର, ପିତା: ଜୟକୃଷ୍ଣ କୁଅଁର, ଉଭୟଙ୍କ ଠିକଣା ସା: କ୍ୱାର୍ଟର ନଂ.: ଜି-୪, ୪ର୍ଥ ମହଲା, ସାଇଁ ନିମାଇଁ ଏନ୍‌କ୍ଲେଭ୍ ଆପାର୍ଟମେଣ୍ଟ, ଲକ୍ଷ୍ମୀ ବଜାର, ଢେଙ୍କାନାଳ - ୭୫୯୦୦୧/ ବକେୟା ରାଶି: ଟ.୧୦,୨୭,୯୧୦.୩୦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ରଘୁନାଥ କୁଅଁରଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୦/୨୬୯/୧୦୭୮, ଖାତା ନଂ.: ୧୦୩/୫୯୮, ମୌଜା: ଶ୍ୟାମଚରଣପୁର, ତହସିଲ/ଥାନା: ଢେଙ୍କାନାଳ ସଦର, ତହସିଲ ନଂ.: ୨୫୪, ଜିଲ୍ଲା: ଢେଙ୍କାନାଳ, ପରିମିତ କ୍ଷେତ୍ର: ଏକର୦.୦୨୫ ଡିସିମିଲି | ଟ.୨୨,୯୧,୦୦୦/- / ଟ.୨,୨୯,୧୦୦/- / ଟ.୨୨,୯୧୦/- | ଆକାଉଣ୍ଟ ନଂ.: ୧୯୭୯୨୧୯୮୦୦୫୦୦୦୦ IFSC Code: UBIN0919799 |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: **ତା.୨୮.୦୮.୨୦୨୪ରିଖ** ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

**ଇ-ନିଲାମ ତାରିଖ ଏବଂ ସମୟ : ତା.୨୯.୦୮.୨୦୨୪ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ**
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ଇ-ନିଲାମ ଆରମ୍ଭ ପୂର୍ବରୁ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: **https://ebkray.in, www.unionbankofindia.co.in** ଦେଖନ୍ତୁ। ଏହି ସମ୍ବନ୍ଧୀୟ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ମୋବାଇଲ: ୯୭୭୬୨୩୧୦୫୦

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୮(୬) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୨୬.୦୭.୨୦୨୪, ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

"ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି।" -ଶ୍ରୀଅରବିନ୍ଦ



# ସମର୍ଥକ ନିରାଶ



ଆକାର ପଟେଲ

ବଜେଟକୁ ନେଇ ନିରାଶ ହୋଇ ପ୍ରଧାନମନ୍ତ୍ରୀଙ୍କ ସମର୍ଥକମାନେ ସ୍ୱର ଉତ୍ତୋଳନ କରିଛନ୍ତି। ବିଶେଷକରି ମଧ୍ୟବିତ୍ତ ଶ୍ରେଣୀ ସହିତ ଜଡ଼ିତ ବିଷୟ (ଏହି ବଜେଟରେ ଟିକସ ଏବଂ ସମ୍ପତ୍ତି ବିକ୍ରୟ) ଅସନ୍ତୋଷ ସୃଷ୍ଟି କରିଛି। ସେମାନଙ୍କ ଅଭିଯୋଗ ଅସ୍ୱାଭାବିକ ମନେହୁଏ, କାରଣ ସେମାନେ ଯାହା ହେଲେ ବି ପ୍ରଧାନମନ୍ତ୍ରୀଙ୍କୁ ଦୃଢ଼ ସମର୍ଥନ ଜାରି ରଖିଛନ୍ତି। ମଣିପୁର କିମ୍ବା ଲଦାଖ ଭଳି ପ୍ରସଙ୍ଗକୁ ବିରୋଧୀ କିମ୍ବା ଅସନ୍ତୁଷ୍ଟମାନେ ଉଠାଇ ପାରିଥାନ୍ତେ, କିନ୍ତୁ ସେମାନେ 'ଭକ୍ତ' ବୋଲି କୁହାଯାଉଥିବା ଗୋଷ୍ଠୀର ଲୋକଙ୍କୁ ଅସନ୍ତୁଷ୍ଟ କରୁଥିବା ଭଳି ଦେଖାଯାଉ ନାହିଁ। ସେମାନେ ସରକାରଙ୍କ ବିଚିତ୍ର ପଦକ୍ଷେପଗୁଡ଼ିକୁ ଗ୍ରହଣ କରିବାକୁ ଚାହାନ୍ତି। 'ମୋଦିଜୀ ନେ କିୟା ହୈ ତୋ ସୋଚ୍ ସମଝକର ହି କିୟା ହୋଗା' ବାକ୍ୟ ଇଣ୍ଟରନେଟ୍‌ରେ ଦେଖିବାକୁ ମିଳୁଥିବାରୁ ସେମାନଙ୍କର ଅସନ୍ତୋଷ ଏକ କୌତୂହଳର ବିଷୟ ମନେହୁଏ। ପ୍ରଶ୍ନ ହେଉଛି, ସେମାନେ ଅସନ୍ତୋଷ ହେବାର କିଛି କାରଣ ଅଛି କି? ମୁଁ କେବଳ ବଜେଟ ନୁହେଁ ବରଂ ସେମାନଙ୍କର ଆକାଂକ୍ଷା ବିଷୟରେ କହୁଛି। ଯଦି କେହି ଭାବନ୍ତି ତାଙ୍କ ପାର୍ଟି କିଛି ନୂଆ ବିଚାରଧାରାକୁ ସମର୍ଥନ କରୁଛି ଏବଂ ତା'ପରେ କିଛି ଅଲଗା କରୁଛି, ତେବେ ଜଣେ ଅସନ୍ତୋଷ ହେବା ସ୍ୱାଭାବିକ। ଯେଉଁମାନେ ଭାଜପାକୁ ସମର୍ଥନ କରନ୍ତି ଏବଂ ଭୋଟ ଦିଅନ୍ତି ସେମାନେ ଦଳ ଅର୍ଥ ବ୍ୟବସ୍ଥାକୁ ସମର୍ଥନ କରିବା ବିଷୟ ଉପରେ କ'ଣ ଭାବନ୍ତି? ଏହାକୁ ବୁଝିବାର ଏକମାତ୍ର ଉପାୟ ହେଉଛି ବିଗତ ଦଶନ୍ଧିଗୁଡ଼ିକରେ ଦଳର ମେନିଫେଷ୍ଟୋ ବା ଘୋଷଣାପତ୍ରକୁ ଦେଖିବା। ପ୍ରକୃତ କଥା ହେଉଛି ୧୯୫୧ ମସିହାରେ ଜନସଂଘ ଗଠନ ହେବାଠାରୁ ଏହାର ମେନିଫେଷ୍ଟୋରେ ସ୍ଥିର ତଥା ସ୍ପଷ୍ଟ ଅର୍ଥନୈତିକ ବିଚାରଧାରା କିମ୍ବା ଦେଶ ଉପରେ ହିନ୍ଦୁତ୍ୱ ପ୍ରଭାବ ପକାଇବା ସମ୍ପର୍କିତ କୌଣସି ବିଚାର ନାହିଁ। ମେନିଫେଷ୍ଟୋ ହେଉଛି କେବଳ ଦ୍ୱନ୍ଦ୍ୱାତ୍ମକ ଓ ଅସମ୍ପୂର୍ଣ୍ଣ ଘୋଷଣାର ଏକ ସଂଗ୍ରହ।

ମୌଳିକସ୍ତରରେ ଅର୍ଥ ବ୍ୟବସ୍ଥାକୁ ଜନସଂଘ ସମର୍ଥନ କରିଥିବାର କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନାହିଁ। ପାର୍ଟି ମେନିଫେଷ୍ଟୋ କହେ, ଏହା ଅର୍ଥନୈତିକ ବ୍ୟବସ୍ଥାର ବିକାଶ କରିବ, ଯାହା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ହଟାଇବ ନାହିଁ, କିନ୍ତୁ ଘରୋଇ ଉଦ୍ୟୋଗଗୁଡ଼ିକୁ ଉପଯୁକ୍ତ ସ୍ଥାନ ଦେବ। ମନେରଖିବା ଉଚିତ, ଦଳର ସମ୍ବିଧାନ (ଧାରା ୨) କହେ, ଭାଜପା ସମାଜବାଦର ଶପଥ ନେଇଛି। ସ୍ୱଦେଶୀ ଅର୍ଥ ହେଉଛି ସ୍ଥାନୀୟ ଶିଳ୍ପକୁ ସବ୍‌ସିଡି ଏବଂ ଶୁଳ୍କ ସୁରକ୍ଷା ଦେବା। ମେନିଫେଷ୍ଟୋରେ କୁହାଯାଇଥିଲା ଯେ, ଉପଭୋକ୍ତା ସାମଗ୍ରୀ ଏବଂ ବିଳାସପୂର୍ଣ୍ଣ ସାମଗ୍ରୀ ଆମଦାନୀକୁ ନିରୁତ୍ସାହିତ କରାଯିବ। ୧୯୫୭ରେ ପାର୍ଟି ଘୋଷଣା କରିଥିଲା ଆର୍ଥିକ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆରମ୍ଭ କରିବ, ଯାହା ଭାରତୀୟଙ୍କ ଜୀବନର ମୂଲ୍ୟବୋଧକୁ ଦେଖି କରାଯିବ। ଅବଶ୍ୟ ଏଗୁଡ଼ିକ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇ ନାହିଁ କିମ୍ବା ବୈପ୍ଳବିକ ପରିବର୍ତ୍ତନର ଏହି ବିଷୟକୁ ଭବିଷ୍ୟତର ମେନିଫେଷ୍ଟୋରେ ପୁନର୍ବାର ଉଠାଯାଇ ନାହିଁ। ୧୯୬୭ ମସିହାରେ ଦଳ ଏକ ଯୋଜନାବଦ୍ଧ ଅର୍ଥନୀତିର ଧାରଣାକୁ ସମର୍ଥନ କରିବା କଥା କହିଥିଲା। କିନ୍ତୁ ଏହି ଯୋଜନାର ମୋଡ଼ ବଦଳାଇ ଆଞ୍ଚଳିକଭିତ୍ତିରେ ଓ ପ୍ରୋଜେକ୍ଟ ଦ୍ୱାରି ମାଇକ୍ରୋ-ଇକୋନୋମିକ ଯୋଜନା ବ୍ୟବସ୍ଥା ଗ୍ରହଣ କରିଥିଲା। ଏହା ରାଜ୍ୟର ହସ୍ତକ୍ଷେପ ଲୋଡ଼ିଥିଲା, କିନ୍ତୁ ସବୁ ସ୍ଥାନରେ ନୁହେଁ। ଏହା ଘରୋଇ ନିବେଶକୁ ଉତ୍ସାହିତ କରିଥିଲା, ହେଲେ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ।

୧୯୫୪ରେ ଏବଂ ପୁନର୍ବାର ୧୯୭୧ରେ ଜନ ସଂଘ ଭାରତୀୟ ନାଗରିକଙ୍କ ସର୍ବାଧିକ ଆୟକୁ ମାସକୁ ୨୦୦୦ ଟଙ୍କା ଏବଂ ସର୍ବନିମ୍ନ ୧୦୦ ଟଙ୍କାରେ ୨୦:୧ ଅନୁପାତରେ ସୀମିତ ରଖିବାକୁ ସ୍ଥିର କରିଥିଲା। ଦଳ ମଧ୍ୟ କହିଥିଲା, ଏହା ୧୦:୧ରେ ପହଞ୍ଚିବା ପର୍ଯ୍ୟନ୍ତ ଏହି ବ୍ୟବଧାନକୁ ହ୍ରାସ କରିବା ଉପରେ କାର୍ଯ୍ୟ ଜାରି ରଖିବ ଏବଂ ସମସ୍ତ ଭାରତୀୟଙ୍କ ଆୟ କେବଳ ଏହି ସୀମା ମଧ୍ୟରେ ରହିପାରିବ। ପାର୍ଟି କହିଥିଲା, ସହରଗୁଡ଼ିକରେ ଆବାସିକ ଘରଗୁଡ଼ିକର ଆକାରକୁ ସୀମିତ ରଖିବ ଏବଂ ୧୦୦୦ ବର୍ଗ ଗଜ୍‌ରୁ ଅଧିକ ପ୍ଲଟ୍‌କୁ ଅନୁମତି ଦେବ ନାହିଁ। 'ସର୍ବନିମ୍ନ ସରକାର ସର୍ବାଧିକ ସରକାର' ଧ୍ୱନି ସହିତ ଏହାର କାର୍ଯ୍ୟକୁ ତୁଳନା କରନ୍ତୁ ଏବଂ ଦେଖନ୍ତୁ ଏଥିରେ କୌଣସି ସ୍ଥିରତା ନାହିଁ। ଏବଂ ଗୋଟିଏ ସ୍ଥିତିରୁ ଅନ୍ୟ ସ୍ଥିତିକୁ ଦଳ କାହିଁକି ପରିବର୍ତ୍ତନ କଲା ତାହାର କୌଣସି କାରଣ ପାଇବେ ନାହିଁ। ଜନ ସଂଘ ପ୍ରଥମେ କୃଷି ଯାନ୍ତ୍ରିକୀକରଣକୁ ସମର୍ଥନ କରିଥିଲା, କିନ୍ତୁ ପରେ ୧୯୫୪ରେ ଏହାକୁ ବିରୋଧ କଲା। ଏହା ଚାହୁଁଥିଲା ଯେ ଶିଳ୍ପ ଏହାର ଅଟୋମେଶନ ବା ସ୍ୱୟଂଚାଳିତ ପ୍ରକ୍ରିୟାକୁ ଦକ୍ଷତା ଆଧାରରେ ନୁହେଁ ବରଂ କେତେଜଣ ବ୍ୟକ୍ତି ନିଯୁକ୍ତି ଦେଇ ଠିକ୍ କରୁ। ଜଣେ ବ୍ୟବସାୟୀ ଖର୍ଚ୍ଚ ହ୍ରାସ କରିବା ପରିବର୍ତ୍ତେ ତାହାକୁ କାହିଁକି ବଢ଼ାଇବାକୁ ଚାହିଁବ, ସେ ବିଷୟରେ ଏହା ବ୍ୟାଖ୍ୟା କରିନାହିଁ।

୧୯୭୧ରେ ଦଳ କହିଥିଲା, ପ୍ରତିରକ୍ଷା ଏବଂ ଏରୋସ୍ପେସ୍ ବ୍ୟତୀତ ଅନ୍ୟ କୌଣସି ଶିଳ୍ପ ସ୍ୱୟଂଚାଳିତ ହେବାକୁ ଚାହେଁନାହିଁ। ଚଳିତ ସପ୍ତାହରେ ଯେତେବେଳେ ଅର୍ଥ ସଚିବଙ୍କ ସାକ୍ଷାତ୍କାରର ଏକ ଶୀର୍ଷକ ''କମ୍ ଅଟୋମେଶନ ଆପଣାଇ ଅଧିକ ଶ୍ରମିକ ବ୍ୟବହାର କରିବା ଶିଳ୍ପ ପାଇଁ ଅସୁବିଧା''କୁ ଦେଖିଲି ସେତେବେଳେ ମୋର ଏହି କଥା ମନେପଡ଼ିଗଲା। ୧୯୫୦, ୧୯୬୦, ୧୯୭୦ ଏବଂ ୧୯୮୦ ଦଶକ ମଧ୍ୟରେ ଦଳ କେବଳ ସେହି ସମୟର କଂଗ୍ରେସ ମେନିଫେଷ୍ଟୋକୁ ସ୍ୱୀକାର କରୁଥିଲା କିମ୍ବା ପ୍ରତିକ୍ରିୟା ରଖୁଥିଲା। ସେତେବେଳେ ପ୍ରକୃତରେ ସେମାନଙ୍କର ନିଜସ୍ୱ ପ୍ରସ୍ତାବ ଦେବାକୁ କିଛି ନ ଥିଲା କି ସେମାନେ ଏହା ଆବଶ୍ୟକ ବୋଲି ମଧ୍ୟ ଭାବି ନ ଥିଲେ। କାରଣ ୧୯୮୯ ପର୍ଯ୍ୟନ୍ତ ଏହାର ଭୋଟ ହାର ଏକକ ସଂଖ୍ୟା ରହିଥିଲା ଏବଂ ଭାଜପା ଜାଣିଥିଲା ଏହା କ୍ଷମତାକୁ ଆସିବ ନାହିଁ କି ଏକ ନୀତି ପ୍ରଣୟନ କରିବାର ଆବଶ୍ୟକତା ପଡ଼ିବ ନାହିଁ। ତେଣୁ ଯାହା ମୁଣ୍ଡକୁ ଆସିଲା ତାହା ମୁକ୍ତ କଣ୍ଠରେ କହିଗଲା। ବର୍ତ୍ତମାନ ଭାଜପା ଭାରତୀୟ ରାଜନୀତିରେ ପ୍ରଭାବୀ ଶକ୍ତି ଭାବରେ ପ୍ରତିଷ୍ଠିତ ହୋଇଛି, ଲୋକମାନେ ଏହାକୁ ଅଧିକ ଗମ୍ଭୀରତା ସହ ନେଇଛନ୍ତି। ଏହାର ଭୋଟରମାନେ ଅନୁମାନ କରନ୍ତି ଯେ 'ମୋଦିନୋମିକ୍ସ' ପଛରେ କିଛି ବଡ଼ ରଣନୀତି ବା ଅନ୍ତତଃ ପକ୍ଷେ କିଛି ମୌଳିକ ବିଚାରଧାରା ଅଛି ଏବଂ ଏହା ବଜେଟରେ ଜଣାପଡ଼ିବ। କିନ୍ତୁ ଏହା ସେପରି ହୋଇ ନାହିଁ।

Email:aakar.patel@gmail.com

# ସ୍ୱାସ୍ଥ୍ୟସେବାରେ ପାତରଅନ୍ତର



ବୃହସ୍ପତି ସାମଲ

ଭାରତର ଜନସଂଖ୍ୟା ଅନୁପାତରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଚିକିତ୍ସାଳୟର ଅଭାବ ଯୋଗୁ ହାସ୍‌ପାତାଳଗୁଡ଼ିକ ଉତ୍କୃଷ୍ଟ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ବିଫଳ ହେଉଛନ୍ତି। ବିଭିନ୍ନ ଗୋଷ୍ଠୀ, ଜାତି, ଲିଙ୍ଗ, ଅର୍ଥନୈତିକ ଓ ସାମାଜିକ ପ୍ରତିଷ୍ଠା, ଭୌଗୋଳିକ ଅବସ୍ଥିତି ତଥା ସର୍ବୋପରି ସରକାରୀ ନୀତି ନିୟମର ପରିଧି ଭିତରେ ଉଭୟ ସରକାରୀ ଓ ବେସରକାରୀ ଚିକିତ୍ସାଳୟଗୁଡ଼ିକରେ ଲୋକମାନେ ସ୍ୱାସ୍ଥ୍ୟସେବାରେ ଘୋର ପାତରଅନ୍ତରର ଶିକାର ହେବା ଆଜିକାଲି ଏକ ନିତିଦିନିଆ ସାଧାରଣ ଘଟଣା। ଗ୍ରାମାଞ୍ଚଳର ଚିକିତ୍ସା କ୍ଷେତ୍ରରେ ଥିବା ପାତରଅନ୍ତରକୁ ଦୂର କରିବା ପାଇଁ ୨୦୦୫ରେ ଆରମ୍ଭ ହୋଇଥିବା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ପ୍ରଦର୍ଶନ ସନ୍ତୋଷଜନକ ନୁହେଁ। ସ୍ୱାସ୍ଥ୍ୟ ଭିତ୍ତିଭୂମି ଦୃଢ଼ କରିବା ପାଇଁ ବଜେଟରେ ସମ୍ବଳ ବଣ୍ଟନର ପାତରଅନ୍ତର ନୀତି ଯୋଗୁ ଆନ୍ଧ୍ରପ୍ରଦେଶ ଓ କର୍ନାଟକ ଭଳି ରାଜ୍ୟଠାରୁ ରାଜସ୍ଥାନ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟଗୁଡ଼ିକ ବହୁ ପଛରେ। ୨୦୨୩ର ଏକ ସର୍ବେକ୍ଷଣ ଅନୁଯାୟୀ, ପାଞ୍ଚ କିଲୋମିଟର ପରିଧି ଭିତରେ ଗ୍ରାମାଞ୍ଚଳର ମାତ୍ର ୩୫% ପରିବାରକୁ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉଥିବା ବେଳେ ସହରାଞ୍ଚଳରେ ତାହା ୮୫%। ସେହିପରି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ମାତ୍ର ୧୫% ବିଭିନ୍ନ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ବେଳେ ଉଚ୍ଚ ଆୟକାରୀ ବର୍ଗର ଲୋକମାନଙ୍କ କ୍ଷେତ୍ରରେ ତାହା ୭୦%। ଅଙ୍ଗପ୍ରତ୍ୟଙ୍ଗ ରୋପଣ ଓ କର୍କଟ ରୋଗ ଆଦି ଚିକିତ୍ସାରେ ତାମିଲନାଡୁ ଓ କର୍ନାଟକ ଭଳି ଦକ୍ଷିଣ ଭାରତୀୟ ରାଜ୍ୟ ବିହାର ଓ ଉତ୍ତରପ୍ରଦେଶ ଭଳି ଉତ୍ତର ଭାରତୀୟ ରାଜ୍ୟଠାରୁ ବହୁ ଆଗରେ। ଭିତ୍ତିଭୂମି ସଂରଚନା ଏବଂ ସମ୍ବଳ ବଣ୍ଟନ ଓ ସାଧନରେ ପାତରଅନ୍ତର ଚିକିତ୍ସା କ୍ଷେତ୍ରରେ ଏକ ଆଞ୍ଚଳିକ ବୈଷମ୍ୟ ସୃଷ୍ଟି କରି ଜନସାଧାରଣଙ୍କୁ ସମାନ ଧରଣର ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅନ୍ତରାୟ ହେଉଛି। ଅକ୍ସଫାମ୍ ଇଣ୍ଡିଆର ଏକ ସର୍ବେକ୍ଷଣ ଅନୁଯାୟୀ ପ୍ରତି ତିନିଜଣରେ ଜଣେ ମୁସଲମାନ, ୨୦%ରୁ ଊର୍ଦ୍ଧ୍ୱ ଦଳିତ ଓ ଆଦିବାସୀ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ଅନ୍ୟୂନ ୩୦% ଚିକିତ୍ସା କ୍ଷେତ୍ରରେ ଜାତି ଓ ଧର୍ମକୁ ନେଇ ଭେଦଭାବର ଶିକାର ହୋଇଥାନ୍ତି। ଭାରତରେ ପ୍ରାୟ ୪୦% ମହିଳା ଜନ୍ମ ସମୟରେ ଯୋଗ୍ୟ ଚିକିତ୍ସା ନ ପାଇବା ଏବଂ ମୁସ୍‌ଲିମ ସମ୍ପ୍ରଦାୟରେ ପ୍ରାୟ ୧୫% ଲୋକ ଉଚ୍ଚମାନର ଚିକିତ୍ସାରୁ ବଞ୍ଚିତ ହେବା ଚିକିତ୍ସା କ୍ଷେତ୍ରରେ ଲିଙ୍ଗ ଓ ସମ୍ପ୍ରଦାୟଗତ ଭେଦଭାବକୁ ପ୍ରତିପାଦିତ କରେ।

ଗରିବ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଅନ୍ୟୂନ ୫୦ କୋଟି ପରିବାରକୁ ପରିବାର ପିଛା ବାର୍ଷିକ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଦେବା ପାଇଁ ଭାରତ ସରକାର ୨୦୧୮ରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଆୟୁଷ୍ମାନ୍ ଭାରତ) ଯଦିଓ ଆରମ୍ଭ କଲେ। ତଥ୍ୟ ଅନୁଯାୟୀ, ୨୦୨୩ ସୁଦ୍ଧା ମାତ୍ର ୧୦ କୋଟି ପରିବାର ଆୟୁଷ୍ମାନ୍ ଭାରତ ଯୋଜନାରେ ଲାଭାନ୍ୱିତ ହୋଇଛନ୍ତି। ଏହି ଯୋଜନାରେ କେରଳରେ ୭୦% ପରିବାର ଓ ବିହାରରେ ମାତ୍ର ୨୫% ଉପକୃତ ହୋଇଛନ୍ତି। ଆୟୁଷ୍ମାନ୍ ଭାରତରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ପ୍ରାୟ ୨ କୋଟି ଲୋକ ୨୦୨୩ ସୁଦ୍ଧା ଲାଭ ପାଇଛନ୍ତି, ଯାହା ଯୋଜନାର ମୋଟ ଲାଭାର୍ଥୀଙ୍କର ମାତ୍ର ୨୦%। ଚିକିତ୍ସା ଖର୍ଚ୍ଚ ନିର୍ଦ୍ଧାରିତ ପାଞ୍ଚ ବା ଦଶ ଲକ୍ଷ ଅତିକ୍ରମ କଲେ, ରୋଗୀମାନେ ଅଯଥା ଅବହେଳାର ଶିକାର ହେଉଥିବାବେଳେ କାର୍ଡ ଜରିଆରେ ଚିକିତ୍ସା ବାବଦ ଖର୍ଚ୍ଚକୁ ସରକାର ଠିକ୍ ସମୟରେ ନିର୍ଦ୍ଦିଷ୍ଟ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଭରଣା କରୁ ନ ଥିବାରୁ, ଅନେକ ହାସ୍‌ପାତାଳ ଏସବୁ କାର୍ଡ ଗ୍ରହଣ କରିବାକୁ ଅନିଚ୍ଛୁକ ହେଉଛନ୍ତି। ଏହା ବାଦ୍, ଅନେକ ସରକାରୀ ଡାକ୍ତରଖାନାଗୁଡ଼ିକରେ ସବୁ ପ୍ରକାରର ଚିକିତ୍ସା ଉପଲବ୍ଧ ନଥିଲା ବେଳେ ସରକାର ଅନେକ ସୁପରସ୍ପେଶାଲିଟି ଓ ମଲ୍ଟିସ୍ପେଶାଲିଟି ଘରୋଇ ହାସ୍‌ପାତାଳକୁ ଏଭଳି ଯୋଜନା କାର୍ଡ ପରିସରଭୁକ୍ତ କରିନାହାନ୍ତି, ଯେଉଁଥିପାଇଁ ସାଧାରଣ ରୋଗୀମାନେ ଉତ୍ତମ ଓ ଉପଯୁକ୍ତ ଚିକିତ୍ସା ପାଇପାରୁନାହାନ୍ତି।



ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ କ୍ଷେତ୍ରରେ ପାତରଅନ୍ତର ଆହୁରି ଅଧିକ। ସପ୍ତମ ବେତନ ଆୟୋଗ ଆଧାରରେ ପେ'ମାଟ୍ରିକ୍ସ ସ୍ତର ୧ରୁ ୫, ସ୍ତର ୬, ସ୍ତର ୭ରୁ ୧୧ ଏବଂ ସ୍ତର ୧୨ରୁ ତଦୂର୍ଦ୍ଧ୍ୱରେ ଥିବା କେନ୍ଦ୍ର ସରକାରୀ କର୍ମଚାରୀମାନେ ମାସିକ ଦରମାରୁ ଯଥାକ୍ରମେ ୨୫୦, ୪୫୦, ୬୫୦ ଓ ୧୦୦୦ ଟଙ୍କା ଉତ୍ସର୍ଗ କରି ଏବଂ ପେନ୍‌ସନଭୋଗୀମାନେ ଯଥାକ୍ରମେ ଏକକାଳୀନ ୩୦,୦୦୦, ୫୪,୦୦୦, ୭୮,୦୦୦ ଓ ୧,୨୦,୦୦୦ ଟଙ୍କା ଦାଖଲ କରି ଆଜୀବନ ସିଜିଏଚ୍‌ଏସ୍ ଅଧୀନରେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥା'ନ୍ତି। କିନ୍ତୁ ସମସ୍ତଙ୍କ ପାଇଁ ସମାନ ପ୍ରକାରର ସୁବିଧା ଉପଲବ୍ଧ ନ ହୋଇ ସପ୍ତମ ବେତନ ଆୟୋଗର ମୂଳ ଦରମା ଆଧାରରେ ଅଲଗା ଅଲଗା ଭାବରେ ସ୍ୱାସ୍ଥ୍ୟସେବା ନିର୍ଦ୍ଧାରିତ ହୁଏ। ମୂଳ ମାସିକ ଦରମା ୩୬,୫୦୦, ୩୬,୫୦୧ରୁ ୫୦,୫୦୦ ଏବଂ ୫୦,୫୦୦ରୁ ତଦୂର୍ଦ୍ଧ୍ୱ ଥିବା ସିଜିଏଚ୍‌ଏସ୍ ଉପଭୋକ୍ତାମାନେ ଯଥାକ୍ରମେ ସାଧାରଣ ୱାର୍ଡ଼, ସେମି ପ୍ରାଇଭେଟ ୱାର୍ଡ଼ ଓ ପ୍ରାଇଭେଟ ୱାର୍ଡ଼ରେ ଚିକିତ୍ସିତ ହେବାର ସୁବିଧା ପାଇଥା'ନ୍ତି, ଯାହା ଚିକିତ୍ସା କ୍ଷେତ୍ରରେ ଆର୍ଥିକ ପାତରଅନ୍ତରକୁ ସ୍ପଷ୍ଟ କରେ। ଅଧିକନ୍ତୁ; ବିଭିନ୍ନ ବ୍ୟାଧିର ଚିକିତ୍ସା ପାଇଁ ସିଜିଏଚ୍‌ଏସ୍‌ରେ ଯେଉଁ ପ୍ୟାକେଜ ନିର୍ଦ୍ଧାରିତ ହୋଇଛି, ତାହା ପ୍ରକୃତ ଖର୍ଚ୍ଚଠାରୁ ଅଧିକାଂଶ କ୍ଷେତ୍ରରେ ଯଥେଷ୍ଟ କମ୍ ରହୁଥିବାରୁ ଉପଭୋକ୍ତାମାନେ ଆର୍ଥିକ ଅସୁବିଧାର ମଧ୍ୟ ସମ୍ମୁଖୀନ ହୋଇଥା'ନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ଭାରତୀୟ ଡାକ ବିଭାଗର ଅନ୍ୟୂନ ତିନି ଲକ୍ଷ ଗ୍ରାମୀଣ ଡାକସେବକ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୌଣସି ସ୍ୱାସ୍ଥ୍ୟସେବା ଯୋଜନାରେ ଅନ୍ତର୍ଭୁକ୍ତ ନାହାନ୍ତି।

ଅଧିକନ୍ତୁ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କ୍ରମାଗତ ବଜେଟ ହ୍ରାସ ନିମ୍ନମାନର ସ୍ୱାସ୍ଥ୍ୟସେବା ପାଇଁ ବହୁ ପରିମାଣରେ ଦାୟୀ। ୨୦୧୮-୧୯ରୁ ୨୦୨୩-୨୪ ଭିତରେ ବିଗତ ପାଞ୍ଚ ବର୍ଷର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଜେଟ ଆବଣ୍ଟନ କଥାରୁ ସ୍ପଷ୍ଟ ହୁଏ ଯେ, ୨୦୧୮-୧୯ ବଜେଟରେ ମୋଟ ୫୬,୨୩୬ କୋଟି ଟଙ୍କା (ଯାହା ମୋଟ ବଜେଟର ୨.୪% ଓ ମୋଟ ଘରୋଇ ଉତ୍ପାଦ ବା ଜିଡିପିର ୦.୩%)ର ବ୍ୟୟ ବରାଦ କରାଯାଇଥିବା ବେଳେ, ୨୦୨୩-୨୪ରେ (ସଂଶୋଧିତ) ୮୩,୪୧୮ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି, ଯାହା ମୋଟ ବଜେଟର ୧.୯% ଓ ଜିଡିପିର ୦.୨୮%। ଏଠି ଯଦି ସରକାରଙ୍କ ସ୍ୱାସ୍ଥ୍ୟ ଉପକର(ସେସ୍)ରୁ ସଂଗୃହୀତ ଆୟକୁ ବିଚାର କରାଯାଏ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଜେଟ ଆବଣ୍ଟନ ଆହୁରି କମିଯିବ। ଉଦାହରଣ ସ୍ୱରୂପ ୨୦୨୨-୨୩ରେ ୭୮,୧୭୯ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ କେବଳ ଉପକରରୁ ଆୟ ଥିଲା ୧୮,୩୦୦ କୋଟି ଟଙ୍କା। ଅର୍ଥାତ୍ ଏହି ଆୟକୁ ବାଦ୍‌ଦେଲେ ୨୦୨୨-୨୩ର ପ୍ରକୃତ ଆବଣ୍ଟନ ମାତ୍ର ୫୯,୮୭୯ ; ଯାହା ୨୦୧୯-୨୦ର ଆବଣ୍ଟନ (୬୬,୦୪୨ କୋଟି)ଠାରୁ ବି କମ୍। ଗ୍ରାମାଞ୍ଚଳର ଗରିବ ଜନତାଙ୍କ ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇ କେନ୍ଦ୍ର ସରକାର ୨୦୧୮ରେ ସ୍ୱାସ୍ଥ୍ୟ ଉପକର ଲାଗୁ କଲାବେଳେ ବ୍ୟୟବରାଦ ମୋଟ ବଜେଟର ୨.୪% ଥିଲା। ଅନ୍ତତଃ ଯଦି ସେହି ଅନୁପାତରେ ବ୍ୟୟ ଅଟକଳ କରାଯାଉଥା'ନ୍ତା, ତେବେ ୨୦୨୩-୨୪ର ବଜେଟ ଆବଣ୍ଟନ ୮୩,୪୧୮ କୋଟି ଟଙ୍କା ପରିବର୍ତ୍ତେ ୧.୦୭ ଲକ୍ଷ କୋଟି ଟଙ୍କା ହୋଇଥାନ୍ତା। ୨୩ ଜୁଲାଇ ୨୦୨୪ରେ ଆଗତ ୨୦୨୪-୨୫ର ବଜେଟରେ ୯୦୯୫୮.୬୩ କୋଟିର ବ୍ୟୟ ବରାଦ ମଧ୍ୟ ଉତ୍ସାହପ୍ରଦ ନୁହେଁ। ମେଡିକାଲ ସରଞ୍ଜାମ ଓ ଔଷଧପତ୍ରର କ୍ରମାଗତ ଦରବୃଦ୍ଧିକୁ ବିଚାର କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଜେଟ ଆବଣ୍ଟନକୁ ସମାନୁପାତିକ ହାରରେ ବୃଦ୍ଧି ନ କରିବା, ଉଚ୍ଚମାନର ସେବା ପ୍ରଦାନରେ ଘୋର ଅନ୍ତରାୟ ସୃଷ୍ଟି କରିବା ଅତ୍ୟନ୍ତ ସ୍ୱାଭାବିକ।

ଚିକିତ୍ସା କ୍ଷେତ୍ରରେ ପାତରଅନ୍ତର ଏକ ପ୍ରମୁଖ ସମସ୍ୟା, ଯାହା ବିକାଶର ପରିପନ୍ଥୀ ଏବଂ ଭାରତୀୟ ସମ୍ବିଧାନର ଧାରା ୧୪, ୨୧ ଓ ୪୭ର ଖୋଲା ଉଲ୍ଲଂଘନ। ସ୍ୱାସ୍ଥ୍ୟ ଏବଂ ଚିକିତ୍ସାର ଅଧିକାର, ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ବଞ୍ଚିବାର ଅଧିକାରର ପରିସରଭୁକ୍ତ। ଉଚ୍ଚତମ ନ୍ୟାୟାଳୟଙ୍କ ମତରେ ଜୀବନ ସଂରକ୍ଷଣ ସର୍ବୋପରି। ଏଣୁ ଏକ ଭେଦଭାବହୀନ ସୁସ୍ଥ ସମାଜ ଗଠନ ପାଇଁ ସବୁ ଲୋକ ସମାନ ପ୍ରକାରର ଚିକିତ୍ସା ସୁବିଧା ପାଇବା ଆବଶ୍ୟକ।

ସାଧାରଣ ସମ୍ପାଦକ
କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ
ଓଡ଼ିଶା ରାଜ୍ୟ ସମନ୍ୱୟ ସମିତି, ଭୁବନେଶ୍ୱର
ମୋ: ୯୪୩୭୦୨୨୬୬୯

# କାର୍ଯ୍ୟ କରିବାର ସମୟ ଆସିଛି



ଡା. ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ବିଶ୍ୱବ୍ୟାପୀ ଏହି ଦିବସ ପାଳିତ ହୋଇଥାଏ। ପ୍ରତିବର୍ଷ ପରି ଚଳିତବର୍ଷର ବାର୍ତ୍ତା ରହିଛି 'କାର୍ଯ୍ୟ କରିବାର ସମୟ ଆସିଛି' ('It's time for action')। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରିଆସୁଛି।

ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ୍ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ। ହେପାଟାଇଟିସ୍‌କୁ ପାଞ୍ଚଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ୍-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରା ନ ଯାଏ, ତେବେ ଏହା ଲିଭର ସିରୋସିସ୍, ଲିଭର କ୍ୟାନ୍‌ସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍‌ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ।

ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନତାଧର୍ମୀ ବାର୍ତ୍ତା ଦେଇଥାନ୍ତି। ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ-ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ ମେ'କୁ ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍‌ବର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।



ବିଶ୍ୱ ହେପାଟାଇଟିସ୍ ଦିବସ ଉପଲକ୍ଷେ

ଲିଭର ବା ଯକୃତ ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି। ଏହା ପାଚନରେ ସହାୟକ ଏକାଧିକ ପ୍ରକାରର ରସ ସୃଷ୍ଟିକରେ ଏବଂ ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ୍ କରିଥାଏ। ଏବେ ଯକୃତ ସହିତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଏହାର କାରଣ। ଯକୃତ ଖରାପ ହୋଇଗଲେ ଟ୍ରାନ୍ସପ୍ଲାଣ୍ଟ ବ୍ୟତୀତ ଅନ୍ୟ ଉପାୟ ନାହିଁ। ତେବେ ଯକୃତ ଅସୁସ୍ଥ ହେବାର ବହୁ କାରଣ ରହିଛି। ଭାଇରାଲ ହେପାଟାଇଟିସ୍ : ଏହା ଏ, ବି, ସି, ଡି ଏବଂ ଇ- ପାଞ୍ଚ ପ୍ରକାରର। ଯେଉଁ କେସ୍‌ରେ ଏକମାସ ମଧ୍ୟରେ ଲକ୍ଷଣ ପ୍ରକାଶପାଏ ତାକୁ ଆକ୍ୟୁଟ୍ ବୋଲି କହିଥାନ୍ତି ଏବଂ ଏଥିରେ ଯକୃତକୁ ରକ୍ଷା କରାଯାଇପାରେ। ତେବେ ଲକ୍ଷଣ ପ୍ରକାଶ ପାଇବା ୬ ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ପୂରା ସୁସ୍ଥ ହେବାର ଆଶା କ୍ଷୀଣ ରହେ। ଯେଉଁମାନଙ୍କୁ ପିଲାଦିନରୁ ଏହି ଇନ୍‌ଫେକ୍‌ସନ ହୋଇଥାଏ, ସେମାନେ ବଡ଼ ହେବା ପରେ ସାଧାରଣତଃ କ୍ରୋନିକ୍ ହେପାଟାଇଟିସ୍‌ରେ ପୀଡ଼ିତ ହୁଅନ୍ତି। ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ। ଅତ୍ୟଧିକ ମଦ୍ୟପାନ ଦ୍ୱାରା ଲିଭର କ୍ଷତିଗ୍ରସ୍ତ ହୋଇଥାଏ। ଏଥିରେ ଫାଇବ୍ରୋସିସ୍ ଦେଖାଯାଏ ଏବଂ ଲିଭର ସଙ୍କୁଚିତ ହେବାକୁ ଲାଗେ, ଯେଉଁଥିରେ ଛୋଟ-ବଡ଼ ଗଣ୍ଠି ମଧ୍ୟ ପଡ଼ିଯାଏ। ଏହା ହିଁ ହେଉଛି ଲିଭର ସିରୋସିସ୍। ପ୍ରତିଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ଯକୃତ କୋଷ କ୍ଷତିଗ୍ରସ୍ତ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ ଥିଲେ ବି ପରେ ମଦ ଅଭ୍ୟାସ ନ ଛାଡ଼ିଲେ ଚିକିତ୍ସା ଆଉ ସମ୍ଭବ ହୁଏନାହିଁ। ଅଧିକ ତୈଳୀୟ ଖାଦ୍ୟ ଖାଉଥିବା ତଥା ପରିଶ୍ରମ କରୁନଥିବା ବ୍ୟକ୍ତିଙ୍କର ଫ୍ୟାଟି ଲିଭର ଆଶଙ୍କା ଅଧିକ। ଏହି ଘଟଣା ପାଇଁ ମୋଟାପା ୭୦% ଦାୟୀ। ତେବେ ଏହାର ଆଉ କେତେକ କାରଣ ବି ଦେଖାଗଲାଣି। ୩୦-୪୦% ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଯକୃତ ପରୀକ୍ଷଣ କରାଇ ନେବା ଜରୁରୀ। ଏହାକୁ ଅଟୋଇମ୍ୟୁନ୍ ହେପାଟାଇଟିସ୍ କୁହାଯାଏ। ଫ୍ୟାଟି ଲିଭର ପାଇଁ ଅଲଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ। ରକ୍ତ ପରୀକ୍ଷାରୁ ଯକୃତ ସମ୍ବନ୍ଧରେ ଜଣାନପଡ଼ିଲେ ବିଶେଷଜ୍ଞମାନେ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି। ଏଥିରେ ଯକୃତର କିଛି ଅଂଶ ଲାବୋରେଟରିକୁ ପଠାଯାଇ ପରୀକ୍ଷା କରାଯାଏ। ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ ଏବଂ ନିୟମିତ ବ୍ୟବଧାନରେ ୪୦ ବର୍ଷ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ। ସବୁଠାରୁ ବଡ଼ କଥା ମଦ୍ୟପାନରୁ ବିରତ ରୁହନ୍ତୁ।

ପ୍ରଫେସର, ହେପାଟୋଲଜି ବିଭାଗ,
ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

ଗୋଷ୍ଠୀଗତ ଏକତାର ସବୁବେଳେ ବିଜୟ ହୁଏ। ଏହି ବିଜୟ କେବଳ ଯୁଦ୍ଧ କିମ୍ବା ପ୍ରତିଯୋଗିତାରେ ନୁହେଁ, ବରଂ ସ୍ୱଚ୍ଛତା କ୍ଷେତ୍ରରେ ମଧ୍ୟ ଘଟିଥାଏ। ଏଭଳି ଏକତାର ପରିଚୟ ଦେଇଛନ୍ତି ଚେନ୍ନାଇର ଚିତଲାପକମ ବାସିନ୍ଦା। ସେମାନେ '#ସେଭିଂ ଚିତଲାପକମ ଲେକ୍' ଅଭିଯାନ ଆରମ୍ଭ କରି ୫୦ ଏକର ପରିମିତ ୧୦୦ ବର୍ଷର ହ୍ରଦକୁ ପୁନରୁଦ୍ଧାର କରିବା ସହ ପରିବେଶକୁ ସ୍ୱଚ୍ଛ କରିପାରିଛନ୍ତି। ଏହି କାମ ପାଇଁ ସେମାନେ ୭ ବର୍ଷ ନିରବଚ୍ଛିନ୍ନ ଭାବେ ଚେଷ୍ଟା କରିଆସିଛନ୍ତି। ସେମାନେ ବିଭିନ୍ନ ସରକାରୀ ଓ ବେସରକାରୀ ଉତ୍ସରୁ ଆର୍ଥିକ ଅନୁଦାନ ସଂଗ୍ରହ କର ଏହି କାର୍ଯ୍ୟ ସମ୍ପାଦନ କରିଛନ୍ତି। ପ୍ରଥମେ ଚିତଲାପକମର ପ୍ରତ୍ୟେକ ପରିବାର ୧୦୦ ଟଙ୍କା ଲେଖା ଦେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଅଭିଯାନରେ ପିଲାଠାରୁ ଆରମ୍ଭ କରି ୯୦ ବର୍ଷ ବୟସର ଲୋକ ଜଡ଼ିତ ରହିଛନ୍ତି। ସେମାନେ ତାଙ୍କ ଟିମ୍‌ର ନାମ ଦେଇଛନ୍ତି ଚିତଲାପକମ ରାଇଜିଂ। ସେମାନେ ୨୦୧୭ରେ ପୋଷ୍ଟକାର୍ଡ କ୍ୟାମ୍ପେନ, ପଥପ୍ରାନ୍ତ ନାଟକ ଓ ଗୀତ ମାଧ୍ୟରେ ଏହି ହ୍ରଦର ସୁରକ୍ଷା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ଆରମ୍ଭ କରିଥିଲେ। ୨୦୧୯ ବେଳକୁ ସେମାନଙ୍କ ସହିତ ୨୦୦୦ ଲୋକ ସାମିଲ ହୋଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

### ୨୮ ଜୁଲାଇ ୧୯୭୫

- ରୁଷିଆ ପ୍ରେରିତ ମହାକାଶ କେନ୍ଦ୍ର ସାଲ୍ୟୁତ-୪ର ଦୁଇ ମହାକାଶଚାରୀ ଦୁଇମାସକାଳ ପୃଥିବୀର କକ୍ଷ ପରିକ୍ରମା କରିବା ପରେ ଭୂପୃଷ୍ଠକୁ ଫେରିଆସିଛନ୍ତି।
- ଇସ୍‌ଲାମାବାଦରେ ୩୮ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଗୋଟିଏ ଟ୍ରକ୍ ପୋଲ ଉପରୁ ସିନ୍ଧୁନଦୀକୁ ଖସିପଡ଼ିବା ଫଳରେ ୩୪ଜଣଙ୍କ ମୃତ୍ୟୁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 3 | | | | 6 | | | |
| | | 8 | | | 4 | | | 6 |
| | | | | | | 1 | 5 | |
| | 5 | | 4 | | | | 3 | |
| | 9 | | 1 | | 3 | | | |
| | | | | | | | | 7 |
| | | 9 | | | | | | |
| | | 5 | | | 8 | | 7 | |
| | 4 | | | 9 | 2 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 7 | 6 | 2 | 3 | 8 | 4 |
| 8 | 6 | 2 | 4 | 3 | 5 | 7 | 9 | 1 |
| 3 | 4 | 7 | 1 | 8 | 9 | 2 | 6 | 5 |
| 9 | 7 | 4 | 8 | 2 | 6 | 5 | 1 | 3 |
| 2 | 8 | 3 | 9 | 5 | 1 | 6 | 4 | 7 |
| 6 | 1 | 5 | 3 | 7 | 4 | 8 | 2 | 9 |
| 4 | 3 | 8 | 2 | 1 | 7 | 9 | 5 | 6 |
| 5 | 2 | 1 | 6 | 9 | 3 | 4 | 7 | 8 |
| 7 | 9 | 6 | 5 | 4 | 8 | 1 | 3 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅବସରକାଳୀନ ଚିକିତ୍ସା ଭତ୍ତା ଦିଆଯାଉ

ମହାଶୟ,

ଅବସରକାଳୀନ ଚିକିତ୍ସା ଭତ୍ତା ପାଇଁ ପୂର୍ବ ସରକାରଙ୍କୁ ଅନେକ ଥର ଅନୁରୋଧ କରାଯାଇଥିଲା। ସେ ତାହା ପ୍ରତି କର୍ଣ୍ଣପାତ କଲେ ନାହିଁ। ଅବସର ପରେ ମିଳୁଥିବା ପେନ୍‌ସନରେ ଘର ଚଳାଇବା ସହିତ ଗୁଡ଼ାଏ ଔଷଧ ଖାଇ ବଞ୍ଚିବାଟା କଷ୍ଟସାଧ୍ୟ ହୋଇ ପଡ଼େ। ହସ୍ପିଟାଲରେ ଆଡ୍‌ମିଟ ହେଲେ ଲକ୍ଷ ଲକ୍ଷ ଟଙ୍କା ପାଣି ପରି ବୋହିଯାଏ। ପୁଅବୋହୂଙ୍କ ଉପରେ ନିର୍ଭର କରି ଚଳିବାଟା ମଧ୍ୟ କଷ୍ଟଦାୟକ। ବରଂ ସେମାନେ ଚାକିରି ନ ପାଇ ବାପାମାଆଙ୍କ ଉପରେ ନିର୍ଭର କରିଥାନ୍ତି। ଚାକିରି ପାଇଲେ ବାପାମାଆଙ୍କଠାରୁ ଦୂରେଇ ଯାଆନ୍ତି। ଏଭଳି ପରିପ୍ରେକ୍ଷୀରେ ପେନ୍‌ସନ ହୋଲ୍ଡରମାନଙ୍କୁ ଅବସରକାଳୀନ ଚିକିତ୍ସା ଭତ୍ତା ଦିଆଯାଉ। ତୃତୀୟ ଓ ଚତୁର୍ଥ ଶ୍ରେଣୀର ପେନ୍‌ସନରମାନେ ସ୍ୱଳ୍ପ ପେନ୍‌ସନ ପାଇ ଦୁଃଖରେ ରହିଥାନ୍ତି। ତେଣୁ ସତୁରି ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବୃଦ୍ଧାବୃଦ୍ଧଙ୍କୁ ଆୟୁଷ୍ମାନ୍ ଯୋଜନାରେ ଅନ୍ତର୍ଭୁକ୍ତ କଲେ ଭଲ ହୁଅନ୍ତା।

**- ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚାହିଁ ରହେ ଚିର ତୁମରି ଗତିର
ଗୀତି-ପଥ ଅନୁସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି!
(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜନତା ବାଛିବେ, କାଉନସିଲର କାଢ଼ିବେ

ଭବାନୀପାଟଣା,୨୭।୭ (ଉତ୍ତମ କୁମାର ଦାଶ)

**ସଂଶୋଧନ ହୋଇଛି ୧୯୯୪ ନିୟମ, ହେଲାନି ୫୪ (ଏ)**

**ଭବାନୀପାଟଣା ପୌରାଧ୍ୟକ୍ଷା, ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା**

ବିଗତ ବର୍ଷରେ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି), ମ୍ୟୁନିସିପାଲିଟି ଅଧ୍ୟକ୍ଷ ଓ ମହାନଗର ନିଗମ ମେୟରଙ୍କୁ କାଉନସିଲର ଓ କର୍ପୋରେଟର ପରୋକ୍ଷ ଭାବେ ଚୟନ କରୁଥିଲେ। ହେଲେ ପୂର୍ବ ରାଜ୍ୟ ସରକାର ୨୦୨୨ ପୌର ନିର୍ବାଚନ ପୂର୍ବରୁ ଓଡ଼ିଶା ପୌରପାଳିକା ନିୟମାବଳୀ ୧୯୯୪ରେ ସଂଶୋଧନ କରିଥିଲେ। ଏଥିରେ ଏନ୍‌ଏସି, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଓ ମହାନଗର ନିଗମ ମେୟର ପ୍ରତ୍ୟକ୍ଷ ନିର୍ବାଚନ ଜରିଆରେ ନିର୍ବାଚିତ ହେବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ନୂଆ ନିୟମାବଳୀ କାର୍ଯ୍ୟକାରୀ ହୋଇ ୨୦୨୨ ପୌର ନିର୍ବାଚନରେ ପ୍ରତ୍ୟକ୍ଷ ଭାବରେ ଜନସାଧାରଣଙ୍କଠାରୁ ଭୋଟ ପାଇ ଏନ୍‌ଏସି, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଓ ମେୟର ନିର୍ବାଚିତ ହୋଇଥିଲେ। ପ୍ରତ୍ୟକ୍ଷ ନିର୍ବାଚନ ଯୋଗୁ ଲୋକମାନେ ନିଜ ମନପସନ୍ଦର ନେତାଙ୍କୁ ଭୋଟ ଦେଇ ବିଜୟୀ କରାଇଥିଲେ। ପୂର୍ବରୁ କାଉନସିଲରମାନେ ସେକ୍ସନ ୫୪ (ଏ) ପୌରପାଳିକା ନିୟମ ୧୯୫୦ ଅନୁଯାୟୀ ୨ବର୍ଷ ପରେ ଏନ୍‌ଏସି, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଏବଂ ମହାନଗର ନିଗମ ମେୟରଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣି ସେମାନଙ୍କୁ ପଦବୀରୁ ହଟାଇ ଦେଉଥିଲେ। କାଉନସିଲରମାନେ ପରୋକ୍ଷ ଭାବେ ଅଧ୍ୟକ୍ଷ, ମେୟରଙ୍କ ଚୟନ କରୁଥିବାରୁ କିଏ କ'ଣ ହେଲେ ସେମାନେ ଅନାସ୍ଥା ପ୍ରସ୍ତାବ ଜରିଆରେ ଏଭଳି ପଦକ୍ଷେପ ନେଉଥିଲେ। ପୂର୍ବତନ ରାଜ୍ୟ ସରକାର ପୌରପାଳିକା ନିୟମାବଳୀ ୧୯୯୪ର ସଂଶୋଧନ କରିଥିବାବେଳେ ୧୯୫୦, ସେକ୍ସନ ୫୪ (ଏ) ନିୟମ କିନ୍ତୁ ସଂଶୋଧନ କରି ନ ଥିଲେ। ଫଳରେ ବିଗତ ବର୍ଷରେ ଯେମିତି କାଉନସିଲର ଅନାସ୍ଥା ପ୍ରସ୍ତାବ ଜରିଆରେ ଏନ୍‌ଏସି, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଓ ମହାନଗର ନିଗମ ମେୟରଙ୍କୁ ହଟାଉଥିଲେ ଏବେ ମଧ୍ୟ ସେହି ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଏହାର ଉଦାହରଣ ଚଳିତ ପୌର ନିର୍ବାଚନରେ ସିଧାସଳଖ ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ଅଧ୍ୟକ୍ଷଙ୍କ କ୍ଷେତ୍ରରେ ଘଟୁଥିବା ନଜରକୁ ଆସିଛି। କିଛିଦିନ ତଳେ ଫୁଲବାଣୀ ପୌରପାଳିକା ଅଧ୍ୟକ୍ଷଙ୍କୁ ଏପରି ଅନାସ୍ଥା ପ୍ରସ୍ତାବ ଜରିଆରେ କାଉନସିଲରମାନେ ହଟାଇ ଦେଇଥିବାବେଳେ ଏବେ କଳାହାଣ୍ଡି ଜିଲାର ଭବାନୀପାଟଣା ପୌରାଧ୍ୟକ୍ଷା ଓ ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି କାଉନସିଲର। ବିଶେଷକରି ଯେଉଁଠି ଭାଜପା ଅଧ୍ୟକ୍ଷ ଅଛନ୍ତି ଓ ସଂଖ୍ୟାଗରିଷ୍ଠତା ଥିବା ବିଜେଡି କାଉନସିଲର ରହିଛନ୍ତି, ସେଭଳି କ୍ଷେତ୍ରରେ ଏପରି ଅବସ୍ଥା ଦେଖିବାକୁ ମିଳୁଛି। ଜନତା ଭୋଟଦେଇ ବାଛିଥିବା ଅଧ୍ୟକ୍ଷଙ୍କୁ ଯଦି କେତେଜଣ କାଉନସିଲର କାଢ଼ିପାରିବେ ତା'ହେଲେ ପ୍ରତ୍ୟକ୍ଷ ନିର୍ବାଚନର କିଛି ଆବଶ୍ୟକତା ନ ଥିଲା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏହି ପରିପ୍ରେକ୍ଷୀରେ ଅନାସ୍ଥା ପ୍ରସ୍ତାବ ଆସିଥିବା ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ କହନ୍ତି, ପୂର୍ବତନ ରାଜ୍ୟ ସରକାରଙ୍କ ଭୁଲ ନୀତି ଯୋଗୁ ଏପରି ସମସ୍ୟା ସୃଷ୍ଟି ହେଉଛି। ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ହେବାର ସମ୍ଭାବନା ରହିଛି। ପୂର୍ବରୁ କାଉନସିଲରମାନେ ପରୋକ୍ଷ ଭାବେ ଅଧ୍ୟକ୍ଷଙ୍କୁ ବାଛୁଥିଲେ। ହେଲେ ୨୦୨୨ରେ ଅଧ୍ୟକ୍ଷମାନେ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଛନ୍ତି। ପୂର୍ବତନ ରାଜ୍ୟ ସରକାର ଏପରି ଗଳାବାଟ ଛାଡ଼ିଦେଇଥିବାରୁ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇ ମଧ୍ୟ ଅଧ୍ୟକ୍ଷମାନେ କାଉନସିଲରଙ୍କ ଦ୍ୱାରା ଏପରି ଅନାସ୍ଥା ପ୍ରସ୍ତାବର ଶିକାର ହୋଇ ନିଜ ଗାଦି ଛାଡ଼ିବା ସହ ଏହାଦ୍ୱାରା ସ୍ଥାନୀୟ ଏନ୍‌ଏସି, ମ୍ୟୁନିସିପାଲିଟିରେ ଉନ୍ନୟନ କାମ ବ୍ୟାହତ ହେଉଛି ବୋଲି କହିଛନ୍ତି। ବର୍ତ୍ତମାନର ରାଜ୍ୟ ସରକାର ୫୪(ଏ) ନିୟମ ଉଚ୍ଛେଦ କରିବାକୁ ସେ ନିବେଦନ କରିଛନ୍ତି।

ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ହିମାଂଶୁ ଖେଁଟରଙ୍କୁ ପଚାରିବାରୁ ଯେହେତୁ ସିଧାସଳଖ ଅଧ୍ୟକ୍ଷ ନିର୍ବାଚିତ ହେଉଛନ୍ତି ସେ ଅନୁସାରେ ୫୪ (ଏ) ସଂଶୋଧନ ହେବା ଆବଶ୍ୟକ ବୋଲି କହିଛନ୍ତି।

# କେନ୍ଦ୍ର ବଜେଟରେ ରାଜ୍ୟକୁ ଉପେକ୍ଷା ଉଦ୍‌ବେଗର ବିଷୟ: ଡି. ରାଜା



(ବାମରୁ) ସିପିଆଇର ଅନ୍ୟତମ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଓ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ।

## 'ଇଣ୍ଡିଆ' ମେଣ୍ଟକୁ ଶକ୍ତିଶାଳୀ କରିବା ପାଇଁ ଉଦ୍ୟମ ହେବ

ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

୨୦୨୪-୨୫ କେନ୍ଦ୍ର ବଜେଟ ସମ୍ପୂର୍ଣ୍ଣ ବିପର୍ଯ୍ୟୟକର ଓ ଏଥିରେ ରାଜ୍ୟକୁ ଉପେକ୍ଷା କରାଯିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ଡି. ରାଜା କହିଛନ୍ତି। ଶନିବାର ସିପିଆଇ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜା କହିଛନ୍ତି, ଏହି ବଜେଟକୁ ଦେଶର ଶ୍ରମିକ, କୃଷକ, କ୍ଷେତମଜଦୁର, ଯୁବକ, ମହିଳା, ଦଳିତ, ଆଦିବାସୀ ଏବଂ ଅନ୍ୟ ଅନୁନ୍ନତ ବର୍ଗର ଲୋକେ ପ୍ରତ୍ୟାଖ୍ୟାନ କରିଥିବାବେଳେ ଦେଶର କର୍ପୋରେଟ୍ ପୁଞ୍ଜିପତି ଓ ବଡ଼ ବ୍ୟବସାୟୀ ଗୋଷ୍ଠୀ ସ୍ୱାଗତ କରିଛନ୍ତି। କର୍ପୋରେଟ୍ ସଦନକୁ ଟିକସ ରିହାତି ଦିଆଯାଇ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ନାମକୁ ମାତ୍ର ଅନୁଦାନ ପ୍ରଦାନ କରାଯାଇଛି। ଓଡ଼ିଶା ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରାଯାଇ ନ ଥିବାବେଳେ ଅନ୍ୟ ଅନେକ ରାଜ୍ୟକୁ ମଧ୍ୟ ଉପେକ୍ଷା କରାଯାଇଛି। ଗୁରୁତର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ତାମିଲନାଡୁ, କେରଳ ଏବଂ ଓଡ଼ିଶା ପାଇଁ କିଛି ଆର୍ଥିକ ଅନୁଦାନ ଦିଆଯାଇ ନାହିଁ। କେବଳ ବିହାର ଓ ଆନ୍ଧ୍ରକୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ପ୍ରଦାନ କରାଯାଇଛି। ଭାରତ ଭଳି ଏକ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତ ରାଜ୍ୟକୁ ସମାନ ଅନୁଦାନ ପ୍ରଦାନ ନ କରି ଉପେକ୍ଷା କରାଯିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ରାଜା କହିଛନ୍ତି।

ରାଜା କହିଛନ୍ତି, କୃଷକମାନଙ୍କୁ ପ୍ରତାରିତ କରାଯାଇଥିବାବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ ପାଇଁ ଆର୍ଥିକ ଅନୁଦାନ ବୃଦ୍ଧି ନ କରିବା ଏବଂ ଦଳିତ, ଆଦିବାସୀ ଓ ଅନ୍ୟାନ୍ୟ ଅନୁନ୍ନତ ବର୍ଗର ଲୋକଙ୍କ ପାଇଁ ବିଶେଷକରି ଯୁବ ଓ ମହିଳାମାନଙ୍କୁ ମୋଦି ସରକାରଙ୍କ କେନ୍ଦ୍ରୀୟ ବଜେଟ୍‌ରେ ଉପେକ୍ଷିତ କରାଯାଇଛି। ତେଣୁ ସମସ୍ତେ ଆଗାମୀ ଦିନରେ ରାସ୍ତା ଉପରକୁ ଆସି ଆନ୍ଦୋଳନ କରିବା ଆବଶ୍ୟକ ହୋଇପଡିଛି। ସିପିଆଇ ଏହି ସମସ୍ତ ଜନଆନ୍ଦୋଳନର ଅଗ୍ରଭାଗରେ ରହିବା ସହିତ କର୍ପୋରେଟ୍ ପକ୍ଷପାତି ମୋଦି ସରକାର ବିରୋଧରେ 'ଇଣ୍ଡିଆ' ମେଣ୍ଟକୁ ଆହୁରି ଶକ୍ତିଶାଳୀ କରିବା ଲାଗି ଉଦ୍ୟମ ଚଳାଯିବ ବୋଲି ସେ ଆହ୍ୱାନ ଦେଇଛନ୍ତି। ସେହିପରି ୩ ନୂତନ ଫୌଜଦାରୀ ଆଇନକୁ ବିନା ବିସ୍ତୃତ ଆଲୋଚନାରେ ପାରିତ କରାଯାଇଥିବାରୁ ଏହାକୁ ସ୍ଥଗିତ ରଖି ଏହାର ପୁନର୍ବିଚାର ପାଇଁ ସଂସଦୀୟ କମିଟିକୁ ପଠାଇବାକୁ ସିପିଆଇ ପକ୍ଷରୁ ଦାବି ହୋଇଛି।

ସମ୍ମିଳନୀରେ ସିପିଆଇର ଅନ୍ୟତମ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା କହିଲେ, ଓଡ଼ିଶାରେ ସାମ୍ପ୍ରଦାୟିକ ଭାଜପାର ଅଭ୍ୟୁତ୍ଥାନ ପାଇଁ ବିଜେଡ଼ି ଦାୟୀ। ଏହାର ଦୀର୍ଘ ୨୪ବର୍ଷର କୁଶାସନ ଓ ସ୍ଥାଣୁତା ଯୋଗୁ ଜନାଦେଶ ଭାଜପା ସପକ୍ଷରେ ଯାଇଛି। ରାଜ୍ୟପାଳଙ୍କ ପୁଅ ଜଣେ ଓଡିଆ ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ସରକାର କାହିଁକି ନୀରବ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ବଜେଟରେ ବେକାରି, ଦରବୃଦ୍ଧି ପ୍ରଭୃତି ଜନସମସ୍ୟା ସମାଧାନର କୌଣସି ଦିଶା ନାହିଁ ବୋଲି ସେ କହିଛନ୍ତି। ଏଥିସହ ସିପିଆଇର ରାଜ୍ୟ ପରିଷଦ ଅଧିବେଶନରେ ଆଶିଷ କାନୁନ୍‌ଗୋ ନୂତନ ରାଜ୍ୟ ସମ୍ପାଦକ, କ୍ଷୀରୋଦ ସିଂହଦେଓ ଓ ପ୍ରକାଶ ପାତ୍ର ଦୁଇ ସହ-ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ଡି. ରାଜା ସୂଚନା ଦେଇଥିଲେ।



ରାଜ୍ୟ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶନିବାର ପୁରୁଣା ଭୁବନେଶ୍ୱରର ବଡ଼େଇବାଙ୍କ ଛକରୁ ମାଷ୍ଟରକ୍ୟାଣ୍ଟିନ ଅଭିମୁଖେ ଯାଇଥିବା ତ୍ରିରଙ୍ଗା ଯାତ୍ରା।

# ଭାଜପା ପକ୍ଷରୁ ୧ କି.ମି.ର ତ୍ରିରଙ୍ଗା ଯାତ୍ରା

ଭୁବନେଶ୍ୱର, ୨୭।୭(ଅସମାପିକା ସାହୁ)

କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ସୈନିକଙ୍କ ସ୍ମୃତିରେ ଶୁକ୍ରବାର ଦେଶବ୍ୟାପୀ ୨୫ତମ କାର୍‌ଗିଲ ବିଜୟ ଦିବସ ପାଳନ କରାଯାଇଥିବାବେଳେ ଶନିବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩ ହଜାରରୁ ଊର୍ଦ୍ଧ୍ୱ ଯୁବପିଢ଼ି ୧୦୦୦ ମିଟର (୧କି.ମି.) ଲମ୍ବର ତ୍ରିରଙ୍ଗା ପତାକାକୁ ଧରି ପୁରୁଣା ଭୁବନେଶ୍ୱରର ବଡ଼େଇବାଙ୍କ ଛକରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏହି ତ୍ରିରଙ୍ଗା ଯାତ୍ରାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ବାବୁ ସିଂ ଓ ଇରାଶିଷ ଆଚାର୍ଯ୍ୟ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ଉପସଭାପତି ତଥା ଯୁବମୋର୍ଚ୍ଚାର ପ୍ରଭାରୀ ବିରଞ୍ଚି ତ୍ରିପାଠୀ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇକରାୟ, ସୁବ୍ରତ ବିଶ୍ୱାଳଙ୍କ ସମେତ ବହୁ ବରିଷ୍ଠ ନେତା ଏବଂ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

ତ୍ରିରଙ୍ଗା ଯାତ୍ରା ପୂର୍ବରୁ ଲିଙ୍ଗରାଜମନ୍ଦିର ନିକଟ ବଡ଼େଇବାଙ୍କଠାରେ ଆୟୋଜିତ ସଭାରେ ଭାଜପା ରାଜ୍ୟ ସଭାପତି ସାମଲ କହିଲେ, କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ସୈନିକଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ। ସେମାନଙ୍କ ବୀରତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ତ୍ରିରଙ୍ଗା ମାଧ୍ୟମରେ ଜାତୀୟବାଦ, ରାଷ୍ଟ୍ରବାଦର ପ୍ରଚାର କରିବା ସହ ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରାଇବା ଭାଜପାର ଉଦ୍ଦେଶ୍ୟ ବୋଲି ସାମଲ କହିଛନ୍ତି। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ପଣ୍ଡା କହିଲେ, ଆଜିର ନୂତନ ଯୁବପିଢ଼ି କାର୍‌ଗିଲ ଯୁଦ୍ଧ ସମ୍ପର୍କରେ ଅବଗତ ନାହାନ୍ତି। ସେହି ଇତିହାସ ସହ ଯୁବପିଢ଼ିଙ୍କୁ ପରିଚିତ କରାଇବା ସହ ବଳିଦାନ ଦେଇଥିବା ସୈନିକଙ୍କ ପରିବାରକୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଛି। ଯେଉଁ ଜାତି ନିଜ ଇତିହାସକୁ ଭୁଲିଯାଏ, ତାହା ଇତିହାସ ହୋଇଯାଏ ବୋଲି ପଣ୍ଡା କହିଛନ୍ତି। ଏହି ଅବସରରେ ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ଶହୀଦ ସଚ୍ଚିଦାନନ୍ଦ ମଲ୍ଲିକଙ୍କ ସ୍ତ୍ରୀ ନିବେଦିତା ମଲ୍ଲିକ ଏବଂ ଶହୀଦ ଗୋପୀନାଥ ମହାରଣାଙ୍କ ଭାଇ ଲକ୍ଷ୍ମଣ ମହାରାଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୋଭଯାତ୍ରା ପରେ ଦେବଜ୍ୟୋତି ପାତ୍ରଙ୍କ ନେତୃତ୍ୱରେ ମ୍ୟାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

# ବାରବାଟୀ ନବୀକରଣକୁ ସରକାର ନା କହିବା ଦୁର୍ଭାଗ୍ୟଜନକ: ସୁବାସ

କଟକ,୨୭।୭(ଶିକ୍ଷା ପ୍ରିୟଦର୍ଶିନୀ)

ବିଜେଡି ସରକାର କଟକ ବାରବାଟୀ ଷ୍ଟାଡିୟମର ନବୀକରଣ କରିବା ସହ ଏହାକୁ ବିଶ୍ୱସ୍ତରୀୟ ରୂପ ଦେବାକୁ ୭୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିଲେ। ତତ୍କାଳୀନ ସରକାରଙ୍କ ଦ୍ୱାରା ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ହେଲେ ବିଧାନସଭାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ବାରବାଟୀ ଷ୍ଟାଡିୟମର ନବୀକରଣ ନିମନ୍ତେ କୌଣସି ଯୋଜନା ନାହିଁ। ତାଙ୍କର ଏଭଳି ମନ୍ତବ୍ୟକୁ ସମାଲୋଚନା କରିଛନ୍ତି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ। ଏନେଇ କଟକ ଗଡ଼ଖାଇ ନିକଟ ରେସିଡେଣ୍ଟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମେୟର ସିଂ କହିଛନ୍ତି, ରାଜ୍ୟରେ ଭାଜପା ସରକାର ଶାସନ କାଳ ଆରମ୍ଭରୁ କଟକିଆଙ୍କ ଭାବାବେଗକୁ ଶକ୍ତ ଧକ୍କା ଦେଇଛନ୍ତି। କ୍ରୀଡ଼ା ରାଜଧାନୀ ଭାବେ ପରିଚିତ କଟକ ସହରକୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଛି। ନୂଆ ବାରବାଟୀ କ୍ରିକେଟ୍ ଗ୍ରାଉଣ୍ଡ୍ ପ୍ରକଳ୍ପ ପାଇଁ ଚଳିତ ରାଜ୍ୟ ବଜେଟ୍‌ରେ କୌଣସି ବ୍ୟବସ୍ଥା ହୋଇନାହିଁ। କ୍ରୀଡ଼ାପ୍ରେମୀଙ୍କୁ ଏହା କଠୋର ଆଘାତ ଦେଇଛି। ଯୋଜନାର ନାମ ବଦଳାଇବା ଗ୍ରହଣୀୟ, କିନ୍ତୁ ଯୋଜନା ବଦଳାଇବା ଗ୍ରହଣୀୟ ହୋଇପାରିବ ନାହିଁ। ଏହି କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର) ପ୍ରସ୍ତୁତ କରାଯାଇଛି। ଏହି ପ୍ରସ୍ତାବକୁ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି କାର୍ଯ୍ୟ ପାଇଁ ଅନୁମତି ଦେଇଛି। ଏପରି କି ଏହାର କାର୍ଯ୍ୟ ୩ ବର୍ଷ ମଧ୍ୟରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହାକୁ ଏପରି ଖଣ୍ଡନ କରାଯିବା ଦୁର୍ଭାଗ୍ୟଜନକ। ଭାଜପା ଶାସିତ ରାଜ୍ୟ ସରକାର କଟକବାସୀଙ୍କୁ ଅଣଦେଖା କରୁଛନ୍ତି। ଭାଜପା ସରକାର କଟକର କୌଣସି ଯୋଜନାକୁ ବନ୍ଦ ନ କରି ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଅନ୍ତୁ। ତୁରନ୍ତ ବାରବାଟୀ ସମ୍ପର୍କିତ ଏହି ନିଷ୍ପତ୍ତିକୁ ପରିବର୍ତ୍ତନ କରନ୍ତୁ। ବାରବାଟୀ ନବୀକରଣ କାର୍ଯ୍ୟର ପୁନଃ ବିଚାର କରି ସମସ୍ତ କାର୍ଯ୍ୟ ଯେପରି ଶୀଘ୍ର ଆରମ୍ଭ ହେବ ସେନେଇ ପଦକ୍ଷେପ ନିଅନ୍ତୁ। ନଚେତ୍ ଏହି କାର୍ଯ୍ୟ ପାଇଁ ସରକାରଙ୍କ ଉପରେ ଚାପ ପକାଯିବ ବୋଲି ମେୟର କହିଛନ୍ତି।

ସୂଚନାଯୋଗ୍ୟ, ବାରବାଟୀ ଷ୍ଟାଡିୟମ୍‌ର ନବକଳେବର ପାଇଁ ବିଜେଡି ସରକାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୪୪ ହଜାର ଦର୍ଶକ କ୍ଷମତା ଥିବା ଏହି ଷ୍ଟାଡିୟମର ନବକଳେବର ହେବା ପରେ ୬୦ ହଜାର ଦର୍ଶକ ଏକ ସଙ୍ଗରେ ମ୍ୟାଚ୍ ଦେଖିପାରିବା ଭଳି ବ୍ୟବସ୍ଥା ସହ ଖେଳାଳିଙ୍କ ଅତ୍ୟାଧୁନିକ ଡ୍ରେସିଂରୁମ୍, ନୂତନ ଜ୍ଞାନକୌଶଳରେ ଜିମ୍, ଷ୍ଟାଡିୟମ୍ ପରିସରରେ ପଞ୍ଚ ତାରକା ହୋଟେଲ ଆଦି ଅନ୍ୟାନ୍ୟ କାର୍ଯ୍ୟ କରାଯାଇଥାନ୍ତା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବାରବାଟୀ ଷ୍ଟାଡିୟମର ନବୀକରଣ ସହ ଏହାର ଆଖପାଖ ଅଞ୍ଚଳର ମଧ୍ୟ ଉନ୍ନତୀକରଣ କରାଯିବାର ବ୍ୟବସ୍ଥା କରାଯାଇଥିଲା।

**कार्यपालक अभियंता का कार्यालय**
**लघु सिंचाई प्रमण्डल, धनबाद**

**शुद्धि पत्र**

इस कार्यालय के पत्रांक 207 दिनांक 11.03.2024 एवं पी० आर० संख्या 322415 Irrigation (2023-24) D द्वारा प्रकाशित निविदा संख्या DMFT/MIR/DHANBAD/F2-36/2023-24,Dated 11-03-2024, Construction of Black Top Road Widening And Strengthening, Construction Of Drain And Culvert From Shasanbediya More to Nilkhuti More of Birshigpur Panchayat को अपरिहार्य कारणवश रद्द किया जाता है।

कार्यपालक अभियंता
लघु सिंचाई प्रमण्डल, धनबाद

PR 330929 Irrigation(24-25).D

**''छत्तीसगढ़ शासन, वन एवं जलवायु परिवर्तन विभाग'', धमतरी वनमंडल, धमतरी**

**काष्ठागार नीलाम का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल, धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, बल्ली एवं बांस का घोष विक्रय द्वारा निर्वर्तन निम्नानुसार किया जावेगा। इच्छुक बोलीदारों से अनुरोध है, कि वे घोष विक्रय में भाग लेवें। घोष विक्रय की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार धमतरी से प्राप्त की जा सकती है। कृपया बोली लगाने से पूर्व वनोपज का स्वत: स्थल निरीक्षण कर लेवे।

नीलाम स्थल का नाम - धमतरी काष्ठागार परिसर
नीलाम दिनांक - 08 अगस्त 2024
नीलाम समय - प्रातः 09.00 बजे से

**नीलाम में प्रस्तावित वनोपज की अनुमानित मात्रा**

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्टा घ.मी. | बल्ली / खुंटा नग में | लट्टा घ.मी. | बल्ली / खुंटा नग में | लट्टा घ.मी. | बल्ली / खुंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | - | - | 117.838 | 3531 | 117.838 | 3531 |
| साल | - | - | 9.524 | - | 9.524 | - |
| बीजा | 18.642 | - | 30.727 | - | 49.369 | - |
| शीशम | 0.593 | - | 2.594 | - | 3.187 | - |
| खम्हार | 0.196 | 4 | 0.671 | - | 0.867 | 4 |
| हल्दु / मुण्डी | 4.512 | 20 | 19.382 | - | 23.894 | 20 |
| साजा | 25.103 | 14 | 0.600 | - | 25.703 | 14 |
| धावड़ा | 10.867 | - | - | - | 10.867 | - |
| पापड़ा | 2.848 | 44 | 5.626 | - | 8.474 | 44 |
| नीलगिरी | - | - | 15.985 | - | 15.985 | - |
| अन्य | 160.343 | 118 | 35.066 | - | 195.409 | 118 |
| योग | **223.104** | **200** | **238.013** | **3531** | **461.117** | **3731** |

**बांस**

| केन्द्रीय उपभोक्ता डिपो स्यामतराई पुराना बांस | कुरूद डिपो में पुराना बांस विभिन्न साईज के टुकड़ो में (साईज 5.50 मीटर) |
|---|---|
| 1923 नग | 1000 नग |

टीप: बांस के पश्चात ईमारती काष्ठ एवं बल्ली का नीलाम किया जावेगा।

टीप: (1) प्रत्येक क्रेता को नीलाम में बोली लगाने के पूर्व नीलाम की शर्तों का पालन करने के करार के प्रतीक स्वरूप विक्रय सूचना पर अपना हस्ताक्षर करना होगा तथा प्रत्येक लाट के संबंध में बोली लगाने के पूर्व जिस सीमा तक वह बोली लगाना चाहता हो उसके 10% के बराबर राशि या 1000/- (एक हजार) रूपये इसमें से जो भी अधिक हो की बयाने की राशि जमा करना होगा।
(2) घोष विक्रय हेतु निर्धारित शर्तों के तहत सत्यंकार जमा करने वाला व्यक्ति / संस्थान, छत्तीसगढ़ काष्ठ नियम 7 के अन्तर्गत प्रदेश के अधीन किसी क्षत्रीय वनमण्डल में विनिर्माता, व्यवसायी वा उपभोक्ता के रूप में पंजीकृत हों। जिसकी छयाप्रति सत्यंकार राशि जमा करते समय अनिवार्य रूप से जमा करावें, शर्त के पालन होने की स्थिति में ही इच्छुक व्यक्ति / संस्थान ही घोष विक्रय में भाग ले पायेंग। पंजीकृत नही होने पर उन्हें पंजीयन कार्यवाही बनमण्डल कार्यालय से अनिवर्य रूप से कराना होगा।
(3) क्रेता द्वारा नीलाम में बोली लगाने के पूर्व संबंधित फर्म का पूर्ण पता, पेन नम्बर, जी.एस.टी. नम्बर एवं मोबाईल नम्बर, ई.एम.डी. कक्ष में सुचारू रूप से कार्य संचालन हेतु अंकित कराना अनिवार्य है।
(4) नीलाम में क्रय किये गये लाटें का विक्रय मूल्य सहति विवरण ई.एम.डी. जमा पर्ची के पीछे अनिवार्य रूप से दर्ज करना होगा।

फोन: 07722-238371, फैक्स: 07722-236137

G-242501402/3

स्वा. / - वनमण्डलाधिकारी, धमतरी वनमंडल, धमतरी

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ : ବାଲେଶ୍ୱର
ପୋଲିସ୍ ଲାଇନ୍ ଛକ ନିକଟ, ଓଟି ରୋଡ୍, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ରଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ରଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ରଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ରଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ ।

| ସୋରୋ ଶାଖା / ରଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ରଣଗ୍ରହୀତା: ମେସର୍ସ ଦେବୀ ଢାବା, ସ୍ୱତ୍ୱାଧିକାରୀ: ସୁଶାନ୍ତ ଶେଖର ବେହେରା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସଂଯୁକ୍ତା କର,** ଉଭୟଙ୍କ ଠିକଣା ସା: ଅଇଁରି, ପୋ: ଅନନ୍ତପୁର, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୬ | ୦୮.୦୫.୨୦୨୪ ସୁଦ୍ଧା ଟ.୧୦,୧୩,୩୭୬.୪୨ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୦୫.୨୦୨୪ / ୨୪.୦୭.୨୦୨୪ | **ସୁଶାନ୍ତ ଶେଖର ବେହେରା,** ପିତା: ରବି ନାରାୟଣ ବେହେରାଙ୍କ ନାମରେ ବନ୍ଧକ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୪୫୨/୨୯୦୩ ଏବଂ ୧୪୫୫/୨୯୦୪, ଖାତା ନଂ.: ୮୬୬/୫୩୮, କ୍ଷେତ୍ର: ଏକର ୦.୦୧ ଡିସିମିଲି+ଏକର୦.୦୫ଡିସିମିଲି=ଏକର୦.୦୬ଡିସିମିଲି, ମୌଜା: ଅଇଁରି, ତହସିଲ: ସୋରୋ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, କିସମ: ଘରବାରୀ, |
| ସବ୍ ରେଜିଷ୍ଟ୍ରେସନ ଅଫିସ୍: ସୋରୋ, ଏହାର ଚାରିପାର୍ଶ୍ୱରେ ଉତ୍ତର: ତ୍ରିଲୋଚନ ବେହେରା ଏବଂ ଅନ୍ୟମାନଙ୍କ ସମ୍ପତ୍ତି (ନିଜସ୍ୱ ଜମି), ଦକ୍ଷିଣ: ପ୍ଲଟ୍ ନଂ.: ୧୪୫୩ ଏବା ୧୪୫୪(ଅନାବାଦି ରାସ୍ତା), ପୂର୍ବ: ପ୍ଲଟ୍ ନଂ.: ୧୪୫୫ ଏବଂ ୧୪୭୩, ୧୪୭୨, ପଶ୍ଚିମ: ପ୍ଲଟ୍ ନଂ.: ୧୪୫୨ | | | |
| **ରଣଗ୍ରହୀତା: ସେଖ୍ ଅଜଗର ଅଲ୍ଲୀ,** ପିତା: ସେଖ୍ ଅଜିଜ୍ ଅଲ୍ଲୀ / **ଗ୍ୟାରେଣ୍ଟିଦାତା: ଅଫସାନା ବିବି,** ସ୍ୱାମୀ: ଅଜଗର ଅଲ୍ଲୀ, ଉଭୟଙ୍କ ଠିକଣା ସା: ଛତ୍ରପୁର, ଅଡଙ୍ଗ ବଜାର, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୫ | ୦୮.୦୫.୨୦୨୪ ସୁଦ୍ଧା ଟ.୨,୬୮,୦୪୩.୯୨ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୦୫.୨୦୨୪ / ୨୪.୦୭.୨୦୨୪ | **ସେଖ୍ ଅଜଗର ଅଲ୍ଲୀ,** ପିତା: ୰ ସେଖ୍ ଅଜିଜ୍ ଅଲ୍ଲୀଙ୍କ ନାମରେ ବନ୍ଧକ ଥିବା ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୩୩୯, ଖାତା ନଂ.: ୫୪୭/୨୩, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, ମୌଜା: ଛତ୍ରପୁର ୟୁନିଟ୍ ନଂ.:୧୩, ତହସିଲ: ସୋରୋ, ଥାନା: ସୋରୋ-୧୧୩, ଜିଲ୍ଲା: ବାଲେଶ୍ୱର, କିସମ: ଘରବାରୀ |

ସ୍ଥାନ: ବାଲେଶ୍ୱର
ତାରିଖ : ୨୬.୦୭.୨୦୨୪

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## ଆମ ରାଜଧାନୀ ରାସ୍ତା....ଏମିତି



ଖାରପଡ଼ା-ଜଗନ୍ନାଥ ନଗର ରାସ୍ତା ନଂ.୧ ପାଣିକାଦୁଅରେ ଭର୍ତ୍ତି ହୋଇ ରହିଛି। ପ୍ରତିଦିନ ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର ଯିବାବେଳେ ନାନା ହଇରାଣ ହେଉଛନ୍ତି। ବିଭିନ୍ନ ବିଭାଗ ପକ୍ଷରୁ ବର୍ଷ ସାରା ମନଇଚ୍ଛା ଖୋଳାପୋତା ହେଉଥିବାରୁ ଏପରି ଅବସ୍ଥା ଦୀର୍ଘଦିନ ହେବ ଲାଗି ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## 'ମଧ୍ୟଯୁଗୀୟ ତତ୍ତ୍ୱସାହିତ୍ୟ: ଭାଷା ଓ ଭାବ' ଆଲୋଚନାଚକ୍ର

ଭୁବନେଶ୍ୱର,୨୭।୭
(ଶର୍ମିଷ୍ଠା ପାଣିଗ୍ରାହୀ)

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ 'ମଧ୍ୟଯୁଗୀୟ ତତ୍ତ୍ୱସାହିତ୍ୟ: ଭାଷା ଓ ଭାବ' ବିଷୟରେ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟ ସମାଲୋଚକ ବୈଷ୍ଣବ ଚରଣ ସାମଲ ବକ୍ତା ଭାବେ ଯୋଗଦେଇ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଜୀବନ ତତ୍ତ୍ୱ, ପ୍ରକୃତି ତତ୍ତ୍ୱ ପ୍ରଭୃତି ସହିତ ଦାର୍ଶନିକ ଜଟିଳ ତତ୍ତ୍ୱଗୁଡ଼ିକ କିପରି ଅତି ସହଜ ଓ ଜନମୁଖର ଭାଷାରେ ଜନସାଧାରଣଙ୍କ ଭିତରେ ତା'ର ପ୍ରଚାର ପ୍ରସାର ହୋଇପାରିଥିଲା ତାହା ବୁଝାଇ କହିଥିଲେ। କାବ୍ୟ କୌଶଳରେ ମଣ୍ଡିତ ରୀତିସାହିତ୍ୟକୁ ଦୂରେଇ ଦେଇ ପୁରାଣ ଓ ତତ୍ତ୍ୱ ସାହିତ୍ୟ କିପରି ଓଡ଼ିଶାର ଜନସାଧାରଣଙ୍କ ଭିତରେ ନିତ୍ୟ ନିୟମିତ ବ୍ୟବହୃତ ହୋଇ ମହତ୍ତ୍ୱପୂର୍ଣ୍ଣ ହୋଇପାରିଛି ତାହା ଆଲୋଚନା କରିଥିଲେ। ବିଶେଷ ଅତିଥି ଭାବେ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଜଗତ ଓ ଜୀବନରେ ସାହିତ୍ୟର ଭୂମିକା ଓ ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍କର୍ଷ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣରେ 'ମଧ୍ୟଯୁଗୀୟ ତତ୍ତ୍ୱସାହିତ୍ୟ: ଭାଷା ଓ ଭାବ' ଉପରେ କହିଥିଲେ। ମାଙ୍ଗଳିକ ସଙ୍ଗୀତ ଗାନ କରିଥିଲେ ଗବେଷିକା ଡ. ହିମାଦ୍ରୀତନୟା ମିଶ୍ର। ଧନ୍ୟବାଦ ଅର୍ପଣ କରିଥିଲେ ଗବେଷିକା ଡ. ଜ୍ୟୋତିପ୍ରଭା ମହାନ୍ତି। ଉତ୍କର୍ଷ କେନ୍ଦ୍ରର ଗବେଷକ ଡ. ଅମ୍ବରୀଶ ଶତପଥୀ, ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଟୋଇ, ଡ. ମନସା ଶ୍ରୀଚନ୍ଦନ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ଇପ୍ସିତା ମିଶ୍ର ଓ ଅତିଥିମାନଙ୍କ ମଧ୍ୟରୁ ଡ. ମୃଦୁଳା ମିଶ୍ର, ଡ. ରମେଶ ପାଣି, ଡ. ସୁରେନ୍ଦ୍ର ପାଣିଗ୍ରାହୀ, ଡ. ପ୍ରସନ୍ନ କୁମାର ନାୟକ, ଡ. ଲକ୍ଷ୍ମୀପ୍ରିୟା ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# 'ଐତିହ୍ୟ' ଚିତ୍ରକଳା ପ୍ରଦର୍ଶନୀ, ଶିଳ୍ପୀ ଶିବିର ଉଦ୍‌ଘାଟିତ



## ୩ଜଣଙ୍କୁ 'ଶିଳ୍ପୀ ଶରତ ରଥ ସ୍ମୃତି ସମ୍ମାନ'

ପୁରୁଣା ଭୁବନେଶ୍ୱର, (ସୁବାସ ଚନ୍ଦ୍ର ପ୍ରଧାନ)/ ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

ଧଉଳି ଚାରୁକଳା ମହାବିଦ୍ୟାଳୟର ୩୦ତମ ପ୍ରତିଷ୍ଠା ଦିବସ ଅବସରରେ 'ଐତିହ୍ୟ' ଶୀର୍ଷକ ଚିତ୍ରଶିଳ୍ପୀ ଶିବିର ଓ ପ୍ରଦର୍ଶନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଏହାକୁ ଉଦ୍‌ଘାଟନ କରି ଓଡ଼ିଶାର ଚାରୁକଳା କ୍ଷେତ୍ରରେ ମହାବିଦ୍ୟାଳୟର ଯୋଗଦାନକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ ଅନୁଷ୍ଠାନର ସୃଜନଶୀଳ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଡ. ହୃଷୀକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ବୌଦ୍ଧର ଚେୟାରମ୍ୟାନ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଡ. ଜଗନ୍ନାଥ କୁଅଁର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭୂତି କାନୁନଗୋ ଚାରୁକଳା ମହାବିଦ୍ୟାଳୟର ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ଚିତ୍ରଶିଳ୍ପୀ ଜୟଶ୍ରୀ ଜେନା ଓ ହିମାଂଶୁ ପରିଡାଙ୍କୁ 'ଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ଓଡ଼ିଶାର ପର୍ବପର୍ବାଣି ଓ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଚିତ୍ରମାନ ଅଙ୍କନ କରିଥିଲେ। ପ୍ରତିଯୋଗିତାର କୃତି ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ରବିଶଙ୍କର ଦାସ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିଳ୍ପୀ ଶିବିର ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ଦିନିଆ ଗସ୍ତରେ ଦିଲ୍ଲୀ ଯିବା ପୂର୍ବରୁ ଶୁକ୍ରବାର ସୁରଟ ଉନ୍ନୟନ ସଙ୍ଗଠନ ସଭାପତି ଭାଗୀରଥି ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱରଠାରେ ଭେଟିବା ସହ ଗୁଜରାଟ ସୁରଟରେ ରହୁଥିବା ୮ ଲକ୍ଷରୁ ଅଧିକ ଓଡ଼ିଆଙ୍କ ସମସ୍ୟା ନେଇ ସ୍ମାରକପତ୍ର ଦେଇଛନ୍ତି। ବିଧାୟକ ବାବୁ ସିଂ ଓ ସାମ୍ବାଦିକ ଗୁରୁ କଲ୍ୟାଣ ମହାପାତ୍ର ଉପସ୍ଥିତ ଅଛନ୍ତି।

## ଅଗଷ୍ଟ ୯ରେ ମିଳିତ ଶ୍ରମିକ ସମାବେଶ




ବୈଠକରେ ଏଆଇଟିୟୁସି କର୍ମକର୍ତ୍ତାମାନେ ଶ୍ରମିକ ସମାବେଶ ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ କମିଟିର ପରିର୍ଦ୍ଧିତ ବୈଠକ ରାଜ୍ୟ ସଭାପତି ଅଶୋକ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ପୂର୍ବରୁ ଓ ପରେ ଶ୍ରମିକ ଶ୍ରେଣୀର ଦୀର୍ଘ ଆନ୍ଦୋଳନ ଫଳରେ ପ୍ରଣୀତ ଆଇନଗୁଡ଼ିକୁ ଅକାମୀ କରାଇ କର୍ପୋରେଟ ସ୍ୱାର୍ଥରେ ୪ଟି ଶ୍ରମକୋଡ୍ ପ୍ରଣୟନ କରି ଶ୍ରମିକ ଶ୍ରେଣୀକୁ ମଧ୍ୟଯୁଗୀୟ କ୍ରୀତଦାସ ଅବସ୍ଥା ଆଡ଼କୁ ନେବା ପାଇଁ କେନ୍ଦ୍ର ସରକାର ଯୋଜନା କରୁଥିବା ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅଗଷ୍ଟ ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଦାବି, ପ୍ରତିବାଦ ଓ ପ୍ରତିରୋଧ ସହିତ ଦେଶବ୍ୟାପୀ କ୍ରାନ୍ତି ଦିବସ ପାଳନ କରାଯିବ। ୯ ତାରିଖରେ ଭୁବନେଶ୍ୱରରେ ମିଳିତ ଶ୍ରମିକ ସମାବେଶ ଅନୁଷ୍ଠିତ ହେବ। ଏଥିରେ ଏଆଇଟିୟୁସିର ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ଅମରଜିତ୍ କୌର ଯୋଗଦେବେ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏଥିସହ କର୍ମଚାରୀ ରାଜ୍ୟ ବୀମା କେନ୍ଦ୍ରୀୟ ଟ୍ରଷ୍ଟବୋର୍ଡରୁ ଏଆଇଟିୟୁସିର ପ୍ରତିନିଧିଙ୍କୁ ବାଦ୍‌ଦେବା, ଅଙ୍ଗନୱାଡ଼ି, ଆଶା କର୍ମୀ, ମଧ୍ୟାହ୍ନଭୋଜନ ପାଚିକା ସହାୟିକାଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କା ଘୋଷଣା ଆଦି ବିଭିନ୍ନ ଦାବି ନେଇ କ୍ରାନ୍ତି ଦିବସ ପାଳନ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ବିବରଣୀ ଉପସ୍ଥାପନ କରିଥିବାବେଳେ ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ, ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ହରପ୍ରିୟା ସ୍ୱାଇଁ, ନମିତା ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଏସ୍‌ସିବିରୁ ଆଉ ୩ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

କଟକ,୨୭।୭(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସହରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶନିବାର ସହରରୁ ୩ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଏସ୍‌ସିବି ମେଡିକାଲର ଡାକ୍ତରୀ ଛାତ୍ର ଓ ଅନ୍ୟଜଣେ କଟକ ଚୁନଭାଟି ଅଞ୍ଚଳର ଯୁବକ ବୋଲି ଜଣାପଡ଼ିଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମକରନ୍ଦ ବେଉରା କହିଛନ୍ତି, କିଛିଦିନ ହେବ ଏସ୍‌ସିବି ମେଡିକାଲ ପରିସରରୁ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏପରି କି ମେଡିକାଲ ପରିସରରେ ଥିବା ହଷ୍ଟେଲର ଡାକ୍ତରୀ ଛାତ୍ର ଆକ୍ରାନ୍ତ ହୋଇଛନ୍ତି। ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସୋମବାର ଏସ୍‌ସିବି ମେଡିକାଲକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଏମ୍‌ସି ଓ ଏନ୍‌ଟୋମୋଲୋଜିଷ୍ଟ ଟିମ୍‌ର ସଦସ୍ୟଙ୍କୁ ପଠାଯିବ। ସେମାନେ ମେଡିକାଲ ପରିସର ଓ ହଷ୍ଟେଲଗୁଡ଼ିକ ଯାଞ୍ଚ କରିବେ। ସେଠାରୁ କିଛି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ। ରିପୋର୍ଟ ଆସିଲେ ପଦକ୍ଷେପ ନିଆଯିବ ବୋଲି ବେଉରା କହିଛନ୍ତି। ସୂଚନାଯୋଗ୍ୟ, କଟକରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪୭ରେ ପହଞ୍ଚିଛି ।

## ଡ. ମିହିର ପଟ୍ଟନାୟକଙ୍କ ୨ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୨୭।୭(ବନ୍ଦନା ସେଠୀ)

ସାହିତ୍ୟିକ ଡ. ମିହିର ପଟ୍ଟନାୟକଙ୍କ ରଚିତ ଦୁଇଟି ପୁସ୍ତକ 'ସତ୍ୟାୟନ' ଓ 'ପ୍ରଭୁ ଶ୍ରୀ ପୁରୁଷୋତ୍ତମ' ଶନିବାର ଉନ୍ମୋଚିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ ଇଣ୍ଡିଆ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକ ପ୍ରବୀର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଯୋଗଦେଇ କହିଲେ, ଆର୍ଯ୍ୟ ସଂସ୍କୃତି ଓ ବିଚାର ଦ୍ୱାରା ଲେଖକ ପ୍ରଭାବିତ ହୋଇ ସତ୍ୟକୁ ସାଧାରଣ ଜନତାଙ୍କ ନିକଟକୁ ପହଞ୍ଚାଇବା ପାଇଁ ପ୍ରୟାସ କରିଛନ୍ତି। ବହୁ ଆଦିମ କାଳରୁ ରହି ଆସିଥିବା ଆର୍ଯ୍ୟ ସଂସ୍କୃତି କାଳକ୍ରମେ ବିସ୍ମୃତ ହୋଇଯାଇଛି। ପୁଣିଥରେ ସତ୍ୟକୁ ସାମ୍ନାକୁ ଆଣିବାକୁ ଲେଖକଙ୍କର ପ୍ରୟାସ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ସରଳ ଦାସ କହିଲେ, ଆମକୁ ସାଧାରଣ ଭାବେ ସତ୍ୟ ଭଳି ଲାଗୁଥିବା ଘଟଣା ପ୍ରକୃତ ସତ୍ୟଠାରୁ କିପରି ଭିନ୍ନ ତାହା ଲେଖକ ଅତି ସରଳ ଓ ସାବଲୀଳ ଭାବେ ଉପସ୍ଥାପନ କରିଛନ୍ତି। ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କୃପାସିନ୍ଧୁ ମିଶ୍ର ଯୋଗଦେଇ ପୁସ୍ତକ ଉପରେ ନିଜର ମତାମତ ରଖିଥିଲେ। ଶରତ ତ୍ରିପାଠୀ ସ୍ୱାଗତ ଭାଷଣ ଓ ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଭାରତୀୟ ସାହିତ୍ୟରେ ଓଡ଼ିଆ ଗଳ୍ପର ଆଦର ରହିଛି

ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

ଭାରତୀୟ ସାହିତ୍ୟରେ ଓଡ଼ିଆ ଗଳ୍ପର ଆଦର ରହିଛି। ଗଳ୍ପର ଉପାଦାନ, କାରିଗରି, ଚରିତ୍ର ଓ ଘଟଣାକୁ ନେଇ ପାଠକୀୟ ଆଦୃତି ବଢ଼ିଥାଏ ବୋଲି କଥାକାର ପରେଶ କୁମାର ପଟ୍ଟନାୟକ କହିଛନ୍ତି। ଶନିବାର ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ସାହିତ୍ୟ ମାସିକୀ'ରେ କଥାକାର ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକ 'ଶୁଚିସ୍ମିତାର କାହାଣୀ' ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଥାକାର ପଟ୍ଟନାୟକ ଯୋଗଦେଇ କହିଲେ, ବିଭିନ୍ନ ଭାରତୀୟ ଭାଷାରେ ଓଡ଼ିଆ ଗଳ୍ପର ପର୍ଯ୍ୟାପ୍ତ ଅନୁବାଦ ହେବାର ଆବଶ୍ୟକତା ରହିଛି। ଅନୁରୂପ ଭାବରେ ଓଡ଼ିଆ ଗଳ୍ପ ସାହିତ୍ୟରେ ତରୁଣ ତଥା ନୂତନ ଲେଖକଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ। କଥାକାର ସହଦେବ ସାହୁ ଅଧ୍ୟକ୍ଷତା କରିଥିବାବେଳେ କଥାକାର ରମେଶ ପଟ୍ଟନାୟକ ପୁସ୍ତକ ସମୀକ୍ଷା କରିଥିଲେ। 'ଏ ମାସର କବି' ଭାବରେ ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅଭୟ ନାରାୟଣ ନାୟକ, ପୂର୍ଣ୍ଣାନନ୍ଦ ମହାନ୍ତି ଓ ଜୟଶ୍ରୀ ପଟ୍ଟନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



ରାଜମହଲ ଛକରେ ଶନିବାର ହୋଇଥିବା ଟ୍ରାଫିକ୍ ଜାମରେ ଗାଡିମୋଟର ସହ ଲୋକେ ଫସି ରହିଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

## ଶିକ୍ଷକ ଯୁବବର୍ଗଙ୍କୁ ଏଡ୍‌ସ ସଂକ୍ରମଣରୁ ରକ୍ଷା କରିପାରିବେ

ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା)

ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ପକ୍ଷରୁ ଏକ ଜୋନ୍‌ସ୍ତରୀୟ କର୍ମଶାଳା ସ୍ଥାନୀୟ ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିଦ୍ୟାଳୟରେ ପଢୁଥିବା କିଶୋରୀକିଶୋରଙ୍କୁ ଏଡ୍‌ସ ପ୍ରତି ସଚେତନ କରିବାକୁ ରାଜ୍ୟସ୍ତରୀୟ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଓସାକ୍ସ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜୁନିୟର ରେଡକ୍ରସ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଏବଂ ରେଡକ୍ରସ୍‌ର ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ତାଲିମ ଶିବିରରେ ନୟାଗଡ଼, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଅନୁଗୋଳ, ପୁରୀ, ଢେଙ୍କାନାଳ, କଟକ, ଖୋର୍ଦ୍ଧା ଆଦି ୮ ଜିଲାରୁ ୭୪ ଜଣ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକମାନଙ୍କୁ ସମ୍ବୋଧିତ କରି ଡାକ୍ତର ସ୍ୱାଇଁ କହିଲେ, ଶିକ୍ଷକମାନେ ହେଉଛନ୍ତି ମାର୍ଗ ଦର୍ଶକ। ସେମାନେ ଚାହିଁଲେ ଯୁବବର୍ଗଙ୍କୁ ଏଡ୍‌ସ ସଂକ୍ରମଣରୁ ରକ୍ଷା କରିପାରିବେ। ସମ୍ମାନିତ ଅତିଥି ଭାବେ ବିଭୂତି ଭୂଷଣ ପଟ୍ଟନାୟକ ଯୋଗଦେଇଥିବାବେଳେ ଓସାକ୍ସର ସହ ନିର୍ଦ୍ଦେଶିକା ସ୍ମୃତି ସାଗରିକା କାନୁନଗୋ ଓସାକ୍ସ ଦ୍ୱାରା ଯୁବବର୍ଗଙ୍କ ପାଇଁ କରାଯାଉଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଏଚ୍‌ଆଇଭି କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।




ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ପକ୍ଷରୁ ଅନୁଷ୍ଠିତ ଜୋନ୍‌ସ୍ତରୀୟ କର୍ମଶାଳା।

# ଖାଦ୍ୟ ପାଇଁ ଆଳୁ ଜରୁରୀ ନୁହେଁ

## ଚାହିଦା କମିଲେ କୃତ୍ରିମ ଅଭାବ ହେବ ନାହିଁ

ନିଶ୍ଚିନ୍ତକୋଇଲି,୨୭।୭ (ଅଶୋକ କୁମାର ମହାପାତ୍ର):

ଆଳୁକୁ ନେଇ ପଲ୍ଲୀରୁ ସହର ପର୍ଯ୍ୟନ୍ତ ଚର୍ଚ୍ଚା ଜୋର ଧରିଥିବାବେଳେ ଏହା ଏକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଓ ଅତ୍ୟାବଶ୍ୟକ ଖାଦ୍ୟ ନୁହେଁ ବୋଲି ଚିକିତ୍ସକମାନେ ମତଦେଇଛନ୍ତି। ଓଡ଼ିଶାରେ ବିଲାତି ଆଳୁର ବ୍ୟବହାର କୌଣସି ଦେବ କାର୍ଯ୍ୟରେ ଲାଗୁହେଉ ନ ଥିବା ବେଳେ ପୂର୍ବକାଳରେ ମଧ ଖାଦ୍ୟରେ ଏହାର ବ୍ୟବହାର କମ ଥିଲା। କାରଣ ବାହାର ରାଜ୍ୟ ତଥା ଦେଶରୁ ଏହି ଆଳୁ ରପ୍ତାନି ହେଉଥିବାରୁ ଏହାକୁ ବିଲାତି ଆଳୁ କହି ଓଡିଶା ଲୋକେ ଖମ୍ବଆଳୁ(ମାଟିଆଳୁ)କୁ ମୁଖ୍ୟ ଖାଦ୍ୟ ଭାବେ ବ୍ୟବହାର କରୁଥିଲେ। ସମ୍ପ୍ରତି ଆଳୁ ମଧୁମେହ,ମେଦବହୁଳତା ସମେତ ବହୁ ରୋଗର କାରଣ ବୋଲି ଚିକିତ୍ସକମାନେ ମତ ଦେଉଛନ୍ତି। ଆଳୁ ଦର ଏବେ ଆକାଶଛୁଆଁ ହେବା ସତ୍ତ୍ୱେ ଓଡିଶାର ଲୋକେ ଖାଦ୍ୟରେ ଆଳୁର ପ୍ରଚୁର ବ୍ୟବହାର କରିବାର ଅଭ୍ୟାସକୁ ଛାଡି ପାରୁନାହାନ୍ତି।

### ଏମାନେ ଯାହା କୁହନ୍ତି ...



#### ଉପକାରଠାରୁ ଅପକାର ଅଧିକ



ପୂର୍ବରୁଆଳୁର ବ୍ୟବହାର ଏତେ ନ ଥିଲା। ସମୟ କ୍ରମେ ଏହାର ଚାହିଦା ବଢ଼ିଛି। ଦେବକାର୍ଯ୍ୟରେ ମଧ ଏହି ଆଳୁର ବ୍ୟବହାରକୁ ବର୍ଜନ କରାଯାଇଛି। ଆଳୁ ଖାଇବା ଦ୍ୱାରା ଯେତିକି ଉପକାର ହୋଇଥାଏ ତାହାଠାରୁଅଧିକ ଅପକାର ହୋଇଥାଏ। ଏହାର ଚାହିଦା କମିଲେ କୃତ୍ରିମ ଅଭାବ ହେବନାହିଁ।

–ସାମାଜିକ କର୍ମୀ ରଞ୍ଜନ ଦାସ

#### ଆଳୁ ବଦଳରେ ପୁଷ୍ଟିକର ସବୁଜ ଖାଦ୍ୟ ଖାଆନ୍ତୁ



ଆଳୁରେ କାର୍ବୋହାଇଡ୍ରେଡ ଥିବାରୁ ଏହାକୁ ମଧୁମେହ ରୋଗୀ ମାନେ ଖାଇବା ପାଇଁ ମନା କରାଯାଇଛି। ଆଳୁକୁ ଏକ ମୁଖ୍ୟ ପୁଷ୍ଟିକର ଖାଦ୍ୟ ଭାବେ ବିବେଚିତ କରାଯାଏ ନାହିଁ। ଯଦି ୧ମାସରୁ ଉର୍ଦ୍ଧ ଆଳୁ ଖିଆନଯାଏ ତେବେ ମଣିଷଙ୍କ ଉପରେ ଏହା କୌଣସି ପ୍ରଭାବ ପଡ଼ିବ ନାହିଁ। ଆଳୁ ଦର ସମୟରେ ଅନ୍ୟ ପୁଷ୍ଟିକର ସବୁଜ ପରିବା ବ୍ୟବହାର କଲେ ମଣିଷ ସୁସ୍ଥ ରହିବ ବୋଲି ସୂଚନାଦେଇଛନ୍ତି।

–ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଅମିତ ଜେନା

#### ବିନା ଆଳୁରେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହୋଇପାରିବ



ରୋଷେଇ ଶାଳକୁ ଆଳୁ ନିହାତି ଆବଶ୍ୟକ ନୁହେଁ। ଏମିତ କି ବିନା ଆଳୁରେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇପାରେ। ଆମର ଅନାବଶ୍ୟକ ଚାହିଦା ପାଇଁ ବଜାରରେ ଅହେତୁକ ଦର ବୃଦ୍ଧି ହେଉଛି। ତେଣୁ ସବୁ ଗୃହିଣୀମାନେ ବିନା ଆଳୁରେ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କଲେ ଏହା ଉପରେ ନିର୍ଭର କରିବାକୁ ପଡ଼ିବନି। ଆଳୁ ପାଇଁ ବାହାର ରାଜ୍ୟ ଉପରେ ଆମକୁ ଭରସା କରିବାକୁ ପଡୁଛି। ଯଦିଆମେ ଏହାକୁ ବର୍ଜନ କରିଦେବା ତେବେ ପଡୋଶୀ ରାଜ୍ୟ ପାଇଁ ଉଚିତ ଜବାବ ହେବ।

–ଗୃହିଣୀ ମିତାଲି ମିଶ୍ର

## ସଂକ୍ଷେପରେ

### କାର୍‌ଗିଲ ଯୁଦ୍ଧର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି

ବାଙ୍କୀ, ୨୭।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ଭାଜପା କାର୍ଯ୍ୟାଳୟରେ କାର୍‌ଗିଲ ଯୁଦ୍ଧର ୨୫ତମ ବିଜୟ ଦିବସ ଶନିବାର ପାଳିତ ହେଇଯାଇଛି। ବାଙ୍କୀ ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ନଳିନୀ ରାୟ, ପୂର୍ବତନ ବ୍ଲକ ଅଧକ୍ଷ ସତ୍ୟନରାୟଣ ସାମନ୍ତ, ପୂର୍ବତନ ସାମରିକ ଅଧିକାରୀ ବ୍ରଜବନ୍ଧୁ ପଣ୍ଡା, ପୂର୍ବତନ ବ୍ଲକ ଉପାଧକ୍ଷ ସରୋଜମତଗଜ ସିଂହ ପ୍ରଭୃତି ଅତିଥି ଭାବେ ଯୋଗଦେଇ କାର୍‌ଗିଲ ଯୁଦ୍ଧରେ ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱ ଓ ସୈନିକମାନଙ୍କର ଯୁଦ୍ଧ କୌଶଳ ଯୋଗୁ କାରଗିଲ ଯୁଦ୍ଧରେ ଭାରତର ବିଜୟ ହୋଇଥିଲା ବୋଲି ସେମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଜଗନ୍ନାଥ ପରିଡା, ବିନୋଦ ଦାସ, ବିପ୍ରବର ଲେଙ୍କା, ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ, ସୁନୀଲ କୁମାର ସାହୁ, କାଳନ୍ଦୀ ବେହେରା, ସଞ୍ଜୟ ରଣା, ରାଜେନ୍ଦ୍ର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ଏହାକୁ ଜୟନ୍ତ ବେଉରା ସଂଯୋଜନା କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଦେବାଶିଷ ମାନସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଚାରାରୋପଣ



'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରା ରୋପଣ କରାଯାଉଛି ।

ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା):

କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ମାଆ ପାଇଁ ଗଛଟିଏ' ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଓମ୍‌ପିସ୍ଥିତ ୬ଷ୍ଠ ବାଟାଲିୟନ୍‌ରେ ଥିବା ଓଏସ୍‌ଏପି ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କମାଣ୍ଡାଣ୍ଟ ଏସ୍.ଏନ୍. ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କମାଣ୍ଡାଣ୍ଟ ମଲ୍ଲିକଙ୍କ ସହ ଡେପୁଟି କମାଣ୍ଡାଣ୍ଟ ଅନିଲ କୁମାର ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଚାରା ରୋପଣ କରିଥିଲେ। ଏହି ଅଭିଯାନରେ ମୋଟ ୫୦୦ ଚାରା ରୋପଣ କରାଯାଇଥିଲା। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏପରି କାର୍ଯ୍ୟକ୍ରମ କଟକ ଓ ଢେଙ୍କାନାଳ ଜିଲାସ୍ଥିତ ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମ ଆଦି ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତ, ଉପକ୍ଷେତ୍ରୀୟ ମୁଖ୍ୟ ବିଷ୍ଣୁ ଚରଣ ବେହେରା, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରାଙ୍କ ସମେତ ବ୍ୟାଙ୍କର ଅନ୍ୟ ଅଧିକାରୀମାନେ ଚାରା ରୋପଣ କରିଥିଲେ।

# କାର୍‌ଗିଲ ବିଜୟ ଭାରତବାସୀଙ୍କ ପାଇଁ ସ୍ମରଣୀୟ ଦିବସ



କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟ ଅତିଥିମାନେ ।

ଆଠଗଡ,୨୭।୭(ସତ୍ୟପ୍ରସାଦ ରଥ)

କାର୍‌ଗିଲ ବିଜୟର ୨୫ ତମ ଦିବସ ଶନିବାର ଆଠଗଡ ଭାଜପା ପକ୍ଷରୁ ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରଥଗଡାଛକ ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରୁ ଏକ ତ୍ରିରଙ୍ଗା ଶୋଭଯାତ୍ରା ବାହାରି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଅଭୟ ବାରିକଙ୍କ ନେତୃତ୍ୱରେ ସେଠାରେ ଶ୍ରଦ୍ଧାଞ୍ଜଳି ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ କୁମାର ସେଠୀ , କଟକ ସଦର ଜିଲା ସଭାପତି ରାମନାରାୟଣ ମହାନ୍ତି ଓ ବିଧାନସଭା ସଂଯୋଜକ ବିକ୍ରମ ଦାଶ ପ୍ରମୁଖ ଯୋଗଦେଇଥିଲେ। କାରଗିଲ ବିଜୟ ଦିବସ ସାରା ଭାରତବାସୀଙ୍କ ପାଇଁ ଏକ ସ୍ମରଣୀୟ ଦିବସ। ଦେଶ ମାତୃକା ପାଇଁ ଶହୀଦ ହୋଇଥିବା ଜବାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଅନୁଗୋଳର ମାନସ ରଞ୍ଜନ ସାହୁ, ସାଲେପୁରର ଗୋପୀନାଥ ମହାରଣା, ବାଲେଶ୍ୱରର ମହେଶ୍ୱର ବେହେରା, ପୁରୀର ପ୍ରମୋଦ ପଟ୍ଟନାୟକଙ୍କ ପରିବାର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଆଠଗଡ ନିର୍ବାଚନମଣ୍ଡଳୀ ଭାଜପାର ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଅଗଷ୍ଟ ୯ରେ ମିଳିତ ଶ୍ରମିକ ସମାବେଶ

ଭୁବନେଶ୍ୱର, ୨୭।୭(ବନ୍ଦନା ସେଠୀ) :

ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ କମିଟିର ପରିର୍ଦ୍ଧିତ ବୈଠକ ରାଜ୍ୟ ସଭାପତି ଅଶୋକ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ପୂର୍ବରୁ ଓ ପରେ ଶ୍ରମିକ ଶ୍ରେଣୀର ଦୀର୍ଘ ଆନ୍ଦୋଳନ ଫଳରେ ପ୍ରଣୀତ ଆଇନଗୁଡିକୁ ଅକାମୀ କରାଇ କର୍ପୋରେଟ ସ୍ୱାର୍ଥରେ ୪ଟି ଶ୍ରମକୋଡ୍ ପ୍ରଣୟନ କରି ଶ୍ରମିକ ଶ୍ରେଣୀକୁ ମଧ୍ୟଯୁଗୀୟ କ୍ରୀତଦାସ ଅବସ୍ଥା ଆଡକୁ ନେବା ପାଇଁ କେନ୍ଦ୍ର ସରକାର ଯୋଜନା କରୁଥିବା ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅଗଷ୍ଟ ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଦାବି, ପ୍ରତିବାଦ ଓ ପ୍ରତିରୋଧ ସହିତ ଦେଶବ୍ୟାପୀ କ୍ରାନ୍ତି ଦିବସ ପାଳନ କରାଯିବ। ୯ ତାରିଖରେ ଭୁବନେଶ୍ୱରରେ ମିଳିତ ଶ୍ରମିକ ସମାବେଶ ଅନୁଷ୍ଠିତ ହେବ। ଏଥିରେ ଏଆଇଟିୟୁସିର ସର୍ଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ଅମରଜିତ୍ କୌର ଯୋଗଦେବେ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏଥିସହ କର୍ମଚାରୀ ରାଜ୍ୟ ବୀମା କେନ୍ଦ୍ରୀୟ ଟ୍ରଷ୍ଟବୋର୍ଡରୁ ଏଆଇଟିୟୁସିର ପ୍ରତିନିଧିଙ୍କୁ ବାଦ୍‌ଦେବା, ଅଙ୍ଗନୱାଡ଼ି, ଆଶା କର୍ମୀ, ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ମଜୁରୀ ୨୬ହଜାର ଟଙ୍କା ଘୋଷଣା ଆଦି ବିଭିନ୍ନ ଦାବି ନେଇ କ୍ରାନ୍ତି ଦିବସ ପାଳନ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ବିବରଣୀ ଉପସ୍ଥାପନ କରିଥିବାବେଳେ ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ, ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ହରପ୍ରିୟା ସାଇଁ, ନମିତା ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ବୈଠକରେ ଏଆଇଟିୟୁସିର କର୍ମକର୍ତ୍ତାମାନେ ଅଗଷ୍ଟ ୯ ଶ୍ରମିକ ସମାବେଶ ନେଇ ସୂଚନା ଦେଉଛନ୍ତି।

# ୨ ଜୀବନ ବଞ୍ଚାଇ ବୀରେନ୍ଦ୍ର ଅମର



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା

ରଘୁନାଥପୁର,୨୭।୭(ରାଜେନ୍ଦ୍ର ନାରାୟଣ ସିଂହ)

ମୃତ୍ୟୁ ପରେ ୨ କିଡ୍‌ନୀ ଦାନକରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିବା ରଘୁନାଥପୁର ବ୍ଲକ ରେଢୁଆ ଗ୍ରାମର ସ୍ୱର୍ଗତ ବୀରେନ୍ଦ୍ର ପ୍ରସାଦ ସ୍ୱାଇଁଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ଅତିଥି ଯୋଗଦେଇ ବୀରେନ୍ଦ୍ରଙ୍କ ପାଇଁ ଅଞ୍ଚଳବାସୀ ଗର୍ବିତ ବୋଲି କହିଥିଲେ। ନିଜ ଅଙ୍ଗଦାନ କରି ୨ ଜଣଙ୍କ ଜୀବନ ବଞ୍ଚାଇ ସେ ଅମର ହୋଇଯାଇଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ରେଢୁଆ ସମବାୟ ସମିତି ସଭାକକ୍ଷରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଯୋଗଦେଇ ବୀରେନ୍ଦ୍ରଙ୍କ ସ୍ମୃତି ଚାରଣ କରିଥିଲେ। ସେ ଜଣେ ସଚ୍ଚୋଟ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ଏହାଛଡା ଜଣେ ସମବାୟବିତ ଭାବେ ଚାଷୀଙ୍କ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରୁଥିଲେ ବୋଲି ବେହେରା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଡେପୁଟି କଲେକ୍ଟର ତୃପ୍ତି ପ୍ରଧାନ,ତହସିଲଦାର ଅଭୀପ୍‌ସା ପଟ୍ଟନାୟକ, ଷ୍ଟେଟ ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ ଡାଇରେକ୍ଟର ଡା.ବିଭୂତି ଭୂଷଣ ନାୟକ,ଏସ୍‌ସିବି ମେଡିକାଲ କଲେଜର ରେଜିଷ୍ଟ୍ରାର ଡା.ଅବିନାଶ ରାଉତ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ଭଗବାନ ବିଶ୍ୱାଳ, ସାହିତ୍ୟିକ ଅଲେଖ ଚନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ ସ୍ନେହାଂଶୁ ଜେନା, ଦେବୀପ୍ରସାଦ ମହାରଣା, ସୁଶ୍ରୀ ଗୀତା ରଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ୱର୍ଗତ ବୀରେନ୍ଦ୍ରଙ୍କ ବାସଭବନରେ ମଧ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

# ରାଜ୍ୟ ଭାଜପା ପାଇଁ ଦେବେନ୍ଦ୍ର ମହାପାତ୍ରଙ୍କ ଅବଦାନ ଅତୁଳନୀୟ

ସାଲେପୁର,୨୭।୭(ଅରବିନ୍ଦ ଭୂୟାଁ):

ଅଟଳ ସେନା ପକ୍ଷରୁ ସାଲେପୁର ମଧୁମଣ୍ଡପଠାରେ ରାଜ୍ୟ ଭାଜପାର ପ୍ରଥମ ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ସହପ୍ରାନ୍ତ କାର୍ଯ୍ୟ ନିର୍ବାହୀ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ୮୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସ୍ୱାମୀ ପରମହଂସ ବ୍ରହ୍ମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସ୍ତମ୍ଭକାର ଅଟଳ ସେନା ରାଜ୍ୟ ଉପଦେଷ୍ଟା ଡ. ନିରଞ୍ଜନ ପାଢ଼ୀ ଯୋଗଦେଇ ରାଜ୍ୟ ଭାଜପା ପାଇଁ ଦେବେନ୍ଦ୍ର ମହାପାତ୍ରଙ୍କ ଅତୁଳନୀୟ ଅବଦାନ ଥିଲା ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଅଟଳ ସେନାର ମୁଖ୍ୟ ଉପଦେଷ୍ଟା ପ୍ରଭାତ କେଶରୀ ମିଶ୍ର, ଡ. ଗୌତମ ମହାରଣା, ଭାଜପା ନେତା ପ୍ରସନ୍ନ ମିଶ୍ର, କୁଞ୍ଜ ମୋହନ ସେଠୀ, ପ୍ରଶାନ୍ତ କୁମାର କର ପ୍ରମୁଖ ଯୋଗଦେଇ ଦେବେନ୍ଦ୍ର ମହାପାତ୍ରଙ୍କ ଜୀବନଶୈଳୀ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଟଳ ସେନାର ବହୁ ମହିଳା ଓ ପୁରୁଷ ସଦସ୍ୟ ସାମିଲ ହୋଇଥିଲେ।




ଜୟନ୍ତୀ ଉତ୍ସବରେ ସାମିଲ ହୋଇଥିବା ଭାଜପା ନେତୃମଣ୍ଡଳୀ।

# ପଣ୍ଡିତ ବିଦ୍ୟାରତ୍ନ ବାଙ୍କୀର ଗର୍ବ ଓ ଗୌରବ

ବାଙ୍କୀ, ୨୭।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୧୦୦ ତମ ଶ୍ରାଦ୍ଧ ପାଳିତ ହୋଇଯାଇଛି । ଏହି ଅବସରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପଣ୍ଡିତଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବି.କେ.ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୟୋଜ୍ୟେଷ୍ଠ ନାଗରିକ ସଂଘ ସଭାପତି ବିରଞ୍ଚି ନାରାୟଣ ଦାସ, ବାଙ୍କୀ କଲେଜ ପୂର୍ବତନ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଉପନଗରପାଳ ସନ୍ତୋଷ କୁମାର ରଣା, ପ୍ରେସ୍ କ୍ଲବ ସଭାପତି ବଳଭଦ୍ର ପଣ୍ଡା, ଆଇନଜୀବୀ ଜିତେନ କୁମାର ପଣ୍ଡା, ବାଙ୍କୀ ବ୍ଲକର ପୂର୍ବତନ ଅଧକ୍ଷ କାହ୍ନୁଚରଣ ସିଂହ, ଛାତ୍ରୀ ଖ୍ୟାତିସମ୍ଭବା କର, ଶଶିଭୂଷଣ ତ୍ରିପାଠୀ, ସବିତା ରାଉତ ପ୍ରମୁଖ ଯୋଗଦେଇ ପଣ୍ଡିତ ବିଦ୍ୟାରତ୍ନ ବାଙ୍କୀର ଗର୍ବ ଓ ଗୌରବ ବୋଲି କହିଥିଲେ।

ପଣ୍ଡିତ ନୀଳମଣି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ଥିଲେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସେହିପରି ବାଙ୍କୀ ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ତରଫରୁ ବିଦ୍ୟାରତ୍ନଙ୍କ ଜନ୍ମମାଟି ବାଙ୍କୀ ବ୍ଲକ ବୈଦ୍ୟେଶ୍ୱରଠାରେ ତାଙ୍କ ଶହେ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବୈଦ୍ୟେଶ୍ୱର ଛକ ଓ ତାଙ୍କ ବାସଭବନଠାରେ ଥିବା ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ସୁନୀଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି ରବିନରାୟଣ ମଙ୍ଗରାଜ, ଶିକ୍ଷାବିତ୍ ସୁରେଶ୍ୱର ବେହେରା, ଶିକ୍ଷକ ପ୍ରେମାନନ୍ଦ ବେହେରା, ଅଶୋକ କୁମାର କର, ଜୟକୃଷ୍ଣ ସାହୁ, ବିଦ୍ୟାରତ୍ନଙ୍କ ନାତି ଅରୁଣ ମିଶ୍ର ଓ ଅଣନାତି ଅମ୍ଳାନ ମିଶ୍ର ପ୍ରମୁଖ ଯୋଗଦେଇ ପଣ୍ଡିତ ବିଦ୍ୟାରତ୍ନଙ୍କମ୍ ସ୍ମୃତିଚାରଣ କରିଥିଲେ ।



ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଶ୍ରାଦ୍ଧ ଦିବସରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

## ସଂକ୍ଷେପରେ

### ଭାରତୀୟ ସାହିତ୍ୟରେ ଓଡ଼ିଆ ଗଳ୍ପର ଆଦର ରହିଛି

ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

ଭାରତୀୟ ସାହିତ୍ୟରେ ଓଡ଼ିଆ ଗଳ୍ପର ଆଦର ରହିଛି। ଗଳ୍ପର ଉପାଦାନ, କାରିଗରି, ଚରିତ୍ର ଓ ଘଟଣାକୁ ନେଇ ପାଠକୀୟ ଆଦୃତି ବଢିଥାଏ ବୋଲି କଥାକାର ପରେଶ କୁମାର ପଟ୍ଟନାୟକ କହିଛନ୍ତି। ଶନିବାର ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ସାହିତ୍ୟ ମାସିକୀ'ରେ କଥାକାର ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକ 'ଶୁଚିସ୍ମିତାର କାହାଣୀ' ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଥାକାର ପଟ୍ଟନାୟକ ଯୋଗଦେଇ କହିଲେ, ବିଭିନ୍ନ ଭାରତୀୟ ଭାଷାରେ ଓଡ଼ିଆ ଗଳ୍ପର ପର୍ଯ୍ୟାପ୍ତ ଅନୁବାଦ ହେବାର ଆବଶ୍ୟକତା ରହିଛି। ଅନୁରୂପ ଭାବରେ ଓଡ଼ିଆ ଗଳ୍ପ ସାହିତ୍ୟରେ ତରୁଣ ତଥା ନୂତନ ଲେଖକଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ। କଥାକାର ସହଦେବ ସାହୁ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ କଥାକାର ରମେଶ ପଟ୍ଟନାୟକ ପୁସ୍ତକରେ ସ୍ଥାନିତ କେତେକ ଗଳ୍ପର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। 'ଏ ମାସର କବି' ଭାବରେ ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅଭୟ ନାରାୟଣ ନାୟକ, ପୂର୍ଣ୍ଣାନନ୍ଦ ମହାନ୍ତି ଓ ଜୟଶ୍ରୀ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହି କବି ନିଜର କବିତା ପାଠ କରିଥିଲେ। ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### 'ଲୟୋଲା ସିନର୍ଜି ୨୦୨୪'

ଭୁବନେଶ୍ୱର, ୨୭।୭(ଅସମାପିକା ସାହୁ)

ଲୟୋଲା ସ୍କୁଲ ପକ୍ଷରୁ ବାର୍ଷିକ ପ୍ରଦର୍ଶନୀ 'ଲୟୋଲା ସିନର୍ଜି ୨୦୨୪' ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ଉତ୍କୃଷ୍ଟ ବୈଜ୍ଞାନିକ ପରିକଳ୍ପନା ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ର ହାତ ତିଆରି ମଡେଲ ଓ ପ୍ରକଳ୍ପ ପ୍ରଦର୍ଶନ କରିବା ସହିତ ଅତିଥି, ଅଭିଭାବକ, ଛାତ୍ରୀଛାତ୍ର ପ୍ରମୁଖଙ୍କୁ ବୁଝାଇଥିଲେ। ଜୁନିୟର ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶ, ବିଜ୍ଞାନ, କଳା, ଧର୍ମ ଓ ସଂସ୍କୃତି ସମ୍ବନ୍ଧୀୟ ପ୍ରକଳ୍ପଗୁଡ଼ିକ ବେଶ୍ ଆକର୍ଷଣୀୟ ତଥା ଶିକ୍ଷଣୀୟ ଥିଲା। ସିନିୟର ସ୍କୁଲର ଛାତ୍ରୀଛାତ୍ର ବିଭିନ୍ନ ପ୍ରୟୋଗାତ୍ମକ ମଡେଲ ମାଧ୍ୟମରେ ବିଭିନ୍ନ ସମସ୍ୟା ସମାଧାନର ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀକୁ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଳ ଜୈନ ଉଦ୍‌ଘାଟନ କରିଥିଲେ। ଏହିଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ବୃଦ୍ଧି ଏବଂ ତାଙ୍କର ପ୍ରତିଭା ପ୍ରକାଶ କରିବାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇପାରିବ ବୋଲି କପିଳ ଜୈନ ମତପ୍ରକାଶ କରିବା ସହିତ ବିଦ୍ୟାଳୟର ଶିକ୍ଷକ, ପ୍ରଶାସନ ଏବଂ ଛାତ୍ରୀଛାତ୍ରଙ୍କ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। ସ୍କୁଲ ଅଧ୍ୟକ୍ଷ ଫାଦର ଏ. ଅମଲାଦସ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମିଳିତ ପ୍ରୟାସକୁ ଗୁରୁତ୍ୱ ଦେବା ସହିତ ଉଦୀୟମାନ ପ୍ରତିଭାର ବିକାଶ ତଥା ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ଏହି ମଞ୍ଚ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ।

# ୩ ବ୍ଲକବାସୀଙ୍କ ଦୁଃଖ ସାଜିଛି ଦୟା ନଦୀର କାଜ

- ୯ ବର୍ଷ ପରେ ବି କାର୍ଯ୍ୟକାରୀ ହୋଇନି ପ୍ରସ୍ତାବ
- ବନ୍ୟା ଆସିଲେ ଚିନ୍ତିତ ହୋଇପଡ଼ନ୍ତି ଲୋକେ

ପିପିଲି, ୨୭।୭(ଦୁର୍ଗାମାଧବ ମିଶ୍ର)

ପିପିଲି ଦେଇ ପ୍ରବାହିତ ଦୟାନଦୀର କଣ୍ଟି ଓ ଭାରତୀପୁର କାଜ (ଏସ୍‌କେପ୍) ସ୍ଥାୟୀ ଭାବେ ବନ୍ଦ କରିବାକୁ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ବିଧାନସଭାରେ ଦାବି ଉଠାଇଛନ୍ତି। ବନ୍ୟା ଆସିଲେ ଏହି ଦୁଇ କାଜରେ ନିଷ୍କାସିତ ବନ୍ୟାଜଳ ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକର ବ୍ୟାପକ ଅଞ୍ଚଳକୁ କ୍ଷତିଗ୍ରସ୍ତ କରୁଥିବାରୁ ଏହାକୁ ବନ୍ଦ କରାଯିବା ଜରୁରୀ ବୋଲି ସେ ମତ ଦେଇଛନ୍ତି। ଏହି ଦାବିକୁ ସରକାର ଗୁରୁତ୍ୱର ସହ ଗ୍ରହଣ କରିଥିବା ପଟ୍ଟନାୟକ କହିଛନ୍ତି। କଣ୍ଟି, ଭାରତୀପୁର କାଜକୁ ପିପିଲି, ଡେଲାଙ୍ଗ ଏବଂ କଣାସର ଦୁଃଖ ବୋଲି କୁହାଯାଇଥାଏ। ଏହି ଦୁଇ କାଜ ଦେଶ ସ୍ୱାଧୀନତା ପୂର୍ବରୁ ନିର୍ମାଣ ହୋଇଥିଲା ବୋଲି କୁହାଯାଉଛି। ବନ୍ୟା ସମୟରେ ଦୟାନଦୀର ଉଦ୍‌ବୃତ୍ତ ଜଳକୁ ନିଷ୍କାସନ କରାଇବା ପାଇଁ ସେହି ସମୟରେ ଇଂରେଜ ସରକାର କଣ୍ଟି ଓ ଭାରତୀପୁରଠାରେ ଦୁଇଟି କାଜ ନିର୍ମାଣ କରିଥିଲେ। ଗତ କିଛି ଦଶନ୍ଧି ହେଲା ଏହା ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ଏହି ଦୁଇ କାଜ ଦେଇ ନିଷ୍କାସିତ ବନ୍ୟାଜଳ ପିପିଲି ବ୍ଲକର ଭାରତୀପୁର, କଣ୍ଟି, ବାରିମୂଳ, କେରୁଣ୍ଡେଇ, ନାରଣଖେତା, ହାଟସାହି, ଜମ୍ବିଲା, ମାଧିପୁର, ଗୁନ୍ଥଳ, ଡେଲାଙ୍ଗ ବ୍ଲକର ମଳିଗାଁ, ଚାଇଁପୁର, ଅରିସଲ, ସୁଜନପୁର, କୋଠବାଡ଼, ମୁନିନ୍ଦା ଓ କଣାସ ବ୍ଲକର ତ୍ରିଲୋଚନପୁର, ସିରେଇ, କଣାସ, ବିଜିପୁର, ଖଣ୍ଡହତା, ଗଡ଼ିଶାଗୋଦା, ବିନ୍ଧଣ, ଆଳିବାଡ଼ ଆଦି ପଞ୍ଚାୟତର ଅନେକ ଗାଁ ପ୍ରଭାବିତ ହେବା ସହ ଚାଷଜମିଗୁଡ଼ିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥାଏ। ପନିପରିବା ସହ ଧାନ ଫସଲ ଉଜୁଡ଼ି ଯାଇଥାଏ। ଅନେକ ଲୋକ ବାସହରା ହେବା ସହ ପଶୁସମ୍ପଦ ମଧ୍ୟ ପ୍ରଭାବିତ ହୋଇଥାଏ। ପିପିଲି-ଜଟଣୀ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥାଏ। ଏପରି ଅବସ୍ଥାରେ ସ୍ଥାୟୀ ପ୍ରତିକାର ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ଉଲ୍ଲେଖ ଥାଉ କି, ୩ ବ୍ଲକର ଅଧିବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପାଇଁ ଉକ୍ତ କାଜ ଦୁଇଟିକୁ ତୁରନ୍ତ ବନ୍ଦ କରିବା ନିମନ୍ତେ ତତ୍କାଳୀନ ପୁରୀ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଜରୁରୀ ଚିଠି ସଂଖ୍ୟା ୨୬୭୭ କ୍ରମେ ୨୦୧୫ ଅଗଷ୍ଟ ୨୪ରେ ପ୍ରସ୍ତାବ ଦେଇ କଟକସ୍ଥିତ ଡ୍ରେନେଜ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଇତିମଧ୍ୟରେ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏହା ଅଞ୍ଚଳବାସୀଙ୍କ ନିମନ୍ତେ ଚିନ୍ତା ଓ ଉଦ୍‌ବେଗର କାରଣ ସାଜିଛି।

## ଆକର୍ଷଣ ସାଜିବ ଅଯୋଧ୍ୟା ରାମମନ୍ଦିର ତୋରଣ


ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା ଏବଂ ଅନ୍ୟମାନେ।

### ପୋଷ୍ଟ ଅଫିସ ଛକ ବ୍ୟବସାୟୀ ସଂଘର ଗଣେଶ ପୂଜା ପ୍ରସ୍ତୁତି ବୈଠକ

ଜଟଣୀ, ୨୭।୭(ରବୀନ୍ଦ୍ରନାଥ ମହାକୁଡ଼)

ସେପ୍ଟେମ୍ବର ୭ତାରିଖରେ ଗଣେଶ ପୂଜା। ଚଳିତ ବର୍ଷ ଗଣେଶ ପୂଜାକୁ ଆକର୍ଷଣୀୟ ଏବଂ ସରସ ସୁନ୍ଦର କରିବା ପାଇଁ ଜଟଣୀ ସହରର ବିଭିନ୍ନ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ପୋଷ୍ଟ ଅଫିସ ଛକ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଯାଇଛି। ଏଥିରେ ବ୍ୟବସାୟୀ ସଂଘ ସଭାପତି ହେମନ୍ତ କୁମାର ସୁନ୍ଦରାୟ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ କମିଟିର ସଭାପତି ଚଳିତ ବର୍ଷର ହିସାବ ଉପସ୍ଥାପନା କରିଥିଲେ। ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ୧୮ଫୁଟ ଉଚ୍ଚର ଗଜାନନଙ୍କ ମୂର୍ତ୍ତି ନିର୍ମାଣ କରାଯିବା ସହ ୫୨ଫୁଟର ଅଯୋଧ୍ୟା ରାମମନ୍ଦିର ଡିଜିଟାଲ ଆଲୋକ ତୋରଣ ହେବ। ଏକ କୁଇଣ୍ଟାଲ ଓଜନର ଲଡୁ ଗଜାନନଙ୍କ ପାଖରେ ଅର୍ପଣ କରାଯାଇ ସେହି ଭୋଗ ଲଡୁକୁ ଭକ୍ତଙ୍କ ସର୍ବସମ୍ମୁଖରେ ନିଲାମ କରାଯିବ। ଓଡ଼ିଶାର ଲୋକକଳା ଏବଂ ସଂସ୍କୃତିକୁ ଆଧାର କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମାନସ ମିଶ୍ର, କୋଷାଧ୍ୟକ୍ଷ ଅକ୍ଷୟ କୁମାର ବଳିୟାରସିଂ, କମଲ ମୋଦି, ପ୍ରଦୀପ ଅଗ୍ରୱାଲ, ଗଦାଧର ସାହୁ, ଜାଫର ନୁର, ପ୍ରଦୀପ ଅଟ୍ଟନାୟକ, ସୁବାସ ଅଗ୍ରୱାଲ, ମନୋରଞ୍ଜନ ପଣ୍ଡା, ନରେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଯାପିତ


ଭାଗବତ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

ଖୋର୍ଦ୍ଧା, ୨୭।୭(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାରଠାରେ ସପ୍ତାହ ବ୍ୟାପୀ ଚାଲିଥିବା ଭଗବତ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁମ୍ବାଇରୁ ଆସିଥିବା ବିଶିଷ୍ଟ ପ୍ରବକ୍ତା ଶ୍ରୀପାଦ ଭକ୍ତି ପ୍ରଚାର ଯତି ମହାରାଜ ଶ୍ରୀମଦ ଭାଗବତ ପୁରାଣ ଉପରେ ଆଧାରିତ ତତ୍ତ୍ୱ ଓ ମହିମା ସାରଗର୍ବିକ ଉପଦେଶ ଦେଇଥିଲେ। ଶୃଙ୍ଖଳିତ ଜୀବନଶୈଳୀ, ଭକ୍ତି ଆରାଧାନା, ଜୀବନକୁ ସରସ କରିଥାଏ। ଏହି ଅବସରରେ ଭୁବନେଶ୍ୱରର ବିଶିଷ୍ଟ ସନ୍ୟାସୀ ଶ୍ରୀପାଦ ମଧୁସୂଦନ ମହାରାଜ, ସରଧାପୁରର ଶ୍ରୀପାଦ ଭକ୍ତି କିରଣ ସାଗର ମହାରାଜ ଯୋଗଦେଇ ଘରେ ଘରେ ଶ୍ରୀମଦ ଭାଗବତର ପ୍ରଭାବ ଶ୍ରୀଚୈତନ୍ୟ ମହାପ୍ରଭୁ ଓ ଜଗନ୍ନାଥ ଦାସଙ୍କ ସମୟରୁ ରହିଆସିଛି ବୋଲି ମତପ୍ରକାଶ କରିଥିଲେ। ଶ୍ରୀଚୈତନ୍ୟ ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ ଶ୍ରୀଚୈତନ୍ୟଙ୍କ ସଂକୀର୍ତ୍ତନ ଓଡ଼ିଆ ଭଗବତ କିପରି ଓଡ଼ିଶାକୁ ବଞ୍ଚାଇ ରଖିଛି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଗୋପବନ୍ଧୁ ପଣ୍ଡା, ପଣ୍ଡିତ ଜିତେନ୍ଦ୍ରିୟ ପ୍ରଧାନ ଯୋଗଦେଇଥିଲେ। ଅନନ୍ତ ହରି ଦାସ ଓ ଜୟ ନାରାୟଣ ପଟ୍ଟନାୟକ, ଜଗଦୀଶ ପଟ୍ଟନାୟକ, କେଶବ ଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଡ. ମିହିର ପଟ୍ଟନାୟକଙ୍କ ଦୁଇ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୨୭।୭(ବନ୍ଦନା ସେଠୀ)

ସାହିତ୍ୟିକ ଡ. ମିହିର ପଟ୍ଟନାୟକଙ୍କ ରଚିତ ଦୁଇଟି ପୁସ୍ତକ 'ସତ୍ୟାୟନ' ଓ 'ପ୍ରଭୁ ଶ୍ରୀ ପୁରୁଷୋତ୍ତମ' ଶନିବାର ଉନ୍ମୋଚିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ ଇଣ୍ଡିଆ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକ ପ୍ରବୀର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଯୋଗଦେଇ କହିଲେ, ଆର୍ଯ୍ୟ ସଂସ୍କୃତି ଓ ବିଚାର ଦ୍ୱାରା ଲେଖକ ପ୍ରଭାବିତ ହୋଇ ସତ୍ୟକୁ ସାଧାରଣ ଜନତାଙ୍କ ନିକଟକୁ ପହଞ୍ଚାଇବା ପାଇଁ ପ୍ରୟାସ କରିଛନ୍ତି। ବହୁ ଆଦିମ କାଳରୁ ରହି ଆସିଥିବା ଆର୍ଯ୍ୟ ସଂସ୍କୃତି କାଳକ୍ରମେ ବିସ୍ମୃତ ହୋଇଯାଇଛି। ପୁଣିଥରେ ସତ୍ୟକୁ ସାମ୍ନାକୁ ଆଣିବାକୁ ଲେଖକଙ୍କର ପ୍ରୟାସ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ସରଳ ଦାସ କହିଲେ, ଆମକୁ ସାଧାରଣ ଭାବେ ସତ୍ୟ ଭଳି ଲାଗୁଥିବା ଘଟଣା ପ୍ରକୃତ ସତ୍ୟଠାରୁ କିପରି ଭିନ୍ନ ତାହା ଲେଖକ ଅତି ସରଳ ଓ ସାବଲୀଳ ଭାବେ ଉପସ୍ଥାପନ କରିଛନ୍ତି। ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କୃପାସିନ୍ଧୁ ମିଶ୍ର ପୁସ୍ତକ ଉପରେ ନିଜର ମତାମତ ରଖିଥିଲେ।

## ଶିକ୍ଷକ ଯୁବବର୍ଗଙ୍କୁ ଏଡ୍‌ସ ସଂକ୍ରମଣରୁ ରକ୍ଷା କରିପାରିବେ

ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା)

ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ପକ୍ଷରୁ ଏକ ଜୋନ୍‌ସ୍ତରୀୟ କର୍ମଶାଳା ସ୍ଥାନୀୟ ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିଦ୍ୟାଳୟରେ ପଢୁଥିବା କିଶୋରୀକିଶୋରଙ୍କୁ ଏଡସ୍ ପ୍ରତି ସଚେତନ କରିବାକୁ ରାଜ୍ୟସ୍ତରୀୟ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଓସାକ୍ସ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜୁନିଅର୍ ରେଡକ୍ରସ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଏବଂ ରେଡକ୍ରସସ୍‌ର ଅବୈତନିକ ସଚିବ ବିଭୁତି ଭୂଷଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ତାଲିମ ଶିବିରରେ ନୟାଗଡ଼, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଅନୁଗୋଳ, ପୁରୀ, ଢେଙ୍କାନାଳ, କଟକ, ଖୋର୍ଦ୍ଧା ଆଦି ୮ ଜିଲାରୁ ୭୪ ଜଣ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକମାନଙ୍କୁ ସମ୍ବୋଧିତ କରି ଡାକ୍ତର ସ୍ୱାଇଁ କହିଲେ, ଶିକ୍ଷକମାନେ ହେଉଛନ୍ତି ମାର୍ଗ ଦର୍ଶକ। ସେମାନେ ଚାହିଁଲେ ଯୁବବର୍ଗଙ୍କୁ ଏଡ୍‌ସ ସଂକ୍ରମଣରୁ ରକ୍ଷା କରିପାରିବେ। ସମ୍ମାନିତ ଅତିଥି ଭାବେ ବିଭୁତି ଭୂଷଣ ପଟ୍ଟନାୟକ ଦେଇଥିବାବେଳେ ଓସାକ୍ସର ସହ ନିର୍ଦ୍ଦେଶିକା ସ୍ମୃତି ସାଗରିକା କାନୁନଗୋ ଓସାକ୍ସ ଦ୍ୱାରା ଯୁବବର୍ଗଙ୍କ ପାଇଁ କରାଯାଉଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଜୁନିଅର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଏସ୍‌ଟଆଇଭି କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଉପରେ ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

## ଆଲାମ୍ ସଙ୍ଗୀତରେ ଝୁମିଲେ ଶ୍ରୋତା

ଭୁବନେଶ୍ୱର, ୨୭।୭(ବନ୍ଦନା ସେଠୀ)




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ମହମ୍ମଦ ସିକନ୍ଦର ଆଲାମ୍ ଫାଉଣ୍ଡେଶନର ମିଳିତ ସହଭାଗିତାରେ ଶନିବାର ସଙ୍ଗୀତଜ୍ଞ ସିକନ୍ଦର ଆଲାମ୍‌ଙ୍କ ୮୫ତମ ଜୟନ୍ତୀ ଉତ୍ସବ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍, ଦେବାଶିଷ ମହାପାତ୍ର, ସୁକାନ୍ତ ରଥ, ରଣଦୀପ ପାଲିତ୍, ରଶ୍ମିତା, ଡ. ଆଦ୍ୟାଶା ଦାସ ପ୍ରମୁଖ ଆଲମ୍‌ଙ୍କ ଗୀତରେ ଶ୍ରୋତାଙ୍କୁ ସପନର ପଥେ ପଥେ ଅତୀତକୁ ନେଇ ଯାଇଥିଲେ। 'ଚନ୍ଦ୍ରିକା ତୁମେ', 'ଆହା କୁହନା', 'ମୁଁ ରିକ୍ସାବାଲା', 'ବନପକ୍ଷୀ ଝୁରେ ରେ', 'ଏ ବନ ଝରଣା', 'ମାୟାବିନୀ ବନଜୋଛନା', 'ପ୍ରିୟା ବିନା ପ୍ରିତି ବିନା' ଭଳି ଚିର ସବୁଜ ଗୀତ ପରିବେଷଣ କରି ସ୍ମୃତିକୁ ରୋମନ୍ଥନ କରିବା ସହ ଶ୍ରୋତାମାନେ ଆଲାମ୍ ସଙ୍ଗୀରେ ଝୁମିଥିଲେ।

କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଉତ୍କଳ ପ୍ରସଙ୍ଗର ପୂର୍ବତନ ସମ୍ପାଦକ ଡ. ଲେଲିନ୍ ମହାନ୍ତି, ଗବେଷଣା କେନ୍ଦ୍ର ମୁଖ୍ୟ ନିର୍ବାହୀ ଗୁରୁ ସିକତା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେଶନର ସଭାପତି ନଇମା ଆଲାମ୍ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଉପସଭାପତି ଅଭିନେତ୍ର ତଥା ଝିଅ ସୋଫିଆ ଆଲାମ୍ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଞ୍ଚାଳନା କରିଥିଲେ।

## ସିକନ୍ଦର ଆଲାମ୍ ପ୍ରତି ଓଡ଼ିଆଙ୍କ ହୃଦୟକୁ ଜୟ କରିଛନ୍ତି

ଭୁବନେଶ୍ୱର, ୨୭।୭(ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତଜ୍ଞ ତଥା କଣ୍ଠଶିଳ୍ପୀ ମହମ୍ମଦ ସିକନ୍ଦର ଆଲମ୍‌ଙ୍କ ୮୫ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସାହିତ୍ୟିକ ଡ. ଲେଲିନ୍ ମହାନ୍ତି, ଡ. ମିହିର ପଟ୍ଟନାୟକ, ପ୍ରବୀର ମହାନ୍ତି, ସ୍ୱର୍ଗତ ଆଲମ୍‌ଙ୍କ ଧର୍ମପତ୍ନୀ ଗାୟିକା ନଇମା ଆଲମ୍, ଝିଅ ସୋଫିଆ ଆଲମ୍, ନାତୁଣୀ ମାୟରା, ଜୟ ଓଡ଼ିଶା ପକ୍ଷରୁ ହରପ୍ରିୟା ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆଲାମ୍‌ଙ୍କ ସ୍ମୃତିଚାରଣ କରିବା ସହ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ମୁସ୍‌ଲିମ୍ ସମ୍ପ୍ରଦାୟରେ ଜନ୍ମ ହୋଇ ମଧ୍ୟ ପିଲାବେଳୁ ତାଙ୍କ ସୁଲଳିତ କଣ୍ଠରେ ସେ ଅସଂଖ୍ୟ ଜଗନ୍ନାଥ ଜଣାଣ, ବହୁ ଆଧ୍ୟାତ୍ମିକ ସଙ୍ଗୀତ ଗାନ କରି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଆସିଛନ୍ତି। ସିକନ୍ଦର ଆଲାମ୍ ପ୍ରତି ଓଡ଼ିଆଙ୍କ ହୃଦୟକୁ ଜୟ କରିଛନ୍ତି ବୋଲି ସେମାନେ କହିଥିଲେ। ଓଡ଼ିଶା ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ସେଖ୍ ସୋଲେମାନ୍ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଏବଂ ଅନ୍ୟମାନେ।

## ମହିଳା ଓ ଶିଶୁ ବିକାଶ ପରିସଂଖ୍ୟାନ ସହାୟକ ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ



ବୈଠକରେ ମଞ୍ଚାସୀନ ଅତିଥିମାନେ।

ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

ମହିଳା ଓ ଶିଶୁ ବିକାଶ ପରିସଂଖ୍ୟାନ ସହାୟକ ସଂଘର ବାର୍ଷିକ କାର୍ଯ୍ୟକାରୀ ପରିଷଦ ବୈଠକ ଶନିବାର ରେଡ଼କ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ କନିଷ୍ଠ ସହାୟକ (ପରିସଂଖ୍ୟାନ)ଙ୍କ ଚାକିରି ସମ୍ବନ୍ଧୀୟ ଭବିଷ୍ୟତ ଯଥା କ୍ୟାଡ଼ର ଗଠନ, ଗ୍ରେଡ଼େଶନ ତାଲିକା ଓ ପଦୋନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହିସହ ଉଚ୍ଛେଦ ହୋଇଥିବା ପରିସଂଖ୍ୟାନ ସହାୟକ (ଲେଭଲ୍-୯) ପଦବୀକୁ ପୁନଃସ୍ଥାପନ କରି ବର୍ତ୍ତମାନ କାର୍ଯ୍ୟରତ କନିଷ୍ଠ ପରିସଂଖ୍ୟାନ ସହାୟକ (ଲେଭଲ୍-୪)ଙ୍କୁ ପୁନଃ ଲେଭଲ୍-୯ରେ ପଦୋନ୍ନତି ନିମନ୍ତେ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ଧାର୍ଯ୍ୟ ହୋଇଥିଲା। ପ୍ରୀତମ ଏପ୍‌ସିଲନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘ ଆବାହକ ନିଲୁ କୁମାର ନାହାକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ କନିଷ୍ଠ ପରିସଂଖ୍ୟାନ ସହାୟକ ଯୋଗଦେଇଥିଲେ।

## 'ଐତିହ୍ୟ' ଚିତ୍ରକଳା ପ୍ରଦର୍ଶନୀ, ଶିଳ୍ପୀ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

### ୩ଜଣଙ୍କୁ 'ଶିଳ୍ପୀ ଶରତ ରଥ ସ୍ମୃତି ସମ୍ମାନ'



ଧଉଳି ଚାରୁକଳା ମହାବିଦ୍ୟାଳୟର ୩୦ତମ ପ୍ରତିଷ୍ଠା ଦିବସ ଅବସରରେ 'ଐତିହ୍ୟ' ଶୀର୍ଷକ ଚିତ୍ରଶିଳ୍ପୀ ଶିବିର ଓ ପ୍ରଦର୍ଶନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଏହାକୁ ଉଦ୍‌ଘାଟନ କରି ଓଡ଼ିଶାର ଚାରୁକଳା କ୍ଷେତ୍ରରେ ମହାବିଦ୍ୟାଳୟର ଯୋଗଦାନକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ ଅନୁଷ୍ଠାନର ସୃଜନଶୀଳ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଡ. ହୃଷୀକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ବୌଦ୍ଧର ଚେୟାରମ୍ୟାନ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଡ. ଜଗନ୍ନାଥ କୁଅଁର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭୂତି କାନୁନଗୋ ଚାରୁକଳା ମହାବିଦ୍ୟାଳୟର ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ଚିତ୍ରଶିଳ୍ପୀ ଜୟଶ୍ରୀ ଜେନା ଓ ହିମାଂଶୁ ପରିଡାଙ୍କୁ 'ଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ଓଡ଼ିଶାର ପର୍ବପର୍ବାଣୀ ଓ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଚିତ୍ରମାନ ଅଙ୍କନ କରିଥିଲେ। ପ୍ରତିଯୋଗିତାର କୃତି ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ରବିଶଙ୍କର ଦାସ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିଳ୍ପୀ ଶିବିର ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।




୨୭।୭।୨୦୨୪

| | |
|---|---|
| ୪,୫୧,୬୨୯ ଟଙ୍କା | |
| ସୁନା | ୧୮୦ମିଲି ଗ୍ରାମ୍ |
| ରୁପା | ୧୧୨.୬୫୦ ଗ୍ରାମ୍ |

# ପରିବା ଦର ବୃଦ୍ଧି: ଚିନ୍ତାରେ ଖାଉଟି

## ସଂରକ୍ଷଣ ଓ ବଜାର ସୁବିଧା ନ ଥିବାରୁ ବଢୁଛି ଚାଷୀଙ୍କ ଦୁର୍ଦ୍ଦଶା

ସାକ୍ଷୀଗୋପାଳ, ୨୭।୭ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଗତ କିଛିଦିନ ହେବ ହୁ ହୁ ହୋଇ ବଢ଼ିଚାଲିଛି ପରିବା ଦର। ଫଳରେ ଖାଉଟିଙ୍କ ଚିନ୍ତା ବଢିଛି। ଏବେ ପୋଟଳ, କାଙ୍କଣ, ଜହ୍ନି, ବାଇଗଣ, ଝୁଡ଼ଙ୍ଗ ଓ କଲରା ଆଦି ପରିବା ଦର କିଲୋ ପ୍ରତି ୭୦ରୁ ୮୦ ଟଙ୍କା ରହିଛି। ପୁଣି ବୋଝ ଉପରେ ନଳିତା ବିଡ଼ା ପରି ସମସ୍ତଙ୍କ ମୁଖ୍ୟ ପରିବା ଆଳୁର ମୂଲ୍ୟ ବୃଦ୍ଧି ଘଟିଛି। କିଲୋ ପିଛା ୫୦ରୁ ୬୦ଟଙ୍କାରେ ଆଳୁ ବିକ୍ରି ହେଉଛି। ବଜାରରେ ଆଳୁସଙ୍କଟ ଦେଖାଦେଇଛି। କାଁ ଭାଁ ସ୍ଥାନରେ ଆଳୁ ମିଳୁଛି। ଯେଉଁ କେତେଜଣ ବେପାରୀ ଆଳୁ ବିକୁଛନ୍ତି, ସେମାନେ ଚଢ଼ା ଦର ନେଉଛନ୍ତି। ଶନିବାର ସାକ୍ଷୀଗୋପାଳ ବଜାରରେ ଆଳୁ କିଲୋ ପ୍ରତି ୫୦ରୁ ୬୦ ଟଙ୍କା ରହିଥିଲା। ଗୋଟିଏ ପଟେ ସରକାର ଆଳୁ କିଲୋ ପ୍ରତି ୩୫ରୁ ୪୦ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଏଠାରେ ତା'ର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସେହିପରି ପିଆଜ କିଲୋ ପିଛା ୫୦ ଟଙ୍କା ରହିଛି। ଅନ୍ୟପଟେ ଶୀତଳଭଣ୍ଡାର ନ ଥିବାରୁ ସତ୍ୟବାଦୀର ଚାଷୀ ଆଳୁଚାଷରୁ ମୁହଁ ଫେରାଇ ନେଉଛନ୍ତି। ଆଳୁ ସଂରକ୍ଷଣର ସୁବିଧା ନାହିଁ। ସତ୍ୟବାଦୀ ନିକଟସ୍ଥ ସାତଶଙ୍ଖ ନିକଟରେ ଥିବା ଉତ୍ତରାୟଣୀ ସମବାୟ ଶୀତଳ ଭଣ୍ଡାର ଦୀର୍ଘବର୍ଷ ଧରି ଅଚଳ ହୋଇ ପଡ଼ିରହିଛି। ଉତ୍ପାଦିତ ଫସଲ ସଂରକ୍ଷଣ ନ କରିପାରି ଚାଷୀ ନିଜେ ଚଢ଼ାଦରରେ କିଣି ଖାଉଛି। କେବଳ ଦର ବୃଦ୍ଧି ସମୟରେ ସରକାରଙ୍କ କୁମ୍ଭୀର କାନ୍ଦଣାକୁ ଚାଷୀ ନାପସନ୍ଦ କରୁଛନ୍ତି। ସତ୍ୟବାଦୀରେ ପରିବାଚାଷୀଙ୍କୁ କୌଣସି ସରକାରୀ ସୁବିଧା ମିଳୁନାହିଁ। ସେମାନେ ଆର୍ଥିକ କ୍ଷତି ସହୁଛନ୍ତି। ପନିପରିବା ବିକ୍ରି ପାଇଁ ଉପଯୁକ୍ତ ବଜାର ସୁବିଧା ଏବଂ ସଂରକ୍ଷଣ ଲାଗି ଶୀତଳଭଣ୍ଡାର ସ୍ଥାପନ କରାଯିବାକୁ ଚାଷୀ ମାନସ ସାହୁ, ରଞ୍ଜନ ବରାଳ, ନାରାୟଣ ଦଳାଇ ପ୍ରମୁଖ ପ୍ରଶାସନ ସମେତ ସ୍ଥାନୀୟ ବିଧାୟକଙ୍କୁ ଅନୁରୋଧ କରିଛନ୍ତି।

## ଯୋଗାଣ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଣଦେଖା

ସାକ୍ଷୀଗୋପାଳ, ୨୭।୭(ଭରତ ରାଉତ):

ସତ୍ୟବାଦୀରେ ଆଳୁ କିଲୋ ୫୦ ଟଙ୍କା ଛୁଇଁଛି। ଛୋଟ ପରିବା ଦୋକାନରୁ ଆଳୁ ଗାଏବ ହୋଇଯାଇଛି। ଏପରିକି ଆଳୁ ଗୋଦାମ ବା ବଡ଼ ପରିବା ଦୋକାନରେ ଗୋଟିଏ ଦୁଇଟି ବସ୍ତା ଆଳୁ ରହିଛି। ଲୋକେ ଆଳୁ ବଦଳରେ ପରିବା ନେଉଛନ୍ତି। ତେବେ ଅମୃତଭଣ୍ଡା କିଲୋ ପ୍ରତି ୨୦ରୁ ୩୦ ଟଙ୍କା ଓ କଖାରୁ କିଲୋ ୪୦ଟଙ୍କାରେ ବିକ୍ରୟ କରାଯାଉଛି। ଆଳୁ କିଲୋ ପିଛା ୩୨ ଟଙ୍କାରୁ ଅଧିକ ଦରରେ ଯେଉଁ ଦୋକାନୀ ବିକ୍ରୟ କରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ। ମାତ୍ର ସତ୍ୟବାଦୀରେ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଉଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାହକଙ୍କ ପକ୍ଷରୁ ଦାବି ହେଉଛି।

# ଦୂର ତାଳ ଗଛେ 'ବାୟା ବଧୂର ବସା'



## ମନ ମୋହୁଛି ଅସ୍ତରଙ୍ଗ କେନ୍ଦ୍ରାପଟି ଗାଁର ତାଳଗଛ

ଅସ୍ତରଙ୍ଗ, ୨୭।୭ (ପ୍ରଦୀପ୍ତ କୁମାର ଦୀକ୍ଷିତ)



ବାଇ ଚଢେଇ ଲୋ ବାଇ ଚଢେଇ, ତୋ ମା' ଯାଇଛି ଗାଈ ଚରେଇ। ମା'ଟିଏ ତା ଶିଶୁକୁ ଶୁଆଇ ଦେବାକୁ ଯିବା ବେଳେ ପ୍ରଥମେ ଏହି ଗୀତ ପାଟିରୁ ବାହାରି ପଡେ। ଶିଶୁ ବେଳୁ ମଣିଷ ସହ ଯୋଡି ହୋଇଯାଇଛି ବାଇ ଚଢେଇ ବା ବାୟାଚଢେଇ। ପକ୍ଷୀ ଜଗତର ଶିଳ୍ପୀ ବା ଯନ୍ତ୍ରୀ କୁହାଯାଉଥିବା ଏହି ପକ୍ଷୀକୁ ମାନବ ସମାଜ ଗୁରୁ ଭାବେ ମାନି ନେଇଛି। ଏହି ପକ୍ଷୀଠୁ ମିଳେ ବଞ୍ଚିବାର ପ୍ରେରଣା। ସବୁ ଝଡ଼ଝଞ୍ଜାକୁ କିପରି ସାମ୍ନା କରିହେବ ତାର ବଳିଷ୍ଠ ଉଦାହରଣ ବାୟା ଚଢେଇ ବ୍ୟତୀତ ଆଉ କିଏ ହୋଇପାରିବ।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ଗାଁ ଓ ଦେବୀ ନଦୀ କୂଳ ଖଣ୍ଡାସାହି ନିକଟରେ ଥିବା ଉଚ୍ଚ ତାଳ ଗଛଗୁଡ଼ିକରେ ଏକାଧିକ ବାଇଚଢେଇ ବସା ଝୁଲୁଥିବା ଦେଖିବାକୁ ମିଳିଛି। ଧୀରେ ଧୀରେ ଜୀବ ଜଗତରୁ ଲୁପ୍ତ ପାଇବାକୁ ବସିଥିବା ଏହି ପକ୍ଷୀଟିର ବସା ଆଧୁନିକ ଯୁଗରେ କାଁ ଭାଁ ଦେଖିବାକୁ ମିଳୁଛି। ଯେଉଁଥି ପାଇଁ ପ୍ଲାଷ୍ଟିକ ବାଇଚଢେଇ ବସା ଏବେ ବଜାରରେ ବିକ୍ରି ହେଉଛି। ଯାହାକୁ ଆଜିକାଲି ପିଲାମାନେ ଦେଖି ବାଇ ଚଢେଇ ବସା ବିଷୟରେ ସମ୍ୟକ ଜ୍ଞାନ ହାସଲ କରୁଛନ୍ତି। ମାତ୍ର ଅସ୍ତରଙ୍ଗ ନିକଟସ୍ଥ କେନ୍ଦ୍ରାପଟି ଗାଁ ମୁଣ୍ଡରେ ଝୁଲୁଥିବା ପ୍ରକୃତ ବାଇ ଚଢେଇ ବସା ଦେଖିବାକୁ ବାଟୋଇ ଘଡିଏ ଛିଡା ହୋଇଯାଉଛନ୍ତି। ପବନର ସୁ ସୁ ଗର୍ଜନରେ ଝୁଲୁଥିବା ବସା ଭିତରେ ବାଇ ଚଢେଇ ମନ ମତାଣିଆ କିଚିରି ମିଚିରି ଶବ୍ଦ ସୃଷ୍ଟି କରୁଛି। ସଙ୍ଗୀତର ଅପୂର୍ବ ମୁର୍ଚ୍ଛନା ଯାହା ସାଧାରଣ ଲୋକଟିଏକୁ କବିରେ ପରିଣତ କରିବା କିଛି ନୂଆ କଥା ନୁହେଁ।

ଓଡିଶାରେ ସାଧାରଣତଃ ୩ଟି ପ୍ରଜାତିର ବାଇ ଚଢେଇ ଦେଖିବାକୁ ମିଳୁଛି। ସାଧାରଣତଃ ମେ' ରୁ ସେପ୍ଟେମ୍ବର ମାସ ମଧ୍ୟରେ ଏହି ପକ୍ଷୀମାନେ ବସା ବାନ୍ଧୁଥିବା ଦେଖିବାକୁ ମିଳେ। ବିଶେଷ କରି ତାଳ ପରି ବେଶୀ ଉଚ୍ଚତା ବିଶିଷ୍ଟ ଗଛରେ ଏହି ପକ୍ଷୀମାନେ ବସା ତିଆରି କରନ୍ତି। ମାଈ ପକ୍ଷୀମାନେ କୁନି କୁନି ଅଣ୍ଡରେ କାଠି, କୁଟା ଗୋଟାଇ ଆଣି ବସା ବାନ୍ଧନ୍ତି। ଏହି ବସାର ମୁହଁ ତଳକୁ ରହେ। ଫଳରେ ବର୍ଷା ହେଲେ ବସାରେ ପାଣି ପଶିପାରେ ନାହିଁ। ପବନ ବସାକୁ ଦୋହଲାଏ, କିନ୍ତୁ ଭାଙ୍ଗି ପାରେ ନାହିଁ। ବସା ତିଆରି କରିବା ପରେ ଏହା ମଧ୍ୟରେ ଉଭୟ ପୁରୁଷ ଓ ମହିଳା ବାଇ ଚଢେଇ ରୁହନ୍ତି। ଏହି ସମୟ ମଧ୍ୟରେ ସେମାନଙ୍କ ଅଣ୍ଡା ଦିଅନ୍ତିଓ ସେପ୍ଟେମ୍ବର ଶେଷ ସୁଦ୍ଧା ଶାବକ ବଡ଼ ହୋଇଯାଆନ୍ତି।

ଜଙ୍ଗଲ କ୍ଷୟ ଯୋଗୁଁ ଏହି ପକ୍ଷୀ ଆଉ ବିଶେଷ ଭାବେ ଦେଖିବାକୁ ମିଳୁନାହାନ୍ତି। କଂକ୍ରିଟ ଜଙ୍ଗଲ ମଧ୍ୟରେ ଧୀରେ ଧୀରେ ଏହି ପକ୍ଷୀ ନିଜର ସତ୍ତା ହରାଇବାକୁ ବସିଲେଣି। ମଣିଷ ସମାଜକୁ ଶିକ୍ଷା ଦେଉଥିବା ଏହି ପକ୍ଷୀର ବଂଶ ଲୋପ ପାଇବା ପୂର୍ବରୁ ବଂଶ ବୃଦ୍ଧି ନିମନ୍ତେ ବଡ଼ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି ବୋଲି ପରିବେଶବିତ ଶୋଭାକର ବେହେରା ମତଦେଇଛନ୍ତି।

## ଭାରତୀୟ ସାହିତ୍ୟରେ ଓଡ଼ିଆ ଗଳ୍ପର ଆଦର ରହିଛି

ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

ଭାରତୀୟ ସାହିତ୍ୟରେ ଓଡ଼ିଆ ଗଳ୍ପର ଆଦର ରହିଛି। ଗଳ୍ପର ଉପାଦାନ, କାରିଗରି, ଚରିତ୍ର ଓ ଘଟଣାକୁ ନେଇ ପାଠକୀୟ ଆଦୃତି ବଢିଥାଏ ବୋଲି କଥାକାର ପରେଶ କୁମାର ପଟ୍ଟନାୟକ କହିଛନ୍ତି। ଶନିବାର ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ସାହିତ୍ୟ ମାସିକୀ'ରେ କଥାକାର ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକ 'ଶୁଚିସ୍ମିତାର କାହାଣୀ' ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଥାକାର ପଟ୍ଟନାୟକ ଯୋଗଦେଇ କହିଲେ, ବିଭିନ୍ନ ଭାରତୀୟ ଭାଷାରେ ଓଡ଼ିଆ ଗଳ୍ପର ପର୍ଯ୍ୟାପ୍ତ ଅନୁବାଦ ହେବାର ଆବଶ୍ୟକତା ରହିଛି। ଅନୁରୂପ ଭାବରେ ଓଡ଼ିଆ ଗଳ୍ପ ସାହିତ୍ୟରେ ତରୁଣ ତଥା ନୂତନ ଲେଖକଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ। କଥାକାର ସହଦେବ ସାହୁ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ କଥାକାର ରମେଶ ପଟ୍ଟନାୟକ ପୁସ୍ତକରେ ସ୍ଥାନିତ କେତେକ ଗଳ୍ପର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। 'ଏ ମାସର କବି' ଭାବରେ ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅଭୟ ନାରାୟଣ ନାୟକ, ପୂର୍ଣ୍ଣାନନ୍ଦ ମହାନ୍ତି ଓ ଜୟଶ୍ରୀ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହି କବି ନିଜର କବିତା ପାଠ କରିଥିଲେ। ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

ପୁରୀ, ୨୭।୭(ଅଜିତ୍ କୁମାର ମହାନ୍ତି)

୧୭ତମ କିରୋଗୀ ଓ ୯ତମ ପୁମ୍‌ସି ପୁରୀ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ୨୭ ଓ ୨୮ ତାରିଖ ଦୁଇଦିନ ଧରି ଗରୁଡ଼ଛକସ୍ଥିତ ରେଲୱେ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେଉଛି। ବ୍ୟୋମକେଶ ଟାଏକୋଣ୍ଡୋ ଏକାଡେମୀ ଓ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ପୁରୀ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ୧୭ତମ କିରୋଗୀ ଓ ୯ତମ ପୁମ୍‌ସି ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଆଥଲେଟିକ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ସମ୍ମାନିତ ଅତିଥି ଭାବେ ଜିଲା ସଂଘ ସଭାପତି ଧବଳେଶ ମହାପାତ୍ର ଏବଂ ଅଧ୍ୟକ୍ଷ ବ୍ୟୋମକେଶ ଅଭିଳାଷ ପ୍ରସାଦ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲାର ୧୧ ଟ୍ରେନିଂ ସେଣ୍ଟରରୁ ୩୦୦ଜଣ ପ୍ରତିଯୋଗୀ ଉଭୟ ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ରାଜ୍ୟ ସଂଘ ତରଫରୁ ୧୬ ଜଣ ସିନିୟର ଜାତୀୟ ରେଫରିମାନଙ୍କୁ ପ୍ରତିଯୋଗିତା ପରିଚାଳନା କରିବା ପାଇଁ ମନୋନୀତ କରାଯାଇଛି। ରାଜ୍ୟ ସଂଘ ତରଫରୁ ପର୍ଯ୍ୟବେକ୍ଷକ ଭାବେ ଅତାଉଲ୍ଲା ଖାନ ଦାୟିତ୍ୱ ତୁଲାଉଛନ୍ତି। ପ୍ରଥମ ଦିନରେ ବିଜେତାମାନଙ୍କୁ ମୁଖ୍ୟ ଅତିଥି ପଦକ ବିତରଣ କରିଥିଲେ। ଜିଲା ସଂଘ ସମ୍ପାଦକ ମନମୋହନ ଭଞ୍ଜ ପ୍ରତିଯୋଗିତା ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ଓ ଅଫିସିଆଲମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଶିକ୍ଷା ସପ୍ତାହ ଦିବସ ପାଳିତ

ବଳଙ୍ଗା, ୨୭।୭(କେଦାରେଶ୍ୱର ନନ୍ଦ)

କୋଠକୁସାଙ୍ଗ ସରକାରୀ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ଅବସରରେ ଶନିବାର ଚାରାରୋପଣ ଓ ପୋଷଣ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ପ୍ରଧାନ ଶିକ୍ଷକ ମଙ୍ଗରାଜ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପରେ ସିଆର୍‌ସିସି ଜ୍ଞାନରଞ୍ଜନ ଦାଶ ଶିକ୍ଷା ସପ୍ତାହ ପାଳନର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରଥମ ଦିବସ ଶିକ୍ଷଣ ସାମଗ୍ରିକ ଦିବସ, ଦ୍ୱିତୀୟ ଦିବସ ଏଫ୍‌ଏଲ୍‌ଏମ୍ ଦିବସ, ତୃତୀୟ ଦିବସ କ୍ରୀଡ଼ା ଦିବସ, ଷଷ୍ଠ ଦିବସ ଚାରାରୋପଣ ଓ ପୋଷଣ ଦିବସ ଭାବେ ପାଳନ କରାଯାଇଛି ବୋଲି ସହକାରୀ ଶିକ୍ଷୟିତ୍ରୀ ଗୌରୀମଣି ବେହେରା ପ୍ରକାଶ କରିଥିଲେ। ପରିଚାଳନା କମିଟି ସଦସ୍ୟ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ଧରି ଛାଡ଼ିଦେଲା ପୋଲିସ

ଯୋଗେଶ୍ୱରପୁର, ୨୭।୭(ରଶ୍ମି ରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧିନ ପୁରୁଣା ପୋଷ୍ଟାଲ ପାଖରେ ଭଡା ଘରେ ରହୁଥିବା ନନ୍ଦିନୀ ବିଶ୍ୱାଳ ନାମକ ମହିଳାଙ୍କ ଗତ ଜୁନ ୨୦ରେ ଘରୁ ଚୋରି ହୋଇଥିଲା। ସିସିଟିଭିରେ ଉକ୍ତ ଚୋରିର ଦୃଶ୍ୟ କଏଦ ହୋଇଥିଲା। ଗତ ଶୁକ୍ରବାର ବିଳମ୍ବିତ ରାତ୍ରିରେ ସମ୍ପୃକ୍ତ ଚୋରି ଅଭିଯୁକ୍ତଙ୍କୁ ପଡୋଶୀ ଘରେ ଦେଖିବାକୁ ମିଳିଥିଲା। ରାତ୍ରି ପ୍ରାୟ ୧ଟାରେ ନନ୍ଦିନୀ ଫାଣ୍ଡିକୁ ଆସିଥିଲେ। କିନ୍ତୁ ଫାଣ୍ଡି ଗେଟ ତାଲା ପଡିଥିବାରୁ ସେ ଫାଣ୍ଡି ଅଧିକାରୀଙ୍କୁ ପାଞ୍ଚ ଥର ଫୋନ କରିବା ସତ୍ତ୍ୱେ ଉଠାଇ ନ ଥିଲେ। ପୁନଃ ଫାଣ୍ଡିରେ ଥିବା ହାବିଲଦାରଙ୍କୁ ଫୋନ କରିବାରୁ ସେ କାଲି ସକାଳୁ ଆସ ବୋଲି କହିଥିଲେ। ଶନିବାର ସକାଳୁ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରି ଆଣି ପଚରା ଉଚରା କରିଥିଲେ। ତାଙ୍କ ନିକଟରୁ କିଛି ସନ୍ତୋଷଜନକ ତଥ୍ୟ ନ ମିଳିବାରୁ ଛାଡିଦେଇଥିଲେ। ଅନ୍ୟପକ୍ଷରେ ଏ ନେଇ ଫାଣ୍ଡି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଟାଟା ପାୱାରକୁ ଝଟ୍‌କା

## ଆବେଦନକାରୀଙ୍କୁ ବିଦ୍ୟୁତ୍ ସଂଯୋଗ ନ ଦେବାରୁ ୪୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ

କୋଣାର୍କ, ୨୭।୭(ଜ୍ୟୋତିରାଜ ମହାନ୍ତି):

ଆବେଦନକାରୀଙ୍କୁ ବିନା କାରଣରେ ବିଦ୍ୟୁତ୍‌ସଂଯୋଗ ନ ଦେବାରୁ ଟାଟା ପାୱାର (ଟିପିସିଓଡିଏଲ)କୁ କୋଣାର୍କ ସିଭିଲ ଜଜ୍ ୪୦ ହଜାର ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, କୋଣାର୍କ ନିକଟ କୁରୁଜଙ୍ଗସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ୟଙ୍ଗ ଇଣ୍ଡିଆ ପରିସରରେ ଦୀର୍ଘଦିନ ଧରି ଜୈବିକ କୃଷି ଓ ଉଦ୍ୟାନ କୃଷିକୁ ପ୍ରୋତ୍ସାହିତ କରିବା ନିମନ୍ତେ ବିଭିନ୍ନ ପ୍ରକାର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଏକ ଉଦ୍ୟାନ ନର୍ସରି କରାଯାଇ ଉଦ୍ୟାନ ଚାଷକୁ ପ୍ରୋତ୍ସାହିତ କରାଯାଉଛି। ଗତ ବର୍ଷ ଗ୍ରୀଷ୍ମ ଋତୁରେ ଏଠାରେ ଜଳାଭାବ ହେବାରୁ ଏହି ପରିସରରେ ଏକ ନଳକୂପ ବସାଯାଇ ଜଳସେଚନ ନିମନ୍ତେ ବିଦ୍ୟୁତ୍ ସଂଯୋଗ ଲାଗି ଅନୁଷ୍ଠାନ ତରଫରୁ ଟାଟା ପାୱାରକୁ ଆବେଦନ କରାଯାଇଥିଲା। ସମ୍ପୃକ୍ତ ଯନ୍ତ୍ରୀ ମୋଟା ଅଙ୍କର ଲାଞ୍ଚ ଦାବି କରି ନ ପାଇବାରୁ ବିଭିନ୍ନ ବାହାନା ଦେଖାଇ ବିଦ୍ୟୁତ ସଂଯୋଗ ଦେଇନଥିଲେ। ଆବେଦନକାରୀ ସଂସ୍ଥା ତରଫରୁ ପରିଚାଳକ, ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଏସମ୍ପର୍କରେ ଲିଖିତ ଭାବେ ଜଣାଇବା ପରେ ମଧ୍ୟ ନିରାଶ ହେବାକୁ ପଡ଼ିଥିଲା। ଏଥିଯୋଗୁ ନର୍ସରିରେ ଥିବା ହଜାର ହଜାର ଚାରା ଗଛ ମରିଯାଇଥିଲା। ଶେଷରେ ବାଧ ହୋଇ ଆବେଦନକାରୀ ସଂସ୍ଥା କୋଣାର୍କ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ୩୧/୨୦୨୩ର ଶୁଣାଣି କରି କୋର୍ଟ ଟାଟା ପାୱାର (ଟିପିସିଓଡିଏଲ)ର ମୁଖ୍ୟ ନିର୍ବାହୀ ଅଧିକାରୀ–ଭୁବନେଶ୍ୱର, ପରିଚାଳକ–ନିମାପଡା, ଉପଖଣ୍ଡ ଅଧିକାରୀ ଓ କନିଷ୍ଠ ପରିଚାଳକ–କୋଣାର୍କ ତୁରନ୍ତ ଆବେଦନକାରୀଙ୍କୁ ତାଙ୍କ କ୍ଷତି ଭରଣା କରିବା ନିମନ୍ତେ ୪୦ ହଜାର ଟଙ୍କା କ୍ଷତିପୂରଣ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଡଭୋକେଟ ଗନ୍ଧର୍ବ ଦଳେଇ ଏହି ମାମଲା ପରିଚାଳନା କରୁଥିଲେ।

# ମାନ ପରୀକ୍ଷା ପରେ କାର୍ଯ୍ୟାନୁଷ୍ଠାନ: ଯୋଗାଣ ମନ୍ତ୍ରୀ

## ଘରୋଇ ଦୁଗ୍ଧ କମ୍ପାନୀରେ ଚଢାଉ

ଗୋପ, ୨୭।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ – କୋଣାର୍କ ରାସ୍ତାର ଶାରଦା ଛକସ୍ଥିତ ଏକ ଘରୋଇ ଦୁଗ୍ଧ କମ୍ପାନୀରେ ଶନିବାର ମଧ୍ୟାହ୍ନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅଚାନକ ପହଞ୍ଚି କମ୍ପାନୀ ଦ୍ୱାରା ପ୍ରସ୍ତୁତ ହେଉଥିବା ଦହି, ଖିର, ପନିର ସହିତ ଆଉ କେତେକ ଖାଦ୍ୟ ପଦାର୍ଥ ଅନୁଧ୍ୟାନ କରିଥିଲେ। ଏପରି କି ମନ୍ତ୍ରୀ ଏହି ସବୁ ତିଆରି ହେଉଥିବା ଲ୍ୟାବ୍ ସହିତ ଅନ୍ୟାନ୍ୟ କେତେକ ମିଶ୍ରଣ କରାଯାଉଥିବା ପାଉଡର ମଧ୍ୟ ଦେଖିଥିଲେ। ତେବେ ଏହି କମ୍ପାନୀ ଦ୍ୱାରା ପ୍ରସ୍ତୁତ ଜିନିଷରେ ଅପମିଶ୍ରଣ କରାଯାଉଥିବା ଅଭିଯୋଗ ପରେ ଏପରି ଚଢ଼ାଉ ହୋଇଥିବା ଜଣାପଡିଛି। କମ୍ପାନୀରୁ ନିର୍ଗତ ହେଉଥିବା କେମିକାଲ୍‌ଯୁକ୍ତ ପାଣି ଯୋଗୁ ଚର୍ମରୋଗ ବ୍ୟାପିବା ଅଭିଯୋଗ ମଧ୍ୟ ରହିଥିଲା। ମନ୍ତ୍ରୀ ଦୀର୍ଘ ଏକ ଘଣ୍ଟା ଧରି ଚଢ଼ାଉ ଜାରି ରଖିବା ସହ ତିଆରି ହେଉଥିବା ଏହି ସାମଗ୍ରୀର ମାନ ପରୀକ୍ଷା ନିରୀକ୍ଷା କରାଯିବ ଏବଂ ଯଦି ଅପମିଶ୍ରଣ ସତ୍ୟ ହୋଇଥାଏ ତା ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ପ୍ରକାଶ ଯେ, ଏହି କିଛି ବର୍ଷ ଧରି ଉକ୍ତ କମ୍ପାନୀରେ ତିଆରି କରାଯାଇ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଛି। କମ୍ପାନୀରୁ କେମିକାଲ୍‌ଯୁକ୍ତ ପାଣି ଚାଷଜମିରେ ମାଡିଯିବାରୁ ଶତାଧିକ ହେକ୍ଟର ଫସଲ କ୍ଷତି ହେଉଛି। ଚଢାଉ ବେଳେ ମନ୍ତ୍ରୀ ପାତ୍ର ସମସ୍ତ ଖାଦ୍ୟପଦାର୍ଥର ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କମ୍ପାନୀ ବୁଲି ଦେଖୁଛନ୍ତି ।

# ନିମାପଡ଼ା କଲେଜରେ ଛାତ୍ରୀ ନିବାସ ନିର୍ମାଣ ପାଇଁ ମିଳିବ ୬ କୋଟି ୫୦ ଲକ୍ଷ

ନିମାପଡ଼ା, ୨୭।୭ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ବହୁ ପୁରାତନ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରୀନିବାସ ନିର୍ମାଣ କରାଯିବ। ଏଥିଲାଗି ରାଜ୍ୟ ସରକାର ୬ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନର ବ୍ୟବସ୍ଥା କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧ କୋଟି ୬୨ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଛି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଚିଠି କଲେଜରେ ପହଞ୍ଚିଛି। ସେହିପରି ପାନୀୟଜଳ ନିମନ୍ତେ ଜିନ୍ଦଲର ସିଆର୍‌ଏସ୍ ଫଣ୍ଡରୁ ୫କୋଟି ଟଙ୍କାର ପାଣି ମେଶିନ ସୁବ୍ୟବସ୍ଥା କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ଅଡ଼ିଓ ବାର୍ତ୍ତାରେ କହିଛନ୍ତି। ଶନିବାର ମହାବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଏହି ଅଡ଼ିଓ ବାର୍ତ୍ତାକୁ ଅଧ୍ୟକ୍ଷା ପ୍ରଫେସର ପୁଷ୍ପିତା ରାଜଗୁରୁ ସମସ୍ତଙ୍କୁ ଶୁଣାଇବା ସହ ଏ ନେଇ ବିସ୍ତୃତ ସୂଚନା ଦେଇଛନ୍ତି। ଏହାପରେ ଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।



ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପରିଡ଼ା କିଛିଦିନ ତଳେ ପ୍ରଥମ କରି ନିମାପଡ଼ା କଲେଜ ଗସ୍ତ କରିଥିବାବେଳେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଏବଂ ଅଧ୍ୟକ୍ଷା ପ୍ରମୁଖ ନୂତନ ଛାତ୍ରୀନିବାସ ନିର୍ମାଣ, ପାନୀୟଜଳର ସୁବ୍ୟବସ୍ଥା ସମ୍ପର୍କରେ ତାଙ୍କଠାରେ ଦାବି ଜଣାଇଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ତାଙ୍କ କଥା ରଖିଛନ୍ତି। ଆଗକୁ କଲେଜର ଅନେକ ବିକାଶ ହେବ, ରାଜ୍ୟ ସରକାର ଏଥିପାଇଁ ଦୃଢ଼ ସଂକଳ୍ପବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ଅଡ଼ିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି। ପ୍ରତିଷ୍ଠା ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଓ ଗବେଷକ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଲକ୍ଷ୍ମୀଧର ପଣ୍ଡା, ଆଲୁମିନି ଆସୋସିଏଶନ ସଭାପତି ଶିକ୍ଷାବିତ୍ ବସନ୍ତ କୁମାର ମହାନ୍ତି, କଲେଜର ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢ଼ୀ, ପ୍ରାଧ୍ୟାପକ ପ୍ରଦୀପ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ଅଶୋକ ସ୍ୱାଇଁ, ସ୍ୱପ୍ନାରାଣୀ ମିଶ୍ର, ବିଷ୍ଣୁପ୍ରସାଦ ସାହୁ ପ୍ରମୁଖ ଉତ୍ସବର ସଂଯୋଜନା, ପରିଚାଳନା କରିଥିଲେ। ଏନସିସି କ୍ୟାଡେଟମାନେ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତଯୋଗୀମାନଙ୍କୁ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ।

# ଫିଙ୍ଗୁନି ବିଏମ୍‌ସି ପଞ୍ଚଦୀପ ମାର୍କେଟ କମ୍ପ୍ଲେକ୍ସ ଭାଗ୍ୟ

**ଦୋକାନ ଘର ପାଇଁ ୪ର୍ଥ ଥର ଟେଣ୍ଡର ଡାକି ନିରାଶ ହେଲା ବିଏମ୍‌ସି**

**ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନରେ ସହରରେ ମୋଟ୍ ୧୮ଟି ମାର୍କେଟ/ମାର୍କେଟ କମ୍ପ୍ଲେକ୍ସ ରହିଥିବାବେଳେ ସେଥିମଧ୍ୟରୁ ଅଧିକାଂଶ ଏବେ ବି ସମ୍ପୂର୍ଣ୍ଣ ଭାବେ ଖୋଲି ପାରିନାହିଁ। ୱାର୍ଡ ନଂ. ୩୬ ଅନ୍ତର୍ଗତ ୟୁନିଟ୍-୪ ବିଏମ୍‌ସି ପଞ୍ଚଦୀପ ମାର୍କେଟ ହେଉଛି ଏହାର ସଦ୍ୟତମ ଉଦାହରଣ। ୧୯୯୯ରେ ନିର୍ମାଣ ଆରମ୍ଭ ହୋଇଥିବା ଏହି ମାର୍କେଟ୍‌କୁ ୨୫ବର୍ଷ ପୂରିଲାଣି। ମାତ୍ର ଆରମ୍ଭରୁ ବିବାଦ ଘେରାରେ ଛନ୍ଦି ହୋଇ ରହିଥିବା ଏହି ମାର୍କେଟ୍‌ର ଏକାଧିକ ଦୋକାନରେ ଆଜି ବି ତାଲା ଝୁଲୁଛି। କେତେବେଳେ ଭଡ଼ା ତ ଆଉ କେତେବେଳେ ବିଏମ୍‌ସି ପକ୍ଷରୁ ରଖାଯାଇଥିବା ସର୍ତ୍ତାବଳୀ ପାଇଁ ଏଠାରେ ଥିବା ଦୋକାନକୁ ନେବାପାଇଁ କେହି ରାଜି ହେଉ ନାହାନ୍ତି। ବିଭିନ୍ନ ସମୟରେ ଦାୟିତ୍ୱରେ ରହୁଥିବା ଅଧିକାରୀମାନେ ସର୍ଭେ କରି ଏଥିରେ ପରିବର୍ତ୍ତନ କରୁଥିଲେ ମଧ୍ୟ ମୂଳ ସମସ୍ୟାକୁ କେହି ଧ୍ୟାନ ଦେଉନାହାନ୍ତି। ଏପରିକି ଏନେଇ ବ୍ୟବସାୟୀମାନଙ୍କ ମତାମତ ନିଆଯାଉ ନାହିଁ। ଫଳରେ ଦୋକାନଗୁଡ଼ିକୁ ଭଡ଼ା ଦେବାପାଇଁ ବାରମ୍ବାର ଟେଣ୍ଡର ଡାକିବା ପରେ ପ୍ରତିଥର ବିଏମ୍‌ସିକୁ ନିରାଶ ହେବାକୁ ପଡ଼ିଛି। କୋଟିକୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମାର୍କେଟ କମ୍ପ୍ଲେକ୍ସ ଏବେ ବନ୍ଦ ହୋଇ ପଡ଼ିରହିଛି। ଗତ ୩ଥର ଟେଣ୍ଡର ଡାକି ନିରାଶ ହେବାପରେ ପୁନର୍ବାର ଚତୁର୍ଥଥର ପାଇଁ ୮୦ଟି ଦୋକାନ ପାଇଁ ଜୁନ୍ ୧୦ରେ ବିଏମ୍‌ସି ଟେଣ୍ଡର ଡାକିଥିଲା। ଜୁଲାଇ ୧୮ ଟେଣ୍ଡର ପାଇଁ ଶେଷ ତାରିଖ ଧାର୍ଯ୍ୟ ହେବା ସହ ଜୁଲାଇ ୨୩ରେ ଅକ୍ସନ ଡକାଯିବା ନେଇ ଧାର୍ଯ୍ୟ ହୋଇଥିଲା। ମାତ୍ର ପୁନର୍ବାର ଏନେଇ କେହି ଆଗ୍ରହ ପ୍ରକାଶ କରି ନଥିଲେ। କେବଳ ୧୦/୧୨ଜଣ ଟେଣ୍ଡର ପକାଇଥିବାରୁ ସମୟ ବଢ଼ାଇଲେ କାଳେ ଆଉ କେତେଜଣ ଆଗ୍ରହ ଦେଖାଇବେ ସେ ଆଶାରେ ପୁଣି ଅଗଷ୍ଟ ୩ ପର୍ଯ୍ୟନ୍ତ ଟେଣ୍ଡର ସମୟସୀମା ବୃଦ୍ଧି କରାଯାଇଛି। ମାତ୍ର ଏଥର ମଧ୍ୟ ଏହାର ସଫଳତାକୁ ନେଇ ଆଶଙ୍କା ଦେଖାଦେଇଛି।

ପଞ୍ଚଦୀପ କନଷ୍ଟ୍ରକ୍ସନ ଲିମିଟେଡ୍ ଏବଂ ବିଏମ୍‌ସିର ସହଭାଗୀତାରେ ପିପିପି (ପବ୍ଲିକ ପ୍ରାଇଭେଟ୍ ପାର୍ଟନରସିପ୍) ପ୍ରୋଜେକ୍ଟ ଭାବେ ୮୮୩ ଡିସିମିଲ୍ ଜମିରେ ମାର୍କେଟ ନିର୍ମାଣ ଯୋଜନା ହୋଇଥିଲା। ସେଥିମଧ୍ୟରୁ ୬୫% ସମ୍ପୃକ୍ତ କମ୍ପାନୀ ଭାଗରେ ପଡ଼ିଥିବାବେଳେ ୩୫% ବିଏମ୍‌ସି ଭାଗରେ ରହିଥିଲା। ଏହି



କମ୍ପରେ ବିଏମ୍‌ସି ଭାଗରେ ମୋଟ୍ ୧୧୨ଟି ଦୋକାନ ଏବଂ ଅଫିସ୍ ଗୃହ ପଡ଼ିଥିଲା। ସେଥିମଧ୍ୟରୁ ମାତ୍ର ୩୨ଟି ଦୋକାନ ଗୃହ ଭଡ଼ା ବାବଦରେ ଲାଗିଥିବାବେଳେ ବାକି ୮୦ଟି ଦୋକାନ ଗୃହକୁ କେହି ନେବା ପାଇଁ ରାଜି ହେଉନାହାନ୍ତି। ଏଥିପାଇଁ ବିଏମ୍‌ସି ୪ଥର ବିଜ୍ଞପ୍ତି ପ୍ରକାଶ କରି ସାରିଥିଲେ ହେଁ ସଫଳତା ମିଳୁନାହିଁ। ଲୋକମାନେ କାହିଁକି ଏନେଇ ଆଗ୍ରହ ଦେଖାଉ ନାହାନ୍ତି ସେ ନେଇ କୌଣସି ତର୍ଜମା ହେଉନାହିଁ। କିମ୍ବା ବିଏମ୍‌ସି ତାହାର ସର୍ତ୍ତାବଳୀ ଯଥା ପ୍ରତିବର୍ଷ ଭଡ଼ା ୫ ପ୍ରତିଶତ ହିସାବରେ ବୃଦ୍ଧି ପାଇବ, ପ୍ରତି ମାସ ୭ ତାରିଖରେ ଦୋକାନୀ ଭଡ଼ା ଦେବେ, ବ୍ୟତିକ୍ରମ ହେଲେ ବାର୍ଷିକ ୧୨ ପ୍ରତିଶତ ହାରରେ ସୁଧ ଦେବେ ଆଦିରେ କୌଣସି ପରିବର୍ତ୍ତନ ଆଣୁ ନ ଥିବାବେଳେ, ଦୋକାନ ଭଡ଼ା ବାବଦକୁ ମଧ୍ୟ ଦର କମାଉନାହିଁ। ତେଣୁ ଲୋକମାନେ ଏନେଇ ଆଗ୍ରହ ଦେଖାଉ ନ ଥିବା ଜଣେ ଅଧିକାରୀ କହିଛନ୍ତି। ତେବେ ଯଦି ଏଥର ବିଏମ୍‌ସିକୁ ନିରାଶ ହେବାକୁ ପଡ଼େ, ତେବେ ଭଡ଼ା ଦର କମାଇବା ନେଇ ପ୍ରସ୍ତାବ ଦିଆଯିବ ବୋଲି ସେ କହିଛନ୍ତି। ତଳ ମହଲାରେ ୩୩ ଦୋକାନ ଥିବାବେଳେ ଏହାର ଦର ବର୍ଗଫୁଟ ପିଛା ୫୫ଟଙ୍କା ରହିଛି। ପ୍ରଥମ ମହଲାରେ ୨୮ ଦୋକାନ ପାଇଁ ବର୍ଗଫୁଟ ପିଛା ୫୦ ଟଙ୍କା, ଦ୍ୱିତୀୟ, ତୃତୀୟ ଓ ୪ର୍ଥ ମହଲାର ୬ଟି ଲେଖାଏ ଦୋକାନ ପାଇଁ ଏହି ଦର ୪୫ ଟଙ୍କା ଲେଖାଏ ଧାର୍ଯ୍ୟ ହୋଇଛି। ବେସ୍‌ମେଣ୍ଟରେ ଥିବା ଗୋଟିଏ ଗୋଦାମ ପାଇଁ ବର୍ଗଫୁଟ ପିଛା ଦର ୨୦ ଟଙ୍କା ରହିଛି। ଏହାଠାରୁ ଯିଏ ଅଧିକ ଦେବ, ତାକୁ ଦୋକାନ ଘର ମିଳିବ ବୋଲି କୁହାଯାଇଛି। ସେହିପରି ତଳମହଲା, ପ୍ରଥମ ମହଲା ଦୋକାନ ଓ ବେସ୍‌ମେଣ୍ଟ ପାଇଁ ଫେରସ୍ତ ଜମାରାଶି ୧୦ହଜାର ଟଙ୍କା ରହିଥିବାବେଳେ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହଲା ପାଇଁ ଫେରସ୍ତ ଜମାରାଶି ୫୦ହଜାର ଟଙ୍କା ରହିଛି। ୬ମହଲା ବିଶିଷ୍ଟ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣରେ ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥା ବିଳମ୍ବ କରିବା ସହ ବିଏମ୍‌ସି ଭାଗରେ ଥିବା ଦୋକାନ ଘର ହସ୍ତାନ୍ତର କରି ନ ଥିଲା। ଏନେଇ ବିବାଦ ଉପୁଜିବାରୁ ମାର୍କେଟ କମ୍ପ୍ଲେକ୍ସକୁ ସିଲ କରି ଦିଆଯାଇଥିଲା। ଦୀର୍ଘଦିନର ଲଢ଼େଇ ପରେ ସଂସ୍ଥା ବିଏମ୍‌ସିକୁ ତା' ଭାଗର ୧୧୨ଟି ଘର ହସ୍ତାନ୍ତର କରିଛି। ମାତ୍ର ଦୂରଦୃଷ୍ଟି ଅଭାବ ଏବଂ ଲକ୍ଷ୍ୟହୀନ ଯୋଜନା ପାଇଁ ଏବେ ବି ସମ୍ପୃକ୍ତ ଦୋକାନ ବନ୍ଦ ପଡ଼ିଛି।

# ଯାତ୍ରା ପରିବେଷଣ ପାଇଁ ନିୟମାବଳୀ ଦାବିକଲା ମହାସଂଘ




ବୈଠକରେ ଓଡ଼ିଶା ଯାତ୍ରା କମିଟି ମହାସଂଘ କର୍ମକର୍ତ୍ତା।

**ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)**

ଯାତ୍ରା ମାଲିକମାନେ ଯାତ୍ରାକୁ ପ୍ରୋତ୍ସାହନ ଦେବା ବଦଳରେ ବ୍ୟବସାୟିକ ମନୋବୃତ୍ତିରେ ପରିବର୍ତ୍ତନ କରି ସାରିଲେଣି। ତେଣୁ ରାଜ୍ୟ ସରକାର ଏହା ଉପରେ ରୋକ୍ ଲଗାଇବା ନିହାତି ଆବଶ୍ୟକ। ସେହିପରି ଯାତ୍ରା ପରିବେଷଣ ପାଇଁ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ରହିଛି କି ନାହିଁ ସେ ନେଇ କୌଣସି ସୂଚନା ନାହିଁ। ଯଦି ଏଭଳି କିଛି ନିୟମ ଅଛି, ତେବେ ଓଡ଼ିଶା ଯାତ୍ରା କମିଟି ମହାସଂଘ ମାଧ୍ୟମରେ ସାର୍ବଜନୀନ କରାଯାଉ। ଯଦି ନିୟମ ନାହିଁ, ତେବେ ସରକାର ଏଥିପାଇଁ ତୁରନ୍ତ ନିୟମାବଳୀ ପ୍ରସ୍ତୁତ କରି ତାହାକୁ ଆଇନ ପରିସରଭୁକ୍ତ କରନ୍ତୁ ବୋଲି ମହାସଂଘ ପକ୍ଷରୁ ଦାବି କରାଯାଇଛି। ଶନିବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ମହାସଂଘର ବାର୍ଷିକ କାର୍ଯ୍ୟକାରିଣୀ ବୈଠକରେ ଏହି ଦାବି ଉପସ୍ଥାପନ କରାଯାଇଛି। ଏଥିସହ ଆଗାମୀ ଦିନରେ ସରକାର ଏନେଇ କିଛି ନିୟମାବଳୀ ପ୍ରସ୍ତୁତ କରି ଯାତ୍ରା ମାଲିକମାନଙ୍କ ଉପରେ ରୋକ ନ ଲଗାଇଲେ, ଓଡ଼ିଶାର ଯାତ୍ରା କମିଟିମାନଙ୍କୁ ନେଇ ଗଠିତ ମହାସଂଘ ରାଜରାସ୍ତାକୁ ଓହ୍ଲାଇବ। ଆବଶ୍ୟକ ପଡ଼ିଲେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ମହାସଂଘ ତରଫରୁ ଚେତାବନୀ ଦିଆଯାଇଛି। ବୈଠକରେ ରାଜ୍ୟ ସଂଯୋଜକ ମାନସ ରଞ୍ଜନ ରାୟସାମନ୍ତ, ସଭାପତି ପ୍ରଦୀପ କୁମାର ଦାସ, ଉପସଭାପତି ପ୍ରଭାତ ଅଧିକାରୀ, ସମ୍ପାଦକ ଉମାକାନ୍ତ ମିଶ୍ର, ଜୋନାଲ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତି, ଜୋନାଲ ସମ୍ପାଦକ ସୋମନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ଓ ଶିଶୁ ବିକାଶ ପରିସଂଖ୍ୟାନ ସହାୟକ ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ

**ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)**

ମହିଳା ଓ ଶିଶୁ ବିକାଶ ପରିସଂଖ୍ୟାନ ସହାୟକ ସଂଘର ବାର୍ଷିକ କାର୍ଯ୍ୟକାରୀ ପରିଷଦ ବୈଠକ ଶନିବାର ରେଡ଼କ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ କନିଷ୍ଠ ସହାୟକ (ପରିସଂଖ୍ୟାନ)ଙ୍କ ଚାକିରି ସମ୍ବନ୍ଧୀୟ ଭବିଷ୍ୟତ ଯଥା କ୍ୟାଡ଼ର ଗଠନ, ଗ୍ରେଡ଼େଶନ ତାଲିକା ଓ ପଦୋନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହିସହ ଉଚ୍ଛେଦ ହୋଇଥିବା ପରିସଂଖ୍ୟାନ ସହାୟକ (ଲେଭଲ୍-୯) ପଦବୀକୁ ପୁନଃସ୍ଥାପନ କରି ବର୍ତ୍ତମାନ କାର୍ଯ୍ୟରତ କନିଷ୍ଠ ପରିସଂଖ୍ୟାନ ସହାୟକ (ଲେଭଲ୍-୪)ଙ୍କୁ ପୁନଃ ଲେଭଲ୍-୯ରେ ପଦୋନ୍ନତି ନିମନ୍ତେ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ଧାର୍ଯ୍ୟ ହୋଇଥିଲା। ପ୍ରୀତମ ଏପ୍‌ସିଲନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘ ଆବାହକ ନିଲୁ କୁମାର ନାହାକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ କନିଷ୍ଠ ପରିସଂଖ୍ୟାନ ସହାୟକ ଯୋଗଦେଇଥିଲେ।

# ଆଲାମ୍ ସଙ୍ଗୀତରେ ଝୁମିଲେ ଶ୍ରୋତା




କଣ୍ଠଶିଳ୍ପୀମାନେ ସଙ୍ଗୀତଜ୍ଞ ସିକନ୍ଦର ଆଲାମ୍‌ଙ୍କ ସଙ୍ଗୀତ ପରିବେଷଣ କରୁଛନ୍ତି।

**ଭୁବନେଶ୍ୱର, ୨୭।୭(ବନ୍ଦନା ସେଠୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ମହମ୍ମଦ ସିକନ୍ଦର ଆଲାମ୍ ଫାଉଣ୍ଡେଶନର ମିଳିତ ସହଭାଗିତାରେ ଶନିବାର ସଙ୍ଗୀତଜ୍ଞ ସିକନ୍ଦର ଆଲାମ୍‌ଙ୍କ ୮୫ତମ ଜୟନ୍ତୀ ଉତ୍ସବ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍, ଦେବାଶିଷ ମହାପାତ୍ର, ସୁକାନ୍ତ ରଥ, ରଣଦୀପ ପାଲିତ୍, ରଶ୍ମିତା, ଡ. ଆଦ୍ୟାଶା ଦାସ ପ୍ରମୁଖ ଆଲମ୍‌ଙ୍କ ଗୀତରେ ଶ୍ରୋତାଙ୍କୁ ସପନର ପଥେ ପଥେ ଅତୀତକୁ ନେଇ ଯାଇଥିଲେ। 'ଚନ୍ଦ୍ରିକା ତୁମେ', 'ଆହା କୁହନା', 'ମୁଁ ରିକ୍ସାବାଲା', 'ବନପକ୍ଷୀ ଝୁରେ ରେ', 'ଏ ବନ ଝରଣା', 'ମାୟାବିନୀ ବନଜୋଛନା', 'ପ୍ରିୟା ବିନା ପ୍ରୀତି ବିନା' ଭଳି ଚିର ସବୁଜ ଗୀତ ପରିବେଷଣ କରି ସ୍ମୃତିକୁ ରୋମନ୍ଥନ କରିବା ସହ ଶ୍ରୋତାମାନେ ଆଲାମ୍ ସଙ୍ଗୀରେ ଝୁମିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଉତ୍କଳ ପ୍ରସଙ୍ଗର ପୂର୍ବତନ ସମ୍ପାଦକ ଡ. ଲେଲିନ୍ ମହାନ୍ତି, ଗବେଷଣା କେନ୍ଦ୍ର ମୁଖ୍ୟ ନିର୍ବାହୀ ଗୁରୁ ସିକତା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେଶନର ସଭାପତି ନଇମା ଆଲାମ୍ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଉପସଭାପତି ଅଭିନେତ୍ରୀ ତଥା ଝିଅ ସୋଫିଆ ଆଲାମ୍ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଞ୍ଚାଳନା କରିଥିଲେ।

# ସିକନ୍ଦର ଆଲାମ୍ ପ୍ରତି ଓଡ଼ିଆଙ୍କ ହୃଦୟ ଜୟ କରିଛନ୍ତି

**ଭୁବନେଶ୍ୱର, ୨୭।୭(ବନ୍ଦନା ସେଠୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତଜ୍ଞ ତଥା କଣ୍ଠଶିଳ୍ପୀ ମହମ୍ମଦ ସିକନ୍ଦର ଆଲାମ୍‌ଙ୍କ ୮୫ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସାହିତ୍ୟିକ ଡ. ଲେଲିନ୍ ମହାନ୍ତି, ଡ. ମିହିର ପଟ୍ଟନାୟକ, ପ୍ରବୀର ମହାନ୍ତି, ସ୍ୱର୍ଗତ ଆଲାମ୍‌ଙ୍କ ଧର୍ମପତ୍ନୀ ଗାୟିକା ନଇମା ଆଲାମ୍, ଝିଅ ସୋଫିଆ ଆଲମ୍, ନାତୁଣୀ ମାୟରା, ଜୟ ଓଡ଼ିଶା ପକ୍ଷରୁ ହରପ୍ରିୟା ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆଲାମ୍‌ଙ୍କ ସ୍ମୃତିଚାରଣ କରିବା ସହ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ମୁସ୍‌ଲିମ୍ ସମ୍ପ୍ରଦାୟରେ ଜନ୍ମ ହୋଇ ମଧ୍ୟ ପିଲାବେଳୁ ତାଙ୍କ ସୁଲଳିତ କଣ୍ଠରେ ସେ ଅସଂଖ୍ୟ ଜଗନ୍ନାଥ ଜଣାଣ, ବହୁ ଆଧ୍ୟାତ୍ମିକ ସଙ୍ଗୀତ ଗାନ କରି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଆସିଛନ୍ତି। ସିକନ୍ଦର ଆଲାମ୍ ପ୍ରତି ଓଡ଼ିଆଙ୍କ ହୃଦୟକୁ ଜୟ କରିଛନ୍ତି ବୋଲି ସେମାନେ କହିଥିଲେ। ଓଡ଼ିଶା ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ସେଖ୍ ସୋଲେମାନ୍ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।



ସଙ୍ଗୀତଜ୍ଞ ମହମ୍ମଦ ସିକନ୍ଦର ଆଲମ୍‌ଙ୍କ ୮୫ତମ ଜୟନ୍ତୀ ପାଳନ ଅବସରରେ ଶନିବାର ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳୀରେ ମାଲ୍ୟାର୍ପଣ କରାଯାଉଛି।

# ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଚାରା ରୋପଣ



**ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା)**

କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ମାଆ ପାଇଁ ଗଛଟିଏ' ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଓମ୍‌ପିସ୍ଥିତ ୬ଷ୍ଠ ବାଟାଲିୟନ୍‌ରେ ଥିବା ଓଏସ୍‌ଏପି ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କମାଣ୍ଡାଣ୍ଟ ଏସ୍.ଏନ୍. ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କମାଣ୍ଡାଣ୍ଟ ମଲ୍ଲିକଙ୍କ ସହ ଡେପୁଟି କମାଣ୍ଡାଣ୍ଟ ଅନିଲ କୁମାର ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଚାରା ରୋପଣ କରିଥିଲେ। ଏହି ଅଭିଯାନରେ ମୋଟ ୫୦୦ ଚାରା ରୋପଣ କରାଯାଇଥିଲା। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏପରି କାର୍ଯ୍ୟକ୍ରମ କଟକ ଓ ଢେଙ୍କାନାଳ ଜିଲାସ୍ଥିତ ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମ ଆଦି ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତ, ଉପକ୍ଷେତ୍ରୀୟ ମୁଖ୍ୟ ବିଷ୍ଣୁ ଚରଣ ବେହେରା, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରାଙ୍କ ସମେତ ବ୍ୟାଙ୍କର ଅନ୍ୟ ଅଧିକାରୀମାନେ ଚାରା ରୋପଣ କରିଥିଲେ।

# ସରିଲା ୟୁକ୍ତ୨ ପ୍ରଥମ ପର୍ଯ୍ୟାୟ ନାମଲେଖା

**ଭୁବନେଶ୍ୱର, ୨୭।୭(ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ୟୁକ୍ତ୨ ପ୍ରଥମ ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ଶନିବାର ଶେଷ ହୋଇଛି। ଏହି ପର୍ଯ୍ୟାୟ ପାଇଁ ୪,୨୬,୪୭୨ ଛାତ୍ରୀଛାତ୍ର ଚୟନ ହୋଇଥିବାବେଳେ ସାଢ଼େ ୩ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମଲେଖାଇଛନ୍ତି। କଳା ବିଭାଗରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇଥିବାବେଳେ ବିଜ୍ଞାନରେ ୯୫ହଜାର, ବାଣିଜ୍ୟରେ ୧୯ହଜାର, ସଂସ୍କୃତରେ ୬ହଜାର ଏବଂ ଧନ୍ଦାମୂଳକ ଶିକ୍ଷାରେ ୪ହଜାରରୁ ଅଧିକ ଛାତ୍ରୀଛାତ୍ର ନାମଲେଖାଇଛନ୍ତି। ଏବେ ଆହୁରି ୧ଲକ୍ଷ ୯୦ହଜାରରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିଥିବା ଜଣାପଡ଼ିଛି। ସେହିପରି ଅଗଷ୍ଟ ୫ ତାରିଖରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୭ରୁ ୧୦ତାରିଖ ମଧ୍ୟରେ ନାମଲେଖାଇବେ। ଅଗଷ୍ଟ ୨୦ରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୨ରୁ ୨୮ ମଧ୍ୟରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ହେଲେ ଅଗଷ୍ଟ ପହିଲାରୁ ୟୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ଥିବା ୨,୩୪୨ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ମୋଟ ୫,୪୮,୦୮୯ ସିଟ୍ ରହିଛି। କଳା ବିଭାଗରେ ୩,୧୦,୦୦୮, ବିଜ୍ଞାନରେ ୧,୭୩,୪୮୫, ବାଣିଜ୍ୟରେ ୪୧,୦୮୦, ସଂସ୍କୃତରେ ୧୩,୧୨୦ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦,୩୯୬ଟି ସିଟ୍ ରହିଛି।



ଲୟୋଲା ସ୍କୁଲ ପକ୍ଷରୁ ଶନିବାର ଅନୁଷ୍ଠିତ ବାର୍ଷିକ ପ୍ରଦର୍ଶନୀ 'ଲୟୋଲା ସିନର୍ଜି ୨୦୨୪'ରେ ଛାତ୍ରୀଛାତ୍ରମାନେ ବିଜ୍ଞାନ ମଡେଲ ଓ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# 'ଲୟୋଲା ସିନର୍ଜି ୨୦୨୪'

**ଭୁବନେଶ୍ୱର, ୨୭।୭(ଅସମାପିକା ସାହୁ)**

ଲୟୋଲା ସ୍କୁଲ ପକ୍ଷରୁ ବାର୍ଷିକ ପ୍ରଦର୍ଶନୀ 'ଲୟୋଲା ସିନର୍ଜି ୨୦୨୪' ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ଉତ୍କୃଷ୍ଟ ବୈଜ୍ଞାନିକ ପରିକଳ୍ପନା ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ର ହାତ ତିଆରି ମଡେଲ ଓ ପ୍ରକଳ୍ପ ପ୍ରଦର୍ଶନ କରିବା ସହିତ ଅତିଥି, ଅଭିଭାବକ, ଛାତ୍ରୀଛାତ୍ର ପ୍ରମୁଖଙ୍କୁ ବୁଝାଇଥିଲେ। ଜୁନିୟର ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶ, ବିଜ୍ଞାନ, କଳା, ଧର୍ମ ଓ ସଂସ୍କୃତି ସମ୍ବନ୍ଧୀୟ ପ୍ରକଳ୍ପଗୁଡ଼ିକ ବେଶ୍ ଆକର୍ଷଣୀୟ ତଥା ଶିକ୍ଷଣୀୟ ଥିଲା। ସିନିୟର ସ୍କୁଲର ଛାତ୍ରୀଛାତ୍ର ବିଭିନ୍ନ ପ୍ରୟୋଗାତ୍ମକ ମଡେଲ ମାଧ୍ୟମରେ ବିଭିନ୍ନ ସମସ୍ୟା ସମାଧାନର ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀକୁ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଳ ଜୈନ ଉଦ୍‌ଘାଟନ କରିଥିଲେ। ଏହିଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ବୃଦ୍ଧି ଏବଂ ତାଙ୍କର ପ୍ରତିଭା ପ୍ରକାଶ କରିବାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇପାରିବ ବୋଲି କପିଳ ଜୈନ ମତପ୍ରକାଶ କରିବା ସହିତ ବିଦ୍ୟାଳୟର ଶିକ୍ଷକ, ପ୍ରଶାସନ ଏବଂ ଛାତ୍ରୀଛାତ୍ରଙ୍କ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। ସ୍କୁଲ ଅଧ୍ୟକ୍ଷ ଫାଦର ଏ. ଅମଲାଦସ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମିଳିତ ପ୍ରୟାସକୁ ଗୁରୁତ୍ୱ ଦେବା ସହିତ ଉଦୀୟମାନ ପ୍ରତିଭାର ବିକାଶ ତଥା ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ଏହି ମଞ୍ଚ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ।




ପ୍ରଦର୍ଶନୀ ଉଦ୍‌ଘାଟନ ଅବସରରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଳ ଜୈନ, ସ୍କୁଲ ଅଧ୍ୟକ୍ଷ ଫାଦର ଏ. ଅମଲାଦସଙ୍କ ସହ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ବିଭିନ୍ନ ବିଦ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ପିପିଲି, ୨୭।୭
(ପ୍ରଭାତ କୁମାର ମହାପାତ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ସାରା ଦେଶରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଶନିବାର ପିପିଲି ନିର୍ବାଚନମଣ୍ଡଳୀର କେତେକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଜରିଆରେ ଚାରା ରୋପଣ କରାଯାଇଛି। ସ୍କୁଲ ପିଲାମାନେ ବାଦ୍ୟଯନ୍ତ୍ର ବଜାଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଧାୟକ ଆଶ୍ରିତ ପଟ୍ଟନାୟକ ଡେଲାଙ୍ଗ ବ୍ଲକର ନୂଆଗାଁ ସ୍କୁଲ, ଅରିସଲ ସ୍କୁଲ ଏବଂ ପିପିଲି ବ୍ଲକର ଦାଣ୍ଡମୁକୁନ୍ଦପୁର ଓ ଖଣ୍ଡିଆଗିରି ସ୍କୁଲରେ ଛାତ୍ରୀଛାତ୍ରଙ୍କ ସହିତ ମିଶି ଚାରା ରୋପଣ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କଠାରୁ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ସେହିପରି ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଶିରିଆପୁର ସ୍କୁଲରେ ଚାରା ରୋପଣ କରିଥିଲେ। ସ୍କୁଲର ବିଭିନ୍ନ ସମସ୍ୟା ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ସମସ୍ୟା ଦୂର ପାଇଁ ନିଜ ଏମ୍‌ପି ପାଣ୍ଠିରୁ ଅନୁଦାନ ଦେବାକୁ ପାତ୍ର ପ୍ରତିଶ୍ରୁତି ଦେଇଥିଲେ।

### ଯୁବ ସମାଜସେବୀଙ୍କ ଅକାଳ ବିୟୋଗ

ପିପିଲି, ୨୭।୭
(ପ୍ରଭାତ କୁମାର ମହାପାତ୍ର)

ପିପିଲି ପୋପରଙ୍ଗା ପଞ୍ଚାୟତ ଅର୍ଜ୍ଜୁନଗଦା ଗ୍ରାମର ଯୁବ ସମାଜସେବୀ ଶ୍ରୀକାନ୍ତ ସାହୁ (୩୪)ଙ୍କ ଅକାଳ ବିୟୋଗ ଘଟିଛି। ସେ ଜଣେ ମେଳାପି, ପରୋପକାରୀ, ମିଷ୍ଟଭାଷୀ ଯୁବକ ଭାବେ ଜଣାଶୁଣା ଥିଲେ। ଶ୍ରୀକାନ୍ତ ପିପିଲି ବ୍ୟବସାୟୀ ସଂଘର ସକ୍ରିୟ ସଦସ୍ୟ ରହିଥିଲେ। ପିପିଲି ବଜାରର ଅନେକ ବ୍ୟବସାୟୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶ୍ରୀକାନ୍ତ ଶ୍ରୀଜଗନ୍ନାଥଙ୍କ କୋଠ ଭୋଗ ପାଇଁ ଗ୍ରାମ ଗ୍ରାମ ବୁଲି ନଡ଼ିଆ ସଂଗ୍ରହ କରି ଆସୁଥିବା ବେଳେ ଗତିଶ୍ୱର ଓ ଶନି ଦେବ ମନ୍ଦିର ଉନ୍ନୟନ କାର୍ଯ୍ୟରେ ମୁଖ୍ୟ ସହଯୋଗୀ ରହିଥଲେ। ଜନ୍ମ ମାଟି ଅର୍ଜ୍ଜୁନଗଦା ଗ୍ରାମରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପରିବାରରେ ସ୍ତ୍ରୀ, ମା', ବାପା, ଭଉଣୀ ପାଞ୍ଚ ବର୍ଷର ଏକମାତ୍ର ଶିଶୁପୁତ୍ର ରହିଛନ୍ତି।

### ରାସ୍ତା ଦୁର୍ଘଟଣାରେ ଜଣେ ଗୁରୁତର

ଡେଲାଙ୍ଗ, ୨୭।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ହାଟ ବଜାରଠାରେ ଏକ ଦୁର୍ଘଟଣା ଘଟିଛି। ଖୋର୍ଦ୍ଧାରୁ ପଟ୍ଟନାୟିକିଆ ଅଭିମୁଖେ ଏକ ହାଇୱା ଟ୍ରକ ଯାଉଥିବା ବେଳେ ଏକ ବାଇକ୍ ସହିତ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବାଲିହୁଙ୍ଗା ଗ୍ରାମର ବାଇକ୍ ଚାଳକ କୁଶୁନିଆ ସାମନ୍ତରାୟ (୩୦) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ୩ ବ୍ଲକ୍‌ବାସୀଙ୍କ ଦୁଃଖ ସାଜିଛି ଦୟା ନଦୀର କାଜ

## ବନ୍ଦ ପାଇଁ ବିଧାନସଭାରେ ଦାବି ଉଠାଇଲେ ଆଶ୍ରିତ

- ୯ ବର୍ଷ ପରେ ବି କାର୍ଯ୍ୟକାରୀ ହୋଇନି ପ୍ରସ୍ତାବ
- ବନ୍ୟା ଆସିଲେ ଚିନ୍ତିତ ହୋଇପଡ଼ନ୍ତି ଲୋକେ

ପିପିଲି, ୨୭।୭(ଦୁର୍ଗାମାଧବ ମିଶ୍ର)

ପିପିଲି ଦେଇ ପ୍ରବାହିତ ଦୟାନଦୀର କଣ୍ଟି ଓ ଭାରତୀପୁର କାଜ (ଏସ୍କେପ୍) ସ୍ଥାୟୀ ଭାବେ ବନ୍ଦ କରିବାକୁ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ବିଧାନସଭାରେ ଦାବି ଉଠାଇଛନ୍ତି। ବନ୍ୟା ଆସିଲେ ଏହି ଦୁଇ କାଜରେ ନିଷ୍କାସିତ ବନ୍ୟାଜଳ ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକର ବ୍ୟାପକ ଅଞ୍ଚଳକୁ କ୍ଷତିଗ୍ରସ୍ତ କରୁଥିବାରୁ ଏହାକୁ ବନ୍ଦ କରାଯିବା ଜରୁରୀ ବୋଲି ସେ ମତ ଦେଇଛନ୍ତି। ଏହି ଦାବିକୁ ସରକାର ଗୁରୁତ୍ୱର ସହ ଗ୍ରହଣ କରିଥିବା ପଟ୍ଟନାୟକ କହିଛନ୍ତି। କଣ୍ଟି, ଭାରତୀପୁର କାଜକୁ ପିପିଲି, ଡେଲାଙ୍ଗ ଏବଂ କଣାସର ଦୁଃଖ ବୋଲି କୁହାଯାଇଥାଏ। ଏହି ଦୁଇ କାଜ ଦେଶ ସ୍ୱାଧୀନତା ପୂର୍ବରୁ ନିର୍ମାଣ ହୋଇଥିଲା ବୋଲି କୁହାଯାଉଛି। ବନ୍ୟା ସମୟରେ ଦୟାନଦୀର ଉଦ୍‌ବୃତ୍ତ ଜଳକୁ ନିଷ୍କାସନ କରାଇବା ପାଇଁ ସେହି ସମୟରେ ଇଂରେଜ ସରକାର କଣ୍ଟି ଓ ଭାରତୀପୁରଠାରେ ଦୁଇଟି କାଜ ନିର୍ମାଣ କରିଥିଲେ। ଗତ କିଛି ଦଶନ୍ଧି ହେଲା ଏହା ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ଏହି ଦୁଇ କାଜ ଦେଇ ନିଷ୍କାସିତ ବନ୍ୟାଜଳ ପିପିଲି ବ୍ଲକର ଭାରତୀପୁର, କଣ୍ଟି, ବାରିମୂଳ, କେରୁଣ୍ଡେଇ, ନାରଣଖେତା, ହାଟସାହି, ଜମ୍ବିଲା, ମାଧିପୁର, ଗୁଣ୍ଠଳ, ଡେଲାଙ୍ଗ ବ୍ଲକର ମଳିଗାଁ, ଚାଇଁପୁର, ଅରିସଲ, ସୁଜନପୁର, କୋଠବାଡ଼, ମୁନିନ୍ଦା ଓ କଣାସ ବ୍ଲକର ତ୍ରିଲୋଚନପୁର, ସିରେଇ, କଣାସ, ବିଜିପୁର, ଖଣ୍ଡହତା, ଗଡ଼ିଶାଗୋଦା, ବିନ୍ଧଣ, ଆଳିବାଡ଼ ଆଦି ପଞ୍ଚାୟତର ଅନେକ ଗାଁ ପ୍ରଭାବିତ ହେବା ସହ ଚାଷଜମିଗୁଡ଼ିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥାଏ । ପନିପରିବା ସହ ଧାନ ଫସଲ ଉଜୁଡ଼ିଯାଇଥାଏ । ଅନେକ ଲୋକ ବାସହରା ହେବା ସହ ପଶୁସମ୍ପଦ ମଧ୍ୟ ପ୍ରଭାବିତ ହୋଇଥାଏ। ପିପିଲି-ଜଟଣୀ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥାଏ। ଏପରି ଅବସ୍ଥାରେ ସ୍ଥାୟୀ ପ୍ରତିକାର ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ଉଲ୍ଲେଖ ଥାଉ କି, ୩ ବ୍ଲକର ଅଧିବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପାଇଁ ଉକ୍ତ କାଜ ଦୁଇଟିକୁ ତୁରନ୍ତ ବନ୍ଦ କରିବା ନିମନ୍ତେ ତତ୍କାଳୀନ ପୁରୀ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଜରୁରୀ ଚିଠି ସଂଖ୍ୟା ୨୬୭୭ କ୍ରମେ ୨୦୧୫ ଅଗଷ୍ଟ ୨୪ରେ ପ୍ରସ୍ତାବ ଦେଇ କଟକସ୍ଥିତ ଡ୍ରେନେଜ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଇତିମଧ୍ୟରେ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏହା ଅଞ୍ଚଳବାସୀଙ୍କ ନିମନ୍ତେ ଚିନ୍ତା ଓ ଉଦ୍‌ବେଗର କାରଣ ସାଜିଛି।

## ଦୟା ନଦୀବନ୍ଧରେ ଫାଟ: ବନ୍ୟା ମୁକାବିଲା ନେଇ ଚିନ୍ତା

କଣାସ, ୨୭।୭(ବିଭୂତି ଭୂଷଣ ତ୍ରିପାଠୀ)



କଣାସ ବ୍ଲକର ଦୟା ନଦୀ ପ୍ରତିବର୍ଷ ବନ୍ୟା ସମୟରେ ପ୍ରଶାସନର ନିଦ ହଜାଇଥାଏ। ନଦୀବନ୍ଧ ସୁରକ୍ଷା ପାଇଁ ପ୍ରଶାସନିକ ଅଧିକାରୀମାନେ କଣାସଠାରେ ଡେରା ପକାଇ ରୁହନ୍ତି। ୪ଦିନ ତଳେ ଜଳସେଚନ ବିଭାଗର ଉଚ୍ଚ ଅଧିକାରୀମାନେ ବନ୍ଧ ସ୍ଥିତି ଅନୁଧ୍ୟାନ କରିବା ପାଇଁ କଣାସ ଅଞ୍ଚଳକୁ ଆସିଥିଲେ। ସେମାନେ ନଦୀବନ୍ଧ ବୁଲି ଦେଖିବା ପରେ ଫେରିଯାଇଥିଲେ। କଣାସଠାରୁ ବେଣାଗାଁ ପର୍ଯ୍ୟନ୍ତ ନଦୀବନ୍ଧର ମଝି କଂକ୍ରିଟ୍ ଫାଟି ଦୁଇ ଫାଳ ହୋଇ ରହିଥିଲେ ମଧ୍ୟ ତାହାକୁ ମରାମତି କରାଯାଇନାହିଁ। ଫଳରେ ନଦୀ ବନ୍ଧ ଦୁର୍ବଳ ଅବସ୍ଥାରେ ରହିଛି। ପ୍ରକାଶ ଥାଉକି, କିଛି ବର୍ଷ ତଳେ ନଦୀ ବନ୍ଧ ଫାଟିଥିବା ସ୍ଥାନଗୁଡ଼ିକରେ ଘଳିଆ ପଡ଼ିବାରୁ ପ୍ରଶାସନିକ ଅଧିକାରୀମାନଙ୍କ ଆଖିରୁ ନିଦ ହଜିଯାଇଥିଲା। ଗାଁରେ ବନ୍ୟାଜଳ ପଶିବା ଆଶଙ୍କାରେ ସ୍ଥାନୀୟ ଲୋକଙ୍କ ଛାତି ଧଡ୍ ଧଡ୍ ହୋଇଥିଲା। ଆଖପାଖ ଗ୍ରାମବାସୀଙ୍କ ସହଯୋଗରେ ଘଳିଆ ବନ୍ଦ କରାଯାଇଯାଇଥିଲା। ସେହି ସ୍ଥାନରେ ନଦୀ ବନ୍ଧ ଫାଟିଥିବାରୁ ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳର ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେବେ ଏହି ଫାଟ ସମ୍ପର୍କରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କମରା ବେହେରା କହିଛନ୍ତି, ବନ୍ଧଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିଛୁ, ସେ ମରାମତି କରିବେ।

# ୩୫୦ ଏସ୍‌ଏଚ୍‌ଜିଙ୍କୁ ୧୨ କୋଟିର ଋଣ ପ୍ରଦାନ

ପିପିଲି, ୨୭।୭(ଦୁର୍ଗାମାଧବ ମିଶ୍ର):

ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ପୁରୀ ଆର୍‌ବିଓ -୩ ପକ୍ଷରୁ ପିପିଲିରେ ଏକ ମେଗା ଏସ୍‌ଏଚ୍‌ଜି ଋଣମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କ୍ରିଷ୍ଣା ଗାର୍ଡେନରେ ଆୟୋଜିତ ଏହି ମେଳାକୁ ଏସ୍‌ବିଆଇର ଭୁବନେଶ୍ୱର ମଣ୍ଡଳ ମହାପ୍ରବନ୍ଧକ (ନେଟ୍‌ୱର୍କ -୧) ପୁନାବାଲାମ ଏମ୍. ମୁଖ୍ୟ ଅତିଥି ଏବଂ ଭୁବନେଶ୍ୱର ଜୋନ ଉପମହାପ୍ରବନ୍ଧକ ପ୍ରଶାନ୍ତ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ଋଣ ପ୍ରଦାନ ପତ୍ର ପ୍ରଦାନ କରିଥିଲେ। ଗୋଷ୍ଠୀ ସଦସ୍ୟାଙ୍କୁ ସ୍ୱାବଲମ୍ବୀ କରାଇବା ଲକ୍ଷ୍ୟ ନେଇ ଋଣ ପ୍ରଦାନ କରାଯିବା ଦ୍ୱାରା କିଛି ବର୍ଷ ପରେ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ ହୋଇପାରିବ। ଆଗକୁ ଷ୍ଟେଟ୍ ବ୍ୟାଙ୍କ ଅଗ୍ରାଧିକାର ଭିତ୍ତିରେ ମହିଳାମାନଙ୍କୁ ଋଣ ଦେବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ଅତିଥିମାନେ କହିଥିଲେ। ଏହି ମେଳାରେ ୩୫୦ ଏସ୍‌ଏଚ୍‌ଜିଙ୍କୁ ୧୨ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। କାଠ କଣ୍ଢେଇ, ନଡ଼ିଆକତାରୁ ବିଭିନ୍ନ ସାମଗ୍ରୀ, ପଟ୍ଟଚିତ୍ର, ସସ୍, ଫିନାଇଲ, ସାନିଟାଇଜର, ଚାନ୍ଦୁଆ ଆଦି ତିଆରି ସହ ଛତୁ ମଞ୍ଜି, କୁକୁଡ଼ା ଚାଷ ଉଦ୍ୟୋଗ ପାଇଁ ମହିଳା ଗୋଷ୍ଠୀମାନଙ୍କୁ ଏହି ଋଣ ଦିଆଯାଇଥିଲା। ଏସ୍‌ବିଆଇ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଭରତ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ଏସ୍‌ବିଆଇ ପୁରୀ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ (କ୍ରେଡିଟ) ରୋହନ ତ୍ରିପାଠୀ ଏବଂ ଅନ୍ୟତମ ମୁଖ୍ୟ ପ୍ରବନ୍ଧକ ସନ୍ତୋଷ କୁମାର ଦାସ, ନିମାପଡ଼ା ମୁଖ୍ୟ ଶାଖା ଚିଫ୍ ମ୍ୟାନେଜର ଦେବାନନ୍ଦ ସେଠୀ, ନିମାପଡ଼ା ଶାଖା ମୁଖ୍ୟ ପ୍ରବନ୍ଧକ ସୀମାଞ୍ଚଳ ପଣ୍ଡା, ଦାଣ୍ଡମୁକୁନ୍ଦପୁର ଶାଖା ପ୍ରବନ୍ଧକ ଦେବ ପ୍ରକାଶ ସାହାଣୀ, କୃଷି ବିଭାଗର ଅଧିକାରୀ ପିନାକୀ ଦେ, ଭାରତୀପୁର ଶାଖା ପ୍ରବନ୍ଧକ ଲିପି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପିପିଲି ଏବଂ ଅନ୍ୟ ଶାଖାର ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ବିଆଇ ପିପିଲି ଶାଖାର ସଂଯୋଜନାରେ ଅନୁଷ୍ଠିତ ଏହି ମେଳାରେ ପୁରୀ ଜିଲାର ପିପିଲି, ନିମାପଡ଼ା, ସାକ୍ଷୀଗୋପାଳ, ଦାଣ୍ଡମୁକୁନ୍ଦପୁର, ଭାରତୀପୁର ସମେତ ୧୦ରୁ ଊର୍ଦ୍ଧ୍ୱ ଶାଖା ଅଞ୍ଚଳର ଏସ୍‌ଏଚ୍‌ଜିଗୁଡ଼ିକ ଅଂଶଗ୍ରହଣ କରିଥିଲେ।

# କଉଡ଼ିଖିଣି ସେତୁରେ ଅଟକିଛି କଳିକତି ଦଳ



କଉଡ଼ିଖିଣି ସେତୁରେ ଦଳ ଲାଗିଛି।

କଣାସ, ୨୭।୭(ବିଭୂତି ଭୂଷଣ ତ୍ରିପାଠୀ)

ଗତ କିଛିଦିନ ହେଲା ଲଘୁଚାପଜନିତ ବର୍ଷା ଲାଗିରହିଥିବାବେଳେ ରବିବାର ହୀରାକୁଦରୁ ଜଳ ଛଡ଼ାଯାଉଥିବାରୁ କଣାସ ଅଞ୍ଚଳର ଦୟା ସମେତ ରାଜୁଆ ଓ ମକରା ନଦୀରେ ବନ୍ୟା ହେବାର ଆଶଙ୍କା ଦେଖାଦେଇଛି। ମକରା ନଦୀର କଉଡ଼ିଖିଣିଠାରେ ନିର୍ମିତ ସେତୁରେ ପ୍ରଚୁର ପରିମାଣର କଳିକତି ଦଳ ଜମାହୋଇ ରହିଥିବାବେଳେ ବନ୍ୟାଜଳ ନିଷ୍କାସନରେ ବ୍ୟାଘାତ ସୃଷ୍ଟି ହେବା ସହିତ ସେତୁ ପ୍ରତି ବିପଦ ଦେଖାଦେଇଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ସେତୁରେ ଲାଗିଥିବା ଦଳଗୁଡ଼ିକ ସଫା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବନ୍ୟାଜଳ ନିଷ୍କାସନ ହେବ କିପରି

### ବାଇକ୍ ଚୋରି ଘଟଣାରେ ୨ ଗିରଫ

ବେଗୁନିଆ, ୨୭।୭(ସନ୍ଧ୍ୟାରାଣୀ ମିଶ୍ର)

ବାଇକ୍ ଚୋରି ଘଟଣାରେ ବେଗୁନିଆ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଅଶୋକ ବରାଳ ଏବଂ କେଶବ ମହାପାତ୍ର। ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ବଡ଼ନୟାପଲ୍ଲୀ ଗ୍ରାମରୁ ପୋଲିସ ଏକ ଚୋରା ବାଇକ୍ ଜବତ କରିବା ସହ ଅଶୋକ ବରାଳଙ୍କୁ ଅଟକ ରଖି ପଚରାଉଚରା କରିଥିଲା।

# ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



ପୁରୀ, ୨୭।୭(ଅଜିତ୍ କୁମାର ମହାନ୍ତି)

କାର୍‌ଗିଲ ବିଜୟ ଦିବସ ଉପଲକ୍ଷେ ଶନିବାର ଭାଜପା ଯୁବମୋର୍ଚ୍ଚା ପୁରୀ ଶାଖା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ସୁଭାଷବୋଷ ଛକଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା। ପ୍ରଥମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୂର୍ବତନ ସୈନିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ତ୍ରିରଙ୍ଗା ଶୋଭାଯାତ୍ରା ସୁଭାଷ ବୋଷ ଛକଠାରୁ ବାହାରି ଭିଆଇପି ରୋଡ ଦେଇ ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଘୋଡ଼ାବଜାର ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଶୋଭାଯାତ୍ରା ସମାପନ ହୋଇଥିଲା। ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, କାର୍ଯ୍ୟକାରୀ ସଭାପତି ଡା. ଦେବେନ୍ଦ୍ରନାଥ ତରେଇ, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ଦିଗ୍‌ଦର୍ଶନ ପଟ୍ଟନାୟକ, ବରିଷ୍ଠ ସେବାୟତ ମଧୁ ସିଂହାରୀ, ରାଜ୍ୟ ଯୁବ ମୋର୍ଚ୍ଚା ପ୍ରଭାରୀ ଆଶୁତୋଷ ବେହେରା, ରଞ୍ଜିତା ପାଢ଼ୀ, ସଞ୍ଜୀବ ମୁଖାର୍ଜୀ, ସୌମ୍ୟ ମିଶ୍ର, ଭାସ୍କର ରେଡ୍ଡି, ଅନିଲ ସାହୁ, ଅକ୍ଷୟ ମହାନ୍ତି, ସୁରୀ ବାବୁ, ଈଶ୍ୱର ରାଓ, ଅରକ୍ଷିତ ବେହେରା, ରାଜେଶ ନନ୍ଦ, ସଂଗ୍ରାମ ପରିଡା, ବିଭୁ ରଥ, ଶିବନାରାୟଣ ଦାଶ, ବିଶ୍ୱରଞ୍ଜନ ରାହୁଲ, ଜିତେନ୍ଦ୍ର ରାଉତ, ସ୍ନେହାଂଶୀ ଦାଶ, ବିଶ୍ୱଜିତ୍ ଦାଶ, ବାହୁଡା ପ୍ରଧାନ, ଟୁନା ବାରିକ, ପ୍ରିୟଙ୍କା ମିଶ୍ର, ଅନିତା ପଟ୍ଟନାୟକ, ଲୀନା ମହାନ୍ତି, ସଂଗ୍ରାମ କାନୁନ୍‌ଗୋ, ଚିରଞ୍ଜନ ବିଶ୍ୱାଳ ଏବଂ ପୂର୍ବତନ ସୈନିକମାନେ ସାମିଲ ଥିଲେ।

# କାରଗିଲ ବିଜୟ ଦିବସରେ ଶହୀଦ ଶ୍ୟାମସୁନ୍ଦରଙ୍କୁ ଉପେକ୍ଷା

ସାକ୍ଷୀଗୋପାଳ, ୨୭।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ଶହୀଦ ଶ୍ୟାମସୁନ୍ଦର ବାରିକଙ୍କ ପ୍ରତିମୂର୍ତ୍ତି।

କାର୍ଗିଲ ଯୁଦ୍ଧ ବିଜୟର ୨୫ତମ ବିଜୟ ଉତ୍ସବ ଶୁକ୍ରବାର ସାରା ଦେଶରେ ପାଳିତ ହୋଇଯାଇଛି। କାର୍ଗିଲ ଯୁଦ୍ଧରେ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନୂଆ ସୋମେଶ୍ୱରପୁର ପଞ୍ଚାୟତ ବନପୁର ଗ୍ରାମର ଯବାନ ଶ୍ୟାମସୁନ୍ଦର ବାରିକ ଶହୀଦ ହୋଇଥିଲେ। ସେତେବେଳେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶ୍ୟାମସୁନ୍ଦରଙ୍କ ବାସଭବନ ସମ୍ମୁଖରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ମାତ୍ର ସାରା ଦେଶରେ ବିଜୟ ଉତ୍ସବ ପାଳନ ହେଉଥିବାବେଳେ ସତ୍ୟବାଦୀର ଏହି ଶହୀଦଙ୍କୁ ସମସ୍ତେ ଭୁଲିଯାଇଛନ୍ତି। ପ୍ରଶାସନ କିମ୍ବା ରାଜନେତାଙ୍କ ପକ୍ଷରୁ ଶ୍ୟାମସୁନ୍ଦରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କିମ୍ବା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ମା'ଙ୍କ ନାମରେ ଗଛଟିଏ ଲଗାଇବାକୁ ପରାମର୍ଶ

ସାକ୍ଷୀଗୋପାଳ, ୨୭।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):

ଶିକ୍ଷା ସପ୍ତାହ ଦିବସ ପରିପ୍ରେକ୍ଷୀରେ ଶନିବାର ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀ ଏବଂ ସେମାନଙ୍କ ମା'ମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସହ ସ୍କୁଲ ନିୟୁଟ୍ରିଶନ ଦିବସ ପାଳିତ ହୋଇଥିଲା। ନୂତନ ଇକୋ କ୍ଲବ ଗଠନ ସହ ବିଦ୍ୟାଳୟ ପରିସରରେ ୫୦ରୁ ଊର୍ଦ୍ଧ୍ୱ ଆମ୍ବ, ପଣସ, ଗୁଆ, ଅଁଳା, ବଉଳ ଆଦି ଚାରା ରୋପଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ, ବରିଷ୍ଠ ଶିକ୍ଷକ ଅଗସ୍ତି ବେହେରା, ମନୋରଞ୍ଜନ ନାଥ, ଉମାକାନ୍ତ ମିଶ୍ର, ସବିତା ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଲାଙ୍କୁ ଗୀତ, ଖେଳ, କବିତା, ମାତ୍ରାକାର୍ଡ, ଶବ୍ଦକାର୍ଡ, ବଲ୍, ଅଭିନୟ, ଡ୍ରଇଂ, ଅନ୍ତାକ୍ଷରୀ ଆଦି ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ମା'ଙ୍କ ନାମରେ ଗଛ ଲଗାଇ ପରିବେଶ ସୁରକ୍ଷାରେ ମୁଖ୍ୟ ଭୂମିକା ନିର୍ବାହ କରିପାରିବା ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ।



ସତ୍ୟବାଦୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କରାଯାଉଛି।

# ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା

ପିପିଲି, ୨୭।୭
(ପ୍ରଭାତ କୁମାର ମହାପାତ୍ର)



ବୈଠକରେ ଏମ୍‌ପି ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ଅନ୍ୟମାନେ ।

ପିପିଲି ବ୍ଲକ କାର୍ଯ୍ୟାଳୟରେ ଶନିବାର ବିଡିଓ ସରୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ସମସ୍ତ ପଞ୍ଚାୟତର ବିଭିନ୍ନ ବିଭାଗର କାର୍ଯ୍ୟପନ୍ଥା ଉପରେ ସମୀକ୍ଷା କରିଥିଲେ। ପିପିଲି ଚାଷୀଙ୍କୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଏମ୍‌ପି ପରାମର୍ଶ ଦେଇଥିଲେ। କୃଷକ ସାଥୀମାନଙ୍କ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି ବ୍ଲକରେ ୨୪ହଜାର ଚାଷୀ ରହିଥିବା ନେଇ ଅଧିକାରୀଙ୍କଠାରୁ ବୁଝି ସେମାନଙ୍କ ମଧ୍ୟରୁ କେତେଜଣ ରେଜିଷ୍ଟ୍ରେଶନ କରିଛନ୍ତି ସେ ସମ୍ପର୍କରେ ଅନୁସନ୍ଧାନ କରିଥିଲେ। ପିପିଲି ପୌରାଞ୍ଚଳର ଚାଷୀଙ୍କୁ କାହିଁକି କାଳିଆ ଯୋଜନାରେ ଏବଂ ୧୦ ହଜାର ଚାଷୀ ଏପର୍ଯ୍ୟନ୍ତ ପିଏମ୍ କିଷାନ ଯୋଜନାରେ ସାମିଲ ହୋଇନାହାନ୍ତି ତାହା ପଚାରି ଏମ୍‌ପି କ୍ଷୋଭ ପ୍ରକାଶ କରି ଉଚିତ ମାର୍ଗରେ କାର୍ଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ବୈଠକରେ ନୂଆଶାସନ ପଞ୍ଚାୟତ ଚଉଦମାଣ ପ୍ରାଥମିକ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ପାନୀୟଜଳ, ବିଦ୍ୟୁତ ବିଭାଗର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସିଡିପିଓ କାର୍ଯ୍ୟାଳୟରେ ହୋଇଥିବା ଚୋରି ଅଭିଯୋଗକୁ ଗୁରୁତ୍ୱ ଦେଇ ବିଡିଓଙ୍କ ଉପସ୍ଥିତିରେ ତଦନ୍ତ କରିବା ସହ ମିଶନ ଶକ୍ତିରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ବିଧାୟକ ଆଶ୍ରିତ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ଉଲ୍ଲାସି ସାନ୍ତପାଙ୍କ ୧୩ ବର୍ଷୀୟ ପୁଅର ସ୍ୱାସ୍ଥ୍ୟ ସମସ୍ୟା ନିମନ୍ତେ ଏମ୍‌ପି ପାତ୍ର ଦିଲ୍ଲୀ ଏମ୍ସ ଡାକ୍ତରଙ୍କ ସହିତ ଫୋନ୍ ଯୋଗେ ଆଲୋଚନା କରି ସମାଧାନ ବାଟ ବାହାର କରିଥିଲେ। ପ୍ରକୃତ ହିତାଧିକାରୀ ଯେପରି କୌଣସି ଯୋଜନାରୁ ବଞ୍ଚିତ ନ ହେବେ ସେଥିଲାଗି ବିଭାଗୀୟ ଅଧିକାରୀମାନେ ଉପଯୁକ୍ତ କାର୍ଯ୍ୟ କରିବା ପାଇଁ ସେ କହିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଏବିଡିଓ ଶୈଳବାଳା ତ୍ରିପାଠୀ, ସହକାରୀ ଯନ୍ତ୍ରୀ ବସନ୍ତ କୁମାର ସାହୁଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ, ସମିତି ସଭ୍ୟ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ।

### କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ଏମ୍‌ପି ଓ ବିଧାୟକଙ୍କ ଗୁରୁତ୍ୱ

## ସଂକ୍ଷେପରେ

### ସଚେତନତା କାର୍ଯ୍ୟକ୍ରମ

ମଙ୍ଗୁଳି-ଜଗତପୁର,୨୭।୭(ମାନସ ସାମଲ)

ଚୌଦ୍ୱାର ପୌରପାଳିକା ଅଧୀନ ମ୍ୟୁନିସିପାଲିଟି ସରକାରୀ ଉଚ୍ଚ ବିଦ୍ୟାଳୟରେ କଟକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କ୍ଷଣପ୍ରଭା ସେନ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନାବାଳକ ନ୍ୟାୟ ଆଇନ, ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏଥିରେ ଚୌଦ୍ୱାର ପୋଲିସ ଓ ସହକାରୀ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ପାରା ଲିଗାଲ ଭଲ୍ୟୁଣ୍ଟର ଅଶୋକ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

### ଯାତ୍ରା ପରିବେଷଣ ପାଇଁ ନିୟମାବଳୀ ଦାବିକଲା ମହାସଂଘ

ଭୁବନେଶ୍ୱର,୨୭।୭(ବନ୍ଦନା ସେଠୀ)

ଯାତ୍ରା ମାଲିକମାନେ ଯାତ୍ରାକୁ ପ୍ରୋତ୍ସାହନ ଦେବା ବଦଳରେ ବ୍ୟବସାୟିକ ମନୋବୃତ୍ତିରେ ପରିବର୍ତ୍ତନ କରି ସାରିଲେଣି। ତେଣୁ ରାଜ୍ୟ ସରକାର ଏହା ଉପରେ ରୋକ୍ ଲଗାଇବା ନିହାତି ଆବଶ୍ୟକ। ସେହିପରି ଯାତ୍ରା ପରିବେଷଣ ପାଇଁ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ରହିଛି କି ନାହିଁ ସେ ନେଇ କୌଣସି ସୂଚନା ନାହିଁ। ଯଦି ଏଭଳି କିଛି ନିୟମ ଅଛି, ତେବେ ଓଡ଼ିଶା ଯାତ୍ରା କମିଟି ମହାସଂଘ ମାଧ୍ୟମରେ ସାର୍ବଜନୀନ କରାଯାଉ। ଯଦି ନିୟମ ନାହିଁ, ତେବେ ସରକାର ଏଥିପାଇଁ ତୁରନ୍ତ ନିୟମାବଳୀ ପ୍ରସ୍ତୁତ କରି ତାହାକୁ ଆଇନ ପରିସରଭୁକ୍ତ କରନ୍ତୁ ବୋଲି ମହାସଂଘ ପକ୍ଷରୁ ଦାବି କରାଯାଇଛି। ଶନିବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ମହାସଂଘର ବାର୍ଷିକ କାର୍ଯ୍ୟକାରିଣୀ ବୈଠକରେ ଏହି ଦାବି ଉପସ୍ଥାପନ କରାଯାଇଛି। ଏଥିସହ ଆଗାମୀ ଦିନରେ ସରକାର ଏନେଇ କିଛି ନିୟମାବଳୀ ପ୍ରସ୍ତୁତ କରି ଯାତ୍ରା ମାଲିକମାନଙ୍କ ଉପରେ ରୋକ ନ ଲଗାଇଲେ, ଓଡ଼ିଶାର ଯାତ୍ରା କମିଟିମାନଙ୍କୁ ନେଇ ଗଠିତ ମହାସଂଘ ରାଜରାସ୍ତାକୁ ଓହ୍ଲାଇବ। ଆବଶ୍ୟକ ପଡିଲେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ମହାସଂଘ ତରଫରୁ ଚେତାବନୀ ଦିଆଯାଇଛି। ବୈଠକରେ ରାଜ୍ୟ ସଂଯୋଜକ ମାନସ ରଞ୍ଜନ ରାୟସାମନ୍ତ, ସଭାପତି ପ୍ରଦୀପ କୁମାର ଦାସ, ଉପସଭାପତି ପ୍ରଭାତ ଅଧିକାରୀ, ସମ୍ପାଦକ ଉମାକାନ୍ତ ମିଶ୍ର, ଜୋନାଲ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତି, ଜୋନାଲ ସମ୍ପାଦକ ସୋମନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାନସଭାରେ ଯାଦବଙ୍କ ସମସ୍ୟା ଉପସ୍ଥାପନ ହେବ

କଟକ ସଦର,୨୭।୭(ସୁଶାନ୍ତ କୁମାର ଜେନା)



ବୈଠକରେ ଉତ୍କଳ ଯାଦବ ମହାସଭାର ରାଜ୍ୟ ସଭାପତି ଆଶୀର୍ବାଦ ବେହେରା ଉଦ୍‌ବୋଧନ ଦେଉଛନ୍ତି।

**ଉତ୍କଳ ଯାଦବ ମହାସଭାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାସ୍ଥିତ ଯଶୋଦା ଗାର୍ଡେନଠାରେ ଶନିବାର ଉତ୍କଳ ଯାଦବ ମହାସଭାର ସମ୍ବର୍ଦ୍ଧନା ଉତ୍ସବ ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଯାଦବ ମହାସଭାର ରାଜ୍ୟ ସଭାପତି ଆଶୀର୍ବାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଖିଳ ଭାରତ ଯାଦବ ମହାସଭାର ରାଷ୍ଟ୍ରୀୟ ଯୁବ ସଭାପତି ଇଂ. ପ୍ରଦୀପ ବେହେରା ପରିଚାଳନା କରିଥିଲେ। ପ୍ରାରମ୍ଭରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ ଓ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ୩୪ଟି ସାଙ୍ଗଠନିକ ଜିଲାର କର୍ମକର୍ତ୍ତା ଓ ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟମାନେ ସମ୍ବର୍ଦ୍ଧିତ କରିଥିଲେ। ଦୁଇ ବିଧାୟକ ଅଭିଭାଷଣରେ ଆଗାମୀ ଦିନରେ ବିଧାନସଭାରେ ଗୋଚର ଜମିର ସଂରକ୍ଷଣ, ଦୁଗ୍ଧର ଉଚିତ୍ ମୂଲ୍ୟ ନିର୍ଦ୍ଧାରଣ କରିବା ସହ ଯାଦବଙ୍କର ମୌଳିକ ସମସ୍ୟା ଉପସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ସମସ୍ତ ଜିଲାର ନେତୃମଣ୍ଡଳୀ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଯାଦବ ମହାସଭାର ସାଙ୍ଗଠନିକ ନିର୍ବାଚନ ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା, ମହାସଚିବ ଲମ୍ବୋଦର ନିଆଳ, ରାଷ୍ଟ୍ରୀୟ ଉପସଭାପତି ପୀତାମ୍ବର ଦାସ, ରାଷ୍ଟ୍ରୀୟ ସମ୍ପାଦକ ପ୍ରଫୁଲ୍ଲ ଦାସ, ମହିଳା ସଭାନେତ୍ରୀ ଗୀତାରାଣି ଦାସ, ଉପ ସଭାପତି ପ୍ରମୋଦ ବେହେରା, ଗୋପାଳ ବେହେରା, ମଦନ ମୋହନ ନାୟକ, ଶ୍ରୀକାନ୍ତ ଦାସ, ଧନସିଂହ ଭୋଇ ଓ କାର୍ଯ୍ୟାଳୟ ସମ୍ପାଦକ ବୁଲେଇ ବେହେରା ଉପସ୍ଥିତ ଥିଲେ।

# ଏସ୍‌ସିବିରୁ ଆଉ ୩ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

କଟକ,୨୭।୭(ଶିଳ୍ପା ପ୍ରିୟଦର୍ଶିନୀ)

**ମେଡିକାଲ ପରିସରରୁ ନମୁନା ସଂଗ୍ରହ କରାଯିବ**



କଟକ ସହରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଶନିବାର ସହରରୁ ୩ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଏସ୍‌ସିବି ମେଡିକାଲର ଡାକ୍ତରୀ ଛାତ୍ର ଓ ଅନ୍ୟଜଣେ କଟକ ଚୁନଭାଟି ଅଞ୍ଚଳର ଯୁବକ ବୋଲି ଜଣାପଡିଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମକରନ୍ଦ ବେଉରା କହିଛନ୍ତି, କିଛିଦିନ ହେବ ଏସ୍‌ସିବି ମେଡିକାଲ ପରିସରରୁ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏପରି କି ମେଡିକାଲ ପରିସରରେ ଥିବା ହଷ୍ଟେଲର ଡାକ୍ତରୀ ଛାତ୍ର ଆକ୍ରାନ୍ତ ହୋଇଛନ୍ତି। ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସୋମବାର ଏସ୍‌ସିବି ମେଡିକାଲକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଏମ୍‌ସି ଓ ଏନ୍‌ଟୋମୋଲୋଜିଷ୍ଟ ଟିମ୍‌ର ସଦସ୍ୟଙ୍କୁ ପଠାଯିବ। ସେମାନେ ମେଡିକାଲ ପରିସର ଓ ହଷ୍ଟେଲଗୁଡ଼ିକ ଯାଞ୍ଚ କରିବେ। ସେଠାରୁ କିଛି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ । ରିପୋର୍ଟ ଆସିଲେ ପଦକ୍ଷେପ ନିଆଯିବ ବୋଲି ବେଉରା କହିଛନ୍ତି । ସୂଚନାଯୋଗ୍ୟ, କଟକରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪୭ରେ ପହଞ୍ଚିଛି । ସେଥିମଧ୍ୟରୁ କଟକ ସହରରୁ ୩୭ ଓ ଜିଲାର ଅନ୍ୟ ଅଞ୍ଚଳରୁ ୧୦ ଜଣ ଚିହ୍ନଟ ହୋଇଛନ୍ତି ।

# ଓଡ଼ିଶା ଫାର୍ମାସୀ ଅଫିସର ସେବା ସଂଘର ନୂତନ କର୍ମକର୍ତ୍ତା



ସାଧାରଣ ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

କଟକ,୨୭।୭(କାର୍ତ୍ତିକ ସାହୁ)

ଓଡ଼ିଶା ଫାର୍ମାସିଷ୍ଟ ଅଫିସର ସେବା ସଂଘ କଟକ ଶାଖାର ଆଗାମୀ ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ସୁବ୍ରତ କୁମାର ଶତପଥୀ, ଉପସଭାପତି ଦିଲୀପ କୁମାର ନାଏକ, ମହେନ୍ଦ୍ର କୁମାର ସାହୁ, ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, କୋଷାଧ୍ୟକ୍ଷ ନାରାୟଣ ପ୍ରସାଦ ତିୱାରି, ସହ ସମ୍ପାଦକ ରିଆଜଉଦ୍ଦିନ୍ ଖାନ୍ ଓ ଅନ୍ତର୍ଯ୍ୟାମୀ ଲେଙ୍କାଙ୍କୁ ଚୟନ କରାଯାଇଛି। ସେହିପରି ସଙ୍ଗଠନ ସମ୍ପାଦକ ଭାବେ ପ୍ରବୋଧ ପଣ୍ଡା, ଲୋକନାଥ ବେହେରା, ସଂଗ୍ରାମ ମହାନ୍ତି, ଅଭିଷେକ ମହାପାତ୍ର, ପ୍ରଶାନ୍ତ କୁମାର ନାଏକ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ଉମେଶ ଚନ୍ଦ୍ର ସାହୁ, ହେମନ୍ତ କୁମାର ମହାନ୍ତି, ସ୍ନିଗ୍ଧାରାଣୀ ସାମଲ, ଧନଞ୍ଜୟ ପଟ୍ଟନାୟକ, ଜୟଦେବ ପାତ୍ର, ଦେବୀ ପ୍ରସନ୍ନ ନନ୍ଦଙ୍କୁ ଚୟନ କରାଯାଇଛି। ଦିଲୀପ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଟାଉନ୍ ହଲରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଜେନା, ମୁଖ୍ୟବକ୍ତା ଭାବେ ପୂର୍ବତନ ସଭାପତି ଦଶରଥ ଦାସ ଯୋଗଦେଇଥିଲେ। କଟକ ଶାଖାର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାରୁ ଅବସର ଗ୍ରହଣ କରିଥିବା ଫାର୍ମାସୀ ଅଫିସର କାଶୀନାଥ ରାଉତ, ଅଲେଖ ଚନ୍ଦ୍ର ରାଉତ, ଭରତ ଚନ୍ଦ୍ର ମଲ୍ଲିକ, ପୀତାମ୍ବର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସାଧାରଣ ପରିଷଦ ବୈଠକରେ ସଂଘର ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ମଦନ ଗୋପାଳ ସେନ, ରଣଜିତ୍ କୁମାର ସାହୁ, ରୋଶ୍‌ନୀ ପରବିନ୍, ମିନାକ୍ଷୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ସମ୍ପାଦକ ଅନ୍ତର୍ଯ୍ୟାମୀ ଲେଙ୍କା ଧନ୍ୟବାଦ ଦେଇଥିଲେ।

### ସିକନ୍ଦର ଆଲାମ୍ ପ୍ରତି ଓଡ଼ିଆଙ୍କ ହୃଦୟକୁ ଜୟ କରିଛନ୍ତି

ଭୁବନେଶ୍ୱର, ୨୭।୭(ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତଜ୍ଞ ତଥା କଣ୍ଠଶିଳ୍ପୀ ମହମ୍ମଦ ସିକନ୍ଦର ଆଲାମ୍‌ଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସାହିତ୍ୟିକ ଡ. ଲେଲିନ୍ ମହାନ୍ତି, ଡ. ମିହିର ପଟ୍ଟନାୟକ, ପ୍ରବୀର ମହାନ୍ତି, ସ୍ୱର୍ଗତ ଆଲାମ୍‌ଙ୍କ ଧର୍ମପତ୍ନୀ ଗାୟିକା ନଇମା ଆଲାମ୍, ଝିଅ ସୋଫିଆ ଆଲାମ୍, ନାତୁଣୀ ମାୟରା, ଜୟ ଓଡ଼ିଶା ପକ୍ଷରୁ ହରପ୍ରିୟା ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇ ସିକନ୍ଦର ଆଲାମ୍ ପ୍ରତି ଓଡ଼ିଆଙ୍କ ହୃଦୟକୁ ଜୟ କରିଛନ୍ତି ବୋଲି କହିଥିଲେ। ଓଡ଼ିଶା ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ସେଖ୍ ସୋଲେମାନ୍ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପରିବେଶ ସୁରକ୍ଷା ସଚେତନତା, ଚାରାରୋପଣ

ଚୌଦ୍ୱାର,୨୭।୭(ଆଶୁତୋଷ ଦାସ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଯୋଗ ଆନୁକୂଲ୍ୟରେ ସ୍ଥାନୀୟ ଶିଶୁ ସଦନରେ ପରିବେଶ ସୁରକ୍ଷା ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଶିଶୁସଦନର ମୁଖ୍ୟ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ସଦନର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଯୋଗ ଅନୁଷ୍ଠାନର ବିକାଶ ରଞ୍ଜନ ମହାନ୍ତି, ଜଗନ୍ନାଥ ସାହୁ, ରୂପାଲି ମହାନ୍ତି ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଓ ଚାରାରୋପଣର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଭିଡିଓ ମାଧ୍ୟମରେ ପରିବେଶ ସୁରକ୍ଷା ସମ୍ପର୍କରେ ପିଲାମାନଙ୍କୁ ସଚେତନ କରାଯାଇଥିଲା। ଅନ୍ତେବାସୀମାନେ ଶିଶୁସଦନ ପରିସରରେ ଚାରାରୋପଣ କରିଥିଲେ। ପରିଚାଳକ ସୀମାନ୍ତ ନାୟକଙ୍କ ନେତୃତ୍ୱରେ ସମସ୍ତ କର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିକ୍ଷାନୁଷ୍ଠାନକୁ ପାଠ୍ୟ ଉପକରଣ ବଣ୍ଟନ



କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ଅନ୍ୟମାନେ।

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୭।୭ (ଆଶୁତୋଷ ଦାସ/ମାନସ ସାମଲ)

ଚୌଦ୍ୱାରସ୍ଥିତ ଇମ୍ଫାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ୍ ( ବିଆଇପିଏଫ)ତରଫରୁ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ପାଠ୍ୟ ଉପକରଣ ବଣ୍ଟନ ଓ କୃତୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଇମ୍ଫାର ଉପ ସଭାପତି ବିନୟ ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଷ୍ଟାଫ୍ କ୍ଲବ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ଶିକ୍ଷା ଓ ପାରିପାର୍ଶ୍ୱିକ ବିକାଶରେ ଇମ୍ଫା ଶିଳ୍ପଗୋଷ୍ଠୀର ସକ୍ରିୟ ଯୋଗଦାନ ପ୍ରଶଂସନୀୟ ବୋଲି କହିଥିଲେ। ଟାଙ୍ଗୀ-ଚୌଦ୍ୱାର ଆଥ୍‌ଲେଟିକ୍ ଆସୋସିଏଶନ୍‌ର କାର୍ଯ୍ୟକାରୀ ସଭାପତି ଦିଲୀପ ଛତାର, ସମ୍ପାଦକ ବିଜୟ କୁମାର ସାହୁ, ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଇମ୍ଫା ମାନବ ସମ୍ବଳ ଅଧିକାରୀ ଜି.ସାରଦା ପ୍ରସାଦ ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବ୍ଲକ୍‌ର ୭ଟି ବିଦ୍ୟାଳୟକୁ ୧୪୦ ଯୋଡ଼ା ବେଞ୍ଚଡେସ୍କ ଓ ନିଶା ନିବାରଣ କେନ୍ଦ୍ର 'ପରିବର୍ତ୍ତନ'କୁ ଗୋଟିଏ କମ୍ପ୍ୟୁଟର ପ୍ରଦାନ କରିଥିଲେ। ଗତବର୍ଷ ଆୟୋଜିତ ବ୍ଲକସ୍ତରୀୟ ଆଥ୍‌ଲେଟିକ୍ ମିଟ୍‌ରେ କୃତିତ୍ୱ ହାସଲ କରିଥିବା ୧୫ଜଣ ଖେଳାଳିଙ୍କୁ ଫାଉଣ୍ଡେଶନ୍ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଟାଙ୍ଗୀ-ଚୌଦ୍ୱାର ଆଥଲେଟିକ ଆସୋସିଏଶନର ସଭ୍ୟ ଭାସ୍କର ଚନ୍ଦ୍ର ରାଉତରାଏ, ମାନସ ପରିଡ଼ା, ଅଶ୍ୱିନୀ ଜେନା, ଭୀମସେନ ବିଶ୍ୱାଳ, ମାନସ ରଞ୍ଜନ ପ୍ରଧାନ, ଅଭିଷେକ ଘୋଷ, ସୁନୀଲ କ୍ରିଷ୍ଣା ଦାସ, ସ୍ଥିତପ୍ରଜ୍ଞ ଦାସ, ରାକେଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଭାଜପା କଟକ ନଗର ଶାଖା ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ପକ୍ଷରୁ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ କାର୍ଯ୍ୟାଳୟରେ ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବ୍‌ଦୁଲ କଲାମଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# 'ସଚେତନତା ଦ୍ୱାରା ରୋଗ ଦୂରେଇହେବ'

କଟକ,୨୭।୭(ଶିଳ୍ପା ପ୍ରିୟଦର୍ଶିନୀ)

ରବିବାର ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରାଯିବ। ଏହି ଉପଲକ୍ଷେ ଶନିବାର କଟକସ୍ଥିତ ଏକ ହୋଟେଲରେ ଏସ୍‌ସିବି ମେଡିକାଲ ହେପାଟୋଲୋଜି ବିଭାଗ ପକ୍ଷରୁ ପ୍ରଫେସର ଡା. ରମେଶ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର ଯୋଗଦେଇ କହିଛନ୍ତି, ଓଡ଼ିଶାରେ ଥିବା ସମସ୍ତ ମେଡିକାଲ କଲେଜରେ ସ୍କ୍ରିନିଂ କରାଯିବା ବ୍ୟବସ୍ଥା ରହିଛି। ପରୀକ୍ଷା କରାଇବା, ଟିକାକରଣ, ଉପଯୁକ୍ତ ଔଷଧ ଖାଇବା ସହ ସଚେତନ ହେଲେ ଏହି ରୋଗଠାରୁ ଦୂରେଇ ରହିହେବ। ସରକାରଙ୍କ ପକ୍ଷରୁ ଅଧିକ ସହାୟତା ମିଳିଲେ ଏ ଦିଗରେ ଠିକ୍ ଭାବେ କାର୍ଯ୍ୟ କରି ହେବ ବୋଲି ପାତ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରୋହିତ କୁମାର ପଣ୍ଡା, ସାର୍ଥକ କୁମାର ଜେନା ଓ ଲକ୍ଷ୍ମୀଧର ରାଉତ ଉପସ୍ଥିତ ଥିଲେ।

# ଭେଣ୍ଡିଂ ଜୋନ୍ ଯୋଗାଣ ଦାବିରେ ବିକ୍ଷୋଭ

କଟକ,୨୭।୭(କାର୍ତ୍ତିକ ସାହୁ)



ଭେଣ୍ଡିଂ ଜୋନ୍ ଯୋଗାଣ ଦାବିରେ ଡିସିପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ଭେଣ୍ଡିଂ ଜୋନ୍ ଯୋଗାଇବା ଦାବିରେ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭେଣ୍ଡିଂ ଜୋନ୍ ଯୋଗାଇଦେବା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରୁ ଉଠାଦୋକାନୀଙ୍କୁ ଉଚ୍ଛେଦ ନ କରିବାକୁ ପୂର୍ବରୁ ସିଡିଏ ଚେୟାରମ୍ୟାନ୍ ଓ ସିଏମ୍‌ସି କମିଶନରଙ୍କୁ ଅନୁରୋଧ କରାଯାଇଥିଲା। ହେଲେ ପୋଲିସ ରାସ୍ତାପାର୍ଶ୍ୱରେ ଉଠାଦୋକାନୀଙ୍କୁ ବ୍ୟବସାୟ କରାଇ ନ ଦେଇ ଉଠାଇ ଦେବା ଦୁର୍ଭାଗ୍ୟଜନକ ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ଭେଣ୍ଡିଂ ଜୋନ୍ ଯୋଗାଇଦେବା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରିବା ପାଇଁ ଅନୁମତି ଦେବା ନିମନ୍ତେ ଡିସିପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ପୋଲିସ ଜୁଲମ୍ ବନ୍ଦ ହେଉ ବୋଲି ଦାବି କରାଯାଇଥିଲା। ଆଡ୍‌ଭୋକେଟ୍ ଅମରେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ କଟକ ଉଠାଦୋକାନୀ ମହାସଂଘ ସମ୍ପାଦକ ଛବି ଖୁଣ୍ଟିଆ, ଶିବ ବେହେରା, ନିତ୍ୟାନନ୍ଦ ନାୟକ, ରଞ୍ଜନ ପରିଡ଼ା, ସୁରେନ୍ଦ୍ର ଛାଟୋଇ, ଅଶୋକ ରାଉତ ପ୍ରମୁଖ ସାମିଲ ହୋଇଥିଲେ।



କଟକ ଜୋବ୍ରାସ୍ଥିତ ଏସ୍.ଏନ୍. ସରକାର ମେମୋରିଆଲ ହଲ୍‌ରେ ଅଖିଳ ଭାରତ ଡାକ ଓ ରେଳ ଡାକ ସେବା ପେନ୍‌ସନର୍ସ ଆସୋସିଏଶନର ପ୍ରତିଷ୍ଠାତା ବଂଶୀଧର ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବ୍ୟକ୍ତିବୃନ୍ଦ।



କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ଅନୁଷ୍ଠିତ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଉତ୍ତର ପୂର୍ବ ସମ୍ଭାଗ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ବାଇକ୍ ଚୋରି ଘଟଣାରେ ୨ ଗିରଫ

**ବେଗୁନିଆ,୨୭।୭(ସନ୍ଧ୍ୟାରାଣୀ ମିଶ୍ର):** ବାଇକ୍ ଚୋରି ଘଟଣାରେ ବେଗୁନିଆ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଅଶୋକ ବରାଳ ଏବଂ କେଶବ ମହାପାତ୍ର। ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ବଡ଼ନୟାପଲ୍ଲୀ ଗ୍ରାମରୁ ପୋଲିସ ଏକ ଚୋରା ବାଇକ୍ ଜବତ କରିବା ସହ ଅଶୋକ ବରାଳଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ବୋଲଗଡ଼ ଥାନା ଅଞ୍ଚଳର ନଣ୍ଡାପଲ୍ଲୀ ଗ୍ରାମର କେଶବ ମହାପାତ୍ର ତାଙ୍କୁ ଉକ୍ତ ବାଇକ୍ ବିକ୍ରି କରିଥିଲେ ବୋଲି ବରାଳ ସ୍ୱୀକାର କରିଥିଲେ। ଏହା ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା।

### ବିଦ୍ୟାଳୟରେ ଚାରା ରୋପଣ

**କୃଷ୍ଣପ୍ରସାଦ,୨୭।୭(କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପଡ଼ା ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୀପକ କୁମାର ମାଝୀଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସର ମଧ୍ୟରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୀତାମ୍ବର ଦାଶ, ଶିକ୍ଷୟିତ୍ରୀ ପ୍ରମିଳାବାଳା ଜେନା, ରିତାରାଣୀ ପଲେଇ, ଶିକ୍ଷକ ବିକ୍ରମ ବେହେରାଙ୍କ ସମେତ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ତଥା ସାମାଜିକକର୍ମୀ ନଳିନୀକାନ୍ତ ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

### ଖବରଦାତାଙ୍କ ପିତୃ ବିୟୋଗ

**ଟାଙ୍ଗୀ,୨୭।୭(ରଘୁନାଥ ସାହୁ):** ନିରାକାରପୁର ଅଞ୍ଚଳର ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକଙ୍କ ବାପା ନାରାୟଣ ମହାନ୍ତିଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୭ବର୍ଷ ହୋଇଥିଲା।



ସେ ଦୀର୍ଘଦିନ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ମାନସ ଚନ୍ଦ୍ର ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ପୁଅ ଉମେଶ ପଟ୍ଟନାୟକ, ପ୍ରକାଶଜିତ୍ ପଟ୍ଟନାୟକ, ପ୍ରଶାନ୍ତ ଚନ୍ଦ୍ର ପଟ୍ଟନାୟକ, ସୁକାନ୍ତଜିତ୍ ପଟ୍ଟନାୟକ, ପୁତ୍ରବଧୂ ରଶ୍ମିତା ପଟ୍ଟନାୟକ, ଗୀତାଞ୍ଜଳି ପଟ୍ଟନାୟକ, ଅର୍ଚ୍ଚନା ପଟ୍ଟନାୟକ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ପ୍ରଫୁଲ୍ଲ ଜେନା, ସାଗର ବାରିକ, ଆଲୋକ ରଞ୍ଜନ ଛୋଟରାୟ, ପ୍ରମୋଦ ତ୍ରିପାଠୀ, ଶୁଭମ୍ ଦାଶ, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରା, ସିପିଏମ୍ ନେତା ବିଦ୍ୟୁଭୂଷଣ ମହାରଣା, ହିମାଂଶୁ ଭୂଷଣ ଚମ୍ପତି, ମନୋଜ ପ୍ରଧାନ, ନୃସିଂହ ଦଳେଇ, ୱାର୍ଡ ସଭ୍ୟ ସ୍ୱରାଜ ମହାନ୍ତି ପ୍ରମୁଖ ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଡ.ଦିଲୀପ ଶ୍ରୀଚନ୍ଦନ, ସଞ୍ଜୟ କୁମାର ପଟ୍ଟନାୟକ, ଦିପୁ ହୋତା, ଭାଜପା ଜିଲା ସଭାପତି ରଶ୍ମି ମହାପାତ୍ର, ନାରୀନେତ୍ରୀ ବାସନ୍ତୀ ମହାପାତ୍ର, ସାମାଜିକକର୍ମୀ କାଳୁ ଚରଣ ଖଣ୍ଡେଇତରାୟ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଦୁର୍ଗାପୁର

**ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଜଣାଇଲେ ଗ୍ରାମବାସୀ**

- ଗାଁକୁ ନାହିଁ ପକ୍କା ରାସ୍ତା
- ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇଗଲାଣି ପୋଖରୀ

**ବେଗୁନିଆ,୨୭।୭(ସନ୍ଧ୍ୟାରାଣୀ ମିଶ୍ର)**



ବେଗୁନିଆ ସଦର ମହକୁମାରଠାରୁ ୪କିମି ଦୂରରେ ରହିଛି ଦୁର୍ଗାପୁର ଗ୍ରାମ। ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ଗ୍ରାମକୁ ପକ୍କା ରାସ୍ତା ନାହିଁ। ପାନୀୟଜଳ ଯୋଗାଣର ମଧ୍ୟ ସମସ୍ୟା ରହିଛି। ନିର୍ବାଚନ ଆସିଲେ ନେତା ଓ କର୍ମୀମାନେ ପହଞ୍ଚି ସମସ୍ୟା ଶୁଣିବା ସହ ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ନିର୍ବାଚନ ପରେ ଭୁଲି ଯାଆନ୍ତି। ଗ୍ରାମରେ ଦୁଇଟି ନଳକୂପ, ଦୁଇଟି ଖୋଲାକୂପ ଓ ଗୋଟିଏ ପୋଖରୀ ରହିଛି। ଲୋକମାନଙ୍କ ସହିତ ଗାଈ ଗୋରୁ ଏହି ପୋଖରୀ ଉପରେ ନିର୍ଭର କରୁଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇଯାଇଥିବାରୁ ଅନୁପଯୋଗୀ ହୋଇପଡିଛି। ଖୋଲାକୂପର ରକ୍ଷଣାବେକ୍ଷଣ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉ ନାହିଁ। ଗ୍ରାମର ଦୁଇ ମୁଣ୍ଡରେ ଦୁଇଟି ନଳକୂପ ରହିଥିବାବେଳେ ଆଉ ଗୋଟିଏ ନଳକୂପର ଆବଶ୍ୟକ ରହିଛି ବୋଲି ଗ୍ରାମବାସୀ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ଭେଟି କହିବା ସହ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବାରୁ ଯାତାୟାତ ପାଇଁ ଏକ ପକ୍କା ସଡ଼କର ଆବଶ୍ୟକତା ରହିଛି ବୋଲି ଜଣାଇଥିଲେ। ଉକ୍ତ ଗ୍ରାମକୁ ବଡ଼ବେରଣା ନୂଆସାହିଠାରୁ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ୨.୫କିମି ରାସ୍ତା ରହିଛି। ରାସ୍ତାଟିରେ ବ୍ଲକ ପ୍ରଶାସନ ପକ୍ଷରୁ କିଛି ବର୍ଷ ପୂର୍ବେ କେବଳ ମୋରମ ବିଛାଯାଇ କାର୍ଯ୍ୟ ହୋଇଥିଲା। ଏବେ ବର୍ଷାଦିନେ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାରେ ପାଣି ଜମିବା ସହ କାଦୁଅ ଯୋଗୁ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାସ୍ତାଟିକୁ ପକ୍କା ରାସ୍ତା କରିବା ପାଇଁ ଦାବି କରିଥିଲେ। ଗ୍ରାମରେ ଲାଗି ରହିଥିବା ସମସ୍ୟାକୁ ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ବିଧାୟକ ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

# ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନ୍ସିଲରଙ୍କ ସହ ଅନ୍ୟମାନେ।

**ଜଟଣୀ,୨୭।୭(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୫ ନମ୍ବର ୱାର୍ଡରେ ପୌର ପରିଷଦ ସୌଜନ୍ୟରେ ୱାର୍ଡସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଉନ୍ସିଲର କାଜଲ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୱାର୍ଡର ବାସିନ୍ଦା ଯୋଗଦେଇଥିଲେ। ବର୍ଷାଜଳ ନିଷ୍କାସନ, ଡେଙ୍ଗୁ ରୋଗର ନିବାରଣ ଏବଂ ନିୟନ୍ତ୍ରଣ କରିପାରିବେ ସେ ସମ୍ବନ୍ଧରେ ସଚେତନତା କରାଯାଇଥିଲା। ଉକ୍ତ ରୋଗରୁ ନିଜ ସହିତ ପରିବାର ଏବଂ ଅଞ୍ଚଳବାସୀଙ୍କୁ କିପରି ସୁରକ୍ଷିତ ରଖିବେ ସେନେଇ ବିଭିନ୍ନ ସୂଚନା ପ୍ରଦାନ କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମ ଅବସରରେ ୱାର୍ଡ କାଉନସିଲର କାଜଲ ଦାସ ୬ଶହରୁ ଊର୍ଦ୍ଧ୍ୱ ଫିନାଇଲ ସ୍ଥାନୀୟ ଜନସାସରଣଙ୍କୁ ପ୍ରଦାନ କରିଥିଲେ।

### କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଟାଙ୍ଗୀ,୨୭।୭(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ବଡ଼ପୋଖରିଆ ନିଗମାନନ୍ଦ ବିଦ୍ୟା ନିକେତନର କ୍ରୀଡ଼ା ଶିକ୍ଷକ ଈଶ୍ୱର ଚନ୍ଦ୍ର ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ନେହଲତା ସାମନ୍ତରାୟ, ଜାନକୀ ବଲ୍ଲଭ ପଟ୍ଟନାୟକ, ଦେବରାଜ ଚହଟରାୟ, ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ମହାନ୍ତି, କମଳ ଲୋଚନ ପ୍ରଧାନ, ସମାଜସେବୀ ଅପର୍ତ୍ତି ଜେନା, ଶିବ ପ୍ରସାଦ ଦାସ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରମିଳା କୁମାରୀ ଦେଇ, ଆଲୁମ୍ନି କମିଟି ସଭାପତି ଦିଲ୍ଲୀପ କୁମାର ବିଧାର ପ୍ରମୁଖ ଯୋଗଦେଇ କ୍ରୀଡ଼ା ଶିକ୍ଷକ ଈଶ୍ୱର ଚନ୍ଦ୍ର ଜେନାଙ୍କ ବହୁବିଧ ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ପ୍ରିୟ ରଞ୍ଜନ ପାଢଶାଣୀ ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟସ୍ତରୀୟ ଡିଜିଟଲ ତାଲିମ ଶିବିର

**କୃଷ୍ଣପ୍ରସାଦ,୨୭।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ହାଇସ୍କୁଲ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷମାନଙ୍କୁ ନେଇ ବିଦ୍ୟାଳୟସ୍ତରୀୟ ଡିଜିଟଲ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡିଜିଟଲ ମାଧ୍ୟମରେ ବିଦ୍ୟାଳୟର ବିଭିନ୍ନ ଖର୍ଚ୍ଚ କିପରି କରିବେ ସେଥିନିମନ୍ତେ ତାଲିମ ପ୍ରଦାନ କରାଯାଇଥିଲା। ମାଲୁଦ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଖିଳ କୁମାର ନାୟକଙ୍କ ସଭାପତିତ୍ୱ ଏବଂ ବିଆର୍‌ସିସି ସତ୍ୟବ୍ରତ ସାହୁଙ୍କ ସଂଯୋଜନାରେ ଏହି ପ୍ରଶିକ୍ଷଣ ଶିବିର ହୋଇଥିଲା। ଆକାଉଣ୍ଟାଣ୍ଟ ଆଲୋକ କୁମାର ସାହୁ, ସିଆର୍‌ସିସି ରମାକାନ୍ତ ଜେନା, ପ୍ରଶାନ୍ତ କୁମାର ନାୟକ, ସୁକାନ୍ତ କୁମାର ଜେନା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ୯ ପଞ୍ଚାୟତର ପ୍ରତିନିଧିଙ୍କୁ ନେଇ କୋର୍ କମିଟି ଗଠିତ

**ଗୋଷ୍ଠୀ ବିବାଦ ପ୍ରସଙ୍ଗ**

**ଟାଙ୍ଗୀ,୨୭।୭(ରଘୁନାଥ ସାହୁ)**

ଟାଙ୍ଗୀ ଥାନା ଅଧୀନ ରତନପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ମୁସଲିମ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ମାରଣାସ୍ତ୍ରରେ ଆକ୍ରମଣ କରିବା ଘଟଣା ଉଗ୍ରରୂପ ନେବାରେ ଲାଗିଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନେ ଧରାପଡ଼ି ନାହାନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ୯ ପଞ୍ଚାୟତର ଭଦ୍ରବ୍ୟକ୍ତିଙ୍କୁ ନେଇ ଗଠିତ ଶାନ୍ତି କମିଟିର ବୈଠକର ନିଷ୍ପତ୍ତି ଅନୁଯାୟୀ ବନ୍ଦ ଡାକରା ଦିଆଯାଇଥିଲା। ଗତ ୨୬ ତାରିଖ(ଶୁକ୍ରବାର)ରେ ସ୍କୁଲ କଲେଜ, ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ ରହିଥିଲା। ଶନିବାର ୯ ପଞ୍ଚାୟତର ଜନପ୍ରତିନିଧିଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯାଇଛି। ସୋରଣ ପଞ୍ଚାୟତର ବିଦ୍ୟାଧର ପ୍ରଧାନ, ରତିକାନ୍ତ ବୈରିଗଞ୍ଜନ, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସୁବୁଦ୍ଧି, କୁହୁଡିର ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ବିଜେଡି ଜିଲା ଉପସଭାପତି ମନୋଜ କୁମାର ମାନସିଂହ, କୁହୁଡି ଭାଜପା ମଣ୍ଡଳ ସଭାପତି ପବିତ୍ର ହରିଚନ୍ଦନ, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ପୂର୍ବତନ ସେନାନୀ ସଂଘ ଚିଲିକା ଶାଖା ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, ବିରିବାଡ଼ିର ଦୁର୍ଗା ହରିଚନ୍ଦନ, ଶରତ ମାନସିଂହ, ବରଡି ଓ ଚଣ୍ଡେଶ୍ୱର ପଞ୍ଚାୟତର ସରପଞ୍ଚ, ପାରିଓରଡ଼ ପଞ୍ଚାୟତର ସମାଜସେବୀ ତଥା ଶାନ୍ତି କମିଟି ସଭାପତି ଲଲାଟ କେଶରୀ ମଙ୍ଗରାଜ, ସୁବାଷ ପ୍ରଧାନ, କୁଞ୍ଜୁରୀ ସରପଞ୍ଚ ସୁଶାନ୍ତ କୁମାର ସାମନ୍ତରାୟ, ସର୍ବେଶ୍ୱର ରାଉତରାୟ ପ୍ରମୁଖଙ୍କୁ ନେଇ କୋର୍ କମିଟି ଗଠିତ ହୋଇଛି।

# ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର



**ବେଗୁନିଆ,୨୭।୭(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଗୃହ ନିର୍ମାଣ ପାଇଁ ବିଧାୟକ ପ୍ରଦୀପ କୁମାର ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲାପରିଷଦ ସଭ୍ୟ ତନୁଜା ପାଢଶାଣୀ, ସରପଞ୍ଚ ସନ୍ତୋଷୀ ରାୟ, ଆରତ ଚନ୍ଦ୍ର ମାଝୀ, ଲୀଳା ସ୍ୱାଇଁ, କରୁଣାକର ଦଳସିଂହାର ରାୟ, ସମିତିସଭ୍ୟ ଅଞ୍ଜଳି ସାହୁ, ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ଶିକ୍ଷା ସପ୍ତାହରେ ଚାରା ରୋପଣ



ସଭାରେ ଉପସ୍ଥିତ ଅତିଥିମାନେ।

**ଟାଙ୍ଗୀ,୨୭।୭(ରଘୁନାଥ ସାହୁ)**

ଜାତୀୟ ଶିକ୍ଷା ନୀତି-୨୦୨୦ର ଚତୁର୍ଥ ବାର୍ଷିକ ପୂର୍ତ୍ତି ଅବସରରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମର ଇକୋ କ୍ଲବ ଓ ସ୍କୁଲ ପୋଷଣ ଦିବସରେ ଟାଙ୍ଗୀ ବ୍ଲକ ଅଚ୍ୟୁତପୁର କ୍ଲଷ୍ଟର କମାଗୁରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସହକାରୀ ଶିକ୍ଷୟିତ୍ରୀ ସୌଦାମିନୀ ଗୁମାନସିଂହ ସଭାପତିତ୍ୱ କରିଥିବା ବେଳେ ଅତିଥିଭାବେ ସିଆର୍‌ସିସି ବିଜୟ କୁମାର ମାନସିଂହ, ଖବରଦାତା ହିମାଂଶୁ ଭୂଷଣ ଚମ୍ପତିରାୟ, ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକ, ବିଦ୍ୟାଳୟ ପରିଚାଳନା ସଭାପତି ପବିତ୍ର ମହାରଣା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ଅରିଶଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସିଆର୍‌ସିସି ବିଜୟ କୁମାର ମାନସିଂହ, ଖବରଦାତା ହିମାଂଶୁ ଭୂଷଣ ଚମ୍ପତିରାୟ, ଶିକ୍ଷକ ବସନ୍ତ କୁମାର ରାଉତ, ୱାର୍ଡ ସଭ୍ୟ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇ ଚାରାରୋପଣ ଦ୍ୱାରା ହେଉଥିବା ଉପକାରିତା ସମ୍ପର୍କରେ କହିଥିଲେ। ଉଭୟ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଚାରା ରୋପଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ବିଇଓ ରବୀନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ହୋଇଥିଲା।

# ସେବା ସମବାୟ ସମିତି ପୁନର୍ଗଠନକୁ ନେଇ ଅସନ୍ତୋଷ

**ବେଗୁନିଆ,୨୭।୭(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅଧୀନରେ ପୂର୍ବରୁ ୧୩ଟି ସେବା ସମବାୟ ସମିତି ଚାଲୁଥିବା ବେଳେ ଏବେ ନୂତନ ଭାବେ ଖୋଲାଯାଇଥିବା କଣ୍ଟାବାଡ଼ ସେବା ସମବାୟ ସମିତିକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହା ପୂର୍ବରୁ କଣ୍ଟାବାଡ଼ ବଡ଼ବେରଣା ସେବା ସମବାୟ ସମିତି ଅଧୀନରେ ଥିଲା। କେତେଜଣ ବ୍ୟକ୍ତି ଅଣଚାଷୀଙ୍କୁ ନେଇ ପ୍ରସ୍ତାବ ଆଗତ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଫଳରେ ବଡ଼ବେରେଣା ସମିତିଠାରୁ ବିଚ୍ଛିନ୍ନ ହୋଇ କଣ୍ଟାବାଡ଼ ସେବାସମବାୟ ସମିତି ହୋଇଛି। ତେବେ କଣ୍ଟାବାଡ ପଞ୍ଚାୟତର ମଳିପଦର, ବାସୁଦେବପୁର, କେନ୍ଦୁପଲ୍ଲୀ ଓ ତଣ୍ଡାଳ ଗ୍ରାମର ଚାଷୀ ସୁବାସ ଚନ୍ଦ୍ର ମହାନ୍ତି, ଶିଶିର କୁମାର ଆଚାର୍ଯ୍ୟ, ବିଦ୍ୟାଧର ମହାରଣା, ବିଶ୍ୱନାଥ ପଣ୍ଡା, ବ୍ରଜବନ୍ଧୁ ସ୍ୱାଇଁ, ପ୍ରମୋଦ ବେହେରା, ତ୍ରୈଲୋକ୍ୟନାଥ ମହାପାତ୍ର, ଧରଣୀଧର ପାଣିଗ୍ରାହୀ, ବିପିନ ବିହାରୀ ପାଣିଗ୍ରାହୀ, କାଳନ୍ଦୀ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରବୀନ୍ଦ୍ର ନାଥ ମହାପାତ୍ର, ପ୍ରଣବ ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ଏହାକୁ ବିରୋଧ କରି ୨୦୨୩ ଏପ୍ରିଲ ୧୬ ତାରିଖରେ ଭୁବନେଶ୍ୱର ସମବାୟ ବିଭାଗ ସଚିବ, ଜିଲାପାଳ ଓ ଖୋର୍ଦ୍ଧା ଜିଲା ସମବାୟ ଉପନିବନ୍ଧକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ବିଚାର ନ କରାଯାଇ କଣ୍ଟାବାଡ ସେବା ସମବାୟ ସମିତିକୁ ଚାଷୀମାନଙ୍କ ଆକାଉଣ୍ଟ ସ୍ଥାନାନ୍ତର କରିବା ପାଇଁ ଉଚ୍ଚ ପଦାଧିକାରୀମାନେ ଚାପ ପକାଇ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆକାଉଣ୍ଟ ସ୍ଥାନାନ୍ତର ପ୍ରକ୍ରିୟାକୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଉ ବୋଲି ମୁକୁନ୍ଦପୁର ଗ୍ରାମର ଚାଷୀମାନେ ଅନୁରୋଧ କରିଛନ୍ତି। ଏହା ମଧ୍ୟରେ ଗତ ୧୭ ତାରିଖରେ ବଡ଼ବେରଣା ସେବା ସମବାୟ ସମିତି ସଭାପତି ପରମାନନ୍ଦ ମହାପାତ୍ରଙ୍କୁ ଆକାଉଣ୍ଟ ସ୍ଥାନାନ୍ତର ପ୍ରକ୍ରିୟା ସ୍ଥଗିତ ରଖିବା ପାଇଁ ସମ୍ପୃକ୍ତ ବ୍ୟକ୍ତିମାନେ ଅଭିଯୋଗ କରିଥିଲେ। ଏଥିରେ ବଡ଼ବେରଣା ସେବା ସମବାୟ ସମିତି ସଭାପତି ମହାପାତ୍ରଙ୍କ ସମେତ ଉପସ୍ଥିତ ସମସ୍ତ ସଦସ୍ୟ ଆସନ୍ତା ଦୁଇ ମାସ ପର୍ଯ୍ୟନ୍ତ କୌଣସି ସଦସ୍ୟଙ୍କୁ ସ୍ଥାନାନ୍ତର ନ କରିବା ପାଇଁ ପ୍ରସ୍ତାବ ଆଗତ କରି ଖୋର୍ଦ୍ଧା ଜିଲା ସେବା ସମବାୟ ସମିତି ଉପନିବନ୍ଧକ ଓ ସହାୟକ ଉପନିବନ୍ଧକଙ୍କୁ ସମ୍ପାଦକ ମାନସରଞ୍ଜନ ଛୋଟରାୟଙ୍କ ନେତୃତ୍ୱରେ ଜଣାଇଛନ୍ତି।

# ଶିକ୍ଷା ଓ ବାଳ ଅପରାଧ ଆଇନ ସଚେତନତା ଶିବିର

**ବାଣପୁର,୨୭।୭(ଦିଲୀପ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ବାଣପୁର ଅଦାଲତର ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶିକ୍ଷା ଓ ବାଳ ଅପରାଧ ଆଇନ ସଚେତନତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଚାରପତି ମହାପାତ୍ର ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଓ ବାଳ ଅପରାଧ ଆଇନ ସମ୍ପର୍କରେ ଅବଗତ କରାଇବା ସହ ସଚେତନ କରାଇଥିଲେ। ଅତିଥିଭାବେ ବାଣପୁର ଅଦାଲତର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ୱାତକୀ ଦାସ, ବାଣପୁର ତହସିଲଦାର ଟି.ପଦ୍ମନାଭ ଦୋରା ଛାତ୍ରୀଛାତ୍ରଙ୍କୁ ଉକ୍ତ ଆଇନ ସମ୍ପର୍କରେ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଣପୁର ଆଇଆଇସି ରମେଶ କୁମାର ଦେବତା, ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା, ପୂର୍ବତନ ସମ୍ପାଦକ ଜଗନ୍ନାଥ ଭୋଳ, ଆଇନଜୀବୀ ଜଗଦୀଶ ପଟ୍ଟନାୟକ, ପ୍ରଦୀପ କୁମାର ପ୍ରଧାନ, ଶେଷଦେବ ମହାରଣା, ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସନ୍ଧ୍ୟାରାଣୀ ଦେବୀ, ସନ୍ତୋଷ ଚୌଧୁରୀ, ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସଚେତନ ଶିବିରରେ ଆଇନଜୀବୀ, ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

# ଗୋଦାବରୀଶଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ଗୋଦାବରୀଶ ମହାବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ ଉତ୍ସବ**

**ବାଣପୁର,୨୭।୭(ଦିଲୀପ ସ୍ୱାଇଁ)**

ଗୋଦାବରୀଶ ମହାବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ ଉତ୍ସବ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୮ତମ ଶ୍ରାଦ୍ଧ ବାର୍ଷିକୀ ଶୁକ୍ରବାର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ବକ୍ତା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ, ବାଣପୁର ନଗରପାଳ ମିଟୁ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରାଣସିଂହ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ମା'ସରସ୍ୱତୀ, ଗଣେଶ ଏବଂ ପଣ୍ଡିତ ଗୋଦାବରୀଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବେଦ ପାଠ ପରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିଜୟ ବନ୍ଦନା ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧ୍ୟକ୍ଷ ବିନାୟକ ହୋତା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ମନ୍ତ୍ରୀ ସୂର୍ଯ୍ୟବଂଶୀ ବାଣପୁର ତଥା ପୁରାତନ କଂଗୋଦଗଡ଼ର ରାଜଧାନୀର ଗୌରବମୟ ଇତିହାସକୁ ସ୍ମୃତି ଚାରଣ କରିବା ସହ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ହରିଚନ୍ଦନ କହିଥିଲେ, ମହାବିଦ୍ୟାଳୟକୁ କିପରି ନାକ୍ ମାନ୍ୟତା ମିଳିବ ସେଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏଥିସହ ଏକ ଆଦିବାସୀ ଛାତ୍ରବାସ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ଅତିଥିମାନେ ଗୋଦାବରୀଶଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ବିଭିନ୍ନ ବିଭାଗରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।




ପ୍ରତିଷ୍ଠା ଦିବସ ଉତ୍ସବରେ ଦୁଇ ମନ୍ତ୍ରୀ ଏବଂ ଅତିଥିମାନେ।

# ଅଧ୍ୟକ୍ଷଙ୍କ ନାଁରେ ୭୦ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ

**ବିଧାନସଭାରେ ଅଭିଯୋଗ ଆଣିଲେ ଜଟଣୀ ବିଧାୟକ**

- ପ୍ରମାଣ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ: ମନ୍ତ୍ରୀ
- ବିଧାୟକ ପ୍ରମାଣ ନ ଦେଲେ ହାଇକୋର୍ଟ ଯିବି: ଅଧ୍ୟକ୍ଷ

ଖୋର୍ଦ୍ଧା,୨୭।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ହଳଦିଆ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦବୀକୁ ନେଇ ଚର୍ଚ୍ଚା ଥମି ନ ଥିବା ବେଳେ ବିଧାନସଭାରେ ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏହି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସଙ୍ଗ ଉପରେ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ଅଧ୍ୟକ୍ଷ ପଦବୀକୁ ନେଇ କ୍ୟାମ୍ପସରେ ଅଶାନ୍ତମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଅଧ୍ୟକ୍ଷ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ୭୦ଲକ୍ଷ ଟଙ୍କା ହଡ଼ପ କରିଥିବା ବିଧାୟକ ଅଭିଯୋଗ ଆଣିଛନ୍ତି। କଲେଜର ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହ ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏଥିସହିତ ଜଟଣୀ କଲେଜର ସ୍ଥାୟୀ ଜମିପଟ୍ଟା ବିଷୟ ମଧ୍ୟ ବିଧାୟକ ଉଠାଇଥିଲେ। ଏହାର ଉତ୍ତରରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ, ଅଧ୍ୟକ୍ଷ ପଦବୀକୁ ନେଇ ଦେଖାଦେଇଥିବା ସମସ୍ୟା ପ୍ରତି ରାଜ୍ୟ ସରକାର ଅବଗତ ଅଛନ୍ତି। ଆଇନଗତ ସମସ୍ୟା ରହିଛି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ। ଆବଶ୍ୟକ ପଡିଲେ ବିଧାୟକଙ୍କ ସହଯୋଗ ନିଆଯିବ। କଲେଜର ୭୦ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ପ୍ରମାଣ ହସ୍ତଗତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜଟଣୀ କଲେଜ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଉମାକାନ୍ତ ପାତ୍ର କହିଛନ୍ତି, ଏହି ମହାବିଦ୍ୟାଳୟକୁ ୪୦ବର୍ଷ ହେଲାଣି। ୟୁଜିସି ଏବଂ ନାକ୍ ମାନ୍ୟତା ନ ପାଇଲେ ଆଗକୁ ଶିକ୍ଷାଦାନ ବାଧାପ୍ରାପ୍ତ ହେବ। ଏପରିକି ସରକାରୀ ମାନ୍ୟତା ହରାଇବା ସମ୍ଭାବନା ରହିଛି। କଲେଜ ଶୈକ୍ଷିକ ବାତାବରଣ, ଏବଂ ନାକ୍ ମାନ୍ୟତା ପାଇଁ ଯୋଗ୍ୟତା ମାପକାଠି ଅନୁସାରେ କାର୍ଯ୍ୟ କରାଯାଇଛି। କଲେଜ ପରିଚାଳନା ପରିଷଦ ଅନୁମୋଦନ ପ୍ରକାରେ ପ୍ରାୟ ୪୦ରୁ ୪୫ଲକ୍ଷ ଟଙ୍କା ଭିତ୍ତିଭୂମି, କୋଠା ନିର୍ମାଣରେ ଖର୍ଚ୍ଚ କରାଯାଇଛି। ଏଥିରେ ଗୋଟିଏ ଟଙ୍କା ମଧ୍ୟ ହଡ଼ପ କରାଯାଇନାହିଁ। ବିଧାନସଭାରେ ବିଧାୟକ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭିତ୍ତିହୀନ। ମହାବିଦ୍ୟାଳୟରେ ଖର୍ଚ୍ଚର ସମସ୍ତ ହିସାବ ତଦନ୍ତ କରାଯାଉ। ସମସ୍ତ ଅଡିଟକୁ ସାମାନା କରିବାକୁ ପ୍ରସ୍ତୁତ ରହିଛି। କଲେଜରେ ଅର୍ଥ ହଡପ କରାଯାଇଥିବା ନେଇ ଅଭିଯୋଗ ଉପରେ ବିଧାୟକ ସିଧାସଳଖ ମୋ ସହ ଆଲୋଚନା କରିପାରିଥାନ୍ତେ। ବିଧାନସଭାରେ ଭୁଲ ତଥ୍ୟ ଦେବା ପୂର୍ବରୁ ଦୃଷ୍ଟିକୁ ଆଣିଥିଲେ, ଏହାର ଠିକ୍ ଉତ୍ତର ଦେଇଥାନ୍ତି। ଏହା ଦ୍ୱାରା ମୋର ସମ୍ମାନ ପ୍ରତିଷ୍ଠା ଉପରେ ଅଙ୍ଗୁଳି ଉଠିଛି। ବିଧାନସଭାରେ ଉଠିଥିବା ୭୦ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ ଉପରେ ସମ୍ପୂର୍ଣ୍ଣ ତଥ୍ୟ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଦାଖଲ କରିବି। ଆବଶ୍ୟକ ପଡିଲେ ବିଧାୟକଙ୍କ ମିଥ୍ୟାରୋପ ଉପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଅଧ୍ୟକ୍ଷ ପାତ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସ୍ଥାନୀୟ ବିଧାୟକ ଭାବେ ଚାହିଁଥିଲେ, ଏହି ଘଟଣା ସମାଧାନ କରିପାରିଥାନ୍ତେ। ତାହା ନ କରି ବିଧାନସଭାରେ ମିଥ୍ୟା ଆରୋପ କରିବା କେତେଦୂର ଯୁକ୍ତିଯୁକ୍ତ।

ଅନ୍ୟପଟେ ଶିଳ୍ପାଞ୍ଚଳ ଥାନା ଅଧିକାରୀ ତାରିକ ଅହମ୍ମଦ ମହାବିଦ୍ୟାଳୟ ଅଧ୍ୟକ୍ଷ ଉମାକାନ୍ତ ପାତ୍ରଙ୍କୁ ଆକ୍ରମଣ ଘଟଣାରେ ଆକ୍ରମଣକାରୀ ଅଧ୍ୟାପକ ବିଜୟ କୁମାର ଭଞ୍ଜଦେଓ ୧୫ଦିନ ମଧ୍ୟରେ ଥାନାରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦେବା ପାଇଁ ଥାନାର ଚିଠି ନଂ.୧୧୨୨/ଆଇପିଏସ/୨୬।୭।୨୪ ପ୍ରକାରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ଥାନା ଅଧିକାରୀ ଅହମ୍ମଦ ଚିଠିରେ ଲେଖିଛନ୍ତି ଯେ, ଗତ ୩ତାରିଖ ଅଧ୍ୟକ୍ଷ ପାତ୍ରଙ୍କୁ ଚାମ୍ବର ଭିତରେ ଅଧ୍ୟାପକ ବିଜୟ, ପରିଚାଳନା ସଭାପତିଙ୍କ ସମେତ ୪ଜଣ ଗ୍ରାମବାସୀ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏନେଇ ଅଧ୍ୟକ୍ଷ ପାତ୍ରଙ୍କ ଅଭିଯୋଗକ୍ରମେ ମାମଲା(ନଂ.୧୫୨/୨୪) ରୁଜୁ ହୋଇଛି। ଘଟଣାର ଅନୁସନ୍ଧାନ ବେଳେ ବିଜୟଙ୍କ ସମ୍ପୃକ୍ତି ପ୍ରମାଣିତ ହୋଇଛି। ଥାନାରେ ହାଜର ହୋଇ ତାଙ୍କ ପକ୍ଷ ରଖିବାକୁ ନୋଟିସ ସତ୍ତ୍ୱେ ସେ ଏହାକୁ ଗ୍ରହଣ କରୁନାହାନ୍ତି। ଘଟଣା ପରଠାରୁ ଫେରାର ଅଛନ୍ତି। ୧୫ଦିନ ମଧ୍ୟରେ ତାଙ୍କୁ ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ଦେବା ସହ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଆଧାର କରି ଆଇନ ଅନୁଯାୟୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି।

ପ୍ରକାଶ ଯେ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ପୂର୍ବରୁ ଉମାକାନ୍ତ ପାତ୍ରଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷା ବିଭାଗ ପୁଣି ଥରେ ତାଙ୍କ ଆଦେଶକୁ ରଦ୍ଦ କରି ପାତ୍ରଙ୍କୁ ପୁନଃ ସେଠାରେ ଅବସ୍ଥାପିତ କରିଥିଲେ। ଏହି ସମୟରେ ପରିଚାଳନା କମିଟି ସଭାପତି ଅଧ୍ୟାପକ ବିଜୟ ଭଞ୍ଜଦେଓଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପାତ୍ର ପୁଣି ଥରେ କଲେଜରେ ଅଧ୍ୟକ୍ଷଭାବେ ଯୋଗଦାନ ପରେ ବିବାଦ ହୋଇଥିଲା। ଗତ ୩ତାରିଖ ସକାଳ ସାଢେ ୮ଟାରେ ପରିଚାଳନା ସଭାପତି, ଇତିହାସ ଅଧ୍ୟାପକ ଏବଂ ୪ଜଣ ଯୁବକ ଅଧ୍ୟକ୍ଷଙ୍କ ଚାମ୍ବରରେ ପଶି ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏନେଇ ଉକ୍ତ ଦିନ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରିଥିଲା।

# ସୌରଚନ୍ଦ୍ର ମହାପାତ୍ର ଏଚ୍‌ଆର୍‌ପିସି ରାଷ୍ଟ୍ରୀୟ ଲିଗାଲ ସେଲ୍ ଅଧ୍ୟକ୍ଷ

କଟକ,୨୭।୭(କାର୍ତ୍ତିକ ସାହୁ)



ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ମାନବିକ ଅଧିକାର ସୁରକ୍ଷା ପରିଷଦ (ଏଚ୍‌ଆର୍‌ପିସି)ର ରାଷ୍ଟ୍ରୀୟ ଲିଗାଲ ସେଲ୍ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ଏଚ୍‌ଆର୍‌ପିସିର ସର୍ବଭାରତୀୟ ଉପଦେଷ୍ଟା ତଥା ମଣିପୁର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅନୁମୋଦନକ୍ରମେ ଏଚ୍‌ଆର୍‌ପିସିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଏ.ଏସ୍. ନାଇଡୁ ନିଯୁକ୍ତି ପ୍ରଦାନ କରିଥିବା ମୁଖପାତ୍ର ଆଇନଜୀବୀ ମହମ୍ମଦ ଆରିଫ୍ ଉଦ୍ଦିନ ଖାନ୍ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ମହାପାତ୍ର ଜଣେ ଦକ୍ଷ ଆଇନଜୀବୀ ଭାବେ ରାଜ୍ୟରେ ପରିଚିତ। ତାଙ୍କର ଏହି ନିଯୁକ୍ତିକୁ ନେଇ ଆଇନଜୀବୀ ମହଲରେ ସ୍ୱାଗତ କରାଯାଇଛି।



**ପୁରୀ:** ଶନିବାର ତିନି ରଥରୁ କପଡ଼ା ଓ ଦଧିନଉତି ଖୋଲାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ବିଶ୍ୱଜିତ ପଟ୍ଟନାୟକ ଅଖିଳ ଭାରତୀୟ ମ୍ୟାନେଜମେଣ୍ଟ ଆସୋସିଏଶନର କାଉନ୍‌ସିଲ ସଦସ୍ୟ ନିର୍ବାଚିତ

ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା)

ଭାରତୀୟ ପ୍ରବନ୍ଧନ ସଂସ୍ଥାନ (ଆଇଆଇଏମ୍)ର ପୂର୍ବତନ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ଅଖିଳ ଭାରତୀୟ ମ୍ୟାନେଜମେଣ୍ଟ ଆସୋସିଏଶନର କାଉନ୍‌ସିଲ ଅଫ୍ ମ୍ୟାନେଜମେଣ୍ଟ ବୋର୍ଡର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେ ଏହି ପଦବୀରେ ୨ବର୍ଷ ପାଇଁ କାର୍ଯ୍ୟ କରିବେ। ଏହା ପୂର୍ବରୁ ପ୍ରଫେସର ପଟ୍ଟନାୟକ ଦୁଇଥର ଆମେରିକାର



ଏକ୍ରେଡିଟେଶନ କାଉନ୍‌ସିଲ ଫର୍ ବିଜ୍‌ନେସ୍ ସ୍କୁଲ୍ ଆଣ୍ଡ ପ୍ରୋଗ୍ରାମ୍ସର ଦକ୍ଷିଣ-ପୂର୍ବ ଏସିଆ ମହାଦେଶ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ସେ ଆଇଆଇଏମ୍ ଲକ୍ଷ୍ନୌ ଇନ୍ଦୋର ଏବଂ ମୁମ୍ବାଇରେ ଜଣେ ବରିଷ୍ଠ ମାନବ ସମ୍ବଳ ବିକାଶ ପ୍ରଫେସର ଭାବେ କାର୍ଯ୍ୟ କରିଛନ୍ତି। ସେହିପରି ପ୍ରଫେସର ପଟ୍ଟନାୟକ ଭାରତର ରାଷ୍ଟ୍ରପତିଙ୍କ ମନୋନୀତ ସଦସ୍ୟ ଭାବେ ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରିଚାଳନା ବୋର୍ଡରେ କାର୍ଯ୍ୟ କରିଛନ୍ତି। ସେ ୨୭ ଖଣ୍ଡ ମ୍ୟାନେଜମେଣ୍ଟ ପୁସ୍ତକ ଲେଖିଥିବାବେଳେ ତାଙ୍କର ୧୦୬ ଖଣ୍ଡ ଗବେଷଣାତ୍ମକ ନିବନ୍ଧ ଜାତୀୟ ଓ ଅନ୍ତର୍ଜାତୀୟ ଜର୍ନାଲରେ ପ୍ରକାଶ ପାଇଛି। ଏଥିସହ ପ୍ରଫେସର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଦେୱାଙ୍ଗ ମେହତା ଶ୍ରେଷ୍ଠ ମ୍ୟାନେଜମେଣ୍ଟ ପ୍ରଫେସର ପୁରସ୍କାର ଏବଂ ବିଶ୍ୱ ମାନବ ସମ୍ବଳ କଂଗ୍ରେସ ଦ୍ୱାରା ଜୀବନବ୍ୟାପୀ ସାଧନା ପୁରସ୍କାର ପାଇଛନ୍ତି। ସେହିପରି ଆମେରିକାର ଏକ୍ରେଡିଟେଶନ କାଉନ୍‌ସିଲ ଫର୍ ବିଜ୍‌ନେସ୍ ସ୍କୁଲ୍ ଏଣ୍ଡ୍ ପ୍ରୋଗ୍ରାମ୍ସ ପକ୍ଷରୁ ୨୦୧୬ରେ ଟିଚିଂ ଏକ୍ସିଲେନ୍ସ ଆୱାର୍ଡରେ ସମ୍ମାନିତ କରାଯାଇଛି। ପ୍ରଫେସର ପଟ୍ଟନାୟକ ଆର୍‌ବିଆଇର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବ୍ୟାଙ୍କ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ପଦବୀରୁ ଇସ୍ତଫା ଦେବା ପରେ ଏସିଆନ ସ୍କୁଲ ମ୍ୟାନେଜମେଣ୍ଟ ସ୍କୁଲ ଅଫ୍ ବିଜ୍‌ନେସ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ସ୍ଥାପନ କରିଥିଲେ, ଯାହା ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି।

# ବିଶ୍ୱ ସମସ୍ୟାର ସମାଧାନ କରିବାରେ ସହାୟକ ହେବ ସାଇମୁନ୍




ଅନ୍ତର୍ଜାତୀୟ ସମ୍ମିଳନୀ 'ସାଇମୁନ୍'ର ଉଦ୍‌ଯାପନ ଅବସରରେ ଅତିଥିମାନେ 'ସାଇମୁନ ଟ୍ରିବ୍ୟୁନ୍' ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୭।୭(ଅସମାପିକା ସାହୁ)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଆୟୋଜିତ ପୂର୍ବ ଭାରତର ସର୍ବବୃହତ୍ ମଡେଲ ୟୁନାଇଟେଡ୍ ନେସନ୍ସ(ସାଇମୁନ୍)ର ଦ୍ୱାଦଶତମ ସଂସ୍କରଣ ଶନିବାର ଶେଷ ହୋଇଛି। ଉଦ୍‌ଯାପନୀ ସମାରୋହରେ ମିଳିତ ଜାତିସଂଘ ସୂଚନା କେନ୍ଦ୍ରର ଭାରତ ଏବଂ ଭୁଟାନ ପାଇଁ ଅବସ୍ଥାପିତ ଜାତୀୟ ସୂଚନା ଅଧିକାରୀ ଚନ୍ଦ୍ରମଉଳି ଗୁହା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଯୁବପିଢ଼ିଙ୍କୁ ଏକତ୍ର ହୋଇ ସାମାଜିକ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଏହିଭଳି କାର୍ଯ୍ୟକ୍ରମ ଏକ ଭଲ ମାଧ୍ୟମ। ଆଜିର ସମୟରେ ଭବିଷ୍ୟତର ପିଢ଼ିକୁ ସାହାଯ୍ୟ କରିବା ପାଇଁ ଏହି ପ୍ରକାର କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ, ଯାହା ବିଶ୍ୱର ସମସ୍ତ ସମସ୍ୟାର ସମାଧାନ କରିବାରେ ସହାୟକ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଯୋଗଦେଇ କହିଲେ, ଯୁବପିଢ଼ିଙ୍କ ପାଇଁ ଏହା ଏପରି ଏକ ପ୍ଲାଟ୍‌ଫର୍ମ, ଯାହା ସେମାନଙ୍କୁ ବିଶ୍ୱର ସକଳ ସମସ୍ୟାର ସମାଧାନ କରିବାରେ ସହାୟକ ହେବ। ଯୁବପିଢ଼ିଙ୍କୁ ଉନ୍ନତ ବିଶ୍ୱ ଗଠନ କରିବା ସହ ଉତ୍ତମ ନାଗରିକ, ସୃଜନଶୀଳତା, ଉଦ୍ୟୋଗିତା, ନେତୃତ୍ୱ ନେବା ପାଇଁ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ଦୁଇଦିନ ଧରି ଚାଲିଥିବା 'ସାଇମୁନ୍'ରେ ଭାରତ ସମେତ ବିଶ୍ୱର ୧୭ ଦେଶର ୭୨୦ରୁ ଅଧିକ ଅନ୍ତର୍ଜାତୀୟ ପ୍ରତିନିଧି ସାମିଲ ହୋଇଥିଲେ। କମିଟି ମାଧ୍ୟମରେ ଆଲୋଚନା ପର୍ଯ୍ୟାଲୋଚନା ପରେ ସମସ୍ୟାର ସମାଧାନର ସରଳ ଉପାୟ ପାଇଁ ଏକ ପୁସ୍ତିକା ସାଇମୁନ ଟ୍ରିବ୍ୟୁନ୍ ଉନ୍ମୋଚିତ ହୋଇ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟକୁ ପଠାଯିବ। ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ, ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ, ପ୍ରିନ୍ସିପାଲ ରଶ୍ମି ପାଣ୍ଡେ ଉପସ୍ଥିତ ଥିଲେ।

**ଅନାଥ ଶିଶୁଙ୍କ ସହ ମିଶି ଚାରାରୋପଣ କଲେ ଅନ୍ତର୍ଜାତୀୟ ପ୍ରତିନିଧି**

ଅନ୍ତର୍ଜାତୀୟ ପ୍ରତିନିଧିମାନେ ଖଣ୍ଡଗିରିରେ ଥିବା ଜୀବନଜ୍ୟୋତି ଅନାଥ ଆଶ୍ରମକୁ ଯାଇ ଅନାଥ ଶିଶୁଙ୍କ ସହ ମିଶି ଚାରାରୋପଣ କରିବା ସହ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବ୍ୟବହାର କରିବାର କୌଶଳମାନ ଶିଖାଇଥିଲେ।



ଭୁବନେଶ୍ୱରର ଡୁମୁଡୁମାସ୍ଥିତ ହୋଟେଲ ଆଇଟିସି ୱେଲ୍‌କମ୍‌ରେ ୪ଦିନିଆ ବ୍ରାଣ୍ଡେଡ୍ ସେଲ୍‌ର ଶୁଭାରମ୍ଭ ଶନିବାର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଗ୍ରହୀ ଗ୍ରାହକ ସେମାନଙ୍କ ପସନ୍ଦର ପୋଷାକ କ୍ରୟ କରୁଛନ୍ତି। ଆରମ୍ଭରୁ ପ୍ରବଳ ଭିଡ଼ ହେଉଛି। ଏହି ସେଲ୍ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ବାପି



@ ଜୀବନଜ୍ୟୋତି



@ ଯୁଗଳ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୨୮୭ ପଡ଼ାଗ୍ରାମ ହେବ ରାଜସ୍ୱ ଗ୍ରାମ

ଭୁବନେଶ୍ୱର,୨୭।୭ (ଅନିଲ ଦାସ)

ରାଜ୍ୟର ୨୨୮୭ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିବ। ଏହି ପ୍ରସ୍ତାବ ଜିଲାପାଳଙ୍କ ନିକଟରେ ବିଚାରାଧୀନ ରହିଛି। ଏହି ସମସ୍ତ ପ୍ରସ୍ତାବ ଜିଲାପାଳଙ୍କଠାରୁ ଆସିବା ପରେ ଭୂ-ଅଭିଲେଖ ପରିମାପକ ନିର୍ଦ୍ଦେଶକଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡକୁ ବିଚାରକୁ ନେଇ ରାଜସ୍ୱ ଗ୍ରାମ ଘୋଷଣା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶୁକ୍ରବାର ବିଧାନସଭାରେ ମନ୍ତ୍ରୀ କହିଛନ୍ତି, ଏବେ ସୁଦ୍ଧା ରାଜ୍ୟରେ ବିଭିନ୍ନ ଜିଲାର ୧୦୪୬ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଇଛି। ନୂଆ ରାଜସ୍ୱ ଗ୍ରାମ ଚିହ୍ନଟ ହେବା ପୂର୍ବରୁ ରାଜ୍ୟରେ ମୋଟ ୫୧ ହଜାର ୪୭୭ ରାଜସ୍ୱ ଗ୍ରାମ ଥିଲା। ରାଜ୍ୟରେ ମୋଟ ୫୪୯୬ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ଚିହ୍ନଟ ହୋଇଛି। ସେଥିରୁ ୨୧୬୩ଟି ପ୍ରସ୍ତାବ ନାକଚ ହୋଇଥିବା ବେଳେ ୧୦୪୬ଟି ପ୍ରସ୍ତାବ ମଞ୍ଜୁର କରାଯାଇଛି। ଅବଶିଷ୍ଟ ୨୨୮୭ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବାକୁ ପ୍ରସ୍ତାବ ବିଚାରାଧୀନ ରହିଛି। ୧୦୪୬ ପ୍ରସ୍ତାବ ମଧ୍ୟରୁ ଏପର୍ଯ୍ୟନ୍ତ ୩୦୭ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବାକୁ ଭୂ-ଲେଖରେ ପଞ୍ଜୀକୃତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ସୁପର ବିଳାସପୂର୍ଣ୍ଣ ଘରର ଚାହିଦା ବଢୁଛି

ନୂଆଦିଲ୍ଲୀ,୨୭।୭



କ୍ରମାଗତ ଭାବେ ଭାରତରେ ବିଳାସପୂର୍ଣ୍ଣ ରିଅଲ ଇଷ୍ଟେଟର ସଂଖ୍ୟା ବଢୁଥିବାବେଳେ ସୁପର ବିଳାସପୂର୍ଣ୍ଣ ଘରଗୁଡ଼ିକର ଚାହିଦା ମଧ୍ୟ ଅସାଧାରଣ ବୃଦ୍ଧି ଘଟିଛି। ଏପରିକି ଧନିକ ଶ୍ରେଣୀର କ୍ରେତାମାନେ ସଫଳତା ଓ ଆକାଂକ୍ଷାକୁ ପ୍ରତିଫଳିତ କରୁଥିବା ସମ୍ପତ୍ତି ପ୍ରତି ଆକର୍ଷିତ ହେଉଛନ୍ତି। ବିଶେଷକରି ଆମେ ଯଦି କୋଲକାତା ବଜାର ସମ୍ପର୍କରେ କଥା ହେବା ତେବେ ଜାଣିବାକୁ ପାଇବା ଯେ ଫୋରମ ଆଟ୍‌ମୋସ୍ଫିୟର ଓ ଚୌରଙ୍ଗୀ ରୋଡ୍‌ଠାରେ ଥିବା ୪୨ ନଂ. ଭଳି ପ୍ରକଳ୍ପ ଗତ ଦଶନ୍ଧିରେ ସୁପର ବିଳାସପୂର୍ଣ୍ଣ ଜୀବନଯାପନ ଲାଗି ସହରର ପ୍ରମୁଖ ହବ୍‌ରେ ପରିଣତ ହୋଇଛି। ଏପରିକି ଏହି ବିକାଶ ଗୁଡ଼ିକ ବିଶ୍ୱର ପ୍ରଥମ ଆବାସିକ ଭାସମାନ ଓ ସହରର ଉଚ୍ଚତମ ଆବାସିକ ଟାୱାର ପରି ଉଲ୍ଲେଖନୀୟ ବୈଶିଷ୍ଟ୍ୟ ସହ ଜୀବନଶୈଳୀକୁ ମଧ୍ୟ ନୂଆ ରୂପ ଦେଉଛି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ କୋଲକାତାଠାରେ ୧.୫କୋଟିରୁ ଅଧିକ ମୂଲ୍ୟର ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟର ବିକ୍ରି ଦ୍ୱିଗୁଣିତ ହୋଇଛି। ସେହିଭଳି ୨୦୧୯ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୧୫୦ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ବିକ୍ରିକରି କୋଲକାତାଠାରେ ପ୍ରିମିୟମ ଡେଭଲପରମାନେ ଚଳିତ ବର୍ଷରେ ୩୮୦ ୟୁନିଟ୍‌ରୁ ୧୫୩% ଅଭିବୃଦ୍ଧି ହାସଲ କରିଛନ୍ତି। ଗଲ୍‌ଫ କୋର୍ସ ରୋଡ୍‌ଠାରେ ଥିବା ଗୁରୁଗ୍ରାମର କ୍ୟାମେଲିଆରେ ୧୧୦୦୦ ବର୍ଗଫୁଟ ବିଶିଷ୍ଟ ଏକ ଅତ୍ୟାଧୁନିକ ବିଳାସପୂର୍ଣ୍ଣ ଫ୍ଲାଟ୍ ୧୧୪ କୋଟିରେ ବିକ୍ରିହୋଇ ଗତ କିଛି କ୍ୱାର୍ଟରରେ ଏହିପରି କାରବାର ମଧ୍ୟରୁ ଗୋଟିଏକୁ ଦର୍ଶାଇଥିଲା। ୧ମାସ ଭିତରେ ଭାରତର ସର୍ବବୃହତ୍ ତାଲିକାଭୁକ୍ତ ରିଏଲ ଇଷ୍ଟେଟ ଡେଭଲପର ଡିଏଲ୍‌ଏଫ୍ ଦ୍ରୁତ ବିକଶିତ ହୋଇଛି ଓ ଏହା କ୍ୟାମେଲିଆରେ ୯୫ କୋଟିର ଏକ ବାସସ୍ଥାନ ଆଣିଥିଲା ଯାହା ଉବେର ଲକ୍‌ଜୁରି ହୋମ୍ ଭାବେ ପରିଚିତ।

ବିଳାସପୂର୍ଣ୍ଣ ଓ ସୁପର ବିଳାସପୂର୍ଣ୍ଣ ଘରଗୁଡ଼ିକର ଏହି ଚାହିଦାକୁ ଦୃଷ୍ଟିଦେଇ ଡିଏଲ୍‌ଏଫ୍ ଗୋଆ ଓ ଗୁରୁଗ୍ରାମଠାରେ ସୁପର ବିଳାସପୂର୍ଣ୍ଣ ପ୍ରକଳ୍ପ ଆରମ୍ଭ କରିବ ବୋଲି ଘୋଷଣା କରିଛି। ଗୋଆରେ ଏହା ୫୦ କୋଟି ଓ ଅଧିକ ମୂଲ୍ୟରେ ପ୍ରକଳ୍ପ ଲଞ୍ଚ କରିବ।

କିନ୍ତୁ ଏହି ବୃଦ୍ଧି ଗୁରୁଗ୍ରାମଠାରୁ ବିସ୍ତାର ହୋଇଛି, ଯେପରି ମୁମ୍ବାଇରେ ଦେଖାଯାଇଛି ଯେ ଅଗ୍ରଣୀ ଫ୍ୟାଶନ ଡିଜାଇନର ଭ୍ରାଟିକା ଗୁପ୍ତା ୧୧୬.୪୨କୋଟି ଟଙ୍କା ମୂଲ୍ୟରେ ଥ୍ରୀ ସିକ୍ସଟି ୱେଷ୍ଟ ଟାୱାରରେ ସମୁଦ୍ର ଦୃଶ୍ୟ ବିଳାସପୂର୍ଣ୍ଣ ଘର ହାସଲ କରିବା ସହ ହେଡ୍‌ଲାଇନ ପ୍ରସ୍ତୁତ କରିଥିଲେ।

ଏହି ସୁପର ବିଳାସପୂର୍ଣ୍ଣ ଘରଗୁଡ଼ିକ ଗୁରୁଗ୍ରାମର ଡିଏଲ୍‌ଏଫ୍ ଗଲ୍ଫ ଲିଙ୍କ୍ ମଧ୍ୟରେ ଅବସ୍ଥିତ ରହିଛି। କ୍ୟାମେଲିଆସ୍ ପ୍ରାୟ ୧୦ରୁ୧୫ ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ଏବଂ ୪୨୯ ଅଭିଜାତ ପରିବାରର ଘର । ବିଳାସପୂର୍ଣ୍ଣ ସ୍ଥାନରେ ଏହି ପ୍ରକଳ୍ପକୁ ଏକ ହେଡ୍ ଟର୍ନର ଭାବେ ପରିଣତ କରିଛି। ଏହାର ୧୬୦,୦୦୦ ବର୍ଗଫୁଟର ବୃହତ୍ କ୍ଲବ୍ ହାଉସ, ଯାହା ଏହାକୁ ବିଶ୍ୱର ବୃହତମ ଘରୋଇ ଆବାସିକ କ୍ଲବ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି।

# ବଜାରରେ ଏଲ୍‌ଜିର ନୂତନ ଉତ୍ପାଦ




ଭୁବନେଶ୍ୱର,୨୭।୭

ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଉତ୍ପାଦ 'ଓଏଲ୍‌ଇଡି ଟିଭି'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏପରିକି ଏଲ୍‌ଜି ନୂଆ ଏନ୍‌ପିଆଇ ସିରିଜ ଅଧୀନରେ ଏହି ଟିଭି ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଟେକ୍ନୋଲୋଜି ସାମିଲ ରହିଛି। ଏହି ପରିପ୍ରେକ୍ଷୀରେ ଏଲ୍‌ଜିର ସ୍ୱୀକୃତିପ୍ରାପ୍ତ ଆଉଟ୍‌ଲେଟ୍ ତଥା ରିଟେଲ ପଏଣ୍ଟ ଭୁବନେଶ୍ୱରର ବାପୁଜୀନଗରସ୍ଥିତ ରାଜ୍ ଇଲେକ୍ଟ୍ରୋନିକ୍ସ ପରିସରରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏଲ୍‌ଜି ଓଡ଼ିଶାର ବିଏମ୍ ସନ୍ଦୀପ ପାତ୍ରୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଜି ଓଡ଼ିଶାର ମାର୍କେଟିଂ ମ୍ୟାନେଜର ଦେବଦୀପ ଚକି, ଏରିଆ ମ୍ୟାନେଜର ଦେବେନ୍ଦ୍ରନାଥ ପରିଡ଼ା, ଏମ୍‌ସି ଶୋଭନ ଜଗଦୀଶ ଜେନାଙ୍କ ସମେତ ରାଜ୍ ଇଲେକ୍ଟ୍ରୋନିକ୍ସ ସ୍ୱତ୍ୱାଧିକାରୀ ପ୍ରକାଶ ଚନ୍ଦ୍ର ବିଶ୍ୱାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଏଲ୍‌ଜି ଓଏଲ୍‌ଇଡି ଇଭିଓ ଏଆଇ ଆଣ୍ଡ ଏଲ୍‌ଜି କ୍ୟୁଏନ୍‌ଇଡି ଏଆଇ ଟିଭି ସମେତ ଏଲ୍‌ଜି ଓଏଲ୍‌ଇଡି୯୭ଜି୪ର ବିଭିନ୍ନ ସାଇଜ ଓ ରେଞ୍ଜର ଟିଭି ବଜାରରେ ଉପଲବ୍ଧ।

# ବଢ଼ିପାରେ ଚିନି ଏମ୍‌ଏସ୍‌ପି

ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା)

ଆସନ୍ତା କିଛିଦିନ ମଧ୍ୟରେ ଚିନିର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି ଉପରେ ସରକାର ନିଷ୍ପତ୍ତି ନେଇପାରନ୍ତି। କେନ୍ଦ୍ର ଖାଦ୍ୟ ସଚିବ ସଞ୍ଜୀବ ଚୋପ୍ରା ଏନେଇ ସୂଚନା ଦେଇଛନ୍ତି। ଅଲ ଇଣ୍ଡିଆ ସୁଗାର ଟ୍ରେଡ୍ ଆସୋସିଏଶନ (ଏଆଇଏସ୍‌ଟିଏ)ର ଏକ ସମ୍ମିଳନୀରେ ସେ କହିଛନ୍ତି,ଏମ୍‌ଏସ୍‌ପି ପ୍ରସ୍ତାବ ଉପରେ ଆଲୋଚନା କରାଯାଉଥିବାବେଳେ ଆଗାମୀ ଦିନରେ ଏ ଦିଗରେ ନିଷ୍ପତ୍ତି ନିଆଯାଇପାରେ । ଆଖୁଚାଷୀଙ୍କୁ ଦିଆଯାଉଥିବା ଉଚିତ ଏବଂ ଲାଭକାରୀ ମୂଲ୍ୟ (ଏଫ୍‌ଆର୍‌ପି)ର ବାର୍ଷିକ ବୃଦ୍ଧି ସତ୍ତ୍ୱେ ୨୦୧୯ ପରଠାରୁ ଚିନିର ଏମ୍‌ଏସ୍‌ପି କିଲୋଗ୍ରାମ ପ୍ରତି ୩୧ ଟଙ୍କା ରହିଆସିଛି। ନ୍ୟାଶନାଲ ଫେଡେରେଶନ ଅଫ୍ କୋଅପରେଟିଭ ଚିନି କାରଖାନା (ଏନ୍‌ଏଫ୍‌ସିଓଏଫ୍) ସମେତ ଶିଳ୍ପସଂସ୍ଥାଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବଢୁଥିବାବେଳେ ମିଲ୍‌ଗୁଡ଼ିକର କାର୍ଯ୍ୟ ପରିଚାଳନା କରିବାରେ ସହାୟତା କରିବାକୁ ଏମ୍‌ଏସ୍‌ପି କିଲୋଗ୍ରାମ ପ୍ରତି ଅତି କମ୍‌ରେ ୪୨ ଟଙ୍କା ବୃଦ୍ଧି କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି।

ଚୋପ୍ରା କହିଛନ୍ତି, ୨୦୨୪–୨୫ ଆର୍ଥିକ ବର୍ଷର ଅକ୍ଟୋବର–ସେପ୍ଟେମ୍ବର ପାଇଁ ଚିନି ଉତ୍ପାଦନ ଆଶାଜନକ ହୋଇପାରେ। ବର୍ତ୍ତମାନ ସୁଦ୍ଧା ୫୮ ଲକ୍ଷ ହେକ୍ଟର ଜମିରେ ଆଖୁ ଲଗାଯାଇଛି, ଯାହା ଗତ ବର୍ଷ ସମାନ ଅବଧିରେ ୫୭ ଲକ୍ଷ ହେକ୍ଟର ରହିଥିଲା। ୨୦୨୩–୨୪ରେ ଚିନି ଉତ୍ପାଦନ ୩୨ ମିଲିୟନ ଟନ ହୋଇଥିବା ଆକଳନ କରାଯାଇଥିଲା, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୩୨.୮ ନିୟୁତ ଟନ ତୁଳନାରେ କମିଛି। ମାତ୍ର ଘରୋଇ ଚାହିଦା ପୂରଣ ପାଇଁ ୨୭ ନିୟୁତ ଟନ ଯଥେଷ୍ଟ। ଏହା ପୂର୍ବରୁ ଖାଦ୍ୟ ସଚିବ କହିଛନ୍ତି , ବିଭିନ୍ନ ଉତ୍ପାଦରୁ ଇଥାନଲ ତିଆରି ପାଇଁ ଜଳ ଆବଶ୍ୟକତାକୁ ଆକଳନ କରିବା ପାଇଁ କୃଷି ମନ୍ତ୍ରଣାଳୟ ଅନୁସନ୍ଧାନ କରୁଛି। ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ମକା ଏବଂ ଚାଉଳ ତୁଳନାରେ ଆଖୁରୁ ଇଥାନଲ ଉତ୍ପାଦନ ପାଇଁ କମ୍ ଜଳ ଆବଶ୍ୟକ ।

# ନାଲ୍‌କୋ ପରିଦର୍ଶନରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସତୀଶ

ଭୁବନେଶ୍ୱର,୨୭।୭




ପ୍ରଥମଥର ପାଇଁ କେନ୍ଦ୍ର କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଶନିବାର ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ)ର ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ସମସ୍ତ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ବୃକ୍ଷରୋପଣ ନିମନ୍ତେ ଏକ ସ୍ୱତନ୍ତ୍ର ଅଭିଯାନ 'ପେଡ୍ ମାଁ କେ ନାମ୍'କୁ ସଫଳ କରିବା ନିମନ୍ତେ ସେ ଏକ ଚାରା ରୋପଣ କରିବା ସହ ନାଲ୍‌କୋର ବରିଷ୍ଠ ଅଧିକାରୀମାନଙ୍କ ସହ କମ୍ପାନୀ ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏଥିସହ ମନ୍ତ୍ରୀ ଅନୁଗୋଳସ୍ଥିତ ନାଲ୍‌କୋ ସ୍ମେଲ୍‌ଟର ପ୍ଲାଣ୍ଟ ଏବଂ ପାୱାର ପ୍ଲାଣ୍ଟ ପରିଦର୍ଶନକରି ଉତ୍ପାଦନ ଓ ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟକଳାପ ଉପରେ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ନାଲ୍‌କୋ ସିଏମ୍‌ଡିଙ୍କ ସହ କମ୍ପାନୀର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ। ନାଲ୍‌କୋର କାର୍ଯ୍ୟଦକ୍ଷତା ସହ ନାଲ୍‌କୋ କର୍ମଚାରୀଙ୍କ ଉତ୍ସର୍ଗୀକୃତ ମନୋଭାବ, କଠିନ ପରିଶ୍ରମ ଏବଂ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ।

# ବୈଲୋଚନ ଏଆଇବିଓସିର ରାଜ୍ୟ ସଭାପତି

ଭୁବନେଶ୍ୱର,୨୭।୭

ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ (ଏଆଇବିଓସି) ରାଜ୍ୟ କାର୍ଯ୍ୟକାରୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଭୁବନେଶ୍ୱରର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ପ୍ରଧାନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଆଗାମୀ ୩ବର୍ଷ ପାଇଁ ଏଆଇବିଓସିର ରାଜ୍ୟ ସଭାପତି, ସମ୍ପାଦକ ଏବଂ ଅନ୍ୟାନ୍ୟ ସଦସ୍ୟଙ୍କୁ ନିର୍ବାଚିତ କରାଯାଇଛି। ବିଶେଷକରି ପିଏନ୍‌ବିର ବୈଲୋଚନ ସାହୁ ଏଆଇବିଓସିର ରାଜ୍ୟ ସଭାପତି ରୂପେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏଆଇପିଏନ୍‌ବିଓଏ ପାଇଁ ଏହା ଏକ ବଡ ସଫଳତା ଓ ଗର୍ବର ମୁହୂର୍ତ୍ତ ବୋଲି ପିଏନ୍‌ବି ଅଫିସର୍ସ ଆସୋସିଏସନ ପକ୍ଷରୁ ପ୍ରକାଶ କରାଯାଇଛି। ସେହିପରି ଏସ୍‌ବିଆଇର ଅମିତାଭ ଦାସ ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ବ୍ୟାଙ୍କ ଅଫ୍ ଇଣ୍ଡିଆର କମଲଜିତ ମହାପାତ୍ର, କାନାରା ବ୍ୟାଙ୍କର ପି.କେ. ମହାନ୍ତି, ୟୁନିୟନ ବ୍ୟାଙ୍କର ଗୌରୀ ଏସ୍ ଚୌଧୁରୀ, ଇଣ୍ଡିଆନ୍ ବ୍ୟାଙ୍କର ସମ୍ବିତ ପଟ୍ଟନାୟକ, ଆଇଓବିର ସଞ୍ଜିତ ପଟ୍ଟନାୟକ, ୟୁକୋ ବ୍ୟାଙ୍କର ସୁକାନ୍ତ ଛାଟୋଇ, ଫେଡେରାଲ ବ୍ୟାଙ୍କର ସୌମେନ୍ଦ୍ର ଦଳାଇ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ବିରଜା କରଙ୍କ ସମେତ କାର୍ଯ୍ୟକାରୀ କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ରାଜ୍ୟ ସାଧାରଣ ସମ୍ପାଦକ ଅରୁଣ କୁମାର ଏହି ବୈଠକ ପରିଚାଳନା ସହ ନିର୍ବାଚନକୁ ମଧ୍ୟ ସୁଚାରୁ ରୂପେ ପାଳନ କରିଥିଲେ।

# ଓଡ଼ିଶା ବଜାରରେ ରୟାଲ ଏନଫିଲ୍ଡ ଅଲ୍ ନ୍ୟୁ ଗରିଲା ୪୫୦ର ଅନାବରଣ ଉତ୍ସବ




ରୟାଲ ଏନ୍‌ଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ଅନ୍‌ମୋଲ ମୋଟର୍ସ କଟକ ଆନୁକୂଲ୍ୟରେ ବ୍ରାଣ୍ଡର ଅଲ୍ ନ୍ୟୁ ଗରିଲା ୪୫୦ମଡେଲର ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ଅବସରରେ ରୟାଲ ଏନ୍‌ଫିଲ୍ଡର ଡିଲର ପ୍ରିନ୍ସିପାଲ ଯଶବୀର ସିଂହଙ୍କ ସମେତ ମ୍ୟାନେଜର ବିବେକାନନ୍ଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରାଇଛନ୍ତି।




ରୟାଲ ଏନ୍‌ଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ଗୁଗ୍‌ନାନି ଅଟୋ ମଞ୍ଚେଶ୍ୱର ଭୁବନେଶ୍ୱର ଆନୁକୂଲ୍ୟରେ ବ୍ରାଣ୍ଡର ଅଲ୍ ନ୍ୟୁ ଗରିଲା ୪୫୦ ମଡେଲର ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ଅବସରରେ ରୟାଲ ଏନ୍‌ଫିଲ୍ଡର ଏଏସ୍‌ଏମ୍ ପ୍ରତୀକ କୁମାର, ସେଲ୍‌ସ ମ୍ୟାନେଜର ପି. କେ. ପ୍ରଧାନ ଏବଂ ବିସି ବିଶ୍ୱେଶ୍ୱର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରାଇଛନ୍ତି।




ରୟାଲ ଏନଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ତୃପ୍ତି ଅଟୋୱାର୍ଲର୍ଡ ଭୁବନେଶ୍ୱର ଆନୁକୂଲ୍ୟରେ ବ୍ରାଣ୍ଡର ଅଲ ନ୍ୟୁ ଗରିଲା ୪୫୦ ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ଅବସରରେ ରୟାଲ ଏନଫିଲ୍ଡର ଡିଲର ପ୍ରିନ୍ସିପାଲ ରୁଦ୍ର ସାମନ୍ତରାୟଙ୍କ ସମେତ ରୟାଲ ଏନଫିଲ୍ଡର ଏଏମ୍ ସୁମନ୍ତ ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ କରାଇଛନ୍ତି।



ରୟାଲ ଏନ୍‌ଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ଖିମ୍‌ଜୀ ଅଟୋମୋବାଇଲ୍ସ କଟକ ଫୁଲନଖରା ଆନୁକୂଲ୍ୟରେ ବ୍ରାଣ୍ଡର ପ୍ରିମିୟମ ମଡେଲ ତଥା ଅଲ୍ ନ୍ୟୁ ଗରିଲା ୪୫୦ର ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ଅବସରରେ ରୟାଲ ଏନ୍‌ଫିଲ୍ଡର ଏଏସ୍‌ଏମ୍ ସ୍ୱଦେଶ, ଚନ୍ଦନଙ୍କ ସମେତ ରୋମିଲା ମଜୁମ୍‌ଦାର ଖିମ୍‌ଜୀ ଅଟୋମୋବାଇଲ୍ସର ବିଏଚ୍, ଜିଏମ୍ ଷ୍ଟାଲିନ ରାଉଳ, ସେଲ୍‌ସ ମ୍ୟାନେଜର ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଛନ୍ତି।




ରୟାଲ ଏନ୍‌ଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ଗୁଗ୍‌ନାନି ଅଟୋ ପଟିଆ ଭୁବନେଶ୍ୱର ଆନୁକୂଲ୍ୟରେ ବ୍ରାଣ୍ଡର ଅଲ୍ ନ୍ୟୁ ଗରିଲା ୪୫୦ ମଡେଲର ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ଅବସରରେ ରୟାଲ ଏନ୍‌ଫିଲ୍ଡର ଡିଲର ପ୍ରିନ୍ସିପାଲ ରାଜଶ ଗୁଗ୍‌ନାନିଙ୍କ ସମେତ ରୟାଲ ଏନ୍‌ଫିଲ୍ଡର ସାଜିଦ ଖାଁ, ନରେନ୍ଦ୍ର ଶ, ସୁଜିତ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରାଇଛନ୍ତି।




ରୟାଲ ଏନ୍‌ଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ଜୟବାବା ଅଟୋ ଲୁଇସ୍‌ରୋଡ୍ ଭୁବନେଶ୍ୱର ଆନୁକୂଲ୍ୟରେ ବ୍ରାଣ୍ଡର ଅଲ୍ ନ୍ୟୁ ଗରିଲା ୪୫୦ ମଡେଲର ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ଅବସରରେ ଜୟବାବା ଅଟୋ ଏମ୍‌ଡି ମାଧବ ଲୋଧା ଓ ଅନ୍ୟମାନେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ କରାଇଛନ୍ତି।

## ଓଡ଼ିଶାରୁ ୨ ବିଏସ୍‌ଏଫ୍ ବାଟାଲିୟନକୁ ଜମ୍ମୁ ନିଆଗଲା

ନୂଆଦିଲ୍ଲୀ, ୨୭।୭: ଓଡ଼ିଶାରେ ମାଓବାଦୀ ଦମନ ଅଭିଯାନରେ ସାମିଲ ଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ୨ ବାଟାଲିୟନକୁ ଜମ୍ମୁ-ଶ୍ରୀନଗର ସୀମା ସାମ୍ବା ସେକ୍ଟରକୁ ନିଆଯାଇଛି। ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ ଓ ଆତଙ୍କବାଦୀ ଆକ୍ରମଣ ବଢ଼ୁଥିବାରୁ ଏହାକୁ ରୋକିବା ଲାଗି ଓଡ଼ିଶାରୁ ୨,୦୦୦ରୁ ଊର୍ଦ୍ଧ୍ୱ ବିଏସ୍‌ଏଫ୍ ଯବାନଙ୍କୁ ସେଠାକୁ ନିଆଯାଇଛି। ଦିଲ୍ଲୀ ଏବଂ ଜମ୍ମୁରେ ଉଚ୍ଚପଦସ୍ଥ ସୁରକ୍ଷା ଅଧିକାରୀମାନଙ୍କ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା



ନାମ: ................................
ବୟସ:................................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ଘରେ ମୁଁ ରହିବି ନାହିଁ
ଖଣ୍ଡିଆ ପଥୁରି ଧୋଇବି ନାହିଁ
ତାଟିକିଲା ମାଡ଼ ସହିବି ନାହିଁ।**

ଯେଉଁଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ, ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟିଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏ ଦଶାରୁ ସେ ଦଶା ବଳେ
ଦଦରା ହାଣ୍ଡିରୁ ପେଯ ନ ଗଳେ।**

ସମସ୍ୟାବହୁଳ ଦୁଃଖର ଜୀବନ। ଅର୍ଥାଭାବରୁ ଦୁରବସ୍ଥା କଥା ନ କହିଲେ ନ ଚଳେ। ଅଭାବଗ୍ରସ୍ତ ବ୍ୟକ୍ତି ଚିରା ଲୁଗାପଟା, ଭଙ୍ଗା ହାଣ୍ଡିକୁଣ୍ଡେଇରେ ଜୀବନ ବିତାଇବା ଛଡ଼ା ଆଉ କିଛି ଚାରା ନାହିଁ। ନାନା ଅସୁବିଧାରେ ଜୀବନ ବିତାଇବା ବଡ଼ କଷ୍ଟଦାୟକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କୋଚିଂ ସେଣ୍ଟରରେ ବନ୍ୟାପାଣି: ୨ ଛାତ୍ରୀ ମୃତ

**ନୂଆଦିଲ୍ଲୀ, ୨୭।୭**

ପଶ୍ଚିମ ଦିଲ୍ଲୀର ଏକ ଲୋକପ୍ରିୟ ଆଇଏଏସ୍ କୋଚିଂ ସେଣ୍ଟରର ଭୂତଳ ମହଲାରେ ଶନିବାର ସନ୍ଧ୍ୟାରେ ହଠାତ ବନ୍ୟାପାଣି ପଶିଯିବାରୁ ୨ ଛାତ୍ରୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ପାଣି ଭିତରେ ଫସିରହିଛନ୍ତି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବିଭାଗର ୫ଟି ଦମକଳ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ସାମିଲ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରାଜେନ୍ଦ୍ରନଗରରେ ଥିବା ରାଉସ୍ ଆଇଏଏସ୍ ଷ୍ଟଡି ସର୍କଲର ଭୂତଳ ମହଲା ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇଯାଇଥିବା ଭିଡିଓରୁ ଦେଖିବାକୁ ମିଳିଛି। ସେଠାରେ ୩୦ ଜଣ ପିଲା ରହୁଥିଲେ। ପ୍ରବଳ ବର୍ଷା ଯୋଗୁ କୋଚିଂ ସେଣ୍ଟରର ଭୂତଳ ଘର ସମ୍ପୂର୍ଣ୍ଣ ବୁଡ଼ିଯାଇଥିବା ଦିଲ୍ଲୀ ପୂର୍ତ୍ତମନ୍ତ୍ରୀ ଆତିଶୀ କହିଛନ୍ତି। ଘଟଣା ସ୍ଥଳରେ ଆମ୍ ଆଦ୍‌ମୀ ପାର୍ଟି ବିଧାୟକ ଦୁର୍ଗେଶ ପାଠକ ଏବଂ ମେୟର ପହଞ୍ଚିଛନ୍ତି। ଏହି ଦୁର୍ଘଟଣା ପାଇଁ ଭାଜପା ଦିଲ୍ଲୀ ସଭାପତି ରାଜେଶ ଭାଟିଆ ଆପ୍ ସରକାରଙ୍କୁ ଦାୟୀ କରିଛନ୍ତି।



# ବିସ୍ଥାପିତଙ୍କ ଆଶ୍ରୟସ୍ଥଳୀରେ ଇସ୍ରାଏଲର ଆକ୍ରମଣ, ୩୦ ମୃତ

**ଗାଜା, ୨୭।୭**

ମଧ୍ୟ ଗାଜାର ଦିର-ଅଲ୍ ବଲାହସ୍ଥିତ ଖଦୀଜା ସ୍କୁଲରେ ଶନିବାର ଇସ୍ରାଏଲୀ ସେନା ମିଶାଇଲ ମାଡ଼ କରିବାରୁ ୩୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୫ ଶିଶୁ ଓ ୮ ମହିଳା ଥିବା ପାଲେଷ୍ଟିନୀୟ ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଉକ୍ତ ସ୍କୁଲରେ ଅନେକ ହଜାର ପାଲେଷ୍ଟିନୀୟ ବିସ୍ଥାପିତ ଆଶ୍ରୟ ନେଉଥିଲେ। ଆହତ ବ୍ୟକ୍ତିମାନଙ୍କୁ ସ୍ଥାନୀୟ ଅଲ୍-ଅକ୍‌ସା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ଓ ମହିଳା ଥିବା ଅଲ୍-ଅକ୍‌ସା ହସ୍ପିଟାଲ ମୁଖପାତ୍ର ଡକ୍ଟର ଖଲିଲ ଅଲ୍ ଡକ୍‌ରାନ କହିଛନ୍ତି। ତେବେ ଘଟଣାକୁ ନେଇ ଇସ୍ରାଏଲୀ ସେନା ସ୍ପଷ୍ଟୀକରଣ ରଖିଛି। ଉକ୍ତ ସ୍କୁଲ ପରିସର ମଧ୍ୟରେ ଥିବା ହମାସର କମାଣ୍ଡ ସେଣ୍ଟରକୁ ଲକ୍ଷ୍ୟ କରି ମିଶାଇଲ ମାଡ଼ କରାଯାଇଥିବା ଇସାଏଲୀ ସେନା କହିଛି। ସେହିପରି ଉକ୍ତ ସ୍କୁଲରେ ହମାସ୍ ଅନେକ ଅସ୍ତ୍ରଶସ୍ତ୍ର ଲୁଚାଇବା ସହ ବିଭିନ୍ନ ଆତଙ୍କବାଦୀ ଗତିବିଧି ଚଳାଉଥିବା ଇସ୍ରାଏଲୀ ସେନା ଦାବି କରିଛି।

# ଗାର୍ବେଜ୍ ବ୍ୟାଗ୍‌ରେ ନିଜ ଆବର୍ଜନା ଫେରାଇ ନେବେ ପର୍ଯ୍ୟଟକ

**ନୂଆଦିଲ୍ଲୀ, ୨୭।୭**

**ଉତ୍ତରାଖଣ୍ଡ, ହିମାଚଳରେ ବାଧ୍ୟତାମୂଳକ**

ସ୍ୱଚ୍ଛତା ରକ୍ଷା ଉଦ୍ୟମ ସ୍ୱରୂପ ଉତ୍ତରାଖଣ୍ଡ ସରକାର ସେଠାକୁ ଯାଉଥିବା ପର୍ଯ୍ୟଟକମାନଙ୍କ ପାଇଁ ସାଙ୍ଗରେ ଗାର୍ବେଜ୍ ବ୍ୟାଗ୍ ନେବାକୁ ବାଧ୍ୟତାମୂଳକ କରିଛନ୍ତି। ଏହି ହିମାଳୟ ରାଜ୍ୟକୁ ପ୍ରବେଶ କରୁଥିବା ପର୍ଯ୍ୟଟକ ଗାଡ଼ିରେ ଗାର୍ବେଜ୍ ବ୍ୟାଗ୍ କିମ୍ବା ଡଷ୍ଟବିନ୍ ରହିବା ବାଧ୍ୟତାମୂଳକ ବୋଲି ଦନିର୍ଦ୍ଦେଶନାମା ଜାରି ହୋଇଛି। ପ୍ରବେଶପଥଗୁଡ଼ିକରେ ନିୟମିତ ଯାଞ୍ଚ କରିବାକୁ ପରିବହନ ବିଭାଗ ନିର୍ଦ୍ଦେଶ ଦେଇଛି। ଏନେଇ ଉତ୍ତରପ୍ରଦେଶ, ଦିଲ୍ଲୀ, ହରିୟାଣା, ହିମାଚଳପ୍ରଦେଶ, ପଞ୍ଜାବ, ଚଣ୍ଡିଗଡ଼,ରାଜସ୍ଥାନ, ମଧ୍ୟପ୍ରଦେଶ ପରିବହନ କମିଶନରଙ୍କୁ ରାଜ୍ୟ ପରିବହନ ବିଭାଗ ଜଣାଇଦେଇଛି। ସେହିପରି ହିମାଚଳପ୍ରଦେଶ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଅନୁରୂପ ପ୍ରସ୍ତାବ ଦେଇଛନ୍ତି। ସ୍ୱଚ୍ଛତା ବଜାୟ ରଖିବା ପାଇଁ ହିମାଚଳପ୍ରଦେଶ ଆସୁଥିବା ପର୍ଯ୍ୟଟକମାନେ ସାଙ୍ଗରେ ଅଳିଆ ବ୍ୟାଗ୍ ଆଣିବାକୁ ବାଧ୍ୟତାମୂଳକ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି।

# ବିବାହିତ ଲିଭ୍-ଇନ୍‌ରେ ରହିଲେ ବହୁବିବାହ ବଢ଼ିବ: ହାଇକୋର୍ଟ

**ଚଣ୍ଡିଗଡ଼,୨୭।୭(ପି.ଟି.)**

ଯୋଡ଼ିଙ୍କ ସହ ଲିଭ୍-ଇନ୍ ରିଲେଶନଶିପ୍‌ରେ ରହିବାକୁ ଚାହୁଁଥିବା ବିବାହିତଙ୍କୁ ସୁରକ୍ଷା ଦେବା ଦୋଷୀମାନଙ୍କୁ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ଦେଶରେ ବହୁବିବାହ ପ୍ରଥା ବଢ଼ିବ ବୋଲି ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ନିଜ ମାତାପିତାଙ୍କ ଘରୁ ପଳାଇଯାଉଥିବା ଏଭଳି ଦମ୍ପତି କେବଳ ସେମାନଙ୍କ ପରିବାରର ବଦନାମ କରି ନ ଥାନ୍ତି, ସେମାନଙ୍କ ମାଆବାପାଙ୍କ ମର୍ଯ୍ୟାଦା ଓ ସମ୍ମାନର ସହ ବଞ୍ଚିବା ଅଧିକାରର ମଧ୍ୟ ଉଲ୍ଲଂଘନ କରିଥାନ୍ତି ବୋଲି ଜଷ୍ଟିସ୍ ସନ୍ଦିପ୍ ମୌଦଗିଲ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ପରିବାରରୁ ବିପଦ ଥିବା ଅଭିଯୋଗ କରି ଜଣେ ୪୦ ବର୍ଷୀୟ ମହିଳା ଓ ୪୪ ବର୍ଷୀୟ ପୁରୁଷ ସୁରକ୍ଷା ପାଇଁ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ଉଭୟ ବିବାହିତ ଏବଂ ସେମାନଙ୍କର ପିଲା ଥିବା ସତ୍ତ୍ୱେ ସେମାନେ ଲିଭ୍-ଇନ୍‌ରେ ରହୁଥିଲେ। ମହିଳା ଜଣକ ତାଙ୍କ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଥିଲେ। କୋର୍ଟ କହିଛନ୍ତି, ଉଭୟ ଆବେଦନକାରୀ ବିବାହିତ ହୋଇଥିବାରୁ ଲିଭ୍-ଇନ୍‌ରେ ରହିପାରିବେ ନାହିଁ ବୋଲି ପୂର୍ବରୁ ଅବଗତ ଥିଲେ। ପୁରୁଷ ଜଣକ ତାଙ୍କ ପୂର୍ବ ସ୍ତ୍ରୀଙ୍କଠାରୁ ଛାଡ଼ପତ୍ର ନେଇନାହାନ୍ତି। ତେଣୁ ସେମାନଙ୍କର ଏକାଠି ସମ୍ପର୍କରେ ରହିବା ବୈବାହିକ ସମ୍ପର୍କ ନୁହେଁ। ଏହାକୁ ବୈବାହିକ ସମ୍ପର୍କ ବୋଲି ବିଚାରକୁ ନିଆଗଲେ ପୁରୁଷ ଆବେଦନକାରୀଙ୍କୁ ସ୍ତ୍ରୀ ଓ ପିଲାମାନଙ୍କ ପାଇଁ ଅନ୍ୟାୟ ହେବ ବୋଲି ଅଦାଲତ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ଶାନ୍ତି ଓ ସମ୍ମାନର ସହ ବଞ୍ଚିବା ଅଧିକାର ପ୍ରତ୍ୟେକଙ୍କର ରହିଛି। ତେଣୁ ଏଭଳି ପିଟିଶନକୁ ଅନୁମତି ଦେବା ଦ୍ୱାରା ଅପରାଧୀମାନେ ପ୍ରୋତ୍ସାହିତ ହେବେ ଏବଂ ବହୁବିବାହ ବଢ଼ାଇବ ବୋଲି ଖଣ୍ଡପୀଠ କହିଛନ୍ତି।

# ଆଇଏସ୍‌ଏସ୍ ଯିବେ ଗଗନଯାନ ମହାକାଶଚାରୀ

**ନୂଆଦିଲ୍ଲୀ, ୨୭।୭**

ଭାରତ ଖୁବ୍‌ଶୀଘ୍ର ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ୍(ଆଇଏସ୍‌ଏସ୍)କୁ ନିଜର ପ୍ରଥମ ମହାକାଶଚାରୀ ପଠାଇବାକୁ ପ୍ରସ୍ତୁତ ହେଉଛି। ଶନିବାର ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଜିତେନ୍ଦ୍ର ସିଂ ଏହି ସୂଚନା ଦେଇଛନ୍ତି। ଭାରତର ଗଗନଯାନ ମିଶନ ପାଇଁ ପ୍ରଶିକ୍ଷଣ ନେଉଥିବା ୪ ଜଣ ମହାକାଶଚାରୀଙ୍କ ମଧ୍ୟରୁ ଜଣେ ଆଇଏସ୍‌ଏସ୍‌କୁ ଯାତ୍ରା କରିବେ। ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ(ଇସ୍ରୋ), ଆମେରିକୀୟ ମହାକାଶ ଏଜେନ୍ସି (ନାସା) ଓ ଆକ୍ସିଓମ ସ୍ପେସ୍ ନାମକ ଏକ ଘରୋଇ ଆମେରିକୀୟ କମ୍ପାନୀର ଏକ ମିଳିତ ମିଶନ ପାଇଁ ଅଗଷ୍ଟରେ ଜଣେ ଗଗନଯାନ ମହାକାଶଚାରୀ ଆଇଏସ୍‌ଏସ୍ ଯାତ୍ରା କରିବେ। ଏହି ମିଶନ ପାଇଁ ଆକ୍ସିଓମ ସ୍ପେସ୍ ସହ ଇସ୍ରୋ ଏକ ସ୍ପେସ୍ ଫ୍ଲାଇଟ୍ ଚୁକ୍ତିନାମା ସ୍ୱାକ୍ଷର କରିଛି। ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ସମୟରେ ରାଷ୍ଟ୍ରପତି ଜୋ ବାଇଡେନ୍ ଏନେଇ ଘୋଷଣା କରିଥିଲେ।



# Classified Everyday 0674-2580101, 2549949




## BRIDE WANTED

Kayastha Groom, 30Yrs./5'8", B.Tech (IIT) and M.Tech (IIT), Software Engineer Bangalore, Father Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact Whatsapp-9438479926. D-783

## GROOM WANTED

ବୟସ 29 Primary Schoolରେ କାର୍ଯ୍ୟ କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 8984431927. D-75344




## SALE

"Luxurious duplex just @ 110 lakh SALE/Booking opens, visit today our demo duplex, Balakatti, Uttara, BBSR. For details ask/WhatsApp-9438677819". D-713

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75765

30ft. Road, Boundary, Gharabari plot sale, East College, Nakhara. 9776866520. D-75978

ରବିଟକିଜ୍ ଛକରୁ ମାତ୍ର ପାଞ୍ଚ କିଲୋମିଟର ଦୂର ରଙ୍ଗବଜାର ଛକରେ **3BHK Duplex** ବିକ୍ରୟ ହେବ। **BDA** ଓ **RERA** ଦ୍ୱାରା ପଞ୍ଜୀକରଣ ହୋଇଅଛି। **Bank Loan** ସୁବିଧା ଅଛି। ହସ୍ତାନ୍ତର ସମୟ ବର୍ଷେ। ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ। **9438220432, 8144658008.** D-826

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**1000sqft. Hall available in Samantarapur on High Way for rent. Contact No.- 7978097047.** D-856

**Commercial Office building Ground Floor Chandrasekharpur, Bhubaneswar 14 Rooms. 9437008388.** D-862

**3BHK flat available in Reeta Valley near Gudiapokhari. Contact No.- 9438143108.** D-855




Kerala body Massage best Therapist Bhubaneswar. 9337672475. D-849

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75764

ଫୁଲ୍ ବଡି ମସାଜ (ଦେଶୀ ମୋଡ଼ାଘଷା) **only ladies. 9827119799.** D-847

Fully relaxed body massage trained therapist. Central SPA. 9556483961. D-75763

## AFFIDAVIT

I, Ranjeet Kumar Singh, S/o- Parikshan Singh, resident of IB pit, P.O.- Lamtibahal, P.S.- Brajrajnagar, Dist.- Jharsuguda, Odisha, PIN- 768216 declare by the affidavit No.- 4800 dtd. 26.07.2024 that now onwards I shall be known as Ranjit Kumar Singh for all future purposes. D-860

I, Sangeeta Singh, W/o- Ranjit Kumar Singh, resident of IB pit, P.O.- Lamtibahal, P.S.- Brajrajnagar, Dist.- Jharsuguda, Odisha, PIN- 768216 declare by the affidavit No.- 4801 dtd. 26.07.2024 that now onwards I shall be known as Sangita Singh for all future purposes. D-861

By the virtue of an affidavit I Tilotama Pradhan, D/o- Sri Fakira Pradhan, resident of At- Masedikia, P.O.- Raikia, P.S.- Raikia, Dist.- Kandhmal, Odisha bearing Aadhaar Card No- xxxx xxxx 0053 declare that wrongly my name and DOB recorded in my Aadhaar Card as Nirupama Pradhan, DOB- 22.06.1993 instead of my actual name Tilotama Pradhan, DOB- 10.06.1983 I swear this affidavit as it is require to produce before the competent authority for correction of my Aadhaar Card and their record and reference. D-859

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ସ୍ୱାତୀ ସରକାର**

ଆର୍ବିଭାବ- ୦୨.୦୯.୧୯୬୯
ତିରୋଧାନ: ୧୩.୦୭.୨୦୨୪

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପତିତପାବନଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ସୁଭାଶିଷ ସରକାର, ପୁତ୍ର- ସ୍ନେହାଶିଷ ସରକାର, ବୋହୂ- ରୁପାଲି ସରକାର, ଝିଅ- ଶ୍ୱେତରୂପା ସାହା, ଜ୍ୱାଇଁ- ଶିବାୟନ ସାହା ଓ ଆତ୍ମୀୟସ୍ୱଜନ

ଧ-୮୪୭

**ଏକାଦଶାହ ଉପଲକ୍ଷେ**



**✓ ହରପ୍ରିୟା ପଟ୍ଟନାୟକ**

ସ୍ଥାନ: ଲିଙ୍ଗିପୁର, ଭୁବନେଶ୍ୱର
ଆବିର୍ଭାବ: ୦୬।୦୨।୧୯୪୦
ତିରୋଧାନ: ୧୮।୦୭।୨୦୨୪

ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ହତଭାଗ୍ୟ ସ୍ୱାମୀ: ନବକିଶୋର ପଟ୍ଟନାୟକ, ପୁଅ: ଟୁଟୁନ, ବୋହୂ: ଛବି ଏବଂ ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଧ-୮୪୮


# ଲଘୁଚାପ: ୩୧ ଯାଏ ବର୍ଷିବ

**ଭୁବନେଶ୍ୱର, ୨୭।୭(ଅସମାପିକା ସାହୁ)**

ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ଉତ୍ତରଓଡ଼ିଶାରେ ଏବେ ଲଘୁଚାପ କେନ୍ଦ୍ରୀଭୂତ ରହିଛି। ଶନିବାର ସନ୍ଧ୍ୟାଠାରୁ ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବ। ଲଘୁଚାପ ପ୍ରଭାବରେ ରାଜ୍ୟରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ତେଣୁ ଏହି ୪ଦିନ ଲାଗି ବିଭିନ୍ନ ଜିଲାକୁ ସତର୍କ ରହିବା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ସମୁଦ୍ର ଭିତରେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦ କି.ମି. ରହିବ। ତେଣୁ ଆସନ୍ତା ୧୨ ଘଣ୍ଟା ମତ୍ସ୍ୟଜୀବୀଙ୍କୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଯିବା ପାଇଁ ବାରଣ କରାଯାଇଛି। ଅନ୍ୟପକ୍ଷରେ ଶନିବାର ଭବାନୀପାଟଣାରେ ସର୍ବାଧିକ ୬୦.୮ ମି.ମି. ବର୍ଷା ହୋଇଥିବାବେଳେ ନବରଙ୍ଗପୁରରେ ୨୮.୪, କୋରାପୁଟ ୨୨, ରାଉରକେଲା ୧୯, ନୟାଗଡ଼ ୧୫, ହୀରାକୁଦ ୧୨.୧, କଟକ ୧୨.୮, ଟିଟିଲାଗଡ଼ ୧୪.୨ ଓ ନୂଆପଡ଼ାରେ ୧୨.୪ ମିମି ବର୍ଷା ରେକର୍ଡ କରାଯାଇଛି। ରବିବାର ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା ଏବଂ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ପାଣିପାଗ କେନ୍ଦ୍ର ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି।

# ମହିଳାଙ୍କୁ ଝୁଣିଦେଲେ ୩ ଭାଲୁ

**ପାଟଣା,୨୭।୭ (ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ସାଉଥ ବିଟ୍ କୁଦାବେଢ଼ା ଗ୍ରାମରେ ଜଣେ ମହିଳାଙ୍କୁ ୩ ଭାଲୁ ଝୁଣିଦେଇଛନ୍ତି। ମହିଳା ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମହିଳା ଜଣକ ସାହାରପଡ଼ା ବ୍ଲକ୍ ଡାଲପକା ପଞ୍ଚାୟତ କୁଦାବେଢ଼ା ଗ୍ରାମର ସୁଦର୍ଶନ ମୁଣ୍ଡାଙ୍କ ସ୍ତ୍ରୀ କଂସଲା (୩୯)।

ସୂଚନା ଅନୁଯାୟୀ, କଂସଲା ଶନିବାର ସକାଳୁ କୁଦାବେଢ଼ା ଗ୍ରାମ୍ୟ ଜଙ୍ଗଲକୁ ଛତୁ ଓ ଦାନ୍ତକାଠି ସଂଗ୍ରହ କରିବାକୁ ଯାଇଥିଲେ। ସେଠାରେ ସେ ୩ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। କଂସଲାଙ୍କ ପାଟି ଶୁଣି ବିଲରେ କାମ କରୁଥିବା ଲୋକେ ପହଞ୍ଚି ଭାଲୁ ଘଉଡ଼ାଇଥିଲେ। କଂସଲାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଭାଲୁ ଆକ୍ରମଣରେ କଂସଲାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର କହିଛନ୍ତି, ମହିଳା ଜଣକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସରକାରୀ ଗାଇଡ୍‌ଲାଇନ ଅନୁସାରେ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ।

# ରୁଙ୍ଗ୍‌ଟା କାରଖାନାରେ ବିସ୍ଫୋରଣ

**ଢେଙ୍କାନାଳ,୨୭।୭(ରତନ ନାୟାର)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଝାଡ଼ବନ୍ଧ ଗ୍ରାମରେ ଥିବା ରୁଙ୍ଗ୍‌ଟା କାରଖାନାରେ ଶନିବାର ଅପରାହ୍ନରେ ଏକ ଛୋଟ ଧରଣର ବିସ୍ଫୋରଣ ହୋଇଥିଲା। ତେବେ ବିସ୍ଫୋରଣ ସମୟରେ ଘଟଣାସ୍ଥଳରେ କାରଖାନାରେ କୌଣସି ଅଧିକାରୀ, କର୍ମଚାରୀ, ଶ୍ରମିକ ନ ଥିଲେ। ତେଣୁ ଏଥିରେ କାହାର କୌଣସି କ୍ଷତି ହୋଇ ନ ଥିବା କମ୍ପାନୀ ସୂତ୍ରରୁ ପ୍ରକାଶ। ମେଣ୍ଟେନାନ୍ସ କାମ ଚାଲିଥିବା ବେଳେ ଫର୍ନେସ ତଳେ ପଙ୍କଚର ହୋଇ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି। ତେବେ ବିସ୍ଫୋରଣ ସଂକେତ ପାଇବା ପରେ ଆଲାରାମ ବାଜିବାରୁ ବିପଦ ଟଳି ଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ କାରଖାନାରେ ବିସ୍ଫୋରଣ ଘଟି ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା।

# ୟୁପି ବାୱରିୟା ଗ୍ୟାଙ୍ଗର ଆଉ ଜଣେ ଗିରଫ

ଭୁବନେଶ୍ୱର,୨୭।୭ (ସତ୍ୟଜିତ୍ ରାଉତ)

ରାଜ୍ୟର ବିଭିନ୍ନ ଜିଲାରେ ଲୁଟ୍‌ପାଟ କରି ଆତଙ୍କ ଖେଳାଉଥିବା ଉତ୍ତରପ୍ରଦେଶ ବାୱରିୟା ଗ୍ୟାଙ୍ଗର ଆଉଜଣେ ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ଧରିଛି। ସେ ହେଲେ ଉତ୍ତରପ୍ରଦେଶ ସାମ୍‌ଲି ଜିଲା ଅଞ୍ଚଳର ରାମ କୁମାର (୩୮)। ତାଙ୍କଠାରୁ ଦୁଇଟି ଚୋରି ସୁନାଚେନ୍ ଓ ବାଇକ୍ ଜବତ ହୋଇଛି। ଏକ ଚେନ୍ ଲୁଟ ମାମଲାରେ ଖାରବେଳନଗର ଥାନା ପୋଲିସ ଗ୍ୟାଙ୍ଗ୍ ଲିଡର ରାମ୍‌ଙ୍କୁ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ରାମ୍‌ଙ୍କ ନାମରେ ବିଭିନ୍ନ ଥାନାରେ ବହୁ ଚେନ୍ ଲୁଟ୍ ମାମଲା ରହିଛି। ୨୦୨୩ ମେ'ରେ ବାୱରିୟା ଗ୍ୟାଙ୍ଗର ୪ଜଣଙ୍କୁ ବଡ଼ଗଡ଼ ଥାନା ପକ୍ଷରୁ ଗିରଫ କରାଯାଇଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପ୍ରୟାସ ଜାରି ରହିଥିବା ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।


ଗିରଫ ରାମ କୁମାର

୨୦୨୪ ଏପ୍ରିଲ ୮ରେ ଅଭିଯୋଗକାରୀ ଚକ୍ରଧର ବେହେରାଙ୍କ ସ୍ତ୍ରୀ ନଳିନୀ ପ୍ରଭା ଗେଚ୍ଛାୟତ ଖାରବେଳନଗର ୟୁନିଟ-୯ ରୋଡ଼ ନଂ.୭ରେ ପ୍ରାତଃଭ୍ରମଣରେ ଯାଉଥିବାବେଳେ ରାମ କୁମାର ତାଙ୍କୁ ଟାର୍ଗେଟ୍ କରିଥିଲେ। ସେ ଜଣେ ସହଯୋଗୀଙ୍କ ସହ ବାଇକରେ ଆସି ନଳିନୀଙ୍କ ବେକରୁ ସୁନା ଚେନ୍ ଝାମ୍ପି ଫେରାର ହୋଇଯାଇଥିଲେ। ଏନେଇ ସ୍ୱାମୀ ଚକ୍ରଧରଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୮୪/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ରାମ୍ କିଛିଦିନ ହେଲା ଲୁଟ୍ କରିବାକୁ ଭୁବନେଶ୍ୱର ଆସିଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ବାୱେରିୟା ଜନଜାତିର ଲୋକେ ଉତ୍ତରପ୍ରଦେଶର ସାମ୍‌ଲି ଜିଲାରେ ରହୁଥିବାବେଳେ ସେମାନେ ଦେଶର ବିଭିନ୍ନ ରାଜ୍ୟର ପ୍ରମୁଖ ସହରକୁ ଯାଇ ଲୁଟ୍‌ପାଟ କରନ୍ତି। ଏପରିକି ସେମାନେ ବିଭିନ୍ନ ସ୍ଥାନରେ ବିଶେଷକରି ରାସ୍ତା ପାର୍ଶ୍ୱରେ ତମ୍ବୁ ଟାଣି ରୁହନ୍ତି। ସେମାନେ ପ୍ରାତଃଭ୍ରମଣରେ ଯାଉଥିବା ମହିଳାଙ୍କୁ ଟାର୍ଗେଟ କରି ସୁନାଚେନ୍ ଲୁଟ୍‌ପାଟ କରି ଫେରାର ହୋଇଯାଆନ୍ତି। ପରେ ଉକ୍ତ ଚୋରି ସୁନାଚେନ୍‌କୁ ଉତ୍ତରପ୍ରଦେଶରେ ବିକ୍ରି କରି ୧୫ରୁ ୨୦ ଦିନ ଭିତରେ ପୁଣି ଅପରାଧ କରିବାକୁ ଫେରିଆସନ୍ତି। ଅଭିଯୁକ୍ତମାନେ ପ୍ରଥମେ ବାଇକ ଚୋରି କରି ସେଥିରେ ବୁଲାବୁଲି କରି ଲୁଟ୍ କରନ୍ତି। ପୋଲିସ ନଜରରୁ ବର୍ତ୍ତିବା ଲାଗି ଉକ୍ତ ବାଇକ୍‌କୁ ବିଭିନ୍ନ ପାର୍କିଂ ସ୍ଥଳରେ ରଖି ନିଜେ କେତେବେଳେ ତମ୍ବୁ ତଳେ ତ ଆଉ କେତେବେଳେ ଲଜ୍‌ରେ ଲୁଚି ରୁହନ୍ତି।

# ଏକତରଫା ପ୍ରେମକରି ମହିଳାଙ୍କୁ ହଇରାଣ

## ଅଭିଯୁକ୍ତଙ୍କୁ ଗିରଫକଲା ଭୁବନେଶ୍ୱର ସାଇବର ପୋଲିସ

ଭୁବନେଶ୍ୱର,୨୭।୭(ସତ୍ୟଜିତ୍ ରାଉତ):

କଲେଜବେଳେ ଏକତରଫା ପ୍ରେମ କରୁଥିଲେ। ଯୁବତୀ ଜଣଙ୍କ ଏହାକୁ ପ୍ରତ୍ୟାଖ୍ୟାନ କରି ଅନ୍ୟ ଜଣଙ୍କୁ ବିବାହ କରିଥିଲେ। ଏହାପରେ ରାଗ ରଖି ଦମ୍ପତିଙ୍କୁ ହଇରାଣ କରିବା ଆରମ୍ଭ କଲେ। ୮ ମାସ ହେବ ବିଭିନ୍ନ ସୋସିଆଲ୍ ମିଡିଆରେ ନିର୍ଯାତନା ଦେଇ ହଇରାଣ କରୁଥିବା ସମ୍ପୃକ୍ତ ଯୁବକଙ୍କୁ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଶନିବାର ଗିରଫ କରିଛି। ସେ ହେଲେ କଟକ ଚାଉଳିଆଗଞ୍ଜ ଅଞ୍ଚଳର ପ୍ରତ୍ୟୁଷ ମହାନ୍ତି (୩୨)। ସେ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ କରି ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଅଭିଯୁକ୍ତ ପ୍ରତ୍ୟୁଷଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମାମଲା ଅନୁଯାୟୀ, ପୀଡ଼ିତା ଜଣଙ୍କ ତମାଣ୍ଡୋ ଅଞ୍ଚଳର ହୋଇଥିବାବେଳେ ସ୍ୱାମୀଙ୍କ ସହ ସେ ଉତ୍ତରାଖଣ୍ଡରେ ରୁହନ୍ତି। ସେ ଭବନେଶ୍ୱରର ଏକ ଇଞ୍ଜିନିୟରିଂ କଲେଜରେ ପଢୁଥିବା ବେଳେ ଅଭିଯୁକ୍ତ ପ୍ରତ୍ୟୁଷ ତାଙ୍କ ବ୍ୟାଚ୍‌ମେଟ୍ ଥିଲେ। ସେହି ସମୟରେ ପୀଡ଼ିତାଙ୍କୁ ସେ ଏକତରଫା ପ୍ରେମ ନିବେଦନ କରିଥିଲେ ସୁଦ୍ଧା ପୀଡିତା ରାଜି ହୋଇ ନ ଥିଲେ। ଏହାପରେ ପୀଡ଼ିତାଙ୍କ ଅନ୍ୟତ୍ର ବିବାହ ହୋଇଯିବାରୁ ପ୍ରତ୍ୟୁଷ ରାଗି ଯାଇ ପ୍ରତିଶୋଧ ନେବାକୁ ଚାହିଁଥିଲେ। ବିଭିନ୍ନ ସୋସିଆଲ୍ ମିଡିଆରେ ପୀଡ଼ିତାଙ୍କୁ ପ୍ରତ୍ୟୁଷ ହଇରାଣ କରୁଥିଲେ। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଆଦିରେ ସୋସିଆଲ୍ ମିଡିଆରେ ପୀଡ଼ିତାଙ୍କ ନାଁରେ ଫେକ୍ ଆକାଉଣ୍ଟ ଖୋଲି ତାଙ୍କ ସାଙ୍ଗମାନଙ୍କୁ ଖରାପ ମେସେଜ୍ ଦେଉଥିଲେ। ସେହିପରି ତାଙ୍କ ସ୍ୱାମୀଙ୍କ ନାଁରେ ଫେକ୍ ଆକାଉଣ୍ଟ ଖୋଲି ପରିବାର ଓ ସାଙ୍ଗମାନଙ୍କୁ ଖରାପ ମେସେଜ୍ ଦେଉଥିଲେ। ଏପରିକି ଫେକ୍ ମେଲ୍‌ରେ ଧମକପୂର୍ଣ୍ଣ ମେସେଜ୍ ସହ ଭୁବନେଶ୍ୱରରୁ ଚିଠି ମଧ୍ୟ ପଠାଉଥିଲେ। ଅନ୍ୟପଟେ ଏହା ପ୍ରତ୍ୟୁଷଙ୍କ କାମ ବୋଲି ପୀଡ଼ିତା ଜଣଙ୍କ ଜାଣିପାରୁ ନ ଥିଲେ। ଏନେଇ ସେ କିଛିମାସ ତଳେ ଉତ୍ତରାଖଣ୍ଡ ପୋଲିସର ସହାୟତା ନେଇଥିଲେ। ହେଲେ ସେଠାକାର ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ସେଭଳି ତତ୍ପରତା ଦେଖାଇ ନ ଥିଲା। ପରେ ପୀଡ଼ିତା ଜଣଙ୍କ ଭୁବନେଶ୍ୱର ଆସି ଶୁକ୍ରବାର ସାଇବର ଥାନାରେ ଏତଲା ଦେଇଥିଲେ। ପୋଲିସ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ସ୍)ର ବିଭିନ୍ନ ଦଫା ଓ ଆଇଟି ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା (ନଂ.୧୮୪/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ପରେ ତଦନ୍ତ ବେଳେ ଏହା ପ୍ରତ୍ୟୁଷଙ୍କ କାମ ବୋଲି ପୋଲିସ ଜାଣିବାକୁ ପାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଏସ୍‌ଏଫ୍‌ଏସ୍‌ଏଲ୍‌କୁ ଗଲା ଜବତ ମୋବାଇଲ

## ଟ୍ରେନ୍ ଆଗକୁ ଡେଇଁ ସାମ୍ବାଦିକା ମଧୁମିତାଙ୍କ ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର,୨୭।୭(ସତ୍ୟଜିତ୍ ରାଉତ)

ରାଜଧାନୀରେ ଟ୍ରେନ୍ ଆଗକୁ ଡେଇଁ ସାମ୍ବାଦିକା ମଧୁମିତା ପରିଡ଼ା ଓରଫ ଚିନୁ ଆତ୍ମହତ୍ୟା କରିବା ମାମଲାରେ କମିଶନରେଟ ପୋଲିସ ଅଧିକ ଖୋଳତାଡ଼ କରୁଛି। ଜେଲ ଯାଇଥିବା ଅଭିଯୁକ୍ତ ସ୍ୱାମୀ ଶ୍ରୀଧର ଜେନା ବାହାଘର ପରେ ମଧୁମିତାଙ୍କୁ ଅଣଦେଖା କରି ଆସୁଥିଲେ। ଏପରିକି ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖି ତାଙ୍କୁ ଛାଡ଼ପତ୍ର ଦେବାକୁ ଧମକ ଦେଉଥିଲେ। ତେବେ ଶ୍ରୀଧର କେଉଁମାନଙ୍କ ସହ ସମ୍ପର୍କରେ ଥିଲେ ତାହା ଜାଣିବାକୁ ପୋଲିସ ଅଧିକ ତଦନ୍ତ ଚଳାଇଛି। ଏଥିପାଇଁ ଶ୍ରୀଧରଙ୍କଠୁ ଜବତ ହୋଇଥିବା ମୋବାଇଲକୁ ପୋଲିସ ରାଜ୍ୟ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି(ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଇଛି। ଏନେଇ ଡିସିପି ପ୍ରତୀକ ସିଂ କହିଛନ୍ତି, ମାମଲାର ଅନୁସନ୍ଧାନବେଳେ ଯାହା ବାହାରିବ ସେହି ଅନୁସାରେ ତଦନ୍ତ ଆଗକୁ ଯିବ। ଯେଉଁମାନଙ୍କୁ ପଚରାଉଚରା କରିବାକୁ ଆବଶ୍ୟକ ପଡ଼ିବ, ସେମାନଙ୍କୁ ତଦନ୍ତ ପରିସରକୁ ଅଣାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବାୟୁ ସେନାର ଜଣେ ଅଧିକାରୀ ଭୁବନେଶ୍ୱରରେ ପହଞ୍ଚି ଧଉଳି ପୋଲିସ ନିକଟରୁ ମାମଲା ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ତଥ୍ୟ ନେଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧ରେ ବିବାହ ପରେ ମଧୁମିତା ଓ ଶ୍ରୀଧର ଭୁବନେଶ୍ୱର ଲିଙ୍ଗିପୁରସ୍ଥିତ ଇନ୍ଦିରା କଲୋନୀରେ ଘରଭଡ଼ା ନେଇ ରହୁଥିଲେ। ଗତ ବୁଧବାର ସନ୍ଧ୍ୟାରେ ମଧୁମିତା ଶିଶୁଭବନ ନିକଟ ଟ୍ରେନ୍ ଲାଇନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ମୃତ୍ୟୁ ପୂର୍ବରୁ ସେ ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଛାଡ଼ିଥିଲେ। ଯେଉଁଥିରେ ଶ୍ରୀଧର ଏକାଧିକ ଯୁବତୀଙ୍କ ସହ ସମ୍ପର୍କ ରଖିଥିବା ସହ ତାଙ୍କୁ ମାନସିକ ଯନ୍ତ୍ରଣା ଦେଇଆସୁଥିବା କହିଥିଲେ।

# ଜୁଆଆଡ୍ଡାରେ ଚଢ଼ାଉ: ୮ ଗିରଫ


ଗିରଫ ୮ ଅଭିଯୁକ୍ତ।

## ୩୦ ହଜାର ଟଙ୍କା, କାର, ବାଇକ୍ ଜବତ

ସୁନ୍ଦରଗଡ,୨୭।୭ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଶନିବାର ସହରର ଏକ ଲଜ୍‌ରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୮ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବଡ଼ଗାଁ ରେଙ୍ଗାଲମାଲ ଗ୍ରାମର ସୁବାସ ବାରିକ(୨୮),ସୁନ୍ଦରଗଡ ଟାଉନ ଥାନା ମସଜିଦ ପଡାର ରାଜା ଓରଫ ନଜରୁଲ ହୁସେନ(୩୫),କୁତ୍ରା ଥାନା ପଞ୍ଝୋରା ଗ୍ରାମର ଭୁଲା କାଲୋ (୬୧),ସୁନ୍ଦରଗଡ ଖମାରୀପଡାର ପଙ୍କଜ କୁମାର(୩୫), ବଡ଼ଗାଁର ମନୋଜ କୁମାର ଦାସ(୪୬),କୁତ୍ରା ପଞ୍ଝୋରାର ଆଲୋକ କୁମାର ନାଏକ(୩୬),ସୁନ୍ଦରଗଡ ରାଣୀ ବଗିଚାରବବଲୁବିଶ୍ୱକର୍ମା(୩୨),ସୁନ୍ଦରଗଡ ପତ୍ରାପଡାର କଲିମ ଅନସାରୀ(୩୫) ଓ ଲଜର ମ୍ୟାନେଜର ସଞ୍ଜୟ ନାଏକ। ପୋଲିସ ସେମାନଙ୍କ ନିକଟରୁ ନଗଦ ୩୦ହଜାର ୭୨୦ଟଙ୍କା, ୮ଟି ତାସ ପୁଡିଆ, ୯ଟି ମୋବାଇଲ ଫୋନ, ୨ଟି ବାଇକ୍, ଗୋଟିଏ କାର୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସୂଚନା ଅନୁଯାୟୀ, ପୁରୁଣା ସିନେମା ହଲ ରାସ୍ତାରେ ଥିବା ଏକ ଲଜରେ ଜୁଆ ଖେଳ ଚାଲୁଥିବା ନେଇ ପୋଲିସ ସୂଚନା ପାଇଥିଲା। ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନା ଆଇଆଇସି ଆଦିତ୍ୟ କୁମାର ମହାକୁଡଙ୍କ ତତ୍ତ୍ୱାବଧାନରେ ଏସଆଇ ଡୋଳାମଣି ନାଏକ,ଏଏସ ଆଇ ପାଣ୍ଡବ ହେମ୍ବ୍ରମ, ଏ .କେ.ସାମଲ ସଦଳବଳ ଲଜର ୧୧୧ନମ୍ବର କୋଠରିରେ ଚଢ଼ାଉ କରି ଏହି ଜୁଆଡୀମାନଙ୍କୁ ଗିରଫ କରିଥିଲେ।

# ରାଜଧାନୀରେ ଯୁବକଙ୍କୁ ଖଣ୍ଡାରେ ହାଣିଲେ

ଭୁବନେଶ୍ୱର,୨୭।୭(ସତ୍ୟଜିତ୍ ରାଉତ)

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୯ ମା' ମଙ୍ଗଳା ବସ୍ତିରେ ଶୁକ୍ରବାର ୨ଭାଇ ଜଣେ ପଡ଼ୋଶୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଆକ୍ରମଣରେ କରୁଣାକର ସ୍ୱାଇଁ (୫୦) ଗୁରୁତର ହୋଇଛନ୍ତି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କରୁଣାକରଙ୍କ ମୁଣ୍ଡ ଆଦି ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏନେଇ କରୁଣାକରଣଙ୍କ ସ୍ତ୍ରୀଙ୍କ ପକ୍ଷରୁ ଖାରବେଳନଗର ଥାନାରେ ଏତଲା ଦିଆଯାଇଛି। ପୋଲିସ ଏକ ମାମଲା (ନ.୩୫୨/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୂର୍ବଶତ୍ରୁତା କାରଣରୁ ଦୁଇ ଭାଇ କୁନା ଓ ଲଣ୍ଡା ଏଭଳି କାଣ୍ଡ ଘଟାଇଥିବା ପ୍ରାଥମିକ ତଦନ୍ତରେ ପୋଲିସ ଜାଣିବାକୁ ପାଇଛି।

ପୋଲିସ ସୂଚନା ଅନୁଯାୟୀ, କରୁଣାକରଙ୍କ କେତୋଟି କୁକୁର ଅଛନ୍ତି। କୁକୁରମାନେ ଶୁକ୍ରବାର କୁନା ଓ ଲଣ୍ଡାଙ୍କ ବାଥରୁମ୍‌ରେ ପଶି ପାଲ ଆଦିକୁ ନଷ୍ଟ କରିଦେଇଥିଲେ। ଫଳରେ ଦୁଇଭାଇ କରୁଣାକରଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ଏହା କରିବା ପଛରେ କରୁଣାକରଙ୍କ ହାତ ଥିବା ଉଭୟେ ଅଭିଯୋଗ କରିଥିଲେ। ଏହାକୁ ନେଇ ଶୁକ୍ରବାର ରାତିରେ ଦୁଇ ପରିବାରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ଅପରାହ୍ନରେ ଏହି ଘଟଣା ଅଧିକ ତୀବ୍ର ହୋଇଥିଲା। ଯୁକ୍ତିତର୍କ ବଚସା ପରେ ଦୁଇ ଭାଇ କରୁଣାକରଙ୍କୁ ଆକ୍ରମଣ କରିଥିଲେ। ଖଣ୍ଡା, ଭୁଜାଲି, ବାଡ଼ି, ଲୁହାରଡ୍ ଆଦିରେ କରୁଣାକରଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ଦାଦାବଟି ନ ଦେବାରୁ ଆକ୍ରମଣକାରୀମାନେ ଏଭଳି କାଣ୍ଡ ଘଟାଇଥିବା ସୂଚନା ମିଳିଛି। ସବୁ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

# ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ

ରାଉରକେଲା,୨୭।୭(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍) ମ୍ୟାନେଜର ମୋହିତ ଶ୍ରୀବାସ୍ତବଙ୍କୁ ଚାକିରିରୁ ବହିଷ୍କାର କରାଯିବା ପରେ ତାଙ୍କୁ କେତେକ ସର୍ତ୍ତ ପାଳନ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ସର୍ତ୍ତ ମୁତାବକ ସେ ସମସ୍ତ ଦାୟିତ୍ୱ ଜୁନିୟର ଆସିଷ୍ଟାଣ୍ଟ ଜୋତ୍ସ୍ନା ବାରିକଙ୍କୁ ହସ୍ତାନ୍ତର କରିବେ। ଏଥିସହ ସେ ରହୁଥିବା କ୍ୱାର୍ଟର୍ସ ଖାଲି କରିବେ। ଏହି କ୍ୱାର୍ଟର୍ସର ଭଡା, ପାଣି ବିଲ, ବିଦ୍ୟୁତ୍ ବିଲ ପୈଠ କରିବେ। ଆର୍‌ଜିଏଚ୍‌ର ସମସ୍ତ ବିଭାଗରୁ ସେ ନୋ ଅବଜେକ୍ସନ ସାର୍ଟିଫିକେଟ୍ (ଏନ୍‌ଓସି) ଆଣି ବାରିକଙ୍କୁ ହସ୍ତାନ୍ତର କରିବେ। ଏହା ସହ ରାଉରକେଲା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ନିକଟରେ ଏକ ସତ୍ୟପାଠ କରିବେ। ଉକ୍ତ ଦୁର୍ନୀତି ଘଟଣାର ସମସ୍ତ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବା ସହ ଯଦି ସେ ନିଜର ହ୍ୱାଟସଆପ୍ ନମ୍ବର, ମୋବାଇଲ ନମ୍ବର, ଇମେଲ ନମ୍ବର ପରିବର୍ତ୍ତନ କରିବେ ତେବେ ତାହା ତଦନ୍ତକାରୀ ଅଧିକାରୀଙ୍କୁ ଅବଗତ କରିବେ ବୋଲି ସେ ସତ୍ୟପାଠରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ସୂଚନାଯୋଗ୍ୟ, ମୋହିତ ଆର୍‌ଜିଏଚ୍‌ର ମର୍ଗ ହାଉସ୍‌ରେ ଥିବା ଫ୍ରିଜର୍ କିଣାବିକା ଦୁର୍ନୀତି ସାଙ୍ଗକୁ ଗୋଟିଏ ସିକ୍ୟୁରିଟି ସଂସ୍ଥାକୁ ବାରମ୍ବାର ପିସି ନେଇ ଟେଣ୍ଡର ଦେବା ଓ ଡାକ୍ତରଖାନାର ଲଣ୍ଡ୍ରିବିଭାଗରେ ଦୁର୍ନୀତି ଭଳି ଏକାଧିକ ଘଟଣାରେ ସମ୍ପୃକ୍ତ ଥିବା ଯୋଗୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି।

# ସୁନାଚେନ୍ ପାଇଁ ସ୍ତ୍ରୀଙ୍କୁ ପିଟି ହତ୍ୟା

ଗୋପ,୨୭।୭(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋଟିଏ ସୁନାଚେନ୍ ପାଇଁ ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱାମୀ ନିଜ ସ୍ତ୍ରୀଙ୍କୁ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ଗୋପ ଥାନା ଅଧୀନ ଓରୁଆଳି ଗ୍ରାମରେ ଏଭଳି ଲୋମଟାଙ୍କୁରା ଘଟଣା ଘଟିଛି। ଏ ନେଇ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ. ୨୨୧/୨୪) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଏକାଦଶୀ ବେହେରା(୨୯) ଓ ଶ୍ୱଶୁର ଶ୍ରୀଧର ବେହେରା(୫୮)ଙ୍କୁ ଗିରଫ କରିଛି। ସ୍ତ୍ରୀ ଭାଗ୍ୟବତୀ ବେହେରା (୨୭) ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଗୋପ ଥାନା ଅନ୍ତର୍ଗତ ମଦରଙ୍ଗ ଗ୍ରାମର କୁମର ବେହେରାଙ୍କ କନିଷ୍ଠା କନ୍ୟା ଭାଗ୍ୟବତୀ ବେହେରା ୨୦୧୯ରେ ନିକଟସ୍ଥ ଓରୁଆଳି ଗ୍ରାମର ଶ୍ରୀଧର ବେହେରାଙ୍କ ବଡ଼ ପୁଅ ଏକାଦଶୀ ବେହେରାଙ୍କୁ ବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ପକ୍ଷରୁ ଦାବି ଅନୁସାରେ ଯୌତୁକ ଦିଆଯାଇଥିଲା। ତେବେ ବିବାହ ପରେ ଭାଗ୍ୟବତୀଙ୍କୁ ଗୋଟିଏ ସୁନାଚେନ୍ ତାଙ୍କ ଭିଣୋଇ ଦେବାରୁ ସବୁ ସମୟରେ ସ୍ୱାମୀ ଏକାଦଶୀଙ୍କ ସହ ପାଟିତୁଣ୍ଡ ହେଉଥିଲା। ଶୁକ୍ରବାର ଏକାଦଶୀଙ୍କ ପରିବାର ମଇଁଷିଗୋଠରେ ଥିବାବେଳେ ଏକାଦଶୀ ଓ ଭାଗ୍ୟବତୀ ଦୁଇ ଝିଅଙ୍କ ସହିତ ଘରେ ଥିଲେ। ବିଳମ୍ବିତ ରାତ୍ରରେ ଦମ୍ପତିଙ୍କ ମଧ୍ୟରେ ସୁନାଚେନ୍‌କୁ ନେଇ ପାଟିତୁଣ୍ଡ ହୋଇଥିଲା। ଏକାଦଶୀ ଅତ୍ୟଧିକ କ୍ରୋଧିତ ହୋଇ ଭାଗ୍ୟବତୀଙ୍କୁ ପିଟିପିଟି ଅଚେତ କରିଦେବା ପରେ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ପରିବାର ସଦସ୍ୟ ଭାଗ୍ୟବତୀଙ୍କୁ ଗୋପ ଡାକ୍ତରଖାନାକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଡାକ୍ତର ଗୋପ ଥାନାକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଶନିବାର ସକାଳେ ଭାଗ୍ୟବତୀଙ୍କ ବାପା କୁମର ବେହେରା ଗୋପ ଥାନାରେ ଝିଅକୁ ଶଶୁର ଘର ଲୋକେମିଶି ହତ୍ୟା କରିଥିବା ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ବାପ ଓ ପୁଅଙ୍କୁ ଗିରଫ କରିଥିଲା। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଗୋପ ଥାନା ଏସ୍‌ଆଇ ବିନ୍ଦୁ ବାସିନୀ ସେଠୀ କହିଛନ୍ତି।

# ୨ ଚେନ୍ ଲୁଟେରା ଗିରଫ

ଭୁବନେଶ୍ୱର,୨୭।୭(ସତ୍ୟଜିତ୍ ରାଉତ)

ଶହୀଦନଗର ଥାନା ପୋଲିସ ଦୁଇ ଚେନ୍ ଲୁଟେରାଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କଟକ ସଦର ଥାନା ଅଞ୍ଚଳର ଆକାଶ ସାମଲ(୨୭) ଓ କନ୍ଦରପୁର ଥାନା ଅଞ୍ଚଳର ଶୀତଲ ବେହେରା (୨୩)। ଉଭୟଙ୍କଠାରୁ ଦୁଇଟି ସୁନାଚେନ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ପୂର୍ବରୁ ଏକାଧିକ ଚେନ୍ ଲୁଟ ମାମଲା ରହିଛି। ଉଭୟେ ବାଇକ୍‌ରେ ଯାଇ ଚେନ୍ ଲୁଟପାଟ୍ କରୁଥିଲେ। ବ୍ରାଉନସୁଗର ସେବନ ସହ ଲୁଟପାଟ୍ ହିଁ ସେମାନଙ୍କ ଟଙ୍କା ରୋଜଗାର କରିବାର ଏକମାତ୍ର ମାଧ୍ୟମ ଥିଲା ବୋଲି ପୋଲିସ କହିଛି।

ଗୁରୁବାର ଅପରାହ୍ନ ପ୍ରାୟ ୩ଟାବେଳେ ୟୁନିଟ୍-୯ ଗ୍ରୀଡ୍‌କୋ କଲୋନିର ପୂର୍ଣ୍ଣିମା ମଣ୍ଡଳଙ୍କଠାରୁ ଅଭିଯୁକ୍ତଦ୍ୱୟ ଏକ ବାଇକରେ ଆସି ସୁନା ଚେନ୍ ଝାମ୍ପିନେଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୩୫୨/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତଦ୍ୱୟଙ୍କ ନାମରେ କଟକ ଓ ଭୁବନେଶ୍ୱରରେ ବହୁ ଲୁଟ୍ ମାମଲା ରହିଛି।

# ପୁରୀ-ଅନୁଗୋଳ ପାସେଞ୍ଜର ଟ୍ରେନ୍‌ରେ ନିଆଁ


ପୁରୀ ଷ୍ଟେଶନରେ ଅଟକିଥିବା ପୁରୀ-ଅନୁଗୋଳ ପାସେଞ୍ଜର ଟ୍ରେନ୍।

ପୁରୀ,୨୭।୭(ଅଜିତ୍ କୁମାର ମହାନ୍ତି)

ପୁରୀ-ଅନୁଗୋଳ ପାସେଞ୍ଜର ଟ୍ରେନରେ ଶନିବାର ନିଆଁ ଲାଗିଛି। ତେବେ ରେଳ କର୍ମଚାରୀଙ୍କ ସହାୟତାରେ ନିଆଁକୁ ତୁରନ୍ତ ଆୟତ୍ତ କରାଯାଇଥିବାରୁ ବଡ଼ଧରଣର କ୍ଷୟକ୍ଷତି ଘଟିନାହିଁ। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି।

ପୂର୍ବାହ୍ନ ୧୧ଟା ୫୫ରେ ମାଳତୀପାଟପୁର ଷ୍ଟେଶନରେ ଏହି ଟ୍ରେନ ଆସି ପହଞ୍ଚିଥିଲା। ପରେ ସେଠାରୁ ପୁରୀ ଅଭିମୁଖେ ବାହାରିଥିଲା। ଏହି ସମୟରେ ଟ୍ରେନ ପଛ ଇଞ୍ଜିନ ବଗିରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଏଥିଯୋଗୁ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଟ୍ରେନରେ ଥିବା କର୍ମଚାରୀମାନେ ଏ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ। ଟ୍ରେନ ନିକଟରେ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଟ୍ରେନ୍‌ର ବ୍ରେକ ରବର ଘଷିହୋଇ ନିଆଁ ବାହାରିଥିବା ସେମାନେ ଜାଣିବାକୁ ପାଇଥିଲେ। ରେଲୱେ କର୍ମଚାରୀମାନେ ନିଆଁକୁ ସଙ୍ଗେସଙ୍ଗେ ଆୟତ୍ତ କରିଥିଲେ। ପରେ ସୁରକ୍ଷିତ ଭାବେ ଏହି ଟ୍ରେନ୍ ପୁରୀ ରେଲୱେ ଷ୍ଟେଶନରେ ପହଞ୍ଚିଥିଲା। ଏଠାରେ ଯାତ୍ରୀମାନେ ଓହ୍ଲାଇଥିଲେ। ଖବର ପାଇ ବୈଷୟିକ କମିଟି ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। ଏନେଇ ପୁରୀ ଜିଆର୍‌ପି ଥାନା ଅଧିକାରୀ ସନ୍ତୋଷ କୁମାର ବାହିନୀପତିଙ୍କ ସୂଚନା ଅନୁଯାୟୀ, ପୁରୀ ଷ୍ଟେଶନ ପୂର୍ବରୁ ହୁଲୁହୁଳିଆ ପୋଲଠାରେ ଟ୍ରେନରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ହୁଇଲର ଟ୍ୟାକ୍ସସନ ମୋଟରରେ କିଛି ସମସ୍ୟା ଉପୁଜିଥିଲା, ଫଳରେ ନିଆଁ ଲାଗିଯାଇଥିଲା। ରେଳ କର୍ମଚାରୀମାନେ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। କୌଣସି କ୍ଷୟକ୍ଷତି ହୋଇନାହିଁ। ଏହା ବଡ଼ଧରଣର ଅଘଟଣ ନୁହେଁ। ସେହିପରି ଜଣେ ରେଳ ଅଧିକାରୀଙ୍କ କହିବା ଅନୁଯାୟୀ, ଟ୍ରେନ୍ ଚାଲିରେ ବ୍ରେକ ବାଇଣ୍ଡିଙ୍ଗ୍ ଗରମ ହୋଇଥାଏ। ତେଣୁ ନିଆଁ ଲାଗି ଧୂଆଁ ବାହାରିବା ସାଧାରଣ ଘଟଣା।

# ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଗିରଫ

ଜୟପୁର, ୨୭।୭ (ପବନ ପାଣିଗ୍ରାହୀ)

ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଶନିବାର ଜୟପୁର ମହିଳା ଥାନା ପୋଲିସ ଗିରଫ କରିଛି। ସେ ହେଲେ ଜୟପୁର ଜୟନଗର ଗାଦବାସାହିର ଅକ୍ଷୟ ପଟ୍ଟନାୟକ (୩୫)। ଅକ୍ଷୟ ୨୦୨୩ରେ ସମ୍ପୃକ୍ତା ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏନେଇ ଯୁବତୀ ଜଣକ ଜୟପୁର ମହିଳା ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଅକ୍ଷୟଙ୍କ ସମ୍ପୃକ୍ତି ସ୍ପଷ୍ଟହେବା ପରେ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି ।

# ୭୦ କେଜି ଗଞ୍ଜେଇ ଜବତ, ୭ ଗିରଫ

## ଢେଙ୍କାନାଳ ଜିଲା ଅବକାରୀ ବିଭାଗକୁ ବଡ଼ ସଫଳତା

କାମାକ୍ଷାନଗର,୨୭।୭
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ଅବକାରୀ ବିଭାଗକୁ ବଡ଼ ସଫଳତା ମିଳିଛି। ଚୋରା ଗଞ୍ଜେଇ ଚାଲାଣ ବେଳେ ଗଞ୍ଜେଇ ମାଫିଆଙ୍କ ସମେତ ୭ଜଣଙ୍କୁ ମାଡିବସଛି କାମାକ୍ଷାନଗର ଅବକାରୀ ବିଭାଗ। ଏଥିସହ ୩ଟି ବୋଲେରୋ, ଗୋଟିଏ କାର୍ ଓ ୭୦ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହୋଇଥିବା ସୂଚନା ଦିଆଯାଇଛି।


ଜବତ ଗଞ୍ଜେଇ ସହ ଅଭିଯୁକ୍ତମାନଙ୍କୁ ଅବକାରୀ ବିଭାଗ ପକ୍ଷରୁ ହାଜର କରାଯାଇଛି।

ପ୍ରକାଶ ଯେ, ଚୋରା ବ୍ୟବସାୟୀମାନେ ବୌଦ୍ଧ ଓ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ଢେଙ୍କାନାଳ ଜିଲା ସମେତ ଯାଜପୁର ଜିଲାରେ ବିକ୍ରି କରିଥାନ୍ତି। ଶୁକ୍ରବାର କନ୍ଧମାଳ ଓ ବୌଦ୍ଧ ଅଞ୍ଚଳରୁ ଏପରି ଚୋରାରେ ଗଞ୍ଜେଇ ଅଣାଯାଉଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ଏହାପରେ କାମାକ୍ଷାନଗର, ପରଜଙ୍ଗ ଓ ଭୁବନ ଅବକାରୀ ବିଭାଗ କର୍ମଚାରୀଙ୍କୁ ନେଇ ୨୫ଜଣିଆ ଟିମ୍ ଗଠନ କରାଯାଇ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୩ ବୋଲେରୋ ଓ ଗୋଟିଏ କାର୍‌ରେ ଆସୁଥିବା ପ୍ରାୟ ୭୦ କେଜି ଗଞ୍ଜେଇକୁ ଉକ୍ତ ଟିମ୍ ଜବତ କରିଥିଲା। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୪ଜଣ ଗଞ୍ଜେଇ ଚୋରା ଚାଲାଣକାରୀଙ୍କ ସମେତ ୩ ଜଣ ସ୍ଥାନୀୟ ବେପାରୀଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।





# ବର୍ଷାରେ ଫୋନ୍

**ବ**ର୍ଷା ସମୟରେ ବିଶେଷକରି ବିଜୁଳି, ଘଡ଼ଘଡ଼ି ମାରୁଥିବା ସମୟରେ ମୋବାଇଲ୍ ଫୋନ ବ୍ୟବହାର ଯୋଗୁ ଅନେକ ଧନ ଜୀବନ ହାନି ହେଉଥିବା ଘଟଣା ବାରମ୍ବାର ଶୁଣିବାକୁ ମିଳୁଛି। ତଥାପି ମଧ୍ୟ ଏ ଦିଗରେ ଅନେକ ସଚେତନ ହେଉନାହାନ୍ତି। ହେଲେ ନିଜ ସହ ଅନ୍ୟମାନଙ୍କୁ ମଧ୍ୟ ସୁରକ୍ଷିତ ରଖିବାକୁ ଚାହୁଁଥିଲେ ବର୍ଷାବେଳେ ମୋବାଇଲ୍ ବ୍ୟବହାରକୁ ନେଇ ବିଭିନ୍ନ ସତର୍କତା ଅବଲମ୍ବନ କରିବା ଜରୁରୀ......

**ମୋବାଇଲ୍ ଫୋନ୍ ବର୍ତ୍ତମାନ ସଭିଙ୍କ ପାଇଁ ଅତି ଆବଶ୍ୟକ ସାମଗ୍ରୀ ପାଲଟିଛି। ହେଲେ ଏହାର ବ୍ୟବହାର କେତେକଙ୍କ ଲାଗି ଏମିତି ନିଶା ପାଲଟିଛି ଯେ, ପ୍ରବଳ ବର୍ଷା, ବିଜୁଳି, ଘଡ଼ଘଡ଼ି ସମୟରେ ବି ସେମାନଙ୍କ ହାତରୁ ଅଲଗା ହେଉନି ଫୋନ୍। ଯଦ୍ଵାରା କେହି କେହି ବିଭିନ୍ନ ଅଘଟଣର ଶିକାର ହେଉଥିବା ଘଟଣା ଦିନକୁଦିନ ବଢ଼ିବାରେ ଲାଗିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ବର୍ଷାବେଳେ ମୋବାଇଲ୍ ବ୍ୟବହାରକୁ ନେଇ ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...**







**ରୁହନ୍ତୁନି ବାହାରେ:** ବର୍ଷା, ଘଡ଼ଘଡ଼ି ବେଳେ ବାଲ୍‌କୋନି କିମ୍ବା ବଡ଼ ଗଛମୂଳରେ ଠିଆ ହୋଇ ଅନେକେ କଥା ହେଉଥିବା ଦେଖିବାକୁ ମିଳେ। ହେଲେ ଏହାଦ୍ୱାରା ଯଦିଓ ସେମାନେ ବର୍ଷା ପାଣି ସଂସ୍ପର୍ଶରେ ଆସିବାରୁ ରକ୍ଷା ପାଇଯାଆନ୍ତି, ହେଲେ ବିଜୁଳି ଓ ଘଡ଼ଘଡ଼ି ସମୟରେ ଏଭଳି ସ୍ଥାନରେ ଠିଆ ହେବା କିମ୍ବା ଫୋନ୍‌ରେ କଥା ହେବା ଆଦୌ ନିରାପଦ ନୁହେଁ। ତେଣୁ ଯଥାସମ୍ଭବ ଘର ଭିତରକୁ କିମ୍ବା କୌଣସି ନିରାପଦ ସ୍ଥାନକୁ ଚାଲିଯିବା ଭଲ।

**ବନ୍ଦ ରଖନ୍ତୁ ଫୋନ୍:** ଅନେକେ ଭାବନ୍ତି ବର୍ଷାବେଳେ ବାହାରେ ଠିଆ ହୋଇ କଥା ହେଲେ ମୋବାଇଲ ଓଦା ହୋଇ ନଷ୍ଟ ହୋଇଥାଏ କିମ୍ବା ବିଜୁଳି, ଘଡ଼ଘଡ଼ି ସଂସ୍ପର୍ଶରେ ଆସିବାର ଡରଥାଏ। ତେଣୁ ସେମାନେ ଏ ସମୟରେ ଘର ଭିତରେ ଅବା ବନ୍ଦ ଗାଡ଼ି ଭିତରେ ବସି କଥା ହେବା ନିରାପଦ ଭାବନ୍ତି। ହେଲେ ମନେରଖନ୍ତୁ, ଘଡ଼ଘଡ଼ି ବିଜୁଳି ସହ ବର୍ଷା ହେଉଥିଲେ ଘର ଭିତରେ ଥିଲେ ସୁଦ୍ଧା ବିଜୁଳି କରେଣ୍ଟ ସଂସ୍ପର୍ଶରେ ଆସି ମୋବାଇଲ ଫାଟିଯାଇପାରେ। ଫଳରେ ବ୍ୟବହାରକାରୀଙ୍କ କାନର ଅଡିଓ ସେନ୍ସୋରି ନର୍ଭସ୍ ସିଷ୍ଟମ ଖରାପ ହୋଇ ସାରା ଜୀବନ ଲାଗି ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ରହିଛି। କେବଳ ଏତିକି ନୁହେଁ, ଏହା ଯୋଗୁ ଅନେକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ହାନି ହୋଇଥିବାର ବି ନଜିର ରହିଛି। ତେଣୁ ବର୍ଷା ସମୟରେ ମୋବାଇଲ୍ ବ୍ୟବହାର ଆଦୌ ନ କରିବା ଭଲ।

**ଓଦା ହେଲେ କାଢ଼ନ୍ତୁ ବ୍ୟାଟେରି:** ହଠାତ୍ ବର୍ଷା ହେଲେ ଯଥାଶୀଘ୍ର କଲ୍ ଏବଂ ଇଣ୍ଟରନେଟ୍ ବନ୍ଦ କରିଦିଅନ୍ତୁ। ପାଣି ମୋବାଇଲ ଭିତରକୁ ଯାଇଥିଲେ ସଙ୍ଗେ ସଙ୍ଗେ ତାହାର ବ୍ୟାଟେରି କାଢ଼ି ଶୁଖାନ୍ତୁ। ନଚେତ୍ ବ୍ୟାଟେରି ବ୍ଲାଷ୍ଟ ହେବାର ଆଶଙ୍କା ବଢ଼ିପାରେ। ମୋବାଇଲ ଓଦା ହୋଇଗଲେ ତାହାକୁ ହେୟାର ଡ୍ରାୟର ସାହାଯ୍ୟରେ ଶୁଖାଇବାର ଭୁଲ୍ ଆଦୌ କରନ୍ତୁ ନାହିଁ। ଏପରି କରିବା ବିପଦପୂର୍ଣ୍ଣ ହୋଇପାରେ।

**ଇୟରଫୋନ୍ ବି ନୁହେଁ ସୁରକ୍ଷିତ:** ଅନେକଙ୍କ ମନରେ ଏକ ଭ୍ରାନ୍ତ ଧାରଣା ଥାଏ ଯେ, ଘଡ଼ଘଡ଼ି, ବିଜୁଳି ମାରୁଥିବା ସମୟରେ ଫୋନ ନ ଧରି ଇୟରଫୋନ୍ କିମ୍ବା ହେଡ୍ ଫୋନ୍ ଲଗାଇ କଥା ହେବା ନିରାପଦ। ହେଲେ ଏହା ମଧ୍ୟ ସେତିକି ବିପଦପୂର୍ଣ୍ଣ। ତେଣୁ ଏ ସମୟରେ ଆଦୌ ମୋବାଇଲ୍ ବ୍ୟବହାର କରନ୍ତୁ ନାହିଁ। ନିହାତି ଜରୁରିକାଳୀନ ପରିସ୍ଥିତିରେ ଏହାକୁ ହ୍ୟାଣ୍ଡ୍‌ସ ଫ୍ରି ମୋଡ୍‌ରେ ରଖି ବ୍ୟବହାର କରନ୍ତୁ।

**ଓଦା ଫୋନ୍ କରନ୍ତୁନି ଚାର୍ଜ:** ଓଦା ଫୋନ୍‌କୁ ଚାର୍ଜରେ ବସାନ୍ତୁ ନାହିଁ କିମ୍ବା ଚାର୍ଜରେ ବସାଇ କଥା ହୁଅନ୍ତୁ ନାହିଁ। ଓଦା ଫୋନ୍‌କୁ ଚାର୍ଜରେ ବସାଇବା ଦ୍ୱାରା ଶର୍ଟ ସର୍କିଟ ହେବାର ଆଶଙ୍କା ରହିଥାଏ। ଏହାଦ୍ୱାରା ଫୋନ ସମ୍ପୂର୍ଣ୍ଣ ଖରାପ ହୋଇଯାଇପାରେ। ବିଶେଷକରି ଘଡ଼ଘଡ଼ି ମାରୁଥିବା ସମୟରେ ଆଦୌ ଫୋନ୍ ଚାର୍ଜ କଲେ ବ୍ଲାଷ୍ଟ ହୋଇପାରେ, ଯାହାକି ଜୀବନ ପ୍ରତି ବିପଦ।

**ରିଲ୍ସ ନିଶା ବିପଦପୂର୍ଣ୍ଣ:** ବର୍ତ୍ତମାନ ଅନେକଙ୍କୁ ଘାରିଛି ରିଲ୍ସ ନିଶା। ବିଭିନ୍ନ ସମୟରେ ସେଲ୍ଫି ନେବା, ଭିଡିଓ କରିବା, ବିଶେଷକରି ଲାଇଭ୍ ଭିଡିଓ କରିବା ଯେମିତି ଏକ ଟ୍ରେଣ୍ଡ୍ ପାଲଟି ଗଲାଣି। ହେଲେ ଘଡ଼ଘଡ଼ି ସହ ବର୍ଷା ହେଉଥିବା ସମୟରେ ଏଭଳି ଭୁଲ ଯୋଗୁ ଅନେକ ଅଘଟଣ ଘଟିଥିବାର ନଜିର ରହିଛି। ସୁସ୍ଥ ଏବଂ ନିରାପଦ ଭାବେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ଲାଗି ଏଥିପ୍ରତି ବିଶେଷ ଭାବେ ସଜାଗ ରହିବା ଦରକାର।





## ଏ ସପ୍ତାହର ପ୍ରଶ୍ନ

୧– ଯୁବପିଢ଼ିଙ୍କୁ ଚାକିରି ଯୋଗାଇଦେବା ଲାଗି ........ ରାଜ୍ୟ ସରକାରଙ୍କ ପକ୍ଷରୁ ଲଡ୍‌କା ଭାଉ ଯୋଜନା ଆରମ୍ଭ କରାଯାଇଛି ?
୨– ନିକଟରେ......... ଦେଶର ବୈଜ୍ଞାନିକମାନେ ଜୀବନ୍ତ ଚର୍ମ ବ୍ୟବହାର କରି ଏକ ରୋବଟ୍ ଫେସ୍ ପ୍ରସ୍ତୁତ କରିଛନ୍ତି ?
୩– 'ଅପରେଶନ୍ ନହ୍ନେ ଫରିସ୍ତେ' ............ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି ?
୪– ନିକଟରେ.......... ଠାରେ ନ୍ୟାଶନାଲ୍ ଲ୍ୟାଣ୍ଡ ସ୍ଲାଇଡ୍ ଫୋର୍‌କାଷ୍ଟିଂ ସେଣ୍ଟର ସ୍ଥାପନ କରାଯାଇଛି ?
୫– ସାଉଥ୍ କୋରିଆର ଜାତୀୟ ପଶୁ ଦି .................. ?

## ଗତ ଥରର ଉତ୍ତର

୧ ସାଙ୍ଘାଇ ମାଗ୍‌ଲେଭ୍
୨ ସଞ୍ଜୀବ ଜୋଶୀ
୩ ମହାରାଷ୍ଟ୍ର
୪ ମିନିଷ୍ଟ୍ରି ଅଫ୍ କଲ୍‌ଚର
୫ ବେଜିଂ

## ଉତ୍ତରଦାତା



ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ନରେଶ କର, ତେଲେଙ୍ଗାନା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବବୃହତ୍ କୃତ୍ରିମ ଦ୍ୱୀପ

୧– ଫ୍ଲେଭୋପୋଲ୍ଡର(୯୭୦ ବର୍ଗ କିମି.)........... ଫ୍ଲେଭୋଲାଣ୍ଡ, ନେଦରଲାଣ୍ଡ
୨– ୟସ୍ ଆଇଲାଣ୍ଡ(୨୫ ବର୍ଗ କିମି.)...................... ଆବୁଧାବି, ୟୁଏଇ
୩– କନ୍‌ସାଇ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ(୧୦.୬୮ବର୍ଗ.କି.ମି.)....ଓସାକା, ଜାପାନ
୪– ହଂକଂ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ(୯.୪୦ ବର୍ଗ କିମି.)....... ହଂକଂ
୫– ପାମ୍ ଯେବେଲ୍ ଅଲି(୮.୦ ବର୍ଗ କିମି.).................. ଦୁବାଇ, ୟୁଏଇ
୬– ଚୁବୁ ସେଣ୍ଟ୍ରେର୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ(୬.୮୦ ବର୍ଗ କିମି.)... ଟୋକୋନେମ୍, ଜାପାନ
୭– ପାମ୍ ଜୁମେଇରା (୬.୫୦ ବର୍ଗ କିମି.).............. ଦୁବାଇ, ୟୁଏଇ
୮– ରୋକୋ ଆଇଲାଣ୍ଡ(୫.୮୦ ବର୍ଗ କିମି.)........... କୋବ୍, ଜାପାନ
୯– ଫଣ୍ଡାଓ ଆଇଲାଣ୍ଡ(୫.୨୩ ବର୍ଗ କିମି.).......... ରିଓ ଡି ଜେନେରିଓ, ବ୍ରାଜିଲ୍
୧୦– ୱେଲିଂଡନ୍ ଆଇଲାଣ୍ଡ(୫.୨୦ ବର୍ଗ କିମି.).......... ପୋର୍ଟ, ନାଭାଲ୍ ବେସ୍

**ଯୁବ ପ୍ରତିଭା**

# ନୃତ୍ୟ, ଅଭିନୟପ୍ରେମୀ ସୌମ୍ୟରଞ୍ଜନ



**ଓ**ଡ଼ିଶୀ ଓ ବିଭିନ୍ନ କ୍ଲାସିକାଲ୍ ନୃତ୍ୟ ହେଉ ଅବା ନିଖୁଣ ଅଭିନୟ ଚାତୁରୀରେ ସେ ବାନ୍ଧି ରଖନ୍ତି ଦର୍ଶକଙ୍କୁ। ମାତ୍ର ୫ ବର୍ଷ ବୟସରୁ ନିଜ ଗାଁରେ ଅନୁଷ୍ଠିତ ସରସ୍ୱତୀ ପୂଜା ଉତ୍ସବରୁ ନୃତ୍ୟ ଆରମ୍ଭ କରି ବର୍ତ୍ତମାନ ସେ ଯାଇ ପହଞ୍ଚି ପାରିଛନ୍ତି ରାଜ୍ୟସ୍ତରୀୟ ଉତ୍ସବରେ। ଯେଉଁଥିପାଇଁ ସେ ୫୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି। କେବଳ ନୃତ୍ୟ ଓ ଅଭିନୟ ନୁହେଁ, ପାଠପଢ଼ାରେ ମଧ୍ୟ ସେ ଖୁବ୍ ଭଲ। ଏହା ବ୍ୟତୀତ ବିଦ୍ୟାଳୟ ଏନ୍‌ସିସିରେ ବି ସେ ହାସଲ କରିଛନ୍ତି 'ଏ' ସାର୍ଟିଫିକେଟ। ଏଭଳି ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ବଜାର ସାହି ଅଞ୍ଚଳର ସୌମ୍ୟରଞ୍ଜନ ବେହେରା।

ମା' ସରସ୍ୱତୀ ଜଣେ ଗୃହିଣୀ ହୋଇଥିବା ବେଳେ ବାପା ହରିଶ୍ଚନ୍ଦ୍ର ବେହେରା ଜଣେ ଅଟୋରିକ୍ସା ଚାଳକ। ମାତ୍ର ୫ ବର୍ଷ ବୟସରେ ସୌମ୍ୟ ନିଜ ଗାଁରେ ଅନୁଷ୍ଠିତ ସରସ୍ୱତୀ ପୂଜାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଲ ନାଚୁଥିବାର ଦେଖି ବାପା ତାଙ୍କୁ ମଇତାପୁର ଭାରତ ସେବାନିଧି କଳା ନିକେତନରେ ନାମ ଲେଖାଇଥିଲେ। ପରେ ସେ ମାର୍କୋଣାସ୍ଥିତ ସାଧନା କଳା ବିକାଶ କେନ୍ଦ୍ରରେ ଯୋଗ ଦେଇ ଗୁରୁ ସମରେନ୍ଦ୍ର ଜେନା ଓ ଗୁରୁ ଅଭୀଲିପ୍ସା ବେହେରାଙ୍କଠାରୁ ଓଡ଼ିଶୀ ଓ ଅନ୍ୟ କ୍ଲାସିକାଲ ନୃତ୍ୟଶୈଳୀ ଶିକ୍ଷା କରିଥିଲେ। ବିଦ୍ୟାଳୟ ଓ ଜିଲାସ୍ତରୀୟ ସୁରଭି ଶିଶୁ ମହୋତ୍ସବରୁ ଆରମ୍ଭ କରି ସିମୁଳିଆ ମହୋତ୍ସବ, ଭଦ୍ରକ ଜିଲା ମହୋତ୍ସବ, ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଶିଶୁ ପ୍ରତିଭା ମହୋତ୍ସବରେ 'ନୃତ୍ୟ ସମ୍ମାନ', ୨୦୧୮ ମସିହାରେ ଭଦ୍ରକରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ମଞ୍ଚସ୍ଥ ନାଟକ 'ମାଟି ଲଣ୍ଠନ' ଓ ୨୦୧୯ରେ ମଞ୍ଚସ୍ଥ ନାଟକ 'ମଞ୍ଚ ପାଗଳ' ପାଇଁ 'ଅଭିନୟ କଳିକା ସମ୍ମାନ'ରେ ସମ୍ମାନିତ ହୋଇଥିଲେ। ଏହା ବ୍ୟତୀତ ସେ ଜୀ ସାର୍ଥକ ଟିଭି, ତରଙ୍ଗ ଟିଭି, ସିଦ୍ଧାର୍ଥ ଟିଭିରେ ପ୍ରସାରିତ ବିଭିନ୍ନ ରିୟଲିଟି ଶୋ'ରେ ଅଂଶଗ୍ରହଣ କରି ଅନୁଷ୍ଠିତ ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂରେ ମଧ୍ୟ ଭାଗ ନେଇଥିଲେ। ଯେକୌଣସି ଚରିତ୍ରକୁ ସଙ୍ଗେସଙ୍ଗେ ଉପସ୍ଥାପନ କରିବାର କୌଶଳ ପାଇଁ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଗତ ମାଟ୍ରିକ୍ ଓ ଯୁକ୍ତଦୁଇ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ସୌମ୍ୟ ଜଣେ ପ୍ରସିଦ୍ଧ କଳାକାର ହେବାର ଲକ୍ଷ୍ୟ ରଖିଛନ୍ତି।

– ସନ୍ତୋଷ କୁମାର ନାୟକ

**ୟୁଥ୍ ଆଲର୍ଟ**

# ଷ୍ଟାର୍ଟଅପ୍ ଆରମ୍ଭ କରୁଥିଲେ



**ବର୍ତ୍ତମାନର ଅନେକ ଯୁବତୀ ଯୁବକ ବିଭିନ୍ନ ଷ୍ଟାର୍ଟଅପ୍ ବିଜ୍‌ନେସ୍ ଆରମ୍ଭ କରି ରୋଜଗାର କରୁଥିବା ଦେଖିବାକୁ ମିଳୁଛି। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ହାତଗଣତି କେତେଜଣ ସଫଳ ହୋଇଥାନ୍ତି। ତେବେ ଅନ୍ୟମାନେ କାହିଁକି ସଫଳତାର ସ୍ୱାଦ ଚାଖିବାରୁ ବଞ୍ଚିତ ହେଉଛନ୍ତି, ଜାଣନ୍ତୁ ଏହାର କାରଣ ଓ ସମାଧାନ ସମ୍ପର୍କରେ...**

▶▶ ପ୍ରଥମ କଥା ହେଉଛି, ଅନ୍ୟ କାହାକୁ କୌଣସି ଷ୍ଟାର୍ଟଅପ୍ କରି ସଫଳ ହେଉଥିବା ଦେଖି କପି କରିବାକୁ ଚେଷ୍ଟା କରନ୍ତୁ ନାହିଁ। ନିଜେ କେଉଁ କାର୍ଯ୍ୟ କରିପାରିବେ ତାହାକୁ ନେଇ ବିଜ୍‌ନେସ୍ ପ୍ଲାନିଂ କରନ୍ତୁ। ଆବଶ୍ୟକ ସ୍ଥଳେ ଏକ୍ସପର୍ଟଙ୍କ ପରାମର୍ଶ ନେଲେ ଭଲ।

▶▶ ଯେକୌଣସି ଷ୍ଟାର୍ଟଅପ୍ ଆରମ୍ଭ କରିବା ପୂର୍ବରୁ ଏହା ସମ୍ପର୍କରେ ଭଲ ଭାବେ ଜାଣିଥିବା କେତେଜଣଙ୍କୁ ନେଇ ଏକ ମଜ୍‌ଭୁତ ଟିମ୍ ଗଠନ କରିବା ଆବଶ୍ୟକ। ଯେଉଁମାନେ ଏପରି ନ କରି କେବଳ ନୂଆ କର୍ମଚାରୀଙ୍କୁ ନେଇ କାମ ଆରମ୍ଭ କରିଦିଅନ୍ତି, ସେମାନଙ୍କ କ୍ଷେତ୍ରରେ ସଫଳତା ପାଇବା ସମ୍ଭାବନା କମ୍।

▶▶ କେତେ ଟଙ୍କା ଖର୍ଚ୍ଚ କରିବେ, ଏମ୍ପ୍ଲୟୀମାନଙ୍କୁ କେତେ ଦରମା ଦେବେ ଇତ୍ୟାଦି ପୂର୍ବରୁ ନିର୍ଦ୍ଧାରିତ କରି ରଖନ୍ତୁ। ଏହି ଖର୍ଚ୍ଚ ବାଦ୍ ଆଗାମୀ ୬ ମାସ ପର୍ଯ୍ୟନ୍ତ ଆବଶ୍ୟକ ଅର୍ଥକୁ ଏକ ଏମର୍ଜେନ୍ସି ଫଣ୍ଡ କରି ଜମା ରଖନ୍ତୁ। କାରଣ କୌଣସି କାରଣରୁ ଟଙ୍କା କମ୍ ପଡ଼ିଲେ ଏହା ବେଶ୍ କାମରେ ଆସିଥାଏ। ଯେଉଁମାନେ ଏପରି ନ କରନ୍ତି, ସେମାନେ ଆବଶ୍ୟକ ସ୍ଥଳେ ଅର୍ଥ ଯୋଗାଡ଼ କରିପାରନ୍ତି ନାହିଁ ଏବଂ ଷ୍ଟାର୍ଟଅପ୍ ଏହି କାରଣରୁ ବନ୍ଦ ହୋଇଯାଉଥିବା ଦେଖିବାକୁ ମିଳେ।

▶▶ ଅନେକେ ବ୍ୟାଙ୍କ୍ କିମ୍ବା ଅନ୍ୟସୂତ୍ରରୁ ଋଣ ନେଇ ଷ୍ଟାର୍ଟଅପ୍ ଆରମ୍ଭ କରିଦିଅନ୍ତି, ହେଲେ ଠିକ୍ ସମୟରେ ଶୁଝି ନ ପାରିବାରୁ ଏହାକୁ ଆଗକୁ ଚଳାଇପାରନ୍ତି ନାହିଁ। ହେଲେ ମନେରଖନ୍ତୁ, ସର୍ବପ୍ରଥମେ ନିଜ ଷ୍ଟାର୍ଟଅପ୍ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ପରେ ହିଁ କାମ ଆରମ୍ଭ କରନ୍ତୁ। ଯଦି କୌଣସି ବ୍ୟାଙ୍କ୍ ଅବା ସଂସ୍ଥାରୁ ଲୋନ୍ ଆଣୁଛନ୍ତି, ତେବେ ଠିକ୍ ସମୟରେ ଶୁଝିଦେବାକୁ ଚେଷ୍ଟା କରନ୍ତୁ। ଏପରି କଲେ ସେମାନେ ଆପଣଙ୍କୁ ବିଶ୍ୱାସ କରିବା ସହ ଭବିଷ୍ୟତରେ ବିଜ୍‌ନେସ୍ ବୃଦ୍ଧି ପାଇଁ ଅଧିକ ଅର୍ଥ ଯୋଗାଇ ଦେବେ।



# ଆଶା ଦେଲେ ମନୁ ଭାକର

## ପ୍ରଥମ ଥର ଅଲିମ୍ପିକ୍ସ ଫାଇନାଲରେ

ପ୍ୟାରିସ୍,୨୭।୭(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ପ୍ରଥମ ଦିନରେ ଭାରତୀୟ ଶୁଟରଙ୍କ ପାଇଁ ଅତ୍ୟନ୍ତ ସାଧାରଣ ରହିଥିବା ବେଳେ ଫାଇନାଲରେ ପ୍ରବେଶ କରି ଆଶା ଉଜ୍ଜୀବିତ ରଖିଛନ୍ତି ମନୁ ଭାକର। ଦ୍ୱିତୀୟ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ମନୁ ପ୍ରଥମ ଥର ଏକ ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୩ ବର୍ଷ ତଳେ ବନ୍ଧୁକରେ ବୈଷୟିକ ତ୍ରୁଟି କାରଣରୁ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିବା ମନୁ ଶନିବାର ଫାଇନାଲରେ ପ୍ରବେଶ କରିବା ସହ ଭାରତୀୟ ଶିବିରରେ ସାମାନ୍ୟ ଆଶ୍ୱସ୍ତି ଦେଖିବାକୁ ମିଳିଛି। ହରିୟାଣାର ଏହି ଶୁଟର ଜଣକ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରିଥିଲେ। ୫୮୦ ପଏଣ୍ଟ ଅର୍ଜନ କରି ଯୋଗ୍ୟତା ପର୍ଯ୍ୟାୟରେ ତୃତୀୟ ସ୍ଥାନରେ ରହି ସେ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ହଙ୍ଗେରୀର ଅଭିଜ୍ଞ ଭେରୋନିକା ମେଜର ୫୮୨ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ। ଅନ୍ୟତମ ଭାରତୀୟ ରିଦମ୍ ସାଙ୍ଗୱାନ ୫୭୩ ପଏଣ୍ଟ ସହ ୧୫ତମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ।

ସିରିଜ୍-୧ରେ ମନୁ ୯୭ ପଏଣ୍ଟ ସ୍କୋର କରି ଚମତ୍କାର ଆରମ୍ଭ କରିଥିଲେ। ଦ୍ୱିତୀୟ ସିରିଜ୍‌ରେ ମଧ୍ୟ ସମାନ ୯୭ ପଏଣ୍ଟ ସହ ଚତୁର୍ଥ ସ୍ଥାନ ହାସଲ କରିଥିଲେ ଭାକର। ଅନ୍ୟ ପକ୍ଷରେ ରିଦମ୍ ୨୬ ନମ୍ବର ସ୍ଥାନକୁ ଖସି ଆସିଥିଲେ। ତେବେ ତୃତୀୟ ସିରିଜ୍‌ରେ ୯୮ ପଏଣ୍ଟ ସହ ଟପ୍-୨କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପଞ୍ଚମ ସିରିଜ୍‌ରେ ଏକ ଖରାପ ଶଟ୍ ସହ ୮ ପଏଣ୍ଟ ସ୍କୋର କରି ଭାକର ତୃତୀୟ ସ୍ଥାନକୁ ଖସି ଆସିଥିଲେ ମଧ୍ୟ ଫାଇନାଲରେ ପ୍ରବେଶ କରି ପାରିଥିଲେ। ରବିବାର ଅପରାହ୍ନ ୩.୩୦ ମିନିଟରେ ମନୁଙ୍କ ଫାଇନାଲ ମ୍ୟାଚ୍ ଖେଳାଯିବ।

୧୦ ମିଟର ଏୟାର ପିସ୍ତଲ ଓ ଏୟାର ରାଇଫଲ ଇଭେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ଉଭୟରେ ଭାରତକୁ ନିରାଶ ହେବାକୁ ପଡିଛି। ୧୦ ମିଟର ଏୟାର ରାଇଫଲ ମିକ୍ସଡ୍ ଟିମ୍ ଇଭେଣ୍ଟରେ ଏଲାଭେନିଲ ଭାଲାରିଭାନ-ସନ୍ଦୀପ ସିଂ ଓ ରମିତା ଜିନ୍ଦଲ-ଅର୍ଜୁନ ବବୁତା ଯୋଡ଼ି ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲେ। ରମିତା-ଅର୍ଜୁନ ୬୨୮.୭ ପଏଣ୍ଟର ସ୍କୋର ସହ ଷଷ୍ଠ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ଏଲାଭେନିଲ-ସନ୍ଦୀପଙ୍କ ଯୋଡ଼ି ୬୨୬.୩ ପଏଣ୍ଟ ସହ ୧୨ତମ ସ୍ଥାନରେ ଫିନିଶ କରିଥିଲେ। ରମିତା-ଅର୍ଜୁନଙ୍କ ଯୋଡ଼ି ମାତ୍ର ୧ ପଏଣ୍ଟ ପଛରେ ରହି ମେଡାଲ ରାଉଣ୍ଡ କଟ୍ ଅଫ୍‌ରୁ ବାଦ ପଡିଥିଲେ।

ଅନ୍ୟପକ୍ଷରେ ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତର ସରବଜୋତ୍ ସିଂ ଅଳ୍ପକେ ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲେ। ସରବଜୋତ୍ ଓ ଜର୍ମାନୀର ରବିନ୍ ୱାଲଟର ସମାନ ୫୭୭ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ତେବେ ଅଧିକ ଇନର ୧୦ ସ୍କୋର କରିଥିବା କାରଣରୁ ରବିନ୍ ଫାଇନାଲରେ ପ୍ରବେଶ କରିଥିଲେ। ରବିନ୍ ୧୭ ଓ ସରବଜୋତ୍ ୧୬ଟି ଇନର୍ ୧୦ ସ୍କୋର କରିଥିଲେ। ଅନ୍ୟତମ ଭାରତୀୟ ଅର୍ଜୁନ ସିଂ ଚିମା ୫୭୨ ପଏଣ୍ଟ ସ୍କୋର କରିଥିଲେ। ସେ ୧୦ ପର୍ଫେକ୍ଟ ୧୦ ସ୍କୋର ସହ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଥିଲେ, ତେବେ ଖରାପ ପ୍ରଦର୍ଶନ କରିବା ସହ ୧୮ତମ ସ୍ଥାନରେ ରହିଥିଲେ।



୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ ଅବସରରେ ଭାରତର ମନୁ ଭାକର।



ପ୍ୟାରିସ୍ ଅଲିମ୍ପିକ୍ସର ରୋଇଂ ସିଙ୍ଗଲ ସ୍କଲରେ ଭାରତ ପାଇଁ ଆଶା ସଞ୍ଚାର କରିଥିବା ବଲରାଜ ପନୱର।

# ରୋଇଂ: ରିପିଚେଜ୍‌ରେ ବଲରାଜ ପନୱର

ପ୍ୟାରିସ୍,୨୭।୭(ପି.ଟି.)

ଭାରତୀୟ ରୋୟର ବଲରାଜ ପନୱର ରୋଇଂ ସିଙ୍ଗଲ୍ସ ସ୍କଲ ପ୍ରତିଯୋଗିତାର ରିପିଚେଜ୍ ରାଉଣ୍ଡରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୨୫ ବର୍ଷୀୟ ଆର୍ମି ମ୍ୟାନ୍ ବଲରାଜ ଚମତ୍କାର ପ୍ରଦର୍ଶନ କରି ହିଟ୍-୧ରେ ଚତୁର୍ଥ ସ୍ଥାନରେ ରହିଥିଲେ। ସେ ୭:୦୭.୧୧ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ନ୍ୟୁଜିଲାଣ୍ଡର ଥୋମାସ୍ ମାକିନ୍‌ଟୋଶ ୬:୫୫.୯୨ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟେଫାନୋସ ଏନ୍‌ଟୋସ୍କୋସ (୭:୦୧.୭୯) ଓ ଆବଦେଲଖାଲେକ ଏଲବାନ୍ନା (୭:୦୫.୦୬) ସେକେଣ୍ଡର ଟାଇମିଂ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରତ୍ୟେକ ହିଟରେ ପ୍ରଥମ ୩ ସ୍ଥାନରେ ଥିବା ଖେଳାଳି ସିଧାସଳଖ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି। ରିପିଚେଜ୍ ରାଉଣ୍ଡରେ ଭଲ ପ୍ରଦର୍ଶନ କଲେ ବଲରାଜଙ୍କ ନିକଟରେ ସେମି ଫାଇନାଲ ଅଥବା ଫାଇନାଲ ପ୍ରବେଶର ସୁଯୋଗ ରହିବ। ଉଲ୍ଲେଖଯୋଗ୍ୟ ଯେ, ବଲରାଜ ୨୦୨୨ ହାଙ୍ଗଝୋ ଏସିଆନ୍ ଗେମ୍ସରେ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଏହା ବ୍ୟତୀତ କୋରିଆର ରେଗାଟାରେ ଅନୁଷ୍ଠିତ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଅଲିମ୍ପିକ୍ସରେ ଖେଳିବା ଲାଗି ଆଙ୍ଗୁଠି କାଟିଦେଲେ

ସିଡ୍‌ନୀ, ୨୭।୭

ପ୍ୟାରିସ ଅଲିମ୍ପିକ୍ସରେ ଖେଳିବା ଲାଗି ଅଷ୍ଟ୍ରେଲିଆର ଜଣେ ଫିଲ୍ଡ ହକି ଖେଳାଳି ମ୍ୟାଟ୍ ଡସନ ତାଙ୍କର ଏକ ଆଙ୍ଗୁଠି କାଟିଦେବାକୁ ପଛାଇ ନାହାନ୍ତି। ଦୁଇ ସପ୍ତାହ ପୂର୍ବେ ପର୍ଥରେ ଟ୍ରେନିଂ ନେଉଥିବା ବେଳେ ତାଙ୍କ ଡାହାଣ ହାତର ଏକ ଆଙ୍ଗୁଠିରେ ଗଭୀର ଆଘାତ ଲାଗିଥିଲା। ଏଥିରୁ ଉପସମ ପାଇଁ ତାଙ୍କୁ କିଛି ମାସ ସମୟ ଲାଗିଥାନ୍ତା। ମାତ୍ର ତୃତୀୟ ଥର ଅଲିମ୍ପିକ୍ସରେ ଭାଗ ନେବା ଲାଗି ତାଙ୍କର ଏତେଟା ଆଗ୍ରହ ଥିଲା ଯେ ଏଥିଲାଗି ସବୁ ପ୍ରକାର ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ। ସେ ତୁରନ୍ତ ଜଣେ ପ୍ଲାଷ୍ଟିକ ସର୍ଜନଙ୍କ ସହ ପରାମର୍ଶ କରିଥିଲେ। ଡାକ୍ତର ଜଣକ ତାଙ୍କୁ କହିଥିଲେ ପ୍ଲାଷ୍ଟିକ ସର୍ଜରୀ ଚିକିତ୍ସା ପାଇଁ ବହୁ ଦିନ ଲାଗିବ। ଏହି ଚିକିତ୍ସାରେ ଆଙ୍ଗୁଠି ପୂର୍ବଭଳି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। କିନ୍ତୁ ଆଙ୍ଗୁଠିଟିକୁ କାଟି ବାହାର କରିଦେଲେ ୩୦ ବର୍ଷୀୟ ତାଙ୍କର ଆଘାତପ୍ରାପ୍ତ ୧୦ଦିନ ଭିତରେ ସେ ଖେଳିବାକୁ ସକ୍ଷମ ହୋଇ ପାରିବେ। ତାଙ୍କ ସ୍ତ୍ରୀ ତରବରିଆ ଭାବେ ଭାବ ପ୍ରବଣ ହୋଇ କୌଣସି ନିଷ୍ପତି ନ ନେବା ଲାଗି ଡସନଙ୍କୁ ସତର୍କ କରାଇ ଦେଇଥିଲେ। ଏହା ସତ୍ତ୍ୱେ ଅଷ୍ଟ୍ରେଲୀୟ ହକି ଖେଳାଳି ଜଣକ ଆଙ୍ଗୁଠିଟିକୁ କାଟି ବାହାର କରିଦେବା ଲାଗି ନିଷ୍ପତ୍ତି ନେଇଥିଲେ। ଡସନ ୧୬ ଦିନ ପୂର୍ବେ ଆଘାତପ୍ରାପ୍ତ ହୋଇଥିଲେ। ଏବେ ସେ ଫିଟ୍ ଅନୁଭବ କରୁଛନ୍ତି ଶନିବାର ଆର୍ଜେଣ୍ଟିନା ବିପକ୍ଷରେ ତାଙ୍କ ଦଳର ଓପନିଂ ମ୍ୟାଚରେ ସେ ଖେଳିବାକୁ ଯାଉଛନ୍ତି। ଅଷ୍ଟ୍ରେଲିଆ ହକି ଅଧିନାୟକ ଆରାନ ଜାଲେସ୍କି କହିଛନ୍ତି ଡସନଙ୍କ ନିଷ୍ପତ୍ତି ଦଳର ସଦସ୍ୟମାନଙ୍କ ବ୍ୟଥିତ କରିଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ସେମାନେ ତାଙ୍କୁ ସମର୍ଥନ କରିଥିଲେ।



ମ୍ୟାଟ୍ ଡସନ

## ଭାରତର କାର୍ଯ୍ୟସୂଚୀ (ରବିବାର)

**ଶୁଟିଂ:** ୧୦ ମିଟର ଏୟାର ରାଇଫଲ ମହିଳା ଦଳ ଯୋଗ୍ୟତା ପର୍ଯ୍ୟାୟ(ସମୟ : ଅପରାହ୍ନ ୧୨.୪୫)
ଏଲାଭେନିଲ ଭାଲାରିଭାନ-ରମିତା ଜିନ୍ଦଲ
୧୦ ମିଟର ଏୟାର ରାଇଫଲ ପୁରୁଷ ଦଳ ଯୋଗ୍ୟତା ପର୍ଯ୍ୟାୟ (ସମୟ : ଅପରାହ୍ନ ୨.୪୫)
ସନ୍ଦୀପ ସିଂ, ଅର୍ଜୁନ ବବୁତା
୧୦ ମିଟର ଏୟାର ପିସ୍ତଲ ମହିଳା ଫାଇନାଲ(ଅପରାହ୍ନ ୩.୩୦)
ମନୁ ଭାକର।
**ବ୍ୟାଡ୍‌ମିଣ୍ଟନ :** ମହିଳା ସିଙ୍ଗଲ୍ସ (ସମୟ: ଅପରାହ୍ନ ୧୨.୦୦)
ପି.ଭି. ସିନ୍ଧୁ ବନାମ ଫାଥିମାଥ୍ ନବାହ ଅବଦୁଲ ରଜାକ
ଏଚ୍. ଏସ୍. ପ୍ରଣୟ ବନାମ ଫାବିଆନ୍ ରୋଥ୍( ସମୟ ରାତି ୮.୦୦)
**ଟେବୁଲ ଟେନିସ୍ :** ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ
ଶ୍ରୀଜା ଆକୁଳା ବନାମ କ୍ରିଷ୍ଟିନା କାଲବର୍ଗ(ଅପରାହ୍ନ ୨.୧୫)
ଅଚନ୍ତା ଶରଥ କମଲ ବନାମ ଡେନି କୋଜୁଲ(ଅପରାହ୍ନ ୩.୦୦)
ମନିକା ବାତ୍ରା ବନାମ ଆନ୍ନା ହର୍ସେ(ଅପରାହ୍ନ ୪.୩୦)
**ବକ୍ସିଂ :** ୫୦ କିଗ୍ରା ମହିଳା ପ୍ରଥମ ରାଉଣ୍ଡ
ନିଖତ୍ ଜରିନ୍ ବନାମ ମାକ୍ସି କରିନା କ୍ଲୋଏଟଜର (ଅପରାହ୍ନ ୩.୫୦)
**ରୋଇଂ :** ପୁରୁଷ ସିଙ୍ଗଲ୍ସ ସ୍କଲ୍ସ(ରିପିଚେଜ୍-୨)
ବଲରାଜ ପନୱର(ସମୟ: ଅପରାହ୍ନ ୧.୧୮)
**ସନ୍ତରଣ :** ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍(ହିଟ୍-୨)
ଶ୍ରୀହରି ନଟରାଜ, ସମୟ: ଅପରାହ୍ନ ୩.୧୬
ମହିଳା ୨୦୦ ମିଟର ଫ୍ରିଷ୍ଟାଇଲ(ହିଟ୍-୧)
ଧିନିଧି ଦେଶିଂଘୁ, ସମୟ: ଅପରାହ୍ନ ୩.୩୦
**ଆର୍ଚେରୀ :** ମହିଳା ଦଳ କ୍ୱାର୍ଟର ଫାଇନାଲ
ଅଙ୍କିତା ଭକତ, ଭଜନ କୌର ଓ ଦୀପିକା କୁମାରୀ,
ସମୟ: ଅପରାହ୍ନ ୫.୪୫




ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ସହିତ ପାର୍ଟନରଶିପ୍‌ର ଅଂଶବିଶେଷ ସ୍ୱରୂପ ପ୍ୟାରିସ୍‌ରେ ଶନିବାର ରିଲାଏନ୍ସ ଫାଉଣ୍ଡେଶନ ଦ୍ୱାରା ନିର୍ମିତ ଇଣ୍ଡିଆ ହାଉସ୍‌ର ଉଦ୍‌ଘାଟନୀ ଉତ୍ସବ ଅବସରରେ ଉପସ୍ଥିତ ଅଛନ୍ତି ଆଇଓସି ସଦସ୍ୟା ତଥା ରିଲାଏନ୍ସ ଫାଉଣ୍ଡେଶନର ଚେୟାରପର୍ସନ ନୀତା ଅମ୍ବାନୀ, ଆଇଓସି ସଦସ୍ୟ ସର ମିଆଙ୍ଗ ଏନ୍‌ଜି, ଆଇଓଏ ସଭାପତି ପି.ଟି. ଉଷା, ଫ୍ରାନ୍ସରେ ଅବସ୍ଥାପିତ ଭାରତ ରାଷ୍ଟ୍ରଦୂତ ଜାୱେଦ ଅଶ୍ରଫ, ବିସିସିଆଇ ସମ୍ପାଦକ ଜୟ ଶାହା ଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ।





ପ୍ୟାରିସ୍ ଅଲିମ୍ପିକ୍ସର ଶନିବାର ଅନୁଷ୍ଠିତ ମହିଳା ସିଙ୍କ୍ରୋନାଇଜ୍‌ଡ ୩-ମିଟର ସ୍ପ୍ରିଙ୍ଗବୋର୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ଚାଇନା(ବାମ) ଓ ଆମେରିକା ପ୍ରତିଯୋଗୀଙ୍କ ନିଆରା ସେଲିବ୍ରେଶନ।

# ଡାଇଭିଂରେ ଚାଇନାର ସ୍ୱର୍ଣ୍ଣ ଅଭିଯାନ ଆରମ୍ଭ

ସେଣ୍ଟ-ଡେନିସ (ଫ୍ରାନ୍ସ)

ଚଳିତ ପ୍ୟାରିସ୍ ଅଲିମ୍ପିକ୍ସରେ ଚାଇନା କେବଳ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିନାହିଁ ବରଂ ପ୍ରଥମ ୨ଟି ଯାକ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିବାରେ ସକ୍ଷମ ହୋଇଛି। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟ ପରେ ଅନୁଷ୍ଠିତ ଡାଇଭିଂ ଇଭେଣ୍ଟରେ ମଧ୍ୟ ଏହାର ପ୍ରତିଯୋଗୀ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଅଲିମ୍ପିକ୍ସରେ ମୋଟ ୮ଟି ଡାଇଭିଂ ଇଭେଣ୍ଟ ଅନୁଷ୍ଠିତ ହେବ। ଚାଇନା ମହିଳା ସିଙ୍କ୍ରୋନାଇଜ୍‌ଡ ୩-ମିଟର ସ୍ପ୍ରିଙ୍ଗବୋର୍ଡରେ ଚାମ୍ପିୟନ ହୋଇଥିବାରୁ ଅବଶିଷ୍ଟ ୭ଟି ଯାକ ଇଭେଣ୍ଟ ଜିତି କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ରହିଛି। ଚାଙ୍ଗ ୟାନି ଓ ଚେନ୍ ୟିୱେନଙ୍କୁ ନେଇ ଗଠିତ ଚାଇନା ମହିଳା ଟିମ୍ ୫ ଡାଇଭରେ ୩୩୭.୬୮ ପଏଣ୍ଟ ସହ ପ୍ରଥମସ୍ଥାନ ଅଧିକାର କରିଛି। ଅଲିମ୍ପିକ୍ସରେ ଚାଇନାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଆମେରିକା ଏହି ଇଭେଣ୍ଟରେ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ସାରା ବାକୋନ୍ ଓ କାସିଡି କୁକ୍‌ଙ୍କୁ ନେଇ ଗଠିତ ଆମେରିକା ଦଳ ୩୧୪.୬୪ ଓ ଜସ୍‌ମିନ ହାର୍ପର ଓ ସ୍କାର୍ଲେଟ ମେଉ ଜେନସେନଙ୍କୁ ନେଇ ବ୍ରିଟିଶ୍ ଟିମ୍ ୩୦୨.୨୮ ପଏଣ୍ଟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛି। ଚାଇନାର ଚାଙ୍ଗ ୟାନି ଓ ଚେନ୍ ୟିୱେନ ଗତ ୩ଟି ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଫଳରେ ଅଲିମ୍ପିକ୍ସ ଚାମ୍ପିୟନ ହେବାକୁ ଦୃଢ଼ ଦାବିଦାର ହୋଇଯାଇଥିଲେ। ଅଲିମ୍ପିକ୍ସରେ ମହିଳା ସିଙ୍କ୍ରୋନାଇଜ୍‌ଡ ୩-ମିଟର ସ୍ପ୍ରିଙ୍ଗବୋର୍ଡ ଇଭେଣ୍ଟ ୨୦୦୦ ମସିହାରେ ଡେବ୍ୟୁ କରିଥିଲା। ସେବେଠାରୁ ଏପର୍ଯ୍ୟନ୍ତ ଅନୁଷ୍ଠିତ ୭ ଗେମ୍ସ ମଧ୍ୟରୁ ୬ ଥର ଚାଇନା ପ୍ରତିଯୋଗୀମାନେ ହିଁ ସ୍ୱର୍ଣ୍ଣ ପଦକ ଜିତି ଆସୁଛନ୍ତି। କେବଳ ୨୦୦୦ରେ ରୁଷିଆ ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୩ ବର୍ଷ ପୂର୍ବେ ଟୋକିଓ ଅଲିମ୍ପିକ୍ସରେ ଚାଇନାର ଶି ଟିଙ୍ଗମାଓ ଓ ୱାଙ୍ଗ୍ ହାନ୍ ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୮୪ ଲସଏଞ୍ଜେଲ୍ସ ଅଲିମ୍ପିକ୍ସରେ ଚାଇନା ପ୍ରଥମଥର ପାଇଁ ଡାଇଭିଂରୁ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହାପରେ ଡାଇଭିଂରେ ୬୪ ପଦକ ପାଇଁ ମୁକାବିଲା ହୋଇଥିବାବେଳେ ଚାଇନା ୪୭ଟିରେ ବାଜି ମାରିଛି। ଏହା ବ୍ୟତୀତ ୨୩ଟି ରୌପ୍ୟ ଓ ୧୦ଟି ବ୍ରୋଞ୍ଜ ପଦକ ମଧ୍ୟ ପାଇଛି।

# ପ୍ରଥମ ଟି୨୦ ଜିତିଲା ଭାରତ

ପାଲେକେଲ୍, ୨୭।୭(ପି.ଟି.)

ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ୪୩ ରନ୍‌ରେ ଜିତି ବିଜୟରୁ ଅଭିଯାନ ଆରମ୍ଭ କରିଛି ଭାରତ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୩ ରନ୍ କରିଥିଲା। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ଶ୍ରୀଲଙ୍କା ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ ରନ୍ କରିଥିଲା।

ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଶୁବମନ ଗିଲ୍ (୪୦) ଓ ଯଶସ୍ୱୀ ଜୟସ୍ୱାଲ(୩୪) ଓପନ କରି ପ୍ରଥମ ଉଇକେଟରେ ୭୪ ରନ୍ ଯୋଡ଼ିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦ୍ରୁତ ଅର୍ଦ୍ଧଶତକ ହାସଲ କରିବା ସହ ୨୬ ବଲ୍ ଖେଳି ସୂର୍ଯ୍ୟକୁମାର ୮ ଚୌକା ଓ ୨ ଛକା ସହ ୫୮ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଷଭ ପନ୍ତ ୪୯ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ମଥିଷା ପଥିରାନା ଚମତ୍କାର ବୋଲିଂ କରି ୪୦ ରନ୍ ଦେଇ ୪ ଉଇକେଟ ନେଇଥିଲେ। ୨୧୪ ରନ୍ ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ପକ୍ଷରୁ ଦୁଇ ଓପନର ପାଥୁମ ନିଶଙ୍କା(୭୯) ଓ କୁଶଲ ମେଣ୍ଡିସ(୪୫) ପ୍ରଥମ ଉଇକେଟରେ ୮୪ ରନ୍ ଯୋଡ଼ିଥିଲେ। ଉଭୟ ଖେଳାଳି ୧୦ ଆଭରେଜରେ ରନ୍ ସ୍କୋର କରିଥିଲେ। ଉଭୟ ଖେଳାଳି ଆଉଟ ହେବା ପରେ ଶେଷ ୯ ଉଇକେଟ ମାତ୍ର ୩୦ ରନ୍ ମଧ୍ୟରେ ହରାଇଥିଲା ଶ୍ରୀଲଙ୍କା। ଅନ୍ୟମାନଙ୍କ ମଧ୍ୟରେ କୁଶଲ ପରେରା ୨୦ ଓ କାମିନ୍ଦୁ ମେଣ୍ଡିସ ୧୨ ରନ୍ କରିଥିଲେ। ଭାରତ ପକ୍ଷରୁ ରିୟାନ ପରାଗ ୩, ଅକ୍ଷର ପଟେଲ, ଅର୍ଶଦୀପ ସିଂ ଦୁଇଟି ଲେଖାଏ ଓ ମହମ୍ମଦ ସିରାଜ, ରବି ବିଷ୍ଣୋଇ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ସୂର୍ଯ୍ୟକୁମାର ଯାଦବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୧୩/୭ (ସୂର୍ଯ୍ୟକୁମାର ଯାଦବ-୫୮, ରିଷଭ ପନ୍ତ-୪୯, ଯଶସ୍ୱୀ ଜୟସ୍ୱାଲ-୪୦, ମଥିଷା ପଥିରାନା-୪/୪୦, ୱାନିନ୍ଦୁ ହସରଙ୍ଗା-୧/୨୮, ଦିଲଶାନ ମଦୁଶନକା-୧/୪୫)। ଶ୍ରୀଲଙ୍କା ୧୯.୨ ଓଭରରେ ୧୭୦/୧୦(ପାଥୁମ ନିଶଙ୍କା-୭୯, କୁଶଲ ମେଣ୍ଡିସ-୪୫, କୁଶଲ ପରେରା-୨୦, ରିୟାନ୍ ପରାଗ-୩/୫, ଅର୍ଶଦୀପ ସିଂ-୨/୨୪, ଅକ୍ଷର ପଟେଲ-୨/୩୮)।

ଡ୍ରୋନ୍ ସ୍ପାଇଙ୍ଗ୍ ସ୍କାଣ୍ଡାଲ

## କନାଡାକୁ ଦଣ୍ଡିତକଲା ଫିଫା

ପ୍ୟାରିସ, ୨୭।୭ (ପି.ଟି.)

ଡ୍ରୋନ୍ ସ୍ପାଇଙ୍ଗ୍ ମାମଲାରେ ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ (ଫିଫା) କନାଡାର ଅଲିମ୍ପିକ ମହିଳା ଫୁଟ୍‌ବଲ ଦଳକୁ ଦଣ୍ଡିତ କରିଛି। ଦଳର ୬ ପଏଣ୍ଟ କାଟି ଦେଇଛି। ଏହାର ୩ଜଣ କୋଚ୍‌ଙ୍କୁ ଏକ ବର୍ଷ ବାସନ୍ଦ କରିଛି। କେବଳ ସେତିକି ନୁହେଁ ଫିଫା ଆହୁରି ମଧ୍ୟ କାନାଡା ଫୁଟ୍‌ବଲ ମହାସଂଘକୁ ୨୦୦,୦୦୦ ସୁଇସ୍ ଫ୍ରାଙ୍କ୍ (୨୨୬,୦୦୦ ଡଲାର) ଜରିମାନା କରିଛି। ଗତ ବୁଧବାର ପ୍ୟାରିସ୍ ଅଲିମ୍ପିକ୍ସର ଓପନିଂ ମ୍ୟାଚ ପୂର୍ବରୁ ନ୍ୟୁଜିଲାଣ୍ଡ ଦଳ ଅଭ୍ୟାସ କରୁଥିବା ବେଳେ ଦୁଇଜଣ ସହାକାରୀ କୋଚ୍ ଡ୍ରୋନ୍ ସହାୟତାରେ ଗୋଇନ୍ଦାଗିରି କରୁଥିଲେ। ଏହି ଘଟଣାରେ କାନାଡାର ଜାତୀୟ ମହାସଂଘ ମୁଖ୍ୟ କୋଚ୍ ବେଭ୍ ପ୍ରିଷ୍ଟମ୍ୟାନଙ୍କୁ ପ୍ରଥମେ ସସ୍‌ପେଣ୍ଡ କରିଥିଲା। ପରେ ଅଲିମ୍ପିକ ଟୁର୍ନାମେଣ୍ଟରୁ ବିଦା କରି ଦେଇଥିଲା। ପ୍ରିଷ୍ଟମ୍ୟାନଙ୍କ ତତ୍ତ୍ୱାବଧାନରେ କାନାଡା ୨୦୨୧ରେ ଟୋକିଓରେ ଅଲିମ୍ପିକ ଟାଇଟଲ ଜିତିଥିଲା। ପ୍ରିଷ୍ଟମ୍ୟାନ ଏବଂ ତାଙ୍କର ଦୁଇ ସହାକାରୀ ଜୋଶେଫ୍ ଲୋମ୍ବାର୍ଡି ଓ ଜସ୍ମିନ ମାଣ୍ଡର ବର୍ତ୍ତମାନ ସମସ୍ତ ପ୍ରକାର ଫୁଟ୍‌ବଲ କାର୍ଯ୍ୟକ୍ରମରୁ ଏକ ବର୍ଷ ପାଇଁ ବାସନ୍ଦ ହୋଇଛନ୍ତି।

## କାଜାଖସ୍ତାନକୁ ପ୍ରଥମ ପଦକ


ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରଥମ ପଦକ ଜିତିଛି କାଜାଖସ୍ତାନ। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ କାଜାଖସ୍ତାନର ଆଲେକକ୍ସାଣ୍ଡ୍ରା ଲୀ ଓ ଇସଲାମ ସତପେଭ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି।

## ଭାରତୀୟ ହକି ଦଳର ରୋମାଞ୍ଚକ ବିଜୟ

ପ୍ୟାରିସ୍, ୨୭।୭

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିବା ଭାରତ ଶନିବାର ଅନୁଷ୍ଠିତ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ପରାସ୍ତ କରିଛି। ମ୍ୟାଚ ୨-୨ରେ ଡ୍ର' ଆଡ଼କୁ ଯାଉଥିବାବେଳେ ୫୯ତମ ମିନିଟରେ ଅଧିନାୟକ ହରମନପ୍ରୀତ ସିଂଙ୍କ ଗୋଲ ଭାରତକୁ ବିଜୟ ସ୍ୱାଦ ଚଖାଇଥିଲା। ନ୍ୟୁଜିଲାଣ୍ଡର ଲେନ ସାମ୍ ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇ ପ୍ରଥମ କ୍ୱାର୍ଟରରେ ଦଳକୁ ଅଗ୍ରଣୀ କରିଥିଲେ। ୨୪ତମ ମିନିଟରେ ଭାରତର ମନଦୀପ ସିଂ ଗୋଲଟି ପରିଶୋଧ କରିବାରୁ ପ୍ରଥମାର୍ଦ୍ଧ ବେଳକୁ ମ୍ୟାଚ ୧-୧ ହୋଇ ଯାଇଥିଲା। ପରେ ୩୪ତମ ମିନିଟରେ ଭାରତର ବିବେକ ସାଗର ପ୍ରସାଦ ଓ ୫୩ତମ ମିନିଟରେ ନ୍ୟୁଜିଲାଣ୍ଡର ସିମନ ଚିଲ୍ଡ ଗୋଟିଏ ଲେଖାଏ ଗୋଲ ଦେବାରୁ ମ୍ୟାଚ ୨-୨ରେ ପହଞ୍ଚିଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ହରମନପ୍ରୀତଙ୍କ ଗୋଲ ଭାରତୀୟ ଶିବିରକୁ ଉଲ୍ଲସିତ କରିଥିଲା।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୨ | ୧ | ୦ | ୩ |
| ଚାଇନା | ୨ | ୦ | ୦ | ୨ |
| ଫ୍ରାନ୍ସ | ୧ | ୧ | ୧ | ୩ |
| ବେଲଜିୟମ | ୧ | ୦ | ୧ | ୨ |
| ଜାପାନ | ୧ | ୦ | ୧ | ୨ |
| କାଜାଖସ୍ତାନ | ୧ | ୦ | ୧ | ୨ |
| ଜର୍ମାନୀ | ୧ | ୦ | ୦ | ୧ |
| ଆମେରିକା | ୦ | ୧ | ୨ | ୩ |
| ବ୍ରିଟେନ | ୦ | ୧ | ୧ | ୨ |
| ଦ.କୋରିଆ | ୦ | ୧ | ୧ | ୨ |
| କାନାଡ଼ା | ୦ | ୧ | ୦ | ୧ |
| ଫିଜି | ୦ | ୧ | ୦ | ୧ |
| ଇଟାଲୀ | ୦ | ୧ | ୦ | ୧ |
| ମଙ୍ଗୋଲିଆ | ୦ | ୧ | ୦ | ୧ |
| ସ୍ପେନ୍ | ୦ | ୦ | ୧ | ୧ |
| ହଙ୍ଗେରୀ | ୦ | ୦ | ୧ | ୧ |
| ଦ.ଆଫ୍ରିକା | ୦ | ୦ | ୧ | ୧ |
| ସ୍ୱିଡେନ | ୦ | ୦ | ୧ | ୧ |

(ରାତି ୧ଟା ସୁଦ୍ଧା)

## ଅଭିଜ୍ଞତା ହାସଲ କରି ଫେରିଲେ ଆର୍ଯ୍ୟନ

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)

ରାଜ୍ୟର ପ୍ରତିଭାସମ୍ପନ୍ନ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନ ଆଉ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭୁବନେଶ୍ୱର ଫେରିଛନ୍ତି। ଜୋର୍ଡାନରେ ଅନୁଷ୍ଠିତ ଏସୀୟ ଜୁନିୟର ବାଳକ ହ୍ୟାଣ୍ଡ୍‌ବଲ ପ୍ରତିଯୋଗିତାରେ ସେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ଜୁନିୟର ସ୍ତରରେ ଆର୍ଯ୍ୟନଙ୍କ ଏହା ଅନ୍ତର୍ଜାତୀୟ ପ୍ରତିଯୋଗିତା। ସିନିୟର ବର୍ଗରେ ଭାଗନେବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ଆର୍ଯ୍ୟନଙ୍କୁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡ୍‌ବଲ ସଂଘର ସାଧାରଣ ସମ୍ପାଦକ ମାନସ କୁମାର ସିଂ ଓ କ୍ରୀଡ଼ାପ୍ରେମୀ ସ୍ୱାଗତ କରିଥିଲେ।


ଅଲିମ୍ପିକ୍ସର ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରଥମ ରାଉଣ୍ଡ ଅବସରରେ ଲକ୍ଷ୍ୟ ସେନ୍।

## ଲକ୍ଷ୍ୟ ସେନ୍, ଚିରାଗ-ସାତ୍ତ୍ୱିକ ବିଜୟୀ

ପ୍ୟାରିସ୍, ୨୭।୭(ପି.ଟି.)

ପ୍ୟାରିସ୍ ୨୦୨୪ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଲକ୍ଷ୍ୟ ସେନ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଗୁଆଟେମାଲାର କେଭିନ୍ କର୍ଡନଙ୍କୁ ୨୧-୮ ଓ ୨୨-୨୦ରେ ପରାସ୍ତ କରିଛନ୍ତି। ଭାରତୀୟ ପୁରୁଷ ଡବଲ୍ସ ଖେଳାଳି ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ ଶେଟ୍ଟୀ ୨୧-୧୭, ୨୧-୧୪ ସେଟରେ ଫ୍ରାନ୍ସର ଲୁକାସ୍ କୋର୍ଭି ଓ ରୋନାନ ଲାବାରଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ପକ୍ଷରେ ମହିଳା ଡବଲ୍ସ ଦଳକୁ ପରାଜୟର ସାମ୍ନା କରିବାକୁ ପଡିଛି। ତନିଶା କାଷ୍ଟ୍ରୋ ଓ ଅଶ୍ୱିନୀ ପୋନାପ୍ପାଙ୍କ ଯୋଡି ପ୍ରଥମ ମ୍ୟାଚ୍‌ରେ ୨୧-୧୮ ଓ ୨୧-୧୦ ସେଟରେ କୋରିଆର କିମ୍ ସୋ ୟେଓଙ୍ଗ ଓ କଙ୍ଗ ହି ୟଙ୍ଗଙ୍କ ନିକଟରୁ ପରାଜିତ ହୋଇଥିଲେ। ମ୍ୟାଚ୍‌ଟି ମାତ୍ର ୪୬ ମିନିଟ ଧରି ଚାଲିଥିଲା।

## ନିନୋଙ୍କ ବିରଳ ରେକର୍ଡ

**୧୦ଥର ମହିଳା ଅଲିମ୍ପିଆନ**



ଚାଟେରକ୍ସ (ଫ୍ରାନ୍ସ), ୨୭।୭ (ଏପି)

ଦଶ ଥର ଅଲିମ୍ପିକ ଗେମ୍ସରେ ଅଂଶଗ୍ରହଣ କରିବାରେ ଜର୍ଜିଆନ ଶୁଟର ନିନୋ ସାଲୁକ୍‌ଭେଜ୍ ପ୍ରଥମ ମହିଳା ବିବେଚିତ ହୋଇଛନ୍ତି। ସେ ପ୍ରଥମେ ଅବିଭାଜିତ ସୋଭିଏଟ୍ ୟୁନିୟନ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ୫୫ବର୍ଷୀୟା ସାଲୁକ୍‌ଭେଜ୍ ୧୯୮୮ରୁ ପ୍ରତିଟି ଗ୍ରୀଷ୍ମ ଅଲିମ୍ପିକ୍ସରେ ଭାଗ ନେଇ ଆସୁଛନ୍ତି। ୧୯ ବର୍ଷ ବୟସରେ ସୋଭିଏଟ୍ ୟୁନିୟନ ତରଫରୁ ଭାଗ ନେଇ ସେ ସ୍ୱର୍ଣ୍ଣ ଜିତିଥିଲେ। ଶନିବାର ମହିଳା ୧୦ ମିଟର ଏୟାର ପିସ୍ତଲ କ୍ୱାଲିଫିକେଶନ ପାଇଁ ଶୁଟିଂ ରେଞ୍ଜରେ ଅବତୀର୍ଣ୍ଣ ହୋଇ ସେ ନୂଆ ରେକର୍ଡ କରିଛନ୍ତି। ସାଲୁକ୍‌ଭେଜ୍ ୩୮ତମ ସ୍ଥାନରେ ରହିବାରୁ ରବିବାରର ଫାଇନାଲକୁ ସେ ଉନ୍ନୀତ ହୋଇପାରି ନ ଥିଲେ। ସାଲୁକ୍‌ଭେଜ୍ ତାଙ୍କ ୫ ଦଶନ୍ଧି ବିଶିଷ୍ଟ କ୍ୟାରିୟରରେ ତିନୋଟି ପୃଥକ ଅଲିମ୍ପିକ ଟିମ୍ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ପ୍ରଥମେ ୧୯୯୮ରେ ସୋଭିଏଟ୍ ୟୁନିୟନ ଏବଂ ପରେ ସୋଭିଏଟ୍ ୟୁନିୟନର ବିପର୍ଯ୍ୟୟ ପରେ ୧୯୯୨ରେ ବାର୍ସିଲୋନାରେ ପୂର୍ବତନ ସୋଭିଏଟ୍ ଆଥ୍‌ଲେଟମାନଙ୍କୁ ନେଇ ଗଠିତ ୟୁନିଫାଇଡ୍ ଟିମ୍ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଜର୍ଜିଆ ସ୍ୱାଧୀନ ହେବା ପରଠାରୁ ସେ ଗ୍ରୀଷ୍ମ ଅଲିମ୍ପିକ୍ସରେ ନିଜ ଦେଶ ତରଫରୁ ଗତ ୮ଥର ହେଲା ଭାଗ ନେଇ ଆସୁଛନ୍ତି।

## ପ୍ରି କ୍ୱାର୍ଟରରେ ପ୍ରୀତି ପାୱାର

ପ୍ୟାରିସ୍, ୨୭।୭(ପି.ଟି.)

ପ୍ୟାରିସ୍ ୨୦୨୪ରେ ଭାରତୀୟ ବକ୍ସର ପ୍ରୀତି ପାୱାର ସହଜ ବିଜୟ ହାସଲ କରିଛନ୍ତି। ୫୪ କିଗ୍ରା ଓଜନ ବର୍ଗରେ ପ୍ରୀତି ୫-୦ରେ ଭିଏତ୍‌ନାମର ଭୋ ଥି କିମ୍ ଆନଙ୍କୁ ପରାସ୍ତ କରିଛନ୍ତି। ଏହା ସହିତ ସେ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ୫୦ କିଗ୍ରା ମହିଳା ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ନିଖତ ଜରିନ ରିଙ୍ଗକୁ ଓହ୍ଲାଇବେ। ମାକ୍ସି କରିନା କ୍ଲୋଏଟଜରଙ୍କ ବିପକ୍ଷରେ ନିଖତ୍ ଜରିନ୍ ଏହି ମ୍ୟାଚ୍ ଖେଳିବେ। ବ୍ୟାଡମିଣ୍ଟନରେ ଭାରତୀୟ ଡବଲ୍ସ ଖେଳାଳିଙ୍କୁ ମିଶ୍ରିତ ଫଳ ମିଳିଛି।

ଟେବୁଲ ଟେନିସ୍‌ରେ ଭାରତର ହରମିତ୍ ସିଂ ବିଜୟରୁ ଅଭିଯାନ ଆରମ୍ଭ କରି ରାଉଣ୍ଡ ଅଫ୍ ୬୪ରେ ପ୍ରବେଶ କରିଛନ୍ତି। ଜୋର୍ଡାନର ଜାଦ ଅମନଙ୍କୁ ଭେଟିଥିବା ହରମିତ୍ ୪-୦ରେ ବିଜୟୀ ହୋଇଥିଲେ। ୧୧-୭, ୧୧-୯, ୧୧-୫ ଓ ୧୧-୫ରେ ଏକପାଖିଆ ଭାବରେ ସେ ଜିତି ନେଇଥିଲେ। ପରବର୍ତ୍ତୀ ରାଉଣ୍ଡରେ ଫ୍ରାନ୍ସର ଫେଲିକ୍ସ ଲେବ୍ରନଙ୍କୁ ଭେଟିବେ ହରମିତ୍।

## ଓଡ଼ିଶା ରାଜ୍ୟ ସିନିୟର ଫିଡେରେଟିଂ ଚେସ୍ ଉଦ୍‌ଘାଟିତ

ଢେଙ୍କାନାଳ, ୨୭।୭
(ରତନ ନାୟାର)

**ପ୍ରତିଯୋଗିତାରେ ସାମିଲ ହେଲେ ୧୨୨ ପ୍ରତିଯୋଗୀ**

୬୪ତମ ଓଡ଼ିଶା ରାଜ୍ୟ ବରିଷ୍ଠ ଫିଡେରେଟିଂ ଓପନ ଚେସ୍ ପ୍ରତିଯୋଗିତା ଢେଙ୍କାନାଳ ସହରସ୍ଥିତ ମହିଷାପାଟ ନିକଟ ହୋଟେଲ ନିରୁପମା ପରିସରେ ଉଦ୍‌ଘାଟିତ ହୋଇଯାଇଛି। ଢେଙ୍କାନାଳ ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ରାଜ୍ୟ ଚେସ୍ ଆସୋସିଏଶନ ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହା ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।


ପ୍ରଥମ ଦିବସରେ ପ୍ରତିଯୋଗୀମାନେ ଖେଳରେ ମଗ୍ନ।

ଶନିବାର ମଧ୍ୟାହ୍ନ ୧୨ଟାରେ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ଡା. ଅବିନାଶ ସାମଲ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଢେଙ୍କାନାଳରେ କିପରି ଆଗାମୀ ଦିନରେ ପ୍ରତିଭାବାନ୍ ଖେଳାଳି ସୃଷ୍ଟି ହୋଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବେ, ସେଥିପାଇଁ ଏଭଳି ଚେସ୍ ପ୍ରତିଯୋଗିତା ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ହେବ। ସମ୍ମାନିତ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ଚେସ୍ ଖେଳାଳି ସ୍ୱୟଂଶୁ ସତ୍ୟପ୍ରଜ୍ଞ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ଚେସ୍ ଆସୋସିଏଶନର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ ଓ ସନ୍ଦୀପ ସାମନ୍ତରାୟ ଉପସ୍ଥିତ ଥିଲେ। ରାଜ୍ୟ ଏବଂ ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ